

୧୦୦୦ କୋଟିର ଫିଲ୍ମ ପ୍ରଭାସଙ୍କ ରୁଟିନ୍ ହୋଇଗଲାଣି- ଅମିତାଭ

▸ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-27 ◆BHUBANESWAR ◆MONDAY ◆22 JULY 2024 ◆PAGE-16 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୭ ◆ଭୁବନେଶ୍ୱର ◆ସୋମବାର ◆୨୨ ଜୁଲାଇ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ମହାରାଷ୍ଟ୍ରରେ ଦିନକୁ ଆତ୍ମହତ୍ୟା କରୁଛନ୍ତି ୭ ଚାଷୀ

■ ମୁମ୍ବାଇ, ୨୧।୭ (ଏଜେନ୍ସି): ମହାରାଷ୍ଟ୍ରରେ ରାଜନୈତିକ ପଟ ପରିବର୍ତ୍ତନ ଜାରି ରହିଛି। ନେତା ଦଳ ବଦଳ କରି ସରକାର ସାମିଲ ହେଉଛନ୍ତି। ସରକାର ବଦଳିବା ଜାରି ରହିଥିବାବେଳେ ଚାଷୀଙ୍କ ଭାଗ୍ୟ ପରିବର୍ତ୍ତନ ହେଉନାହିଁ। ଦେଶର ଜିଡିପିରେ ସର୍ବାଧିକ ଯୋଗଦାନ ଦେଉଥିବା ଏହି ରାଜ୍ୟରେ ଚାଷୀ ଆତ୍ମହତ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦିନକୁ ୭ ଜଣ ଚାଷୀ ଆତ୍ମହତ୍ୟା କରୁଛନ୍ତି। ଚଳିତ ବର୍ଷର ପ୍ରଥମ ୬ ମାସରେ ମୋଟ ୧୨୬୭ ଚାଷୀ ଜୀବନ ହାରିଛନ୍ତି। ଏହି ଅବଧିରେ ବିଦର୍ଭ କ୍ଷେତ୍ରରେ ସର୍ବାଧିକ ୫୫୭ ଚାଷୀ ଆତ୍ମହତ୍ୟା କରିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଜାନୁଆରୀରୁ ଜୁନ୍ ମଧ୍ୟରେ ଛତ୍ରପତି ସମ୍ଭାଜୀନଗରରେ ୪୩୦ ଜଣ, ନାସିକ ଡିଭିଜନରେ ୧୩୭ ଜଣ, ନାଗପୁର ଡିଭିଜନରେ ୧୩୦ ଜଣ ଏବଂ ପୁନେ ଡିଭିଜନର ୧୩ ଚାଷୀ ଆତ୍ମହତ୍ୟା କରିଥିଲେ। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି)ର ୨୦୨୨ ତଥ୍ୟ ଅନୁଯାୟୀ ଭାରତରେ ଯେତିକି ଚାଷୀ ଆତ୍ମହତ୍ୟା କରୁଛନ୍ତି ସେଥିରେ ମହାରାଷ୍ଟ୍ରର ସର୍ବାଧିକ ୩୭.୬ ପ୍ରତିଶତ ଚାଷୀ ସାମିଲ ଅଛନ୍ତି। ୨୦୨୨ରେ କୃଷି କ୍ଷେତ୍ର ସହ ଜଡ଼ିତ ୧୧, ୨୯୦ ଜଣ ଆତ୍ମହତ୍ୟା କରିଥିଲେ। ଏମାନଙ୍କ ମଧ୍ୟରେ ୫,୨୦୭ ଚାଷୀ, ୬,୦୮୩ ଜଣ କୃଷି ଶ୍ରମିକ ସାମିଲ ଥିଲେ।





ବାଂଲାଦେଶ ହିଂସା ରୋକିବାକୁ ସୁପ୍ରିମକୋର୍ଟଙ୍କ ପଦକ୍ଷେପ

## ସଂରକ୍ଷଣ ସୀମା ୫୬ରୁ ୭%କୁ ହ୍ରାସ

■ ଢାକା, ୨୧।୭ (ଏଜେନ୍ସି): ବାଂଲାଦେଶ ସୁପ୍ରିମ୍‌କୋର୍ଟ ଦେଶରେ ଜାରି ସଂରକ୍ଷଣ ବିରୋଧୀ ହିଂସାକୁ ବନ୍ଦ କରିବା ପାଇଁ ବଡ଼ ନିଷ୍ପତ୍ତି ଦେଇଛନ୍ତି। କୋର୍ଟ ସଂରକ୍ଷଣ ସୀମାକୁ ୫୬ ପ୍ରତିଶତରୁ ହ୍ରାସ କରି ୭ ପ୍ରତିଶତ କରିଦେଇଛନ୍ତି। ୧୯୭୧ ବାଂଲାଦେଶ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ମୁକ୍ତିଯୋଦ୍ଧାଙ୍କ ପରିବାରକୁ ସରକାରୀ ଚାକିରୀରେ ମିଳୁଥିବା ୩୦ % ସଂରକ୍ଷଣକୁ ହ୍ରାସ କରି ୫% କରି ଦିଆଯାଇଛି। ଏବେ ୯୩% ସରକାରୀ ଚାକିରି ଯୋଗ୍ୟତା ଅନୁଯାୟୀ ମିଳିବ। ମୁକ୍ତିଯୋଦ୍ଧାଙ୍କ ପରିବାର ପାଇଁ ୫% ସଂରକ୍ଷଣ ସାଙ୍ଗକୁ ସୁପ୍ରିମ୍‌କୋର୍ଟ ଆଦିମ ସଂଖ୍ୟାଲଘୁ, ତୃତୀୟ ଲିଙ୍ଗୀ ଓ ଦିବ୍ୟାଙ୍ଗ ପାଇଁ ୨% ସଂରକ୍ଷଣର ବ୍ୟବସ୍ଥା ରଖିଛନ୍ତି। ଆନ୍ଦୋଳନକାରୀମାନେ ସମସ୍ତ ପ୍ରକାରର ସଂରକ୍ଷଣ ବ୍ୟବସ୍ଥା ହଟାଇବାକୁ ଦାବି କରୁଥିଲେ। ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଶାସନ କାଳର ଏହା ସବୁଠାରୁ ଉଗ୍ର ଆନ୍ଦୋଳନ। ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତିକୁ ଆନ୍ଦୋଳନକାରୀଙ୍କ ବିଜୟ ବୋଲି କୁହାଯାଉଛି। ମୁକ୍ତିଯୋଦ୍ଧାଙ୍କ ପରିବାରକୁ ୩୦% ଭଳି ବଡ଼ ସଂରକ୍ଷଣର ବ୍ୟବସ୍ଥାଟି ▸ପୃଷ୍ଠା-୯

**ମୁକ୍ତି ସଂଗ୍ରାମୀ ପରିବାର କୋଟା ୩୦ରୁ ୫%କୁ କମିଲା**

‘ଅସ୍ମିତା’ର ଅସନ୍ତୋଷ

# ସରକାରଙ୍କ ‘ୟୁ’ ଟର୍ଣ୍ଣ

### ବଦଳିବନି ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାମ: ମୁଖ୍ୟମନ୍ତ୍ରୀ




■ ଭୁବନେଶ୍ୱର, ୨୧।୭(ସମିସ): ବିଜେପିର ଘୋଷିତ ଓଡ଼ିଆ ‘ଅସ୍ମିତା’କୁ ପ୍ରଚଣ୍ଡ ପ୍ରହାର ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ଘଟଣା ରାଜ୍ୟରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବା ପୂର୍ବରୁ ‘ୟୁ’ ଟର୍ଣ୍ଣ ନେଇଛନ୍ତି ରାଜ୍ୟ ସରକାର। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାମ ବଦଳାଯିବ ନାହିଁ ବୋଲି ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ବିଜୁ ବାବୁଙ୍କ ନାଁରେ ଦୀର୍ଘ ବର୍ଷରୁ କ୍ରୀଡ଼ା ରାଜ୍ୟରେ ପୁରସ୍କାର ଦିଆଯାଇ ଆସୁଅଛି। ଏହାର ନାମ ପରିବର୍ତ୍ତନ ସମ୍ପର୍କରେ ମୁଁ ଆଜି ଗଣମାଧ୍ୟମରୁ ଜାଣିବାକୁ ପାଇଲି। ଏ ସଂକ୍ରାନ୍ତରେ ବିଧିବଦ୍ଧ ଭାବେ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ ଏବଂ ମୋ ପାଖରେ ବି ସେ ପ୍ରକାରର କୌଣସି ସୂଚନା ନ ଥିଲା। ମୋ ସରକାର ଓଡ଼ିଶାର ବରପୁତ୍ରମାନଙ୍କୁ ଯଥୋଚିତ ସମ୍ମାନ ଦିଅନ୍ତି। ବିଜୁ ବାବୁ ନିଜ ଦୀର୍ଘ ଦଶନ୍ଧିର ରାଜନୈତିକ ଓ ସାମାଜିକ ଜୀବନରେ କରିଥିବା ଅବଦାନ ଓଡ଼ିଶା ପାଇଁ ତଥା ଭାରତ ବର୍ଷ ପାଇଁ ସ୍ମରଣୀୟ ▸ପୃଷ୍ଠା-୯

**ଦୀର୍ଘ ଦଶନ୍ଧିର ରାଜନୈତିକ ଓ ସାମାଜିକ ଜୀବନରେ ବିଜୁ ବାବୁଙ୍କ ଅବଦାନ ସାରା ଭାରତବର୍ଷ ପାଇଁ ଅବିସ୍ମରଣୀୟ**

### ଷଡ଼ଯନ୍ତ୍ରର ଗନ୍ଧ!

■ ଭୁବନେଶ୍ୱର, ୨୧।୭(ସମିସ): ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାମ ପରିବର୍ତ୍ତନ ବିଜ୍ଞପ୍ତି ଓ ୨୪ ଘଣ୍ଟା ପରେ ମୁଖ୍ୟମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀକୁ ନେଇ ଷଡ଼ଯନ୍ତ୍ରର ଗନ୍ଧ ବାରିଛନ୍ତି ବିଭିନ୍ନ ରାଜନୈତିକ ସମୀକ୍ଷକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିନ୍ଦିତ କରିବା ପାଇଁ ଦଳ ଓ ସରକାରରେ କିଛି ଗୋଷ୍ଠୀ ସକ୍ରିୟ ହୋଇଥିବା ଏହି ସମୀକ୍ଷକମାନେ ମନେ କରୁଛନ୍ତି। କୁହାଯାଉଛି ଯେ ଅପ୍ରତ୍ୟାଶିତ ଭାବରେ ରାଜ୍ୟରେ ବିଜେପି ସଂଖ୍ୟା ଗରିଷ୍ଠତା ପାଇବା ପରେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଅନେକ ଟାଣୁଆ ନେତା ସାମିଲ ଥିଲେ। ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ସୂଚୀରେ ମୋହନଙ୍କ ସ୍ଥାନ ଢ଼େର ତଳେ ରହିଥିଲା। ମାତ୍ର ଶେଷରେ ମୋହନଙ୍କ ନାମରେ ଜାତୀୟ ନେତାମାନେ ମୋହର ମାରିଲେ ଓ ଔପଚାରିକତା ଦୃଷ୍ଟିରୁ ▸ପୃଷ୍ଠା-୯

ବିଜ୍ଞପ୍ତି ସମ୍ପର୍କରେ ଜାଣିନାହାନ୍ତି ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀ

### କିଏ ସେହି ସୁପର୍ ଅଫିସର

■ ଭୁବନେଶ୍ୱର, ୨୧।୭(ସମିସ): ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାମ ପରିବର୍ତ୍ତନ କରାଯିବ ନାହିଁ। ଏହା କୋଟିକୋଟି ବିଜୁପ୍ରେମୀ ଓ ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆଙ୍କ ପାଇଁ ଆଶ୍ୱସ୍ତିର ବିଷୟ। ମାତ୍ର ପୁରସ୍କାର ନାମ ପରିବର୍ତ୍ତନ ସଂକ୍ରାନ୍ତରେ କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଆହୁରି ହଜାରେ ପ୍ରଶ୍ନକୁ ଜନ୍ମ ଦେଇଛି। କ୍ରୀଡ଼ାମନ୍ତ୍ରୀ କହୁଛନ୍ତି ସେ ଏପରି ନିଷ୍ପତ୍ତି ସମ୍ପର୍କରେ ଜାଣନ୍ତି ନାହିଁ, ମୁଖ୍ୟମନ୍ତ୍ରୀ କହୁଛନ୍ତି ତାଙ୍କ ପାଖରେ ସୂଚନା ନାହିଁ। ଯଦି ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଜାଣନ୍ତି ନାହିଁ; ତେବେ ରାଜ୍ୟବାସୀଙ୍କୁ ମର୍ମାହତ କରିବା ପରି ଏପରି ସ୍ପର୍ଶକାତର ନିଷ୍ପତ୍ତି କେଉଁ ଶକ୍ତିଶାଳୀ ବ୍ୟକ୍ତି ବା ଅଧିକାରୀ ନେଲେ ତାହାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି। ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ ନ କରି କେଉଁ ସୁପର ଅଫିସର ନିଜେ ଏପରି ନିଷ୍ପତ୍ତି ନେଲେ ଓ ବିଜ୍ଞପ୍ତି ପ୍ରକାଶ କଲେ ତାଙ୍କ ପରିଚୟ ଜାଣିବାକୁ ସାଧାରଣ ଲୋକମାନେ ଜିଜ୍ଞାସୁ ହୋଇ ▸ପୃଷ୍ଠା-୯

ସର୍ବଦଳୀୟ ବୈଠକରେ ଦାବି

## କଂଗ୍ରେସର ଉପ-ବାଚସ୍ପତି ପଦ; ଜେଡିୟୁର ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା

■ ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ସଂସଦର ବଜେଟ୍ ଅଧିବେଶନ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନ ଅଗଷ୍ଟ ୧୨ ତାରିଖ ଯାଏ ଚାଲିବ। ଅଧିବେଶନର ପ୍ରଥମ ଦିବସରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିବେ।ଏହାପରେ ମଙ୍ଗଳବାର ୨୦୨୪-୨୫

**ଆଜିଠୁ ସଂସଦର ବଜେଟ ଅଧିବେଶନ**



ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ଏହି ଅଧିବେଶନରେ ଅର୍ଥ ବିଲ୍ ବ୍ୟତୀତ ଅନ୍ୟୂନ ୬ଟି ନୂଆ ବିଲ୍ ଆଗତ ହେବ ବୋଲି ସୂଚନା ମିଳିଛି। ଏୟାରକ୍ରାଫ୍ଟ ଆକ୍ଟ-୧୯୩୪ ସ୍ଥାନରେ ଭାରତୀୟ ବାୟୁଯାନ ବିଧେୟକ-୨୦୨୪ ଅଣାଯିବ। ସରକାର ବିପର୍ଯ୍ୟୟ ପରିଚାଳନା(ସଂଶୋଧନ) ବିଲ୍ ଆଣିବେ। ଏହା ବ୍ୟତୀତ ବଏଲର୍ସ ବିଲ୍ ଆଗତ କରାଯିବ। କଫି(ପ୍ରସାର ଓ ଉନ୍ନୟନ) ବିଲ୍ ଓ ରବର(ପ୍ରସାର ଓ ଉନ୍ନୟନ) ବିଲ୍ ମଧ୍ୟ ଉପସ୍ଥାପନ ହେବ ବୋଲି ସୂଚନା ମିଳିଛି। ବଜେଟ୍ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ରବିବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଟିଏମ୍ସିକୁ ଛାଡ଼ି ୪୪ ଦଳ ସାମିଲ ହୋଇଥିଲେ। ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଏହି ଅଧିବେଶନରେ କେନ୍ଦ୍ର ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେଉଥିଲା ବେଳେ ପ୍ରମୁଖ ବିରୋଧୀ ନେତା ରଣନୀତି ▸ପୃଷ୍ଠା-୯

## ଆଜିଠୁ ବଜେଟ ଅଧିବେଶନ

### ଶକ୍ତିଶାଳୀ ନବୀନ ବ୍ରିଗେଡ୍‌କୁ ସାମ୍ନା କରିବେ ମୋହନ ବାହିନୀ

- ବିଜେପି ସରକାରର ପ୍ରଥମ ବିଧାନସଭା
- ଚାଳିଶି ଦିନ ସରକାର ବିରୋଧରେ ବିରୋଧୀଙ୍କ ଡଜନେ ପ୍ରସଙ୍ଗ
- ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ବିରୋଧୀ ବିଜେଡି ଓ କଂଗ୍ରେସ
- କାଡ଼ାମଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକ ଦଳ ବୈଠକ ଆଜି



ଭୁବନେଶ୍ୱର, ୨୧।୭(ସମିସ): ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ସପ୍ତଦଶ ବିଧାନସଭାର ପ୍ରଥମ ତଥା ବଜେଟ ଅଧିବେଶନ। ବିଭିନ୍ନ ଦୃଷ୍ଟିକୋଣରୁ ଅଧିବେଶନଟି ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ଉଭୟ ଶାସକ ଓ ବିରୋଧୀ ନିଜ ନିଜର ରଣନୀତି ପ୍ରସ୍ତୁତ କରିଛନ୍ତି। ବିଜେପି ପ୍ରଥମଥର ରାଜ୍ୟରେ ସରକାର ଗଠନ କରିଥିବା ବେଳେ ୨୪ ବର୍ଷର ଲମ୍ବା ଶାସନ ପରେ ବିଜେଡି ପ୍ରଥମଥର ବିଧାନସଭାରେ ମୁଖ୍ୟ ବିରୋଧୀ ଦଳ ଭାବେ ଅବତୀର୍ଣ୍ଣ ହୋଇଛି। ଅତଏବ ଗୃହରେ ଏଥର ଭିନ୍ନ ଓ ରୋଚକ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। କଂଗ୍ରେସ ମଧ୍ୟ ବିଧାନସଭାରେ ନିଜର ୧୪ ବିଧାୟକଙ୍କ ସହ ନୂଆ ସରକାରଙ୍କୁ ଘେରିବାକୁ ▸ପୃଷ୍ଠା-୯

ବିଧାନସଭା ପୂର୍ବରୁ ସର୍ବଦଳୀୟ ବୈଠକ

## ଭାଗ ନେଲେନି କଂଗ୍ରେସ-ସିପିଏମ୍

■ ଭୁବନେଶ୍ୱର, ୨୧।୭(ସମିସ): ଆସନ୍ତାକାଲିଠାରୁ ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହିକ୍ରମରେ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ଅଧିବେଶନକୁ ସୁରୁଖୁରୁରେ ସମ୍ପାଦନ ପାଇଁ ବାଚସ୍ପତି ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ବୈଠକରେ କଂଗ୍ରେସ, ସିପିଆଇ(ଏମ) ବିଧାୟକ ଯୋଗ ଦେଇ ନାହାନ୍ତି।

ବୈଠକ ସମ୍ପର୍କରେ ସୂଚନା ଦେଇ ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି ଯେ ଆଜି ବିଧାନସଭାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ କିପରି ସୂଚାରୁରୂପେ ସମ୍ପାଦିତ ହେବ ସେଥିପାଇଁ ସମସ୍ତଙ୍କର ମତାମତ ଏବଂ ଏହା ଉପରେ ବିଚାରବିମର୍ଶ କରାଯାଇ ନିଷ୍ପତ୍ତି ନିଆଯାଇଛି। ସମସ୍ତେ ସହଯୋଗ କରିବାକୁ ▸ପୃଷ୍ଠା-୯

**ସୁରୁଖୁରୁ ଅଧିବେଶନ ନିମନ୍ତେ ସହଯୋଗ ଲୋଡ଼ିଲେ ବାଚସ୍ପତି**

### ନବୀନଙ୍କୁ ଭେଟିଲେ ମୋହନ ଓ କନକ

**ରାଜ୍ୟ ବିକାଶ ପାଇଁ ପରାମର୍ଶ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ**

**ଓଡ଼ିଶାବାସୀଙ୍କ ଆଶା-ଆକାଙ୍‌କ୍ଷା ପୂରଣ ଦିଗରେ ସରକାର କାମ କରନ୍ତୁ: ନବୀନ**



■ ଭୁବନେଶ୍ୱର, ୨୧।୭(ସମିସ): ଆସନ୍ତାକାଲି ବିଧାନସଭା ଅଧିବେଶନ ଅବ୍ୟବହିତ ପୂର୍ବରୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନବୀନ ନିବାସରେ ସାକ୍ଷାତ କରିଛନ୍ତି। ସର୍ବଦଳୀୟ ବୈଠକର ଅବ୍ୟବହିତ ପୂର୍ବରୁ ମୋହନ ଓ କନକ ▸ପୃଷ୍ଠା-୯

## ୨୫ କିଲୋରୁ ଅଧିକ ଖାଦ୍ୟ ସାମଗ୍ରୀ ପ୍ୟାକେଟ୍‌ରେ ୫% ଜିଏସ୍‌ଟି ଲଗାଇବାକୁ କେନ୍ଦ୍ରର ମସୁଧା

■ ଭୁବନେଶ୍ୱର, ୨୧।୭(ସମିସ): ଖାଦ୍ୟ ସାମଗ୍ରୀର ଦର ହୁ’ହୁ’ ହୋଇ ବଢ଼ିଚାଲିଛି। ଚାଉଳ, ଡାଲି, ତେଲ, ପନିପରିବା ଆଦି ଅତ୍ୟାବଶ୍ୟକ ସାମଗ୍ରୀର ମାତ୍ରାଧିକ ଦରବୃଦ୍ଧି ଗରିବଙ୍କଠାରୁ ଆରମ୍ଭ କରି ମଧ୍ୟବିତ୍ତ ପରିବାରର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଇଛି। ଏଭଳି ଏକ ସମୟରେ ସରକାର ଦରଦାମ୍ ନିୟନ୍ତ୍ରଣ ଉପରେ ପଦକ୍ଷେପ ନେବା ପରିବର୍ତ୍ତେ ଜିଏସ୍‌ଟି ମାଧ୍ୟମରେ ସାଧାରଣ ଖାଉଟିଙ୍କୁ ଶୋଷଣ କରିବା ଲାଗି ଆବିଷ୍କାର କରିଛନ୍ତି ନୂଆ ପଦ୍ଧତି। ଏହି ବ୍ୟବସ୍ଥା ଅନୁସାରେ ଏଣିକି ୨୫ କିଲୋରୁ ଅଧିକ ଡାଲି, ମଇଦା, ଅଟା, ସୁଜି ଆଦି ପ୍ୟାକେଟ ଉପରେ ୫% ଜିଏସ୍‌ଟି ଦେବାକୁ ପଡ଼ିବ। ତେବେ ବିଡ଼ମ୍ବନାର ବିଷୟ ହେଉଛି ସାଧାରଣ ଖାଉଟିଙ୍କଠାରୁ ୫% ଜିଏସ୍‌ଟି ଆଦାୟ ପ୍ରାବଧାନ ରହିଥିବାବେଳେ କର୍ପୋରେଟ ସଂସ୍ଥା ଓ ବଡ଼ବଡ଼ ମଲଗୁଡ଼ିକୁ ଏହି ଜିଏସ୍‌ଟି ବ୍ୟବସ୍ଥାରୁ ବାଦ ଦିଆଯାଇଛି। ଆଗାମୀ ବଜେଟ୍‌ରେ ଏହି ପ୍ରସ୍ତାବ ଆଗତ ହେବ ଏବଂ ଏହା ପୂର୍ବରୁ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ବିଭିନ୍ନ ଫୋରମରୁ ଏ ସଂକ୍ରାନ୍ତ ମତାମତ ଲୋଡ଼ିଛି। କେନ୍ଦ୍ର ସରକାରଙ୍କ ଏପରି ମନୋଭାବକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏହି ବ୍ୟବସ୍ଥା ସାଧାରଣ ଲୋକଙ୍କ ଉପରେ ବେଢ଼ି ଉପରେ କୋରଡ଼ା ପରି ହେବ ବୋଲି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ଚେତାଇ ଦେଇଛି।

ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥାନୁସାରେ ୨୫ କିଲୋ ବା ତଦୁର୍ଦ୍ଧ୍ୱ ଓଜନର ଡାଲି, ଚାଉଳ, ଅଟା, ମଇଦା, ସୁଜି ଖାଦ୍ୟ ସାମଗ୍ରୀ ପ୍ୟାକେଟ୍ ଉପରେ ଜିଏସ୍‌ଟି ଲାଗେ ନାହିଁ। ଫଳସ୍ୱରୂପ ଖୋଲା ବଜାରରୁ ଏହି ସାମଗ୍ରୀ କିଣୁଥିବା ଲୋକମାନଙ୍କୁ ଜିଏସ୍‌ଟି ଦେବାକୁ ପଡ଼େ ନାହିଁ। ବଡ଼ ବଡ଼ ମଲ୍ ଓ ମାର୍ଟ ଗୁଡ଼ିକରେ ମିଳୁଥିବା ପ୍ୟାକେଟ୍ ସାମଗ୍ରୀ ତୁଳନାରେ ସାଧାରଣ ଖାଉଟି ୫ ପ୍ରତିଶତ କମ୍ ମୂଲ୍ୟରେ ସାମଗ୍ରୀ କିଣିବାକୁ ସକ୍ଷମ ହୁଅନ୍ତି। ହେଲେ ଏହି ନିୟମ ଲାଗୁ ହେଲେ ଲୋକମାନଙ୍କୁ କିଲୋ ପ୍ରତି ୫ ପ୍ରତିଶତ ଅଧିକ ଅର୍ଥ ଦେବାକୁ ପଡ଼ିବ ଓ ଏବେ କ୍ରୟ କରାଯାଉଥିବା ୪୦ ଟଙ୍କାର ▸ପୃଷ୍ଠା-୯




**ଆହୁରି ବଢ଼ିବ ଚାଉଳ, ଡାଲି, ଗହମର ଉତ୍ପାଦ ମୂଲ୍ୟ**

**ଗରିବଙ୍କ ଉପରେ ଜୁଲୁମ୍; କର୍ପୋରେଟ୍ ସଂସ୍ଥାକୁ ଛାଡ଼**

ଯାଜପୁରରେ ବ୍ୟାପୁଛି ଝାଡ଼ାବାନ୍ତି

## ସପ୍ତାହରେ ୨୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

■ ଯାଜପୁର, ୨୧।୭(ସମିସ): ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏବେ ଝାଡ଼ାବାନ୍ତିର ପ୍ରକୋପ ଦେଖାଦେଇଛି। ଫଳରେ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଏବେ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପରିସ୍ଥିତି ଏଭଳି ହୋଇଛି ଯେ, ଅନ୍ୟ ଡାକ୍ତରଖାନା କଥା ଛାଡ଼ନ୍ତୁ ଖୋଦ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା କରିବାକୁ ଭିତ୍ତିଭୂମିର ଅଭାବ ଦେଖାଦେଇଛି। ଶଯ୍ୟାର ଅଭାବ ଦେଖା ଦେଇଥିବାରୁ ବାଧ୍ୟ ହୋଇ ରୋଗୀଙ୍କୁ ବାରଣ୍ଡାରେ ଚିକିତ୍ସା ଚାଲିଛି।

ଗତ କିଛିଦିନ ଧରି ମୌସୁମୀ ବାୟୁଜନିତ ବର୍ଷା ଆରମ୍ଭ ହୋଇଛି। ଫଳରେ ଏବେ ମଶା ଓ ମାଛିଙ୍କ ପାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଫଳସ୍ୱରୂପ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତି ଦେଖିବାକୁ ମିଳିଛି। ହଠାତ୍ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। କିନ୍ତୁ ସେହି ରୋଗୀଙ୍କୁ ଚିକିତ୍ସା ଯୋଗାଇବା ପାଇଁ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜିଲ୍ଲାର ୧୦ଟି ବ୍ଲକ ଓ ▸ପୃଷ୍ଠା-୯

- **ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଶଯ୍ୟା ଅଭାବ**
- **୧୨ଟି ଶଯ୍ୟା ପାଇଁ ୩୦ ରୋଗୀ**
- **ବାରଣ୍ଡାରେ ଚାଲିଛି ରୋଗୀ ସେବା**



## ପୁରାଣେ ପୁରୁଷୋତ୍ତମ-୧୭



### ସ୍କନ୍ଦ ମହାପୁରାଣ

ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ ସ୍କନ୍ଦ ମହାପୁରାଣ ଅତୀବ ଜନବିଶ୍ରୁତ। ସମୁଦାୟ ୭ଟି ଖଣ୍ଡ (ମାହେଶ୍ୱର, ବୈଷ୍ଣବ, ବ୍ରାହ୍ମ, କାଶୀ, ଅବନ୍ତୀ, ନାଗର, ପ୍ରଭାସ), ୧୮୦୦ଟି ଅଧ୍ୟାୟ ଓ ୮୧ହଜାର ଶ୍ଳୋକରେ ସମୃଦ୍ଧ ଏହି ମହାପୁରାଣରେ ତୀର୍ଥମାହାତ୍ମ୍ୟ, ବିବିଧଧାମବର୍ଣ୍ଣନ, ଭାଗବତ ଓ ରାମାୟଣ ମାହାତ୍ମ୍ୟ, ମାସକୃତ୍ୟ, ବ୍ରତବିଧି ପ୍ରଭୃତି ବର୍ଣ୍ଣିତ। କେତେକ ଗବେଷକଙ୍କ ମତରେ ଏହାର ଅନ୍ୟ ଏକ ଖଣ୍ଡଟି ହେଉଛି ଉତ୍ତର ଖଣ୍ଡ; ଯେଉଁଥିରେ ରହିଛି ସୁପ୍ରସିଦ୍ଧ ଗୁରୁଗୀତା। ତେବେ ଏହି ପୁରାଣର ଦ୍ୱିତୀୟ ଖଣ୍ଡ-ବୈଷ୍ଣବ ଖଣ୍ଡ-ଅନ୍ତର୍ଗତ-ଉତ୍କଳଖଣ୍ଡରେ ୬୦ଟି ଅଧ୍ୟାୟରେ ସବିସ୍ତର ପୁରୁଷୋତ୍ତମକ୍ଷେତ୍ରମାହାତ୍ମ୍ୟ ସୁସଂହତଶୈଳୀରେ ବର୍ଣ୍ଣିତ। ସ୍କନ୍ଦ (କାର୍ତ୍ତିକେୟ) ଏହି ପୁରାଣର ଉଦ୍ଗାତା ହୋଇଥିବାରୁ ଏହାର ନାମ 'ସ୍କନ୍ଦ ମହାପୁରାଣ' ହୋଇଛି। ଏଥିରେ ବର୍ଣ୍ଣିତ ପୁରୁଷୋତ୍ତମକ୍ଷେତ୍ରମାହାତ୍ମ୍ୟକୁ ପ୍ରଥମେ ଭଗବାନ୍ ନାରାୟଣ-ବ୍ରହ୍ମାଙ୍କୁ, ପରେ ବ୍ରହ୍ମା-ଶିବଙ୍କୁ, ଶିବ-ସ୍କନ୍ଦ(କାର୍ତ୍ତିକେୟ)ଙ୍କୁ, ସ୍କନ୍ଦ-ମହର୍ଷି ଜୈମିନିଙ୍କୁ ଓ ଜୈମିନି-ନୈମିଷାରଣ୍ୟସ୍ଥ ମୁନିମାନଙ୍କୁ କହିଛନ୍ତି। ଇନ୍ଦ୍ରଦ୍ୟୁମ୍ନ-ଉପାଖ୍ୟାନର ପ୍ରଳମ୍ବିତଧାରାରେ ପରିପୂର୍ଣ୍ଣ ଏହି ଉତ୍କଳଖଣ୍ଡସ୍ଥ ପୁରୁଷୋତ୍ତମକ୍ଷେତ୍ରମାହାତ୍ମ୍ୟ। ଏଥିରେ (୧/୧୧, ୩୭)ରେ କ୍ଷେତ୍ର ଓ କ୍ଷେତ୍ରାଧୀଶ ଉଭୟ ପୁରୁଷୋତ୍ତମ ବୋଲି କୁହାଯାଇଛି ଏବଂ ନିଜେ ଭଗବାନ୍ ପୁରୁଷୋତ୍ତମ କ୍ଷର ଓ ଅକ୍ଷରକୁ ଅତିକ୍ରମ କରି ସେଠାରେ ବିଦ୍ୟମାନ ବୋଲି କହିଛନ୍ତି-

"ଏତତ୍ କ୍ଷେତ୍ରଂ ବରଂ ଚାସ୍ୟ ବପୁର୍ଭୂତଂ ମହାତ୍ମନଃ।
ସ୍ୱଙ୍ଗ ବପୁଷ୍ଟାଂସ୍ତତ୍ରାସ୍ତେ ସ୍ୱନାମ୍ନା ଖ୍ୟାପିତଂ ହି ତତ୍।।
ସର୍ବସଙ୍ଗପରିତ୍ୟକ୍ତସ୍ତତ୍ର ତିଷ୍ଠାମି ଦେହଭୃତ୍।
କ୍ଷରାକ୍ଷରାବତିକ୍ରମ୍ୟ ବର୍ତ୍ତେଽହଂ ପୁରୁଷୋତ୍ତମେ।।"

ଶଙ୍ଖକ୍ଷେତ୍ରର ରୂପରେଖ ସହିତ ପୁରୁଷୋତ୍ତମକ୍ଷେତ୍ରର ପରିମିତି ଏଥିରେ ପ୍ରଦତ୍ତ। ପୁନଶ୍ଚ (୨୪/୧୬)ରେ ପୁରୁଷୋତ୍ତମ-ଶ୍ରୀଜଗନ୍ନାଥଙ୍କ ସ୍ୱରୂପକଥନରେ ସେ ଏକାଧାରରେ ସ୍ୱରାଟ୍, ସମ୍ରାଟ୍, ବିରାଟ୍, ସର୍ବବ୍ୟାପୀ ଓ ଜଗନ୍ମୟ ବୋଲି କୁହାଯାଇଛି-

"ସ୍ୱରାଟ୍ ସମ୍ରାଟ୍ ଜଗନ୍ନାଥ ବିରାଡସି ଜଗତ୍ପତେ।
ଅଧଶ୍ଚୋର୍ଦ୍ଧ୍ୱ ଚ ତିର୍ଯ୍ୟକ୍ତ୍ୱ ତ୍ୱୟା ବ୍ୟାପ୍ତ ଜଗନ୍ମୟ।।"

ଏଥିରେ ମହାପ୍ରଭୁଙ୍କ ନୀଳମାଧବଲୀଳା, ନିର୍ଦ୍ଦେଶକଲୀଳା, ନୃସିଂହଲୀଳା, ନିର୍ମେୟଦାରୁଲୀଳା, ନିର୍ମାତୃଲୀଳା, ନିଶ୍ଚେଷ୍ଟଦାରୁଲୀଳା, ନିରଙ୍କୁଶଲୀଳା, ନିଜଲୀଳା(ସ୍ୱଙ୍ଗଲୀଳା), ନରାଧୀନଲୀଳା, ନିନାଦଲୀଳା-ଇତ୍ୟାଦି ମୁଖ୍ୟତଃ ୧୦ଟିଲୀଳା ମହାପ୍ରଭୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ରଚନା କରିଛନ୍ତି ବୋଲି ବିସ୍ତୃତଭାବରେ ବର୍ଣ୍ଣିତ ଅଛି। ସ୍ନାନଯାତ୍ରା ଓ ରଥଯାତ୍ରା ସହ ଦ୍ୱାଦଶଯାତ୍ରାର ବିଶଦ ବର୍ଣ୍ଣନାରେ ମଧ୍ୟ ଏହି ପୁରାଣ ପରିପୂର୍ଣ୍ଣ। ଦାରୁପ୍ରତିମାରୂପୀ ପୁରୁଷୋତ୍ତମ ଭକ୍ତପ୍ରବର ଇନ୍ଦ୍ରଦ୍ୟୁମ୍ନଙ୍କୁ ହସହସମୁଖରେ ବରପ୍ରଦାନ କରିଥିବା (୨୯/୯-୧୦) ବର୍ଣ୍ଣିତ-

"ଦାରୁଦେହୋଽପି ବିହସନ୍ ପ୍ରାହ ଗମ୍ଭୀରୟା ଗିରା।
ଇନ୍ଦ୍ରଦ୍ୟୁମ୍ନ ପ୍ରସନ୍ନସ୍ତେ ଭକ୍ତ୍ୟା ନିଷ୍କାମକର୍ମଭିଃ।।"

ପୁରୁଷୋତ୍ତମାଦିଙ୍କୁ ରଥଯାତ୍ରାରେ ଦର୍ଶନଦ୍ୱାରା ଓ ରଥଛାୟାର ସ୍ପର୍ଶରେ କୋଟିଜନ୍ମର ପାପନାଶ ଏବଂ ବ୍ରହ୍ମହତ୍ୟାପାପ ନଷ୍ଟ ହୁଏ ବୋଲି କୁହାଯାଇଛି-

"ମହାବେଦ୍ୟାଂ ବ୍ରଜନ୍ତଂ ତଂ ରଥସ୍ଥଂ ପୁରୁଷୋତ୍ତମମ୍।
ବଳଭଦ୍ରଂ ସୁଭଦ୍ରାଂ ଚ ଜନ୍ମକୋଟିସମୁଦ୍ଭବମ୍।
ଦୃଷ୍ଟ୍ୱା ପାପଂ ନାଶୟତି ନାତ୍ର କାର୍ଯ୍ୟା ବିଚାରଣା।
ରଥଛାୟାଂ ସମାକ୍ରମ୍ୟ ବ୍ରହ୍ମହତ୍ୟାଂ ବ୍ୟପୋହତି।।"

ମହାପ୍ରସାଦର ମହିମା(୩୮/୪୯)ରେ କୁହାଯାଇଛି-

"ନିବେଦିତାନ୍ନମନ୍ୟାପି ମୂର୍ତ୍ତିରୀଶସ୍ୟ ବର୍ତ୍ତତେ।
ପାବନଂ ତଦପି ପ୍ରୋକ୍ତମୁଚ୍ଛିଷ୍ଟାନ୍ନଂ ବିମୋଚକମ୍।।"

ଅର୍ଥାତ୍ ପୁରୁଷୋତ୍ତମଙ୍କ ନୈବେଦ୍ୟ-ମହାପ୍ରସାଦ ତାଙ୍କର ସାକ୍ଷାତ୍ ଭିନ୍ନ ଏକ ଶରୀର। ତେଣୁ ମହାପ୍ରସାଦ-ଦର୍ଶନ ମଧ୍ୟ ଜଗନ୍ନାଥଦର୍ଶନ ସହ ସମାନ ଓ ମୁକ୍ତିପ୍ରଦାୟକ।

ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।

ପ୍ରସ୍ତୁତି: ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ: ୯୪୩୭୫୬୬୩୨୪

## ଆଜିର ଇତିହାସ

- ୧୭୩୧- ସ୍ପେନ୍ ଭିଏନା ସନ୍ଧିରେ ହସ୍ତାକ୍ଷର କଲା।
- ୧୯୪୭- ରାଷ୍ଟ୍ରୀୟ ଧ୍ୱଜାକୁ ଭାରତୀୟ ସମ୍ବିଧାନ ଆପଣାଇଲା।
- ୧୯୮୧- ଭାରତର ପ୍ରଥମ ଭୂସ୍ଥିର ଉପଗ୍ରହ 'ଆପଲ୍' କାମ କରିବା ଆରମ୍ଭ କରିଦେଲା।
- ୧୯୯୯- ଅନ୍ତଃରାଷ୍ଟ୍ରୀୟ ଶ୍ରମ ସଂଗଠନ ସମାନ କାମକୁ ସମାନ ଦରମା ନିୟମ ଲାଗୁ କଲା।
- ୨୦୧୨- ପ୍ରଣବ ମୁଖାର୍ଜୀ ଭାରତର ୧୩ତମ ରାଷ୍ଟ୍ରପତି ହେଲେ।

## ଫଳର ରାଜା ପାଇଁ ଦିନଟିଏ

ଆମ୍ବ ଖାଇବାକୁ କାହାକୁ ବା ଭଲ ନ ଲାଗେ । ଆମ୍ବର ସ୍ୱାଦ ପାଇଁ ତାକୁ ଫଳର ରାଜା ବୋଲି କୁହାଯାଏ। ଖରାଦିନେ ଭାତ, ରୁଟି ସହିତ ସବୁଠୁ ଅଧିକ ଖୋଜା ପଡ଼ିଥାଏ ପାଚିଲା ଆମ୍ବକୁ । ଓଡ଼ିଆ ଘରେ ରଜ ଓ ସାବିତ୍ରୀ ଭାରରେ ସ୍ଥାନ ପାଏ ଆମ୍ବ। ଭାରତର ଜାତୀୟ ଫଳ ଆମ୍ବ । ଏହା ଏକ ସ୍ୱାଦିଷ୍ଟ ଓ ରସାଳ ଫଳ। ଏଥିରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। ଆମଦେଶରେ ପ୍ରତ୍ୟେକ ବର୍ଷ ଜୁଲାଇ ୨୨ ତାରିଖକୁ 'ଆମ୍ବ ଦିବସ' ଭାବେ ପାଳନ କରାଯାଉଛି। ସ୍ୱାଦ ଓ ବାସ୍ନା ଯୋଗୁ ଆମ୍ବ ଯୁଗ ଯୁଗ ଧରି ଭାରତର ଖାଦ୍ୟ ସଂସ୍କୃତି ସହିତ ଓତପ୍ରୋତ ଭାବେ ଜଡ଼ିତ ହୋଇ ରହିଛି।

ଇତିହାସକାରମାନଙ୍କ ତଥ୍ୟ ଅନୁସାରେ, ଭାରତୀୟମାନେ ୪୦୦୦ ବର୍ଷରୁ ଅଧିକ କାଳ ଧରି ଏହି ରସାଳ ଫଳ ଚାଷ କରୁଥିବାବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହା ମାତ୍ର ୪୦୦ ବର୍ଷ ପୁରୁଣା। ଆମ୍ବର ପୁରାତନ ନାମ ଥିଲା ଆମ୍ରଫଳ। ବେଦରେ ଏହାକୁ 'ରସାଳ' ଓ 'ସହକାର' ନାମରେ ନାମିତ କରାଯାଇଛି। ହିନ୍ଦୁ ପରମ୍ପରାରେ ପ୍ରତିଟି ଶୁଭକାର୍ଯ୍ୟରେ ଆମ୍ବ ପତ୍ର ଦରକାର ପଡ଼ିଥାଏ; କଳସ ବସିବାଠାରୁ ତୋରଣ ବାନ୍ଧିବା ପର୍ଯ୍ୟନ୍ତ । ଉଭୟ କଞ୍ଚା ଓ ପାଚିଲା ଆମ୍ବ ଖାଦ୍ୟ ରୂପେ ବ୍ୟବହୃତ ହୁଏ । ସାଧାରଣତଃ ଖରାଦିନେ ଏହା ବଜାରରେ ଉପଲବ୍ଧ ହୋଇଥାଏ। ଏବେ କିନ୍ତୁ ବର୍ଷର ସବୁ ସମୟରେ ବଜାରରେ ଅଳ୍ପ ବହୁତେ ଆମ୍ବ ମିଳୁଛି। ଆମ୍ବରେ ପାଖାପାଖି ୨୦ ପ୍ରକାରର ଭିଟାମିନ୍ ଓ ଖଣିଜ ତତ୍ତ୍ୱ ରହିଛି, ଯେଉଁଥିପାଇଁ ଏହା ଏକ ସୁପର୍‌ଫୁଡ୍ ଭାବେ ମଧ୍ୟ ପରିଗଣିତ ହୋଇଥାଏ। ଆମ୍ବ ପାକିସ୍ତାନର ମଧ୍ୟ ଜାତୀୟ ଫଳ। ଆମ୍ବ ଗଛ ବାଂଲାଦେଶର ଜାତୀୟ ବୃକ୍ଷ । ଆମ୍ବର ଉତ୍ପତ୍ତି ଭାରତରେ ହୋଇଥିଲା । ଭାରତରୁ ଏହା ଏସିଆର ଅନ୍ୟ ଅଞ୍ଚଳକୁ ଯାଇଥିଲା । ଆମ୍ବ ଉତ୍ପାଦନରେ ଭାରତ ବିଶ୍ୱରେ ପ୍ରଥମ। ତୋତାପଲ୍ଲୀ, ଦଶେରୀ, ବାଇଗଣପଲେଇ, ସୁନ୍ଦରୀ, ଲେଙ୍ଗଡ଼ା, ଆମ୍ରପଲ୍ଲୀ ଆଦି ବିଭିନ୍ନ ପ୍ରକାରର ଆମ୍ବ ବଜାରରେ ମିଳେ। ହାପୁସ ଆଲଫାନ୍‌ସୋ ଆମ୍ବ ଭାରତର ସବୁଠାରୁ ଦାମୀ ଆମ୍ବରେ ଗଣା।



## ୧୦୦୦ କୋଟିର ଫିଲ୍ମ ପ୍ରଭାସଙ୍କ ରୁଟିନ୍ ହୋଇଗଲାଣି-ଅମିତାଭ



ନାଗ ଅଶ୍ୱିନ୍‌ଙ୍କ ଚଳଚ୍ଚିତ୍ର 'କଲ୍‌କି ୨୮୯୮ ଇଡି' ଇତିମଧ୍ୟରେ ସାରା ବିଶ୍ୱରେ ୧୦୦୦ କୋଟି ଆୟ କରି ସାରିଛି। ଏହି ସଫଳତା ପରେ ଫିଲ୍ମରେ ଅଶ୍ୱତ୍ଥାମା ଭୂମିକାରେ ଅଭିନୟ କରିଥିବା ଅମିତାଭ ବଚ୍ଚନ ଏକ ଭିଡିଓ ସେୟାର୍ କରିଛନ୍ତି। ଏହି ଭିଡିଓରେ ବିଗ୍ ବି ଦର୍ଶକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହ ସେ ପ୍ରଭାସଙ୍କୁ ପ୍ରଶଂସା ମଧ୍ୟ କରିଛନ୍ତି। ଅମିତାଭ କହିଛନ୍ତି, 'ମୁଁ ଆପଣ ସମସ୍ତଙ୍କୁ ଧନ୍ୟବାଦ କହିବାକୁ ଚାହୁଁଛି। ଆପଣମାନଙ୍କ ଯୋଗୁ ଫିଲ୍ମ ଆଜି ୧୦୦୦ କୋଟି ଆୟ କରିବାରେ ସଫଳ ହୋଇ ପାରିଛି। ମୁଁ ମୋର ସହ କଳାକାର କମଲ ହାସନ, ପ୍ରଭାସ ଓ ଦୀପିକା ପାଦୁ୍ୟକୋନ୍‌ଙ୍କୁ ମଧ୍ୟ ଏଥିପାଇଁ ଧନ୍ୟବାଦ ଜଣାଉଛି। ମୁଁ ପୂରା ଟିମ୍‌କୁ ଏଥିପାଇଁ ଶୁଭେଚ୍ଛା ଜଣାଉଛି।' ସେ ଆହୁରି ମଧ୍ୟ କହିଛନ୍ତି- 'ପ୍ରଭାସଙ୍କ ପାଇଁ ୧୦୦୦ କୋଟି ଫିଲ୍ମ ଏକ ରୁଟିନ୍ ହୋଇଗଲାଣି। କାରଣ ପୂର୍ବରୁ ମଧ୍ୟ ସେ ଏଭଳି ସଫଳତା ହାସଲ କରିଛନ୍ତି। ମୋତେ ଏହି ଫିଲ୍ମରେ କାମ କରିବାକୁ ସୁଯୋଗ ମିଳିଥିବାରୁ ନିଜକୁ ଧନ୍ୟ ମନେ କରୁଛି। ମୁଁ ଏହି ଫିଲ୍ମକୁ ଏଯାବତ୍ ଚାରି ଥର ଦେଖିସାରିଛି। ମୋର ଆଶା ଅଛି ମୁଁ ଏହାର ଦ୍ୱିତୀୟ ପାର୍ଟରେ ବି ନଜର ଆସିବି।'

'କଲ୍କି ୨୮୯୮ ଏଡି' ଜୁନ୍ ୨୭ରେ ମୁକ୍ତିଲାଭ କରିଥିଲା। ବହୁତ ଜଲ୍‌ଦି ଏହାର ଦ୍ୱିତୀୟ ପାର୍ଟର ନିର୍ମାଣ ହେବ।



## ଚାଷ ଜମିରେ ଭଗବାନ ବିଠଲଙ୍କ କଳାକୃତି



ଆଜିକାଲି ବିଭିନ୍ନ ଜିନିଷ ଉପଯୋଗରେ ନିଆରା କଳାକୃତି ସବୁ ଦେଖିବାକୁ ମିଳୁଛି। କେତେବେଳେ କିଏ ବ୍ଲେଡ୍ ପାତକୁ ଉପଯୋଗ କରି ଚିତ୍ର ଆଙ୍କୁଛନ୍ତି ତ ଆଉ କେତେବେଳେ ପତ୍ର, ଫୁଲକୁ ବ୍ୟବହାର କରି ସୁନ୍ଦର ଚିତ୍ର ଆଙ୍କୁଛନ୍ତି। ଏହି କ୍ରମରେ ଜଣେ ଚାଷୀ ତାଙ୍କ ଚାଷ ଜମିରେ ଭିନ୍ନ ଏକ କଳାକୃତି କରି ଚର୍ଚ୍ଚାରେ ଅଛନ୍ତି। ମହାରାଷ୍ଟ୍ରରେ ହରିଶୟନ ଏକାଦଶୀ ଦିନ ଭଗବାନ ବିଠଲଙ୍କ ପୂଜାର୍ଚ୍ଚନା କରାଯାଏ। ସବୁବର୍ଷ ପରି ଏଥର ବି ଏହାକୁ ପାଳନ କରାଯାଇଛି। ତେବେ ଏହି ଉତ୍ସବକୁ ଆଉ ଟିକେ ନିଆରା କରିବାକୁ ଯାଇ ପୁଣେର ମୁଲଶି ଗାଁର ଜଣେ ଚାଷୀ ଭିନ୍ନ ଉପାୟ ଆପଣାଇଛନ୍ତି। ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଚାଷ ଜମିରେ ସେ ଭଗବାନ ବିଠଲଙ୍କ କଳାକୃତି କରିଛନ୍ତି। ଧାନ କ୍ଷେତରେ ସେ ୧୨୦ ଫୁଟର ଭଗବାନ ବିଠଲଙ୍କ ବିଶାଳ ପ୍ରତିକୃତି କରିଛନ୍ତି। ଏହାକୁ ଦେଖିବା ପାଇଁ ତାଙ୍କ କ୍ଷେତରେ ଆଖାପାଖ ଗାଁର ଲୋକଙ୍କ ଭିଡ଼ ଜମିଥିଲା। ଚାଷ ଜମିରେ ଏଭଳି ଏକ ସୁନ୍ଦର କଳାକୃତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓକୁ ସେୟାର୍ କରାଯିବା ପରେ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି। କିଏ ଏହାକୁ ସୁନ୍ଦର କହିଥିବା ବେଳେ ଆଉ କେହିକେହି ଏଭଳି କରି ଚାଷୀ ଜଣକ ଫସଲ ନଷ୍ଟ କରିଥିବା କଥା କହିଛନ୍ତି।

## ଆଜି ବାହୁଡ଼ିଥିଲେ

### ମା' ରମାଦେବୀ



ଦେଶର ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ଉତ୍ସର୍ଗ କରିଥିବା ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ରମାଦେବୀ ହେଉଛନ୍ତି ଅନ୍ୟତମ। ମାତୃତ୍ୱ, ସେବା, ସମର୍ପଣ ଆଦି ଶାବ୍ଦିକ ପରିଭାଷା ତାଙ୍କର ବ୍ୟକ୍ତିତ୍ୱ ଭିତରେ ସତେଯେପରି ସଂପୁଟ ହୋଇଥିବା ମନେହୁଏ। ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ, ଭୂଦାନ ପଦଯାତ୍ରା ଭଳି ଐତିହାସିକ ଘଟଣା ସହିତ ତାଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତିନେଇ ତାଙ୍କୁ ବହୁବାର ଜେଲ୍ ଦଣ୍ଡ ଭୋଗିବାକୁ ପଡିଥିଲା। ଖାଲି ପାଦରେ ଗାଁ ଗାଁ ବୁଲି ସେ ମହିଳାମାନଙ୍କ ମଧ୍ୟରେ ଜାତୀୟତା ପ୍ରୀତି ଜାଗ୍ରତ କରିଥିଲେ। ତାଙ୍କର ବ୍ୟକ୍ତିତ୍ୱ ଓ ଓଜସ୍ୱିନୀ ଭାଷଣରେ ମନ୍ତ୍ରମୁଗ୍ଧ ହୋଇ ହଜାର ହଜାର ନାରୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ତାଙ୍କୁ ଓଡ଼ିଶାର ପ୍ରତ୍ୟେକଟି ମଣିଷ ମା' ରମାଦେବୀ ହିସାବରେ ଜାଣନ୍ତି। ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ନିକଟସ୍ଥ ସତ୍ୟଭାମାପୁର ଗ୍ରାମରେ ବସନ୍ତ କୁମାରୀ ଦେବୀ ଏବଂ ଗୋପାଳ ବଲ୍ଲଭ ଦାସଙ୍କ ଔରସରୁ ରମାଦେବୀ ଜନ୍ମଗ୍ରହଣ କରିଥିଲେ। ପିତାମାତା ଶ୍ରଦ୍ଧାରେ ତାଙ୍କୁ "ବେଲ" ବୋଲି ସମ୍ବୋଧନ କରୁଥିଲେ। ପିତା ଗୋପାଳ ବଲ୍ଲଭ ଦାସ କଲେକ୍ଟର ଥିଲେ। ରମାଦେବୀ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରୀ। ସେତେବେଳେ କୌଣସି ବିଦ୍ୟାଳୟ ନ ଯାଇ ରମାଦେବୀ ଓଡ଼ିଆ, ସଂସ୍କୃତ, ହିନ୍ଦୀ, ବଙ୍ଗଳା ଭାଷାକୁ ଆୟତ୍ତ କରିଥିଲେ।

୧୯୧୪ ମସିହା ଏପ୍ରିଲ ମାସରେ ସ୍ୱାଧୀନତା ସଂଗ୍ରାମୀ ତଥା ସେତେବେଳର ଡେପୁଟି କଲେକ୍ଟର ଗୋପବନ୍ଧୁ ଚୌଧୁରୀଙ୍କୁ ସେ ବିବାହ କରିଥିଲେ। ପରେ ଗୋପବନ୍ଧୁ ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ପରେ ପରେ ତାଙ୍କ ଅନୁଜ ନବକୃଷ୍ଣ ଚୌଧୁରୀ, ଭ୍ରାତୃବଧୂ ମାଳତୀ ଚୌଧୁରୀ, ପୁତ୍ର ମନମୋହନ ଚୌଧୁରୀ, କନ୍ୟା ଅନ୍ନପୂର୍ଣ୍ଣା ଦେଶସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ନେଇଥିଲେ। ୧୯୨୧ ମାର୍ଚ୍ଚ ମାସରେ କଟକର କାଠଯୋଡ଼ି ପଠା ଓ ବିନୋଦ ବିହାରୀ ପରିସରରେ ମହାତ୍ମା ଗାନ୍ଧୀ ଦୁଇଗୋଟି ସାଧାରଣ ସଭାରେ ଯୋଗଦେଇ ହରିଜନ, ଦଳିତମାନଙ୍କର ସୁରକ୍ଷା ଓ ସ୍ୱଦେଶୀ ଆନ୍ଦୋଳନର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଗାନ୍ଧିଜୀ ନିଜ ଭାଷଣରେ ମହିଳାମାନଙ୍କୁ ଗହଣା ନ ପିନ୍ଧି ଦେଶସେବା ପାଇଁ ତାହାକୁ ଦାନ କରନ୍ତୁ ବୋଲି ବୁଝାଇଥିଲେ। ଉକ୍ତ ସଭାରେ ଉପସ୍ଥିତ ଥିବା ରମାଦେବୀ ଗାନ୍ଧିଜୀଙ୍କ ଭାଷଣରେ ପ୍ରଭାବିତ ହୋଇ ନିଜର ବହୁମୂଲ୍ୟ ୨୦୦ ଭରି ସ୍ୱର୍ଣ୍ଣ ଅଳଙ୍କାର ଓ ଅନେକ ମୂଲ୍ୟବାନ ଦ୍ରବ୍ୟ ସ୍ୱରାଜ ପାଣ୍ଠିକୁ ଦାନ କରିଥିଲେ। ସେ କସ୍ତା ଶାଢ଼ି ପିନ୍ଧିବା ଆରମ୍ଭ କରିବା ସହିତ ଓ ଖଦି ବସ୍ତ୍ର ଆଜୀବନ ପିନ୍ଧିବା ପାଇଁ ସଂକଳ୍ପ ନେଲେ। ସେ ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଆଦି ସଂଗ୍ରାମରେ ଯୋଗଦେଇ ବହୁବାର କାରାବରଣ କରିଥିଲେ। ବରୀରେ ସେବାଘର ଓ ସତ୍ୟଭାମାପୁରରେ କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟର ଓଡିଶା ଶାଖା ତାଙ୍କର ହାତଗଢ଼ା ଅନୁଷ୍ଠାନ । ଭୂଦାନ ଆନ୍ଦୋଳନ ଓ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ସେ ଥିଲେ ଅଗ୍ରଗଣ୍ୟା ନେତ୍ରୀ । ୧୯୮୫ ମସିହା ଆଜିର ଦିନରେ ଏହି ମହୀୟସୀ ମହିଳାଙ୍କର ତିରୋଧାନ ଘଟିଥିଲା। ଦେଶ ତଥା ଜାତି ପାଇଁ ତାଙ୍କର ଉତ୍ସର୍ଗୀକୃତ ସେବା ନିମନ୍ତେ ତାଙ୍କୁ ଯମୁନାଲାଲ୍ ବଜାଜ ପୁରସ୍କାର ପ୍ରଦାନ କରାଯାଇଥିଲା। ମା' ରମାଦେବୀ ଥିଲେ ମହାମାନବୀ। ସେ ଓଡ଼ିଆ ଜାତିର ଗର୍ବ ଓ ଅଭିମାନ। ସେବା ଓ ସାମାଜିକ ବିପ୍ଳବ କ୍ଷେତ୍ରରେ ସେ ଯେଉଁ କ୍ରାନ୍ତି ଆଣିଛନ୍ତି ତାହା ଅବିସ୍ମରଣୀୟ।

## କେଉଁ ସମୟରେ ଦେଖାଯାଉଥିବା ସ୍ୱପ୍ନ ସତ ହୁଏ!

ସ୍ୱପ୍ନ ଶାସ୍ତ୍ର ଅନୁଯାୟୀ, ବ୍ୟକ୍ତିର ଜୀବନ ସହିତ ସ୍ୱପ୍ନର ଗଭୀର ସମ୍ପର୍କ ରହିଥାଏ। ପ୍ରାୟତଃ ବ୍ୟକ୍ତି କୌଣସି ଭାବନାରେ ବ୍ୟସ୍ତ ରହିବା ଦ୍ୱାରା ସେହି ବିଷୟରେ ସ୍ୱପ୍ନ ଦେଖିଥାନ୍ତି। ସେହିଭଳି ସ୍ୱପ୍ନ ଆମ ଭବିଷ୍ୟତ ସମ୍ପର୍କରେ ଶୁଭ ଅଶୁଭ ସଙ୍କେତ ଦେଇଥାଏ ବୋଲି ସ୍ୱପ୍ନ ଶାସ୍ତ୍ର କହିଥାଏ। ତେବେ କେଉଁ ସମୟରେ ଦେଖୁଥିବା ସ୍ୱପ୍ନ ସତ ହୋଇଥାଏ ବୋଲି କୁହାଯାଏ, ଆସନ୍ତୁ ଜାଣିବା ସେ ବିଷୟରେ।

- ସମୟ ଆଧାରରେ କୌଣସି ସ୍ୱପ୍ନ ସତ ହେବ କି ନାହିଁ ତାହା କୁହାଯାଏ। ଅନେକ ସମୟରେ କିଛି ସ୍ୱପ୍ନ ସତ ହେଉଥିବାବେଳେ ଆଉ କିଛି ହୋଇ ନଥାଏ। ସ୍ୱପ୍ନ ଶାସ୍ତ୍ର ଅନୁସାରେ, ରାତି ୧୦ଟାରୁ ୧୨ଟା ମଧ୍ୟରେ ଦେଖାଯାଉଥିବା ସ୍ୱପ୍ନ ସତ ହୋଇ ନ ଥାଏ। ଆମେ ଦୈନନ୍ଦିନ ଯେଉଁ କାର୍ଯ୍ୟଗୁଡ଼ିକୁ କରିଥାଉ ସେସମ୍ପର୍କୀୟ ସ୍ୱପ୍ନ ଦେଖୁ ନଚେତ୍ ଆମେ ଯେଉଁ ଭାବନାରେ ବୁଡ଼ି ରହୁ ତାକୁ ସ୍ୱପ୍ନରେ ଦେଖିଥାଉ। ଏହି କ୍ରମରେ ଦ୍ୱିପହରରେ ଦେଖାଯାଉଥିବା ସ୍ୱପ୍ନ ଅଚେତନ ମସ୍ତିଷ୍କର କଳ୍ପନା ଉପରେ ଆଧାରିତ ହୋଇଥାଏ। ତେଣୁ ଏହି ସମୟରେ ଦେଖାଯାଉଥିବା ସ୍ୱପ୍ନ ସତ ହେବା ଆଶଙ୍କା କମ୍।



- ସେହିଭଳି ଯେଉଁ ସ୍ୱପ୍ନଗୁଡ଼ିକ ଆମେ ରାତି ୧୨ଟାରୁ ଭୋର ୩ଟା ମଧ୍ୟରେ ଦେଖିଥାଉ ସେଗୁଡ଼ିକ ସତ ହେବା ସମ୍ଭାବନା ଅଧିକ ଥାଏ। କୁହାଯାଏ ଏହି ସ୍ୱପ୍ନଗୁଡ଼ିକ ବର୍ଷେ ମଧ୍ୟରେ ସତ ହୋଇଥାଏ।
- ହିନ୍ଦୁ ଧର୍ମରେ ବ୍ରାହ୍ମ ମୁହୂର୍ତ୍ତକୁ ଅତ୍ୟନ୍ତ ପବିତ୍ର କୁହାଯାଏ। ତେଣୁ ଭୋର ୩ଟାରୁ ୫ଟା ମଧ୍ୟରେ ଦେଖାଯାଉଥିବା ସ୍ୱପ୍ନ ସତ ହୁଏ ବୋଲି କୁହାଯାଏ। ଏହି ସ୍ୱପ୍ନ ଗୁଡ଼ିକ ମାସେରୁ ୬ ମାସ ମଧ୍ୟରେ ସତ ହୋଇଥାଏ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

# ୨୫ରୁ ପୁଣି ଗୋଟିଏ ଲଘୁଚାପ!

**ଭୁବନେଶ୍ୱର, ୨୧।୭ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଧୀରେଧୀରେ ଦୁର୍ବଳ ହେଉଥିବା ବେଳେ ଏବେ ଏହା ସଦୃଶ ଲଘୁଚାପ ଅବସ୍ଥାରେ ରହିଛି। ଏହି ଲଘୁଚାପଟି ଓଡ଼ିଶାଠାରୁ ଦୂରକୁ ଯାଉଥିବାରୁ ଉପକୂଳରେ ବର୍ଷା କମିବାରେ ଲାଗିଛି। ଅନ୍ୟପଟେ ଦକ୍ଷିଣ ଓଡ଼ିଶାରେ ଏହି ଲଘୁଚାପର ପ୍ରଭାବ ଅଧିକ ରହିବାକୁ ହେତୁ ସେଠାରେ ବର୍ଷାର ପ୍ରକୋପ ଅଧିକ ରହିଛି। ଅନ୍ୟପଟେ ଗୋଟିଏ ଲଘୁଚାପ ଯାଉଯାଉ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଆକଳନ କରାଯାଉଛି ଯେ ଆସନ୍ତା ୨୫ତାରିଖ ବେଳକୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏହି ଲଘୁଚାପ ଯୋଗୁଁ ଉତ୍ତର ଓଡ଼ିଶା ଓ ଏହାର ସଂଲଗ୍ନ ଜିଲ୍ଲାଗୁଡ଼ିକରେ ବର୍ଷାର ପ୍ରକୋପ ଅଧିକ ହୋଇପାରେ। ଏଥିପାଇଁ ୨୫ ତାରିଖରୁ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ପ୍ରବଳ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି। ସୋମବାର ମଧ୍ୟ ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରକୋପ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। କେନ୍ଦ୍ର କହିଛି ଯେ ସୋମବାର କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଆଦିରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ସେମି ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଅନ୍ୟପଟେ ଗତ ୨୪ ଘଣ୍ଟାରେ ମାଲକାନଗିରିରେ ୮୨ ମିମି ବର୍ଷା ହୋଇଥିବା ବେଳେ ନୂଆପଡ଼ାରେ ୨୫ ମିମି ବର୍ଷା ରେକର୍ଡ କରାଯାଇଛି।




ଶ୍ରାବଣ ପ୍ରଥମ ସୋମବାରରେ ଜଳଲାଗି ପାଇଁ କାଉଡ଼ିଆମାନେ ଗଡ଼ଗଡ଼ିଆ ଘାଟରୁ ପାଣି ନେଉଛନ୍ତି

# ପଞ୍ଚଭୂତରେ ବିଲୀନ ପଦ୍ମଶ୍ରୀ କମଳା



## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପାତ୍ରପୁଟ ଗ୍ରାମରେ ଅନ୍ତ୍ୟେଷ୍ଟିକ୍ରିୟା

**ଜୟପୁର, ୨୧।୭ (ସମିସ):** ଧାନ ବିହନରାଣୀ ପଦ୍ମଶ୍ରୀ କମଳା ପୂଜାରୀଙ୍କ ପାର୍ଥିବ ଶରୀର ଆଜି ପଞ୍ଚଭୂତରେ ଲୀନ ହୋଇଛି। କୋରାପୁଟ ଜିଲ୍ଲା ଜୟପୁର ବ୍ଲକ୍ ପାତ୍ରପୁଟ ଗାଁ ମଶାଣିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସଂପନ୍ନ ହୋଇଛି। ଆଜି ସକାଳ ପ୍ରାୟ ୮ଟାରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଜୟପୁର ଜିଲ୍ଲା ଚିକିତ୍ସାଳୟରୁ ସ୍ୱର୍ଗତା ପୂଜାରୀଙ୍କ ପାର୍ଥିବ ଶରୀର ଏକ ଶବବାହକ ଗାଡ଼ିରେ ତାଙ୍କ ଗ୍ରାମ ପାତ୍ରପୁଟକୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। "କମଳା ମା' ଅମର ରହେ" ସ୍ଲୋଗାନ୍‌ରେ ପୂରା ଗଗନପବନ ପ୍ରକମ୍ପିତ ହୋଇଉଠିଥିଲା। ପରେ ଗାଁ ମଶାଣିରେ ପୁଲିସ୍ ପକ୍ଷରୁ ତୋପ ସଲାମୀ ଦିଆଯିବା ପରେ ଶୋକାକୁଳ ପରିବେଶରେ କମଳାଙ୍କ ଦାହ ସଂସ୍କାର କରାଯାଇଥିଲା। ସାନପୁଅ ଟଙ୍କଧର ପୂଜାରୀ ମୁଖାଗ୍ନି ଦେଇଥିଲେ। ବଡ଼ପୁଅ ଧନୁର୍ଜୟ ପୂଜାରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଏସ୍‌ପି ଅଭିନବ ସୋନକାର, ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଏସ୍‌ଡିପିଓ ଅଙ୍କିତ କୁମାର ବର୍ମା, ତହସିଲଦାର ଡ. ମୋନାଲିସା ଆଚାର୍ଯ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ କୁମାର ଦାଶ, ବିଡିଓ ଶକ୍ତିପ୍ରସାଦ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଜୟପୁର ପୌରପରିଷଦ ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, କୋରାପୁଟ ପୌରପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଡା. ମୁକ୍ତିକାନ୍ତ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ଯୋଗ୍ୟ, ପଦ୍ମଶ୍ରୀ କମଳା ପୂଜାରୀ କିଡ୍‌ନୀ ଜନିତ ସମସ୍ୟାରେ ଆକ୍ରାନ୍ତ ହୋଇ କଟକ ଏସ୍‌ସିବିରେ ଚିକିତ୍ସିତ ହେଉଥିଲେ। ଶନିବାର ଭୋର୍ ପ୍ରାୟ ୫ଟା ୪୫ରେ ତାଙ୍କର ପରଲୋକ ହୋଇଯାଇଥିଲା।

# ଉଷା ପାଢ଼ୀଙ୍କ ନାଁରେ ସାଇବର୍ ଠକେଇ ଉଦ୍ୟମ

**ଭୁବନେଶ୍ୱର, ୨୧।୭ (ସମିସ):** ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ନାଁ ନେଇ କେହି ଠକେଇ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଖୋଦ୍ ଶ୍ରୀମତୀ ପାଢ଼ୀ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲରରେ ଏକ ପୋଷ୍ଟ କରିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ କେହି ଜଣେ ଦୁର୍ବୃତ୍ତ ଏକ ହ୍ୱାଟ୍ସଆପ୍ ନମ୍ବରରେ ତାଙ୍କ ଫଟୋ ଲଗାଇ ତାଙ୍କର କିଛି ଜଣାଶୁଣା ଲୋକଙ୍କୁ ଟଙ୍କା ମାଗୁଛି। ଏହି ଘଟଣା ତାଙ୍କ ନଜରକୁ ଆସିବା ପରେ ସେ ପୁଲିସ୍ ନିକଟରେ ଅଭିଯୋଗ କରିବା ସହ ସାଧାରଣ ଲୋକଙ୍କୁ ସତର୍କ ରହିବାକୁ ଓ ଏଭଳି ସାଇବର ଠକଙ୍କ ଜାଲରେ ନ ଫସିବାକୁ ସେ ଅନୁରୋଧ କରିଛନ୍ତି। ଶ୍ରୀମତୀ ପାଢ଼ୀ 'ଏକ୍ସ'ରେ ଏକ ହ୍ୱାଟ୍ସଆପ୍ ଚାଟ୍‌ର ସ୍କ୍ରିନ୍-ସଟ୍ ମଧ୍ୟ ସେୟାର୍ କରିଛନ୍ତି। ସେଥିରେ ଦେଖିବାକୁ ମିଳିଛି ଯେ କେହି ଦୁର୍ବୃତ୍ତ ତାଙ୍କ ନାଁ ନେଇ ଜଣଙ୍କୁ ୫୦ ହଜାର ଟଙ୍କା ମାଗିଛି ଓ ପରେ ଫେରାଇଦେବ ବୋଲି କହିଛି। ଏଥିପାଇଁ ସେ ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ୍ୟ ପଠାଇଛି।

# ଭଙ୍ଗ ହେଲା ରାଜ୍ୟ କଂଗ୍ରେସ କମିଟି

- ସବୁ କମିଟିକୁ ଭଙ୍ଗ କଲା ଏଆଇସିସି
- କାମ ଚଳାଇବେ ଜିଲ୍ଲା ସଭାପତି
- ନୂଆ ପିସିସି ସଭାପତି ପଦକୁ ନେଇ ବଢ଼ିଲା ଚର୍ଚ୍ଚା

**ଭୁବନେଶ୍ୱର, ୨୧।୭ (ସମିସ):** ଓଡ଼ିଶା ପ୍ରଦେଶ କମିଟି (ଓପିସିସି)କୁ ଭଙ୍ଗ କରିଛି ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି)। ଜିଲ୍ଲା କଂଗ୍ରେସ ସମେତ ଓପିସିସି ସମ୍ପୂର୍ଣ୍ଣ ଭଙ୍ଗ ହୋଇଛି। ପିସିସି ସଭାପତି, କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହୀ କମିଟି, ଜିଲ୍ଲା/ବ୍ଲକ/ମଣ୍ଡଳ କଂଗ୍ରେସ କମିଟି, ସଂଗଠନ, ବିଭାଗ ଓ ସେଲ୍ ସମେତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପୂର୍ଣ୍ଣ ଭଙ୍ଗ ପ୍ରସ୍ତାବକୁ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଅନୁମୋଦନ କରିଛନ୍ତି। ଏନେଇ ରବିବାର ଏଆଇସିସି ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ଏଆଇସିସିର ଏହି ନିର୍ଦ୍ଦେଶନାମା ପରେ ପିସିସି ସଭାପତିଙ୍କ ସମେତ ସମସ୍ତ ପଦାଧିକାରୀ ପଦବୀରୁ ହଟିଛନ୍ତି। ତେବେ ନୂଆ କମିଟି ଗଠନ ହେବା ଯାଏ ବର୍ତ୍ତମାନର ଜିଲ୍ଲା ସଭାପତିମାନେ କାମ ଚଳା ସଭାପତି ଭାବେ ଦାୟିତ୍ୱରେ ରହିବେ ବୋଲି ଏଆଇସିସି ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ ଆଶାନୁରୂପ ପ୍ରଦର୍ଶନ କରି ନ ପାରିବା ଯୋଗୁଁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପରିବର୍ତ୍ତନ ଦାବି ଜୋର୍ ଧରିଥିଲା। ଏମିତିକି ନିର୍ବାଚନ ପରେ ପିସିସି ସଭାପତି ନିଜ ପଦରୁ ଇସ୍ତଫା ଦେଇଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇ ଆସୁଥିଲା। ତେବେ ଏଆଇସିସିର ଏହି ନିଷ୍ପତ୍ତି ପରେ ଏହି ଚର୍ଚ୍ଚାରେ ପରିସମାପ୍ତି ଘଟିଛି।

କେନ୍ଦ୍ରରେ କଂଗ୍ରେସ ପ୍ରମୁଖ ବିରୋଧୀ ଦଳରେ ବସିଥିବା ବେଳେ ଓଡ଼ିଶାରେ ଦଳ ୩ନଂ ସ୍ଥାନରେ ରହିଛି। ଗତ ନିର୍ବାଚନରେ ଦଳର ମାତ୍ର ୧୪ଜଣ ବିଧାୟକ ଓ ଜଣେ ସାଂସଦ ବିଜୟୀ ହୋଇଛନ୍ତି। ରାଜ୍ୟର ଗତ ୨ଟି ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନରେ ଦଳର ଭୋଟ୍ ପ୍ରତିଶତ ହ୍ରାସ ହେବାରେ ଲାଗିଛି। ତେଣୁ କଂଗ୍ରେସ ନେତାଙ୍କୁ ସ୍ପଷ୍ଟ ବାର୍ତ୍ତା ଦେବା ପାଇଁ କଂଗ୍ରେସର ଜାତୀୟ ନେତୃତ୍ୱଙ୍କ ଏହା ଏକ ବଡ଼ ପଦକ୍ଷେପ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପଟେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିଥିବା ପିସିସି ସଭାପତି ଶ୍ରୀ ପଟ୍ଟନାୟକ ମାତ୍ର ୧୫,୫୦୧ଖଣ୍ଡ ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ୬୧,୮୨୨ଖଣ୍ଡ ଭୋଟ ପାଇ ଏଠାରୁ ବିଜୟୀ ହୋଇଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀ ଓ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ନିର୍ବାଚନରେ ଏଭଳି ନିରାଶାଜନକ ପ୍ରଦର୍ଶନ ପାଇଁ ଶ୍ରୀ ପଟ୍ଟନାୟକ ନିଜେ ଅମାନତ ହରାଇଥିଲେ। ଏହି କାରଣରୁ କଂଗ୍ରେସ ହାଇକମାଣ୍ଡ ତାଙ୍କୁ ଓପିସିସି ସଭାପତି ପଦରୁ ହଟାଇ ଦେଇଥାଇପାରନ୍ତି ବୋଲି ଆକଳନ କରାଯାଉଛି।

ଅନ୍ୟପଟେ ଓଡ଼ିଶା ପ୍ରଦେଶ କମିଟି ଭାଙ୍ଗିବା ପରେ ନୂଆ ପିସିସି ସଭାପତି କିଏ ହେବେ, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଶରତ ଏହି ପଦବୀରେ ଥିବା ସମୟରେ ହିଁ ବହୁ ନାଁ ଚର୍ଚ୍ଚାର ପରିସରକୁ ଆସିଥିଲା। ବରିଷ୍ଠ କଂଗ୍ରେସ ନେତା ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ବିଧାନସଭା ପାଇଁ ଦଳର କୌଣସି ପଦରେ ନିଯୁକ୍ତ ନ ମିଳିବା ପରେ ପିସିସି ସଭାପତି ଭାବେ ତାଙ୍କୁ ନିଯୁକ୍ତି ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ନେତା ଭକ୍ତ ଚରଣ ଦାସ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସମେତ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। କାହା ନାଁରେ ଦଳ ମୋହର ମାରିବ, ତା' ଉପରେ ସମସ୍ତଙ୍କର ନଜର ରହିଛି। ଅନ୍ୟପଟେ ସପ୍ତଗିରି ଉଲାକା ମଧ୍ୟ ପିସିସି ସଭାପତି ଭାବେ ନିଜକୁ ଦାବିଦାର୍ କରୁଥିବା ଜଣାପଡ଼ିଛି।

## ରାମଚନ୍ଦ୍ର କାଡ଼ାମ କଂଗ୍ରେସ ବିଧାୟକ ଦଳ ନେତା

**ଭୁବନେଶ୍ୱର,୨୧।୭(ସମିସ):** ସୋମବାରଠାରୁ ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ଶେଷ ମୁହୂର୍ତ୍ତରେ ଏଆଇସିସି ପକ୍ଷରୁ କଂଗ୍ରେସ ବିଧାୟକ ଦଳ ନେତା, ଉପନେତା ଏବଂ ମୁଖ୍ୟ ସଚେତକ ଘୋଷଣା କରାଯାଇଛି। କୋରାପୁଟ ଜିଲ୍ଲାର ବରିଷ୍ଠ ଆଦିବାସୀ ନେତା ରାମଚନ୍ଦ୍ର କାଡ଼ାମଙ୍କୁ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ବିଧାୟକ ଦଳ ନେତା ଭାବେ ଚୟନ କରାଯାଇଛି। ଏନେଇ ରବିବାର ଦଳ ପକ୍ଷରୁ ଏକ ପ୍ରେସବାର୍ତ୍ତା ମାଧ୍ୟମରେ ସୂଚନା ଦିଆଯାଇଛି।







କଂଗ୍ରେସ ବିଧାୟକ ଦଳ ନେତା ଦୌଡ଼ରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଆଗରେ ରହିଥିଲେ। ହେଲେ ସବୁ ଚର୍ଚ୍ଚାର ପୂର୍ଣ୍ଣଚ୍ଛେଦ ପକାଇ ଦଳ ଶ୍ରୀ କାଡ଼ାମଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛି। ବିଧାୟକ ଦଳ ନେତାଙ୍କ ସମେତ ଦଳର ଉପନେତା ଓ ମୁଖ୍ୟ ସଚେତକଙ୍କ ନାଁ ମଧ୍ୟ ଏଆଇସିସି ଘୋଷଣା କରିଛି। ବାସୁଦେବପୁରରୁ କଂଗ୍ରେସ ଟିକଟରେ ନିର୍ବାଚନ ଜିତି ପ୍ରଥମ ଥର ପାଇଁ ବିଧାୟକ ହୋଇଥିବା ଅଶୋକ ଦାସଙ୍କୁ ଦଳ ପକ୍ଷରୁ କଂଗ୍ରେସ ବିଧାୟକ ଦଳର ଉପନେତା ଭାବେ ଚୟନ କରାଯାଇଥିବା ବେଳେ ଡାକ୍ତର ସିଏସ୍ ରାଜନ ଏକ୍କାଙ୍କୁ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

ଏଆଇସିସିର ଏହି ନିଷ୍ପତ୍ତି ପରେ ଦଳରେ ଲାଗିରହିଥିବା ନେତୃତ୍ୱ ସଙ୍କଟ ଏବେ ଏକପ୍ରକାର ଦୂର ହୋଇପାରେ ବୋଲି କୁହାଯାଉଛି। ୨୦୨୪ ନିର୍ବାଚନରେ ବିଧାନସଭାକୁ କଂଗ୍ରେସରୁ ୧୪ ବିଧାୟକ ନିର୍ବାଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଅଭିଜ୍ଞତା ଦୃଷ୍ଟିରୁ ସବୁଠୁ ଆଗରେ ରହିଛନ୍ତି। ସେ ୫ ଥରର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ତାରାଙ୍କ ସମେତ ଆଦିବାସୀ ଚେହେରା ଭାବେ ରାମଚନ୍ଦ୍ର କାଡ଼ାମଙ୍କ ନାଁ ମଧ୍ୟ ଉପନେତା ପଦ ପାଇଁ ଏଆଇସିସିକୁ ସୁପାରିସ କରାଯାଇଥିଲା। ହେଲେ ସପ୍ତଗିରି ଉଲ୍ଲାକାଙ୍କ ନେତୃତ୍ୱରେ ଏକ ଗୋଷ୍ଠୀ ଏଆଇସିସି ସଭାପତିଙ୍କୁ ଭେଟିବା ସହ ରାମଚନ୍ଦ୍ରଙ୍କ ସପକ୍ଷରେ ଲବି କରିଥିଲେ। ଆଦିବାସୀ କାର୍ଡ ଖେଳି ଦଳ ରାମଚନ୍ଦ୍ରଙ୍କ ନାଁ ଉପରେ ମୋହର ମାରିଛି। କୋରାପୁଟ ଜିଲ୍ଲା ପଟ୍ଟାଙ୍ଗୀ ଆସନରୁ ରାମଚନ୍ଦ୍ର ବିଜୟୀ ହୋଇଛନ୍ତି। ଶ୍ରୀ କାଡ଼ାମ୍ ୩ ଥର ବିଧାୟକ ଭାବେ ଅଭିଜ୍ଞତା ରଖିଛନ୍ତି।

### ଅଶୋକ ଦାସ ଉପନେତା, ଡାକ୍ତର ସିଏସ୍ ରାଜନ ଏକ୍କା ମୁଖ୍ୟ ସଚେତକ

ଅନ୍ୟପଟେ ଉପନେତା ଭାବେ ଚୟନ ହୋଇଥିବା ଅଶୋକ ଦାସ ଯଦିଓ ବିଧାନସଭାରେ ନବାଗତ, ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଅଭେଦ୍ୟ ଗଡ଼ ବାସୁଦେବପୁରରେ କଂଗ୍ରେସକୁ ପୁଣିଥରେ ଜିତାଇବାରେ ଅଶୋକ ସଫଳ ହୋଇଥିବାରୁ ତାଙ୍କୁ ବିଧାନସଭାରେ ଏକ ପ୍ରମୁଖ ଦାୟିତ୍ୱ ମିଳିଥିବା କୁହାଯାଉଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବିଧାୟକ ଡାକ୍ତର ସିଏସ୍ ରାଜନ ଏକ୍କାଙ୍କୁ ବିଧାନସଭାରେ ଦଳର ମୁଖ୍ୟ ସଚେତକ ଭାବେ ଘୋଷଣା କରିଛି ଏଆଇସିସି। ଡାକ୍ତର ରାଜନ ଏକ୍କା ୨୦୧୯ ପରେ ଦ୍ୱିତୀୟ ଥର ପାଇଁ ରାଜଗାଙ୍ଗପୁରରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି।

# ସର୍ବଦଳୀୟ ବୈଠକରେ କେନ୍ଦ୍ରକୁ ଜବାବ ମାଗିଲା ବିଜେଡି

**ଭୁବନେଶ୍ୱର, ୨୧।୭ (ସମିସ):** ନୂଆଦିଲ୍ଲୀରେ ରବିବାର ଅନୁଷ୍ଠିତ ସଂସଦର ସର୍ବଦଳୀୟ ବୈଠକରେ ରାଜ୍ୟର ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରିଛି ବିଜୁ ଜନତା ଦଳ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ କରିବା, କୋଇଲା ରୟାଲ୍ଟି ବୃଦ୍ଧି, ଗ୍ରାମ୍ୟ ବାସଗୃହ ନିର୍ମାଣ, ଆଦିବାସୀ ବିକାଶ, ଉପକୂଳ ରାଜପଥ, ରେଳବାଇ, ଜାତୀୟ ରାଜପଥ, ମୋବାଇଲ୍ ନେଟୱର୍କ, ବ୍ୟାଙ୍କ ସେବା ବୃଦ୍ଧି କରିବା ଉପରେ ଭାରତ ସରକାର ଦୃଷ୍ଟି ଦିଅନ୍ତୁ ବୋଲି ବିଜେଡି ଦାବି କରିଛି। ଏଥିସହ ଜଣେ କର୍ତ୍ତବ୍ୟରତ ଏଏସଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣାରେ ମଧ୍ୟ ବିଜେଡି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି।

- ଉଠିଲା ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା
- ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ଆଦିବାସୀଙ୍କୁ ମାନ୍ୟତା, କୋଇଲା ରୟାଲ୍ଟି ସଂଶୋଧନ ପ୍ରସଙ୍ଗରେ ଶାଣିତ ହେଲା ସ୍ୱର

କେନ୍ଦ୍ରରେ ବିରୋଧୀ ଆସନରେ ବସିଥିବା ବିଜେଡି ଏଥର ବିଭିନ୍ନ ପ୍ରସଙ୍ଗରେ ବିଶେଷକରି ଓଡ଼ିଶାକୁ କ୍ରମାଗତ ଅବହେଳା ବିରୋଧରେ ସରକାରଙ୍କୁ ଘେରିବା ପାଇଁ ପ୍ରସ୍ତୁତ ହୋଇଛି। ଏପରିକି ନିକଟରେ ଶେଷ ହୋଇଥିବା ସଂସଦର ସଂକ୍ଷିପ୍ତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଧନ୍ୟବାଦ ପ୍ରସ୍ତାବ ଅବସରରେ ବିଜେଡି ସାଂସଦମାନେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ବିଜେଡି ସଂସଦୀୟ ଦଳ ବୈଠକରେ ଓଡ଼ିଶା ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଶାଣିତ ସ୍ୱରରେ କେନ୍ଦ୍ର ସରକାରଙ୍କୁ ଜବାବ୍ ତଲବ କରିବା ପାଇଁ ବିଜେଡି ସଭାପତି ତଥା ସଂସଦୀୟ ଦଳ ନେତା ନବୀନ



ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି। ଏପରିସ୍ଥଳେ ଆଜି ସର୍ବଦଳୀୟ ବୈଠକରୁ ବିଜେଡି କେନ୍ଦ୍ର ସକାରଙ୍କ ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ କରିଛି।

ବୈଠକ ପରେ ରାଜ୍ୟସଭା ସାଂସଦ ଡଃ ସସ୍ମିତ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ଆଜି ସର୍ବଦଳୀୟ ବୈଠକରେ ବହୁ ଜରୁରୀ ପ୍ରସଙ୍ଗ ସମ୍ପର୍କରେ ଆମେ ଦାବି ଉପସ୍ଥାପନ କରିଛୁ। ଗତ ଦୁଇ ଦଶନ୍ଧି ହେଲା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ପାଇଁ ବିଜେଡି କ୍ରମାଗତ ଭାବେ ଦାବି କରି ଆସୁଛି। ଆଜି ସର୍ବଦଳୀୟ ବୈଠକରେ ମଧ୍ୟ ପୁଣିଥରେ ଏହି ଦାବି ଉଠାଇଛୁ। ସେହିପରି ଗତ ୧୦ ବର୍ଷ ହେଲା ଓଡ଼ିଶାରୁ ଉତ୍ତୋଳିତ କୋଇଲାର ରୟାଲ୍ଟି ସଂଶୋଧନ ପାଇଁ ବିଜେଡି ଦାବି କରିଆସୁଛି। ତେଣୁ ଆଜି ଏହି ପ୍ରସଙ୍ଗ ମଧ୍ୟ ଉଠିଥିଲା। ଏଥିସହ ୧୬୨ରୁ ଅଧିକ ଆଦିବାସୀ ସମ୍ପ୍ରଦାୟକୁ କେନ୍ଦ୍ର ସରକାର ଜନଜାତିର ମାନ୍ୟତା ପ୍ରଦାନ କରିବାରେ ଅବହେଳା କରୁଥିବାରୁ ସେମାନେ ଏବେବି ଅନେକ ସୁବିଧାସୁଯୋଗରୁ ବଞ୍ଚିତ ହେଉଛନ୍ତି। ତେଣୁ ଆଜି ବୈଠକରେ ଏହି ଦାବି ଯଥାଶୀଘ୍ର ପୂରଣ କରିବା ଜରୁରୀ ବୋଲି କୁହାଯାଇଥିଲା। ଓଡ଼ିଶାରେ ଉପକୂଳ ରାଜପଥ ନିର୍ମାଣରେ ବିଳମ୍ବ ହେଉଥିବା ବେଳେ ରେଳବାଇ, ଜାତୀୟ ରାଜପଥ, ବ୍ୟାଙ୍କ ସେବା ଏବଂ ନେଟୱର୍କ ପ୍ରସଙ୍ଗରେ ବିଜେଡି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ଅପରପକ୍ଷେ ସଂଘୀୟ ବ୍ୟବସ୍ଥା ଅନୁସାରେ ରାଜ୍ୟକୁ ହ୍ରାସ ପାଉଥିବା କେନ୍ଦ୍ରୀୟ ଅନୁଦାନ ଜଟିଳ ସମସ୍ୟା ସୃଷ୍ଟି କରୁଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯେପରି ସମନ୍ୱୟ ରକ୍ଷା କରି ବିକାଶ ସୁନିଶ୍ଚିତ କରିବେ ତାହା ଜରୁରୀ ବୋଲି କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରାଯାଇଛି। ଅନ୍ୟପକ୍ଷରେ ଓଡ଼ିଶାର ରାଜ୍ୟପାଳଙ୍କ ପୁଅ ଜଣେ ଏଏସ୍‌ଓଙ୍କୁ ରାଜଭବନ ପରିସରରେ ମାଡ଼ ମାରି ଲହୁଲୁହାଣ କଲେ। ଏତଲା ଦିଆଯିବା ସତ୍ତ୍ୱେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ। ଏହା ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ଦର୍ଶାଉଛି। ଏହି ପ୍ରସଙ୍ଗ ମଧ୍ୟ ଆମେ ବୈଠକରେ ଉତ୍‌ଥାପନ କରିଥିଲୁ ବୋଲି ଡଃ ପାତ୍ର କହିଛନ୍ତି।

## କ୍ରୀଡ଼ା ପୁରସ୍କାରରୁ ବିଜୁଙ୍କ ନାମ ହଟାଇବା ନିଷ୍ପତ୍ତିକୁ ନେଇ ଗର୍ଜିଲା ବିଜେଡି

# ଅସହିଷ୍ଣୁତାର ପରିଚୟ; ଅପରିପକ୍ୱ ନିଷ୍ପତ୍ତି

**ଭୁବନେଶ୍ୱର, ୨୧।୭ (ସମିସ):** ବିଜେପି ସରକାର ବୋଧହୁଏ ଓଡ଼ିଶାର ଇତିହାସ ବଦଳାଇବାକୁ ଚେଷ୍ଟା କରୁଛନ୍ତି। ବିଜୁ ବାବୁଙ୍କ ଖ୍ୟାତିକୁ ହଟାଇବାକୁ ଲାଗିପଡ଼ିଛନ୍ତି। ଏକ ମାସ ପୂରିନଥିବା ମୋହନ ସରକାର କ୍ରୀଡା ପୁରସ୍କାରରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାଁ ଲିଭାଇବାକୁ ନିଷ୍ପତ୍ତି ନେଲେ ତାହା ଅସହିଷ୍ଣୁତାର ପରିଚୟ ଓ ଅପରିପକ୍ୱ ନିଷ୍ପତ୍ତିର ପରିଚୟ। ଏହା ଓଡିଆ ଜାତି ପାଇଁ ଦୁର୍ଭାଗ୍ୟର କଥା ଓ ସାଢ଼େ ଚାରି କୋଟି ଓଡିଆଙ୍କୁ ଏହା ଗଭୀର ଆଘାତ ଦେଇଛି ବୋଲି କହିଛି ବିଜେଡି।



ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ବିଜୁ ବାବୁ ଓଡିଆ ଜାତିର ଅସ୍ମିତାର ପରିଚୟ କି ନୁହେଁ, ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ। ଯେଉଁଭଳି ଭାବେ କ୍ରୀଡା ପୁରସ୍କାରରୁ ବିଜୁଙ୍କ ନାମକୁ କ୍ରୀଡ଼ା ବିଭାଗ ହଟାଇ ଦେଲା, ସେଥିରୁ ଓଡିଆ ଜାତି ପାଇଁ ବିଜୁ ବାବୁଙ୍କ ଅବଦାନକୁ ରାଜ୍ୟ ସରକାର ଠିକ୍ ଭାବେ ବୁଝି ନ ଥିବା ପ୍ରମାଣିତ ହୋଇଛି। ନାଁ ବଦଳାଇବା ପାଇଁ ଗତକାଲି ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଲା, ଆଜି ମୁଖ୍ୟମନ୍ତ୍ରୀ କହୁଛନ୍ତି ସେ ଏ ସମ୍ପର୍କରେ ଜାଣନ୍ତି ନାହିଁ। ଅର୍ଥାତ୍ ସରକାର ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ନାହିଁ। କ୍ରୀଡା ବିଭାଗ ଗୋଟିଏ ବିଜ୍ଞପ୍ତି ଜାରି କରୁଛି; ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଏହାକୁ ଖଣ୍ଡନ କରୁଛନ୍ତି। ତାଙ୍କ ଅଜ୍ଞାତସାରରେ ବିଜ୍ଞପ୍ତି ପ୍ରକାଶ କରିଥିବା କ୍ରୀଡ଼ା ବିଭାଗର ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ମାଗିବେ କି ବୋଲି ପ୍ରଶ୍ନ କରିଛନ୍ତି ଲେଖାଶ୍ରୀ।

ସେ ପୁଣି କହିଛନ୍ତି ଯେ ସମ୍ବିଧାନ ଅନୁସାରେ ସରକାର ହେଉଛି ଏକ 'ସାମୂହିକ ଉତ୍ତରଦାୟିତ୍ୱ'। ତେଣୁ ମୁଖ୍ୟମନ୍ତ୍ରୀ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ଜାଣିନାହାନ୍ତି ବୋଲି କହିବା ଦୁର୍ଭାଗ୍ୟଜନକ। ବିଭିନ୍ନ ମନ୍ତ୍ରୀ ବିଭିନ୍ନ ସମୟରେ ଦାୟିତ୍ୱହୀନ ଟୀକାଟିପ୍ପଣୀ ଦେଉଛନ୍ତି ଓ ପରବର୍ତ୍ତୀ ସମୟରେ ତାହାକୁ ପ୍ରତ୍ୟାହାର କରୁଛନ୍ତି। ରାଜ୍ୟ ଓ ରାଜ୍ୟବାସୀଙ୍କ ହିତ ଅପେକ୍ଷା ପୂର୍ବ ବିଜେଡି ସରକାର ଓ ବିଜେଡି ନେତାଙ୍କ ବିରୋଧରେ ଆକ୍ରୋଶମୂଳକ ରାଜନୀତି କରୁଛନ୍ତି। ତେଣୁ ବିଜେପି ସରକାର ଏପରି ପ୍ରତିଶୋଧମୂଳକ ରାଜନୀତିର କ୍ଷାନ୍ତ ରହିବା ଆବଶ୍ୟକ। ଶାସନ ଗୋଟିଏ ନିରନ୍ତର ପ୍ରକ୍ରିୟା ଏବଂ ପୂର୍ବ ସରକାରଙ୍କର ଲୋକାଭିମୁଖୀ କାର୍ଯ୍ୟ ଗୁଡିକୁ

- ବିଜୁବାବୁ ଓଡିଆ ଅସ୍ମିତାର ପରିଚୟ କି ନୁହେଁ; ସରକାର ସ୍ପଷ୍ଟ କରନ୍ତୁ
- କୋଟି କୋଟି ଓଡ଼ିଆଙ୍କ ଭାବାବେଗକୁ ଆଘାତ
- ଇତିହାସ ବଦଳାଇବା ପ୍ରଚେଷ୍ଟାରୁ କ୍ଷାନ୍ତ ରୁହନ୍ତୁ ସରକାର
- କ୍ରୀଡ଼ାମନ୍ତ୍ରୀଙ୍କଠାରୁ ସ୍ପଷ୍ଟୀକରଣ ମାଗନ୍ତୁ ମୁଖ୍ୟମନ୍ତ୍ରୀ

ସ୍ୱୀକାର କରି ଆଗେଇନେବା ହେଉଛି ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା। କିନ୍ତୁ ବିଜେପି ଯେଉଁଭଳି ଭାବେ ବିଜୁ ଜନତା ଦଳର ୨୪ ବର୍ଷର ସୁଶାସନ ଏବଂ ବିଜୁ ବାବୁଙ୍କ ଦଶନ୍ଧି ଦଶନ୍ଧି ଧରି ଅବଦାନକୁ ଜନମାନସ ଏବଂ ଇତିହାସରୁ ହଟାଇବା ପାଇଁ ଅପଚେଷ୍ଟା କରୁଛି ସେଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଲେଖାଶ୍ରୀ ଚେତାଇ ଦେଇଛନ୍ତି।

ଗୋଟିଏ ପଟେ ବିଜେପିର ଶୀର୍ଷ ନେତୃତ୍ୱ ବିଜୁ ବାବୁଙ୍କୁ ପ୍ରଶଂସା କରିବା ସହ ତାଙ୍କ ଅବଦାନକୁ ସ୍ୱୀକୃତି ଦେଉଛି। ଅନ୍ୟପଟେ ରାଜ୍ୟ ସରକାର ବିଜୁ ବାବୁଙ୍କ ଅବଦାନକୁ ନ୍ୟୂନ ଦେଖାଇବା ପାଇଁ ତାଙ୍କ ନାମକୁ ଜନମାନସରୁ ହଟାଇବା ପାଇଁ ଅପଚେଷ୍ଟା କରୁଛି। ବିଜେପି କ୍ଷମତାକୁ ଆସୁ ଆସୁ ବସ୍ ରଙ୍ଗ ବଦଳାଇବା, ଲୋକପ୍ରିୟ ଯୋଜନା ବନ୍ଦ କରିବା, ନାମ ପରିବର୍ତ୍ତନ କରିବା ପ୍ରକ୍ରିୟା ଆରମ୍ଭ କରିଛି। ଗତକାଲି ମଧ୍ୟ ଶଙ୍ଖ ଭବନ ଜମିକୁ ନେଇ ଖୋଦ୍ ରାଜସ୍ୱ ମନ୍ତ୍ରୀ ଅତ୍ୟନ୍ତ ଅମୂଳକ ଅଭିଯୋଗ ଆଣିଛନ୍ତି। ଏପରି ଅପଚେଷ୍ଟାର ପରିଣାମ ଭୟଙ୍କର ହେବ ବୋଲି ଲେଖାଶ୍ରୀ ସାବଧାନ କରାଇ ଦେଇଛନ୍ତି।

### ସହିଦ ଦିବସ ରାଲିରେ ଟିଏମ୍‌ସିର ଶକ୍ତି ପ୍ରଦର୍ଶନ

# ଏଜେନ୍ସି, ଇସି ବଳରେ ଦିଲ୍ଲୀ ସରକାର: ମମତା



- 'କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଭୁଶୁଡ଼ି ଯିବ' : ଅଖିଳେଶ
- ୪୦୦ ପାର୍ କହିଥିଲେ; ୨୪୦ରେ ଅଟକିଲେ: ଅଭିଷେକ

କୋଲକାତା, ୨୧।୭ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ ରବିବାର କୋଲକାତାର ଏସ୍‌ପ୍ଲାନେଡରେ 'ସହିଦ ଦିବସ ରାଲି' କରିଛନ୍ତି। ଏହି ରାଲିରେ ସେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଲୋକସଭା ଏବଂ ବିଧାନସଭା ଉପ-ନିର୍ବାଚନରେ ଏକପାଖିଆ ବିଜୟ ପରେ ମମତା କରିଥିବା ଏହି ବଡ଼ ରାଲିରେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କ ସହିତ ଲକ୍ଷାଧିକ କର୍ମୀ ସାମିଲ ହୋଇଛନ୍ତି। ମମତା ଏବଂ ଅଖିଳେଶ କେନ୍ଦ୍ରକୁ ନିଶାଣ କରିଛନ୍ତି। କେନ୍ଦ୍ରୀୟ ଏଜେନ୍ସି ଏବଂ ନିର୍ବାଚନ କମିଶନ (ଇସି)ଙ୍କ ବଳରେ ଦିଲ୍ଲୀରେ ସରକାର ଗଠନ ହୋଇଛି ବୋଲି କହିଛନ୍ତି। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦିଦି ଏହି ମଞ୍ଚରୁ ଦଳର ରଣନୀତି ଘୋଷଣା କରିଛନ୍ତି। ଏହି ରାଲିକୁ ସମ୍ବୋଧନ କରି ଅଖିଳେଶ କହିଛନ୍ତି ଯେ ଦେଶର ରାଜନୀତିରେ ଆଜି ବଡ଼ ଆହ୍ୱାନ ସୃଷ୍ଟି ହୋଇଛି। ସାମ୍ପ୍ରଦାୟିକ ତତ୍ତ୍ୱ ଷଡ଼ଯନ୍ତ୍ର କରୁଛନ୍ତି। କ୍ଷମତାରେ ଥିବା ଲୋକ ଏବଂ ଦିଲ୍ଲୀର ସଙ୍କେତରେ ଅଲଗା ଅଲଗା ସ୍ଥାନରେ ଥିବା ଲୋକେ କ୍ରମାଗତ ଭାବେ ଷଡ଼ଯନ୍ତ୍ର ରଚୁଛନ୍ତି। ପଶ୍ଚିମବଙ୍ଗରେ ଟିଏମ୍‌ସି ବିଜେପିକୁ ପଛରେ ପକାଇ ଦେଇଛି। ଉତ୍ତର ପ୍ରଦେଶରେ ମଧ୍ୟ ଦୁଇ ଦଳ ମିଶି ବିଜେପିକୁ ହରାଇଛନ୍ତି। କିଛି ଦିନ ପାଇଁ କ୍ଷମତାକୁ ଆସିଥିବା ଏହି ଲୋକମାନେ କେଇ ଦିନର ଅତିଥି। ଦିଲ୍ଲୀ ସରକାର ବେଶି ଦିନ ତିଷ୍ଠିବ ନାହିଁ। ଏହା ଖୁବଶୀଘ୍ର ଭୁଶୁଡ଼ି ଯିବ। ଏହି ସରକାର ଭାଙ୍ଗୁଥିବା ଆମେ ଦେଖିବାକୁ ପାଇବା। ସେହିଦିନ ଆମ ସମସ୍ତଙ୍କ ପାଇଁ ଖୁସି ଦିନ ହେବ। ଏହି ରାଲିରେ ଅଖିଳେଶ ଯୋଗଦେଇ ୨ଟି ଉଦ୍ଦେଶ୍ୟ ସାଧନ କରିଛନ୍ତି। ସେ ଟିଏମ୍‌ସି-କଂଗ୍ରେସକୁ ଏକାଠି କରିବାକୁ ଉଦ୍ୟମ ମଧ୍ୟ କରୁଛନ୍ତି।

ମମତା ଦିଦି କହିଛନ୍ତି ଯେ ପଶ୍ଚିମବଙ୍ଗ ସହ ହିନ୍ଦୁସ୍ତାନର ଭଲ ସମ୍ପର୍କ ରହୁ ବୋଲି ସେ ଚାହାନ୍ତି। ରାଲିରେ ସାମିଲ ହୋଇଥିବାରୁ ସେ ଅଖିଳେଶଙ୍କୁ ଧନ୍ୟବାଦ ଦେଇଛନ୍ତି। ଉତ୍ତର ପ୍ରଦେଶରେ ଏସ୍‌ପି କରିଥିବା ଖେଳ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଦିଲ୍ଲୀ ସରକାର ଖୁବଶୀଘ୍ର ଭୁଶୁଡ଼ିବା ନେଇ ଅଖିଳେଶ ଦେଇଥିବା ମନ୍ତବ୍ୟକୁ ଦିଦି ସମର୍ଥନ କରିଛନ୍ତି। ଦିଲ୍ଲୀରେ ଏଜେନ୍ସି, ନିର୍ବାଚନ କମିଶନ (ଇସି)ଙ୍କୁ ଲଗାଇ ଅଣାଯାଇଥିବା ସରକାର ସ୍ଥିର ନୁହେଁ। ଏହି ସରକାର ଯେକୌଣସି ସମୟରେ ଭୁଶୁଡ଼ି ଯିବ। ଦିଦି ବାଂଲାଦେଶ ହିଂସା ଉପରେ ମଧ୍ୟ ମନ୍ତବ୍ୟ ଦେଇଛନ୍ତି। ହିଂସାର ଶିକାର ହୋଇଥିବା ବ୍ୟକ୍ତି ରାଜ୍ୟକୁ ଆସିଲେ ଶରଣ ଦିଆଯିବ ବୋଲି କହିଛନ୍ତି। ଏଥିପାଇଁ ସେ ଜାତିସଂଘ ନୀତିର ଉଦାହରଣ ଦେଇଛନ୍ତି। ଶରଣାର୍ଥୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯିବ ବୋଲି ଦିଦି ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପୁତୁରା ଅଭିଷେକ ବାନାର୍ଜୀ କହିଛନ୍ତି ଯେ ବିଜେପି ୪୦୦ ପାର୍ ସ୍ଲୋଗାନ ଦେଇ ୨୪୦ରେ ଅଟକି ଯାଇଛି। ଯେଉଁମାନେ ପଶ୍ଚିମବଙ୍ଗରେ ୨୦୦ ପାର୍ କହିଥିଲେ, ଲୋକେ ସେମାନଙ୍କୁ ୭୦ରେ ଅଟକାଇ ଦେଲେ। ବିଜେପି ପାଖରେ ଇଡି, ସିବିଆଇ, ଆଇଟି ଭଳି ଏଜେନ୍ସି ଅଛନ୍ତି, ମାତ୍ର ଟିଏମ୍‌ସି ପାଖରେ ଜନତା ଜନାର୍ଦ୍ଦନ ଏବଂ ଟିଏମ୍‌ସି କର୍ମୀ ଅଛନ୍ତି। ସୂଚନାଯୋଗ୍ୟ ଯେ ୧୯୯୩ ଜୁଲାଇ ୨୧ରେ ଫଟୋ ଥିବା ଭୋଟର ପରିଚୟ ପତ୍ର ଦାବିରେ ମମତା ବାନାର୍ଜୀଙ୍କ ନେତୃତ୍ୱରେ କୋଲକାତାରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏଥିରେ ପୁଲିସ ଗୁଳିରେ ୧୩ କର୍ମୀଙ୍କ ମୃତ୍ୟୁ ହୋଇଥିଲା। ଏହି ସ୍ମୃତିରେ ସହିଦ ଦିବସ ପାଳନ କରାଯାଉଛି।

## କେଦାରନାଥରେ ଭୂସ୍ଖଳନ; ୩ ମୃତ



ରୁଦ୍ରପ୍ରୟାଗ, ୨୧।୭ (ଏଜେନ୍ସି): ଉତ୍ତରାଖଣ୍ଡ ରୁଦ୍ରପ୍ରୟାଗ ଜିଲ୍ଲାର କେଦାରନାଥ ପାଦଚଲା ମାର୍ଗରେ ରବିବାର ସକାଳେ ଭୂସ୍ଖଳନ ହୋଇଛି। ପାହାଡ଼ରୁ ପଥର ଖସି ୩ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଛି। ୮ ଜଣ ଶ୍ରଦ୍ଧାଳୁ ମଧ୍ୟ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ମହାରାଷ୍ଟ୍ର ନାଗପୁରର କିଶୋର ଅରୁଣ ପରତେ, ଜାଲନାର ସୁନୀଲ ମହାଦେବ କାଲେ ଏବଂ ରୁଦ୍ର ପ୍ରୟାଗର ଅନୁରାଗ ବିଷ୍ଟ ସାମିଲ ଅଛନ୍ତି। ଗୌରୀକୁଣ୍ଡରୁ ୩ କିମି ଦୂର ଚିଡ଼ୱାସାରେ ଥିବା ପାଦଚଲା ମାର୍ଗ ଦେଇ କେଦାରନାଥ ଧାମ ଅଭିମୁଖେ ଯାଉଥିବାବେଳେ ସକାଳ ୭ଟା ୩୦ରେ ଯାତ୍ରୀ ପଥର ସଂସ୍ପର୍ଶରେ ଆସି ଯାଇଥିଲେ। ଦୁର୍ଘଟଣା ପରେ ଏସ୍‌ଡିଆରଏଫ ଟିମ୍ ଅବଶେଷ ତଳୁ ୮ ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅନ୍ୟପକ୍ଷରେ ଉତ୍ତରାଖଣ୍ଡ ପାଣିପାଗ ବିଭାଗ ୪୮ ଘଣ୍ଟା ଭିତରେ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ଚେତାବନୀ ଜାରି କରିଛି।

## ମଣିପୁରରେ ୩୩ କେଜି ଓଜନର ୭ ଆଇଇଡି ନିଷ୍କ୍ରିୟ

ଇମ୍ଫାଲ, ୨୧।୭ (ଏଜେନ୍ସି): ମଣିପୁରରେ ଶନିବାର ୭ଟି ଇମ୍ପ୍ରୋଭାଇଜଡ ଏକ୍ସପ୍ଲୋସିଭ ଡିଭାଇସ (ଆଇଇଡି)କୁ ସେନା ଏବଂ ପୁଲିସର ମିଳିତ ଟିମ୍ ନିଷ୍କ୍ରିୟ କରିଦେଇଛି। ପ୍ରତ୍ୟେକର ଓଜନ ୩୩ କେଜି ଲେଖାଏଁ ଥିଲା। ଏ ବିଷୟରେ ସେନାକୁ ଗୁଇନ୍ଦା ରିପୋର୍ଟ ମିଳିଥିଲା। ଏହା ପରେ ତଲାସୀ ଅଭିଯାନ ଆରମ୍ଭ କରି ସେଟାଙ୍ଗର ଇଥମ ଅଞ୍ଚଳରେ ଏହି ବୋମାକୁ ବୋମା ନିରୋଧୀ ଦଳ ନିଷ୍କ୍ରିୟ କରିଥିଲା। ସୂଚନାଯୋଗ୍ୟଯେ୨୦୨୩ମେ'ରୁମଣିପୁରରେଚାଲିଥିବା ସାମ୍ପ୍ରଦାୟିକ ହିଂସାରେ ଏ ପର୍ଯ୍ୟନ୍ତ ୨୨୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ୫୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହେଲେଣି।

## ହୁତି ବିଦ୍ରୋହୀଙ୍କ ଉପରେ ଇସ୍ରାଏଲର ଆକ୍ରମଣ



ତେଲ ଆଭିଭ, ୨୧।୭ (ଏଜେନ୍ସି): ଗାଜା ଏବଂ ଲେବନାନ ପରେ ଇସ୍ରାଏଲ ପ୍ରଥମ ଥର ପାଇଁ ୟେମେନ ଉପରେ ଆକ୍ରମଣ କରିଛି। ଶୁକ୍ରବାର ତେଲ୍ ଅଭିଭରେ ହୋଇଥିବା ଡ୍ରୋନ୍ ଆକ୍ରମଣକୁ ଜବାବ ଦେବାକୁ ଯାଇ ଇସ୍ରାଏଲ ଶନିବାର ହୁତି ବିଦ୍ରୋହୀଙ୍କ ଠିକଣାରେ ଏୟାର ଷ୍ଟ୍ରାଇକ କରିଛି। ଏଥିରେ ହୋଦେିତା ବନ୍ଦର ଏବଂ ପାୱାର ଷ୍ଟେସନକୁ ନିଶାଣ କରାଯାଇଛି। ଏହି ଆକ୍ରମଣ ଯୋଗୁଁ ବନ୍ଦରରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହାର ଫଟୋ ଏବଂ ଭିଡିଓ ଭାଇରାଲ ହେବାରେ ଲାଗିଛି। ଆକ୍ରମଣରେ ୩ ବିଦ୍ରୋହୀ ପ୍ରାଣ ହରାଇଥିବାବେଳେ ୮୭ ଜଣ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ। ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ହୁତି ବିଦ୍ରୋହୀ ଏହାର ଜବାବ ଦେଇଛନ୍ତି। ଆଇଡିଏଫ ଏହାକୁ ଆକାଶରେ ଉଡ଼ାଇ ଦେଇଛି।

## ବିଶ୍ୱ ଐତିହ୍ୟ କମିଟି ବୈଠକ ଉଦ୍‌ଘାଟିତ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଭାରତରେ ପ୍ରଥମ ଥର ପାଇଁ ବିଶ୍ୱ ଐତିହ୍ୟ କମିଟିର ବୈଠକ ଆୟୋଜନ କରାଯାଇଛି। ଏହାର ଭାରତ ମଣ୍ଡପମ୍‌ରେ ଆୟୋଜିତ ଏହାର ୪୬ତମ ଅଧିବେଶନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଉଦ୍‌ଘାଟନ କରିଛନ୍ତି। ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୫୦ରୁ ଅଧିକ ଦେଶର ୨ ହଜାରରୁ ଅଧିକ ଅନ୍ତର୍ଜାତୀୟ ଏବଂ ରାଷ୍ଟ୍ରୀୟ ପ୍ରତିନିଧି ଭାଗ ନେଉଛନ୍ତି। ବୈଠକକୁ ସମ୍ବୋଧନ କରି ମୋଦୀ କହିଛନ୍ତି ଯେ ଏହି ଆୟୋଜନ ଭାରତରେ ସଫଳତାର ନୂଆ କୀର୍ତ୍ତି ପ୍ରତିଷ୍ଠା କରିବ ବୋଲି କହିଛନ୍ତି। ଗତ ବର୍ଷ ଭାରତକୁ ୩୫୦ରୁ ଅଧିକ ପ୍ରାଚୀନ ମୂର୍ତ୍ତି ଫେରିଛି। ଏହା ବିଶ୍ୱର ଉଦାରତା ଏବଂ ଇତିହାସ ପ୍ରତି ସମ୍ମାନର ଭାବକୁ ଦର୍ଶାଉଛି ବୋଲି ମୋଦୀ କହିଛନ୍ତି। ଏହି ବୈଠକରେ 'ମୋଇଦମ'କୁ ୟୁନେସ୍କୋର ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରାଯାଇପାରେ।

● କେରଳରେ ନିପା ଭୂତାଣୁ ଆତଙ୍କ

## ସଂକ୍ରମଣରେ ୧୪ ବର୍ଷୀୟ ବାଳକ ମୃତ

ତିରୁଅନନ୍ତପୁରମ, ୨୧।୭ (ଏଜେନ୍ସି): କେରଳରେ ପୁଣି ନିପା ଭୂତାଣୁ ଆତଙ୍କ ବଢ଼ିବାରେ ଲାଗିଛି। ଏହି ଭୂତାଣୁରେ ସଂକ୍ରମିତ ମଲ୍ଲପୁରମର ୧୪ ବର୍ଷୀୟ ବାଳକ ରବିବାର ପ୍ରାଣ ହରାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି ଯେ ସକାଳ ୧୦ଟା ୫୦ରେ ପୀଡ଼ିତଙ୍କ ହୃଦ୍‌ଘାତ ହୋଇଥିଲା। ଏହା ପରେ ତାଙ୍କୁ ଭେଣ୍ଟିଲେଟରରେ ରଖା ଯାଇଥିଲା। ମାତ୍ର ୧୧ଟା ୩୦ରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଳକକୁ ଅଷ୍ଟ୍ରେଲିଆରେ ମିଳୁଥିବା ମୋନୋକ୍ଲୋନଲ ଆଣ୍ଟିବଡ଼ି ଦିଆଯାଇଥିଲା। ପ୍ରୋଟୋକଲ ଅନୁଯାୟୀ ସଂକ୍ରମିତ ହେବାର ୫ ଦିନ ଭିତରେ ଏହାକୁ ଦିଆଯାଏ। ଏହି ମାମଲାରେ ସଂକ୍ରମିତଙ୍କୁ ଆଣ୍ଟିବଡ଼ି ଦେବାରେ ବିଳମ୍ବ ହୋଇଥିଲା। ନିୟମ ଅନୁଯାୟୀ ମୃତକଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ବାଳକଙ୍କ ସଂସ୍ପର୍ଶରେ ଆସିଥିବା ବାପା, ଦାଦା ଏବଂ ଅନ୍ୟ ଜଣେ ସମ୍ପର୍କୀୟଙ୍କୁ କୋଝିକୋଡ଼ ଡାକ୍ତରଖାନାରେ ସଙ୍ଗରୋଧରେ ରଖାଯାଇଛି। ସୂଚନାଯୋଗ୍ୟ ଯେ ୨୦୧୮ ପରେ ପଞ୍ଚମ ଥର ପାଇଁ କେରଳରେ ନିପା ବ୍ୟାପିଛି। ଏ ପର୍ଯ୍ୟନ୍ତ ଏହାର କୌଣସି ଟିକା ଆସିନାହିଁ।

● ୪ଥର ୟୁପିଏସ୍‌ସି କ୍ଲିୟର କଲେଣି

## ଆଇଏଏସ୍ ଚାକିରି ପାଇଲେନି ଦିବ୍ୟାଙ୍ଗ କାର୍ତ୍ତିକ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): କାର୍ତ୍ତିକ କନସାଲ। ଆଇଆଇଟି ରୁରକିରୁ ପାଇଛନ୍ତି ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ। ଏବେ ସେ ଇସ୍ରୋରେ ଜଣେ ବୈଜ୍ଞାନିକ ଭାବେ କାର୍ଯ୍ୟରତ। ସିଭିଲ ସର୍ଭିସ୍ ପରୀକ୍ଷା ୪ଥର କ୍ଲିୟର୍ କରିଛନ୍ତି। କିନ୍ତୁ ତାଙ୍କ ବ୍ୟାଧି ମସ୍କୁଲାର



ଡାଇଷ୍ଟ୍ରୋଫି ପାଇଁ ସେ ଆଇଏଏସ୍ ହେବାରୁ ବଞ୍ଚିତ ହୋଇଛନ୍ତି। କାର୍ତ୍ତିକ ତାଙ୍କୁ ୧୪ବର୍ଷ ହେବା ବେଳଠାରୁ ହୁଇଲଚେୟାର ବ୍ୟବହାର କରୁଛନ୍ତି। ଆଇଏଏସ୍ ଭାବେ ନିଯୁକ୍ତି ପାଇବାକୁ ସେ ଯୋଗ୍ୟ ହୋଇଥାନ୍ତେ ଯଦି ମସ୍କୁଲାର ଡାଇଷ୍ଟ୍ରୋଫି ଫଙ୍କସନାଲ କ୍ଲାସିଫିକେସନ ତାଲିକାରେ ଥାଆନ୍ତା। କିନ୍ତୁ ସେହି ତାଲିକାରେ ମସ୍କୁଲାର ଡାଇଷ୍ଟ୍ରୋଫିକୁ ଅନ୍ତର୍ଭୁକ୍ତ କରାଯାଇନଥିଲା ଯାହା ୨୦୨୪ରେ କରାଯାଇଛି। ସେରିବ୍ରାଲ ପାଲସି ବ୍ୟାଧି ଥିଲେ ଜଣେ ଆଇଏଏସ୍ ହୋଇପାରିବେ କିନ୍ତୁ ମସ୍କୁଲାର ଡାଇଷ୍ଟ୍ରୋଫି ଥିଲେ ହୋଇପାରିବେ ନାହିଁ ଏଭଳି ଏକ ଅସଙ୍ଗତ ନିୟମ ପାଇଁ କାର୍ତ୍ତିକ ଆଇଏଏସ୍ ହୋଇପାରି ନାହାନ୍ତି। ଅଥଚ ନିୟମ ଅଛି ଯେ ମସ୍କୁଲାର ଡାଇଷ୍ଟ୍ରୋଫି ଥିଲେ ଜଣେ ଆଇଆରଏସ୍ (ଭାରତୀୟ ରାଜସ୍ୱ ସେବା) ଅଧିକାରୀ ହୋଇପାରିବେ। କାର୍ତ୍ତିକଙ୍କ ବେଳେ ନିୟମ ଥିଲା ଯେ ଦୁଇ ହାତ ଓ ଦୁଇ ଗୋଡ଼ ଅଚଳ ଥିଲେ ବି ଜଣେ ଆଇଏଏସ୍ ହୋଇପାରିବେ କିନ୍ତୁ ମସ୍କୁଲାର ଡାଇଷ୍ଟ୍ରୋଫି ଥିଲେ ତାଙ୍କୁ ଅଯୋଗ୍ୟ ବିବେଚିତ କରାଯିବ। ୨୦୨୪ରେ ଏହି ନିୟମ ହଟିଛି ଓ ମସ୍କୁଲାର ଡାଇଷ୍ଟ୍ରୋଫି ଥିଲେ ଜଣେ ଆଇଏଏସ୍ ହୋଇପାରିବେ-ସେଭଳି ନିୟମ ଗଢ଼ାଯାଇଛି।

## ରାଜ୍ୟସଭାରେ ୨୩ ପ୍ରାଇଭେଟ୍ ବିଲ୍ ତାଲିକାଭୁକ୍ତ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ବଜେଟ୍ ଅଧିବେଶନରେ ଆଗତ ହେବା ପାଇଁ ରାଜ୍ୟସଭାରେ ୨୩ଟି ପ୍ରାଇଭେଟ୍ ବିଲ୍ ତାଲିକାଭୁକ୍ତ ହୋଇଛି। ସେଥିରୁ ଗୋଟିଏ ବିଲ୍ ହେଉଛି, ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟରୁ ଅବସର ଗ୍ରହଣ ପରେ ବିଚାରପତିମାନେ, ଅବସରପ୍ରାପ୍ତ ନିର୍ବାଚନ କମିଶନରମାନେ ଅର୍ଥାତ୍ ସାମ୍ବିଧାନିକ ପଦପଦବୀରୁ ଅବସର ପରେ ବ୍ୟକ୍ତିବିଶେଷମାନେ ଯେପରି କୌଣସି ରାଜନୈତିକ ଦଳରେ ଯୋଗ ଦେଉଛନ୍ତି ତାହା ଉପରେ ବାରଣ ଲଗାଇବା ସମ୍ବନ୍ଧିତ। ଆଉ ଏକ ବିଲ୍ ହେଉଛି କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଡିପ୍ ଫେକ୍ ନିୟନ୍ତ୍ରଣ ସମ୍ବନ୍ଧିତ। ଆଉ ଏକ ପ୍ରାଇଭେଟ୍ ବିଲ୍ ହେଉଛି ନାଗରିକତା ଆଇନରେ ସଂଶୋଧନ ପାଇଁ ଉଦ୍ଦିଷ୍ଟ। ସମସ୍ତଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସର୍ବନିମ୍ନ ଆୟର ବ୍ୟବସ୍ଥା (ୟୁନିଭର୍ସାଲ୍ ବେସିକ୍ ଇନ୍‌କମ୍) ଓ ବାର୍ଦ୍ଧକ୍ୟରେ ଯତ୍ନର ଅଧିକାର ସମ୍ପର୍କିତ ପ୍ରାଇଭେଟ୍ ବିଲ୍ ମଧ୍ୟ ରାଜ୍ୟସଭାରେ ତାଲିକାଭୁକ୍ତ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୫୨ ପରଠାରୁ ସଂସଦରେ ଏଯାଏଁ ମାତ୍ର ୧୪ଟି ପ୍ରାଇଭେଟ୍ ବିଲ୍ ପାରିତ ହୋଇ ଆଇନରେ ପରିଣତ ହୋଇପାରିଛି।

### ୟୁପି ସରକାରଙ୍କ କାଉଡ଼ିଆ ଯାତ୍ରା ଆଦେଶ ମାମଲା

## ସହଯୋଗୀ ଦଳଙ୍କ ସମାଲୋଚନା; ରାମଦେବଙ୍କ ସମର୍ଥନ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): କାଉଡ଼ିଆଙ୍କ ଯାତ୍ରା ରୁଟ୍‌ରେ ଖାଦ୍ୟ ସାମଗ୍ରୀ, ଫଳ, ପାଣି ଆଦି ବିକ୍ରି କରୁଥିବା ସମସ୍ତ ଦୋକାନ, କ୍ୟାବିନ ଓ ଠେଲାଗାଡ଼ିରେ ମାଲିକ ଓ କର୍ମଚାରୀଙ୍କ ନାମ ଲେଖାଥିବା ଆବଶ୍ୟକ ବୋଲି ଉତ୍ତରପ୍ରଦେଶ (ୟୁପି) ଓ ଉତ୍ତରାଖଣ୍ଡ ସରକାର ନିର୍ଦ୍ଦେଶ ଦେବା ପରେ



- ସରକାର ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ: ଆର୍‌ଏଲ୍‌ଡି

ଏବେ ମଧ୍ୟପ୍ରଦେଶର ଉଜ୍ଜୟୀନ ପୌର କର୍ତ୍ତୃପକ୍ଷ ମଧ୍ୟ ଅନୁରୂପ ଆଦେଶ ଜାରି କରିଛନ୍ତି। ଯୋଗଗୁରୁ ବାବା ରାମଦେବ ଆଜି ଏପରି ଆଦେଶକୁ ସମର୍ଥନ କରି କହିଛନ୍ତି, ରାମଦେବ ଯଦି ତାଙ୍କ ପରିଚୟ ଦେବାରେ କିଛି ସମସ୍ୟା ଥିବା ଭାବୁନାହାନ୍ତି ତେବେ ରହମାନ କାହିଁକି ତାଙ୍କ ପରିଚୟ ଦେଇପାରିବେ ନାହିଁ? ସମସ୍ତେ ନିଜ ନାମକୁ ନେଇ ଗର୍ବିତ ହେବା କଥା ଓ ବିନା ଦ୍ୱିଧାରେ ନିଜ ପରିଚୟ ଦେବା ଉଚିତ। ନାମ ଲୁଚାଇବାର କୌଣସି ଆବଶ୍ୟକତା ନାହିଁ। କର୍ମରେ ପବିତ୍ରତା ରହିବା ଆବଶ୍ୟକ। ଯଦି ଆମ କାମ ପବିତ୍ର ତେବେ କିଛି ଫରକ ପଡ଼ିବନି ଆମେ ହିନ୍ଦୁ କି ମୁସଲିମ୍ କି ଅନ୍ୟ କୌଣସି ସମ୍ପ୍ରଦାୟର। ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ଏବେ ମଧ୍ୟପ୍ରଦେଶ ସରକାରଙ୍କ ଏହି ସାମ୍ପ୍ରଦାୟିକ ବିଭେଦ ସୃଷ୍ଟିକାରୀ ଆଦେଶକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ବିରୋଧୀ ଦଳମାନେ ଏହାକୁ ସମ୍ବିଧାନ ବିରୋଧୀ ପଦକ୍ଷେପ କହିଛନ୍ତି।

ଏଆଇଏମ୍‌ଆଇଏମ୍ ନେତା ଅସାଦୁଦ୍ଦିନ ଓୱେସି କହିଛନ୍ତି, ଦେଶରେ ମୁସଲିମ୍‌ଙ୍କ ପ୍ରତି ଘୃଣା ବଢୁଥିବାର ଏହା ନିଦର୍ଶନ। ସିପିଏମ୍ ନେତ୍ରୀ ବୃନ୍ଦା କାରାତ କହିଛନ୍ତି, ସମାଜକୁ ଭାଗ କରିବାକୁ ଉଦ୍ୟମ ହୋଇଛି। ଜର୍ମାନୀରେ ନାଜିମାନେ ଇହୁଦୀଙ୍କୁ ଏପରି ଟାର୍ଗେଟ୍ କରିଥିଲେ। ଶିବସେନା (ଉଦ୍ଧବ ଗୋଷ୍ଠୀ) ନେତା ସଞ୍ଜୟ ରାଉତ କହିଛନ୍ତି, ଦେଶର ଏକତାକୁ ନଷ୍ଟ କରାଯାଉଛି। ଏଥିରୁ କାହାରିକୁ କିଛି ଲାଭ ମିଳିବନି, କେବଳ ଧର୍ମୀୟ ବିଦ୍ୱେଷ ବଢ଼ିବ। ସରକାରଙ୍କ ସହଯୋଗୀ ଦଳ ଲୋକ ଜନଶକ୍ତି ପାର୍ଟି (ଏଲଜେପି) ମୁଖ୍ୟ ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ, ରାଷ୍ଟ୍ରୀୟ ଲୋକ ଦଳ ମୁଖ୍ୟ ଜୟନ୍ତ ଚୌଧୁରୀ ଏବଂ ଏନ୍‌ସିପିର ପ୍ରଫୁଲ୍ଲ ପଟେଲ ମଧ୍ୟ ୟୁପି ଓ ଉତ୍ତରାଖଣ୍ଡ ସରକାରଙ୍କ ଏଭଳି ଆଦେଶକୁ ନାପସନ୍ଦ କରିଛନ୍ତି। ଏଭଳି ଆଦେଶ ଦେବା ପୂର୍ବରୁ ଭଲ ଭାବେ ଚିନ୍ତା କରିବାର ଦରକାର ହେଉଥିଲା ବୋଲି ଜୟନ୍ତ କହିଛନ୍ତି। ଜୟନ୍ତ ଚୌଧୁରୀ କହିଛନ୍ତି ଯେ କାଉଡ଼ିଆଙ୍କ ସେବା ସମସ୍ତେ କରନ୍ତି। କାଉଡ଼ିଆ କାହା ସହ ଭେଦଭାବ କରେନାହିଁ। ଧର୍ମ ଆଧାରରେ ସେମାନେ ସେବା ନିଅନ୍ତି ନାହିଁ। ବିଜେପି ଭାବିଚିନ୍ତି ଏହି ନିଷ୍ପତ୍ତି ନେଇନାହିଁ। ନିଷ୍ପତ୍ତି ନେଇ ସାରିଥିବାରୁ ସରକାର ଏହା ଉପରେ ଅଟଳ ଅଛନ୍ତି। ଏବେ ବି ସମୟ ଅଛି, ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରନ୍ତୁ। ଲୋକେ କେଉଁ କେଉଁ ସ୍ଥାନରେ ନାମ ଲେଖିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ନିଜ କୁକର ଉପରେ ମଧ୍ୟ ନାମ ଲେଖିଦେବେ କି? ଏହି ନାମ ଦେଖି କ'ଣ ସେମାନେ ହାତ ମିଶେଇବେ?

● ୧୯୯୩ ମୁମ୍ବାଇ ଦଙ୍ଗା ମାମଲା

## ୩୧ବର୍ଷ ପରେ ନାଦିରଶାହ ମୁକ୍ତ

ମୁମ୍ବାଇ, ୨୧।୭ (ଏଜେନ୍ସି): ମୁମ୍ବାଇରେ ୧୯୯୩ରେ ଘଟିଥିବା ଦଙ୍ଗାରେ ସଂପୃକ୍ତ ଥିବା ଅଭିଯୋଗରେ ଗିରଫ ହୋଇଥିଲେ ନାଦିରଶାହ ଖାନ୍। ମୁମ୍ବାଇ ପୁଲିସ୍ ତାଙ୍କ ବିରୋଧରେ ଆଇପିସି ଧାରା ୩୦୭ (ହତ୍ୟା ଉଦ୍ୟମ) ଲଗାଇଥିଲା। ନାଦିରଶାହ କିଛି ଦିନ ଜେଲରେ ରହିବା ପରେ ଜାମିନରେ ମୁକୁଳିଲେ କିନ୍ତୁ ତା'ପରେ କେସ୍ ନ ଲଢ଼ି ୩୦ବର୍ଷ ଫେରାର ରହିଲେ। ଶେଷରେ ୨୦୨୪ ଆରମ୍ଭରେ ପୁଲିସ୍ ତାଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିଲା। ନାଦିରଙ୍କ ଜଣେ ସହ ଅଭିଯୁକ୍ତ ଇତିମଧ୍ୟରେ ଖଲାସ ହୋଇଯାଇଥିଲା ଓ ଅନ୍ୟ ଜଣେ ସହ ଅଭିଯୁକ୍ତଙ୍କର ମୃତ୍ୟୁ ଘଟିସାରିଥିଲା। ସେସନ୍ସ ଜଜ୍ ନାଦିରଶାହଙ୍କ ବିରୋଧରେ ଠୋସ୍ ପ୍ରମାଣ ନ ଥିବା ଦର୍ଶାଇ ତାଙ୍କୁ ଖଲାସ କରିଛନ୍ତି। ନାଦିରଶାହ ଯାହାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ଥିଲା ସେହି ବ୍ୟକ୍ତି ପୁଲିସ୍ ଗୁଳିରେ ଆହତ ହୋଇଥିଲା ବୋଲି କୋର୍ଟ ଜାଣିବା ପରେ ନାଦିରଶାହଙ୍କୁ ଖଲାସ କରାଯାଇଛି।

## ଆସ୍ଥା ଜିଣିଲେ କେପି ଓଲି

କାଠମାଣ୍ଡୁ, ୨୧।୭ (ଏଜେନ୍ସି): ନେପାଳ ପ୍ରଧାନମନ୍ତ୍ରୀ କେପି ଓଲି ରବିବାର ସଂସଦରେ ଆସ୍ଥା ଭୋଟରେ ବିଜୟୀ ହୋଇଛନ୍ତି। ୨୬୩ରୁ ୧୮୮ ସାଂସଦ ତାଙ୍କ ସରକାରଙ୍କୁ ସମର୍ଥନ କରିଥିବାବେଳେ ୭୪ ଜଣ ବିରୋଧ କରିଥିଲେ। ସେହିପରି ଜଣେ ସାଂସଦ ଭୋଟରେ ସାମିଲ ହୋଇ ନ ଥିଲେ। ଗତ ୧୫ ତାରିଖରେ ଚୀନ୍ ସମର୍ଥକ ଓଲି ଚତୁର୍ଥ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ସେ ଭାରତ ସମର୍ଥକ ସେର ବହାଦୂର ଦେଉବାଙ୍କ ସହ ମିଶି ସରକାର ଗଠନ କରିଛନ୍ତି।

### ଜମ୍ମୁର ଭାରତ-ପାକ୍ ସୀମାରେ ସୁରକ୍ଷା କଡ଼ାକଡ଼ି

# ବିଏସ୍‌ଏଫ୍ ସହ ସେନା ମୁତୟନ



- ଅନୁପ୍ରବେଶକାରୀଙ୍କୁ ଦିଆଯିବ ଦୃଢ଼ ଜବାବ
- ୧୯ ସିଗ୍‌ନାଲ ଯାଞ୍ଚ ପରେ ବଢ଼ାଗଲା ସୁରକ୍ଷା

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ପାକିସ୍ତାନ ପଟୁ ଭାରତରେ ଆତଙ୍କବାଦୀ ଅନୁପ୍ରବେଶ ପାଇଁ ଉଦ୍ୟମ ହେଉଛି। ଏହାକୁ ନେଇ ଗୁଇନ୍ଦା ସୂଚନା ମିଳିବା ପରେ ସୀମାରେ ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି। ପାକିସ୍ତାନକୁ ଲାଗି ରହିଥିବା ଜମ୍ମୁ ସୀମାରେ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍) ସହିତ ସେନା ମୁତୟନ କରାଯାଇଛି। ୨୦୨୦ରେ ଚୀନ୍ ସହ ସଂଘର୍ଷ ପରେ ଯବାନ ଜମ୍ମୁରୁ ହଟାଇ ଲଦାଖ ଏଲ୍‌ଓସିକୁ ପଠାଇ ଦିଆଯାଇଥିଲା। ତେବେ ଏହି ଯବାନ ଏଲ୍‌ଓସିରୁ ଆସିବେ ନାହିଁ। ଜମ୍ମୁରେ ଅତିରିକ୍ତ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ଯେଉଁ ଯବାନ ପୂର୍ବରୁ ଜମ୍ମୁରେ ଥିଲେ, ସେମାନଙ୍କୁ ସୀମାକୁ ପଠାଇ ଦିଆଯାଇଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କଠୁଆ ପାହାଡ଼ିଆ ଅଞ୍ଚଳର ୮୦ କିମି ପରିସର ଭିତରେ ଏହି ଯବାନଙ୍କୁ ମୁତୟନ କରାଯାଇଛି। ଏମାନେ ନଦୀ, ବର୍ଷାଦିନିଆ କେନାଲ, ଅନୁପ୍ରବେଶର ପୁରୁଣା ମାର୍ଗକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଇଯାଇଛନ୍ତି। ଜମ୍ମୁ ପୁଲିସ ମୁଖ୍ୟାଳୟରେ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀଙ୍କ ଉପସ୍ଥିତିରେ ବସିଥିବା ବୈଠକରେ ଶନିବାର ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ ଜମ୍ମୁ କ୍ଷେତ୍ରରେ ଯବାନଙ୍କ ସଂଖ୍ୟା ବୃଦ୍ଧି ଏବଂ ଗୁଇନ୍ଦା ସୂଚନାକୁ ତୁରନ୍ତ ପ୍ରଦାନ କରିବା ଲାଗି ମଲ୍ଟି ଏଜେନ୍ସି ସେଣ୍ଟରକୁ ଉନ୍ନତ କରାଯାଉଛି। ଆତଙ୍କବାଦୀଙ୍କୁ ନିପାତ କରିବା ଲାଗି ଇଣ୍ଟର କମାଣ୍ଡରେ ପରିବର୍ତ୍ତନ କରାଯାଇ କମାଣ୍ଡୋଙ୍କୁ ମୁତୟନ କରାଯାଉଛି। ୱେଷ୍ଟର୍ଣ୍ଣ କମାଣ୍ଡରୁ ମଧ୍ୟ ଯବାନଙ୍କୁ ପଠା ଯାଇଛି।

ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜମ୍ମୁ କ୍ଷେତ୍ରର ପିର ପଞ୍ଜାଲ ଏବଂ ଚିନାବ ଘାଟୀରେ ୧୨ରୁ ଅଧିକ ଆତଙ୍କବାଦୀ ଗୋଷ୍ଠୀ ସକ୍ରିୟ ଅଛନ୍ତି। ଗତ ୯ ତାରିଖରେ ରିଆସି ଆକ୍ରମଣ ପରେ ୧୯ ସିଗ୍‌ନାଲକୁ ଇଣ୍ଟରସେପ୍ଟ କରାଯାଇଥିଲା। ଏଥିରେ ସାମ୍ବା ଏବଂ ହୀରାନଗରର ଭାରତ-ପାକ୍ ସୀମାରେ ବଡ଼ଧରଣର ଅନୁପ୍ରବେଶ ନେଇ ସୂଚନା ମିଳିଥିଲା। ତେଣୁ ସେନା ମୁତୟନ ବୃଦ୍ଧି କରାଯାଇଥିଲା। ଏହା ପୂର୍ବରୁ ଗତ ୧୭ ତାରିଖରେ କୁପୱାଡ଼ାର କେରନ କ୍ଷେତ୍ରରେ ନିପାତ ହୋଇଥିବା ୨ ବିଦେଶୀ ଆତଙ୍କବାଦୀଙ୍କଠାରୁ ଅଷ୍ଟ୍ରିଆ ନିର୍ମିତ ବୁଲ୍‌ପପ ଆସଲ୍ଟ ରାଇଫଲ ଷ୍ଟେୟର ଏୟୁଜି ଏବଂ ପାକିସ୍ତାନୀ ପରିଚୟନ ପତ୍ର ମିଳିଥିଲା। ଏୟୁଜି ରାଇଫଲକୁ ୧୯୬୦ରେ ଷ୍ଟେୟର-ଡେମଲର-ପୁଚ ଡିଜାଇନ କରିଥିଲେ। ଏବେ ଏହାକୁ ଷ୍ଟେୟର ଆର୍ମ୍ସ ଡିଏମବିଏଚ ଆଣ୍ଡ କମ୍ପାନୀ କେଜି ପ୍ରସ୍ତୁତ କରୁଛି। ଏହା ବିଶ୍ୱର ବିପଜ୍ଜନକ ରାଇଫଲ ମଧ୍ୟରେ ସାମିଲ ରହିଛି। ଅନେକ ଦେଶର ସେନା ଏବଂ ପୁଲିସ ଏହି ରାଇଫଲ ବ୍ୟବହାର କରୁଛନ୍ତି। ଅନ୍ୟପଟେ ପାକିସ୍ତାନ ସେନା ଆତଙ୍କବାଦୀଙ୍କୁ ଭାରତୀୟ ସୀମାରେ ଅନୁପ୍ରବେଶ କରାଉଥିବାର ପ୍ରମାଣ ଭାରତକୁ ମିଳିଛି। ଏକ ଭିଡିଓରେ ପାକ୍ ସେନା ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଏବଂ ମାର୍ଗ ଦର୍ଶାଉ ଥିବା ଦେଖିବାକୁ ମିଳିଛି। ପିଓକେର କୋଟଲିର ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି।



### ବର୍ଷେ ପରେ ବି ରଜାବନ୍ଧ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ନୋହିଲା

# ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ୍




**କରଞ୍ଜିଆ, ୨୧।୭ (ସମିସ)**

କରଞ୍ଜିଆ ଏନଏସିର ୪ନଂ. ୱାର୍ଡ ସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ରଜାବନ୍ଧର ପୁନରୁଦ୍ଧାର କାମ ୧୬ ମାସ ବିତିଯାଇଥିଲେ ସୁଦ୍ଧା ଆଜିଯାଏ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି ବନ୍ଧ ଉପରେ ୱାର୍ଡ ନଂ ୧, ୨, ୩ ଓ ୪ନଂ. ୱାର୍ଡବାସୀ ନିର୍ଭରଶୀଳ ହୋଇଥିବାବେଳେ ଦୀର୍ଘବର୍ଷ ଧରି ପୁନରୁଦ୍ଧାର ହୋଇ ନ ଥିବା ଯୋଗୁଁ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଜନସାଧାରଣଙ୍କ ପକ୍ଷରୁ ଜଳାଶୟର ପୁନରୁଦ୍ଧାର ପାଇଁ ସ୍ଥାନୀୟ ଉପଜିଲ୍ଲାପାଳ, ଏନଏସି କର୍ତ୍ତୃପକ୍ଷ, ଜିଲ୍ଲାପାଳ ଏବଂ ତତ୍କାଳୀନ ଶିଶୁବିକାଶ ମନ୍ତ୍ରୀଙ୍କ ନିକଟରେ ବାରମ୍ବାର ଫେରାଦ ହୋଇଥିଲେ। ଶେଷରେ ଜିଲ୍ଲାପାଳଙ୍କ ପରାମର୍ଶ ଅନୁଯାୟୀ ବିଭାଗୀୟ ଅଧିକ୍ଷଣଯନ୍ତ୍ରୀ ବନ୍ଧର ପୁନରୁଦ୍ଧାର ବାବଦକୁ ୧ କୋଟି ୪୬ ଲକ୍ଷ ଟଙ୍କାର ଅଟକଳ ମୂଲ୍ୟର ଆକଳନ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ନିକଟରୁ ଅନୁମୋଦନ କରାଇଥିଲେ। ଟେଣ୍ଡର ମାଧ୍ୟମରେ ଉକ୍ତ କାର୍ଯ୍ୟକୁ ୧ କୋଟି ୫ ଲକ୍ଷ ୧୪ହଜାର ଟଙ୍କାରେ ଠିକାଦାର ବାବୁରାମ ନାୟକ ବିଭାଗ ପାଖରେ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ। ସ୍ୱାକ୍ଷରିତ ଚୁକ୍ତିପତ୍ର ଅନୁଯାୟୀ ୬.୩.୨୩ରେ କାର୍ଯ୍ୟାରମ୍ଭ ଓ ୫.୧୨.୨୩ରେ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଥିଲା। ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ପୂର୍ବତନ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ବନ୍ଧର ପୁନରୁଦ୍ଧାର ପାଇଁ ସେ ଅର୍ଥ ମଞ୍ଜୁର କରାଇବା ସହିତ ଭୂମିପୂଜନ ପାଇଁ ବିଭାଗ ଉପରେ ଚାପ ସୃଷ୍ଟି କରିଥିଲେ। ଶେଷରେ ୨୪.୩.୨୩ରେ ସେ ଭୂମିପୂଜନ କରିବା ପରେ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ; ମାତ୍ର ଠିକାଦାରଙ୍କ ଦାୟିତ୍ୱହୀନତା ଓ ଅବହେଳା ଯୋଗୁଁ ଧାର୍ଯ୍ୟ ସମୟ ମଧ୍ୟରେ କାମ ସମ୍ପୂର୍ଣ୍ଣ ନ ହେବାରୁ ପୁଣି ୩୦.୬.୨୪ ତାରିଖ ପର୍ଯ୍ୟନ୍ତ ଅନ୍ତିମ ସମୟ ଦିଆଯାଇଥିଲା। ଏହା ସତ୍ତ୍ୱେ ଠିକାଦାର ଶ୍ରୀ ନାୟକ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରିବା, ବିଭାଗୀୟ ସହକାରୀ ନିର୍ବାହୀଯନ୍ତ୍ରୀ ଓ ଅଧିକ୍ଷଣଯନ୍ତ୍ରୀଙ୍କ ବାରମ୍ବାର ନିର୍ଦ୍ଦେଶକୁ ବେଖାତିର କରିଛନ୍ତି। ଗତ ୫ ତାରିଖରେ ସହକାରୀ ନିର୍ବାହୀଯନ୍ତ୍ରୀ ବାଧହୋଇ ଠିକାଦାରଙ୍କ ଚୁକ୍ତିକୁ ବାତିଲ କରିବା ସହ ଆନୁଷଙ୍ଗିକ ଅର୍ଥ ଆଦାୟ ପାଇଁ ଅଧୀକ୍ଷଣଯନ୍ତ୍ରୀଙ୍କୁ ପତ୍ର ଲେଖିଥିବା ଜଣାଯାଏ। ଠିକାଦାର ମୋଟ ୭୯.୬୮ ଲକ୍ଷ ଟଙ୍କାର କାର୍ଯ୍ୟ କରିଥିବା ବେଳେ ଚୁକ୍ତି ବାତିଲ କରାଗଲେ ସେ କାର୍ଯ୍ୟାରମ୍ଭ ପୂର୍ବରୁ ଜମା କରିଥିବା ସିକ୍ୟୁରିଟି ଅର୍ଥରୁ ଶତକଡା ୫ ପ୍ରତିଶତ, ଜିଏସଟି ଶତକଡା ୧୮ ପ୍ରତିଶତ, ରୟାଲଟି ବାବଦକୁ ୫ ଲକ୍ଷ ୬୬ ହଜାର ୮୬୨ ଟଙ୍କା ଏବଂ ପେନାଲଟି ବାବଦକୁ ଶତକଡା ୨୦ ପ୍ରତିଶତ ଅର୍ଥକୁ କଟାଯିବ ବୋଲି ଜଣାପଡ଼ିଛି। ଗତ ୫ ତାରିଖରେ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ପତ୍ର ଅଧିକ୍ଷଣଯନ୍ତ୍ରୀଙ୍କ ନିକଟରେ ପହଞ୍ଚିଥିଲେ ମଧ୍ୟ ବାରିପଦା ଅଧିକ୍ଷଣଯନ୍ତ୍ରୀଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଫଳରେ ବନ୍ଧ ପୁନଃରୁଦ୍ଧାର କାର୍ଯ୍ୟ ନେଇ ଅନିଶ୍ଚିତତା ଦେଖାଯାଇଛି।

### ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ୮ଟି ବର୍ଗର ଚାମ୍ପିଅନ ଓ ରନର୍ସଅପ୍ ପୁରସ୍କୃତ



**ବାରିପଦା, ୨୧।୭ (ସମିସ):** ମୟୂରଭଞ୍ଜ ବ୍ୟାଡମିଣ୍ଟନ୍ ଡେଭଲପମେଣ୍ଟ କମିଟି ପକ୍ଷରୁ ବାରିପଦା ଇନଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଜୁନିୟର ଓ ସବଜୁନିୟର ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସମାଜସେବୀ ମୁରାରୀଲାଲ ଶର୍ମା, ଶିକ୍ଷାବିତ ବିପ୍ଳବ ଭଞ୍ଜନ ବୁଗୁଡ଼େଇ, ସମାଜସେବୀ ରାକେଶ ସିଂ, ଶିଳ୍ପପତି ତରୁଣ ମହାନ୍ତି ଓ ଅମିତାଭ ସାହୁ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କୃତ କରିଥିଲେ। ମୟୂରଭଞ୍ଜ ବ୍ୟାଡମିଣ୍ଟନ ବିକାଶ କମିଟି ଓ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ୍ ଆସୋସିଏସନ୍ ଆନୁକୂଲ୍ୟରେ ଜିଲ୍ଲା କ୍ରୀଡା ବିଭାଗ ସହଯୋଗରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଉଭୟ ସବଜୁନିଅର (୧୫ ବର୍ଷରୁ କମ) ଓ ଜୁନିଅର (୧୯ ବର୍ଷରୁ କମ)ରେ ରାଜ୍ୟସ୍ତରୀୟ ରାଙ୍କିଙ୍ଗ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ୧୩୬ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।୧୫ ବର୍ଷରୁ କମ ପୁରୁଷ ସିଙ୍ଗଲରେ ବାଲେଶ୍ୱରର ଓଜଦୀପ ମାଝୀ ଚାମ୍ପିଅନ ହୋଇଥିବା ବେଳେ ବଲାଙ୍ଗୀରର ଶ୍ରୀୟାଂଶ କେଜରିୱାଲ ରନର୍ସ ଅପ ହୋଇଛନ୍ତି। ଏହି ବର୍ଗର ମହିଳା ସିଙ୍ଗଲରେ କଟକର ସ୍ୱାତୀ ନାୟକ ଚାମ୍ପିଅନ ହୋଇଥିବା ବେଳେ ଭୁବନେଶ୍ୱରର ନିମେଶ ଓଝା ରନର୍ସ ଅପ ହୋଇଛନ୍ତି। ପୁରୁଷ ଡବଲରେ ନାଥାନିଆଲ ମାରିଓ ରେଡେନ ଓ ଓଜଦୀପ ମାଝୀ ଚାମ୍ପିଅନ ହୋଇଥିବା ବେଳେ ଦୁର୍ଗାପ୍ରସାଦ ସେଠୀ ଓ ଶ୍ରୀୟାଂଶ କେଜରିୱାଲ ରନର୍ସ ଅପ ହୋଇଛନ୍ତି। ସେହିପରି ମିକ୍ସ ଡବଲରେ ଦୁର୍ଗା ପ୍ରସାଦ ସେଠୀ ଓ ଜସିକା ସାହୁ ଚାମ୍ପିଅନ ହୋଇଥିବା ବେଳେ ଓଜଦୀପ ମାଝୀ ଓ ଆଦିତି ସ୍ୱାଇଁ ରନର୍ସ ଅପ ହୋଇଛନ୍ତି। ଅନ୍ୟପକ୍ଷରେ ୧୯ ବର୍ଷରୁ କମ୍ ପୁରୁଷ ସିଙ୍ଗେଲରେ ମୟଙ୍କ ଭରଦ୍ୱାଜ ଚାମ୍ପିଅନ ହୋଇଥିବା ବେଳେ ଅର୍ପିତ ପଣ୍ଡା ରନର୍ସ ଅପ ହୋଇଛନ୍ତି। ଏହି ବର୍ଗରେ ମହିଳା ସିଙ୍ଗେଲରେ ଗୀତାଶ୍ରୀ ଦେ ଚାମ୍ପିଅନ ହୋଇଥିବା ବେଳେ ଅମ୍ବୀକା ମିଶ୍ର ରନର୍ସ ଅପ ହୋଇଛନ୍ତି। ପୁରୁଷ ଡବଲରେ ଅର୍ପିତା ପଣ୍ଡା ଓ ମୟଙ୍କ ଭରଦ୍ୱାଜ ଚାମ୍ପିଅନ ହୋଇଥିବା ବେଳେ ଶ୍ରୀୟାଂଶ ଜେନା ଓ ଶୁଭ୍ରକେତନ ମଲ୍ଲିକ ରନର୍ସ ଅପ ହୋଇଛନ୍ତି। ମିକ୍ସ ଡବଲରେ ଶୁଭ୍ରକେତନ ମଲ୍ଲିକ ଓ ସ୍ୱିଟିପ୍ରିୟା ପ୍ରଧାନ ଚାମ୍ପିୟାନ ହୋଇଥିବା ବେଳେ ସାଇ କେଶବ ମୋଦି ଓ ଶ୍ରୀନ ସିଦ୍ଧିକି ରନର୍ସ ଅପ ହୋଇଛନ୍ତି। ମ୍ୟାଚ ପରିଚାଳନା ନିମନ୍ତେ ୨୨ ଜଣ ରେଫେରୀ ଅଂଶଗ୍ରହଣ କରିଥିଲେ। ତିନି ଦିନ ଧରି ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ସମସ୍ତ ଖେଳାଳିଙ୍କ ନିମନ୍ତେ ସମସ୍ତ ସୁବିଧା କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ଉତ୍ତୀର୍ଣ୍ଣ ଖେଳାଳିମାନେ ବ୍ୟାଡମିଣ୍ଟନରେ ରାଜ୍ୟସ୍ତରୀୟ ର୍‌ୟାଙ୍କ ହାସଲ କରିଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ୍ ଆସୋସିଏସନ୍ କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଡେଭେଲପମେଣ୍ଟ କମିଟି ପକ୍ଷରୁ ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ପାଦକ ରବୀନ୍ଦ୍ର ବେହେରା, କାର୍ଯ୍ୟକାରୀ ସମ୍ପାଦକ ଅଜୟ ମୋଦି, ସଂଯୋଜକ ସୌମେନକାନ୍ତି ମହାନ୍ତି ଓ ସନ୍ତୋଷ ବିଶୋଇ ସମେତ ଅନ୍ୟାନ୍ୟ ପ୍ରମୁଖ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

### ଶ୍ରାବଣ ସୋମବାର

# ବୁଢ଼ାବଳଙ୍ଗରୁ ପାଣି ନେଇ ବାହାରିଲେ କାଉଡ଼ିଆ



**ବାରିପଦା, ୨୧।୭ (ସମିସ):** ଶ୍ରାବଣ ମାସର ପ୍ରଥମ ସୋମବାର ଆରମ୍ଭ ହୋଇଛି। ଭକ୍ତମାନେ ମହାଦେବଙ୍କୁ ଜଳଲାଗି କରିବା ପାଇଁ ଶିବାଳୟ ମୁହାଁ ହୋଇଛନ୍ତି। ଏଥିପାଇଁ ରବିବାର କାଉଡ଼ିଆମାନେ ବିଭିନ୍ନ ନଦୀରୁ ଜଳଭାର ନେଇ ଶିବାଳୟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ବୁଢ଼ାବଳଙ୍ଗ ନଦୀର ବାରିପଦାର ଅମ୍ବିକା ମନ୍ଦିର ନିକଟ ଘାଟରୁ କାଉଡ଼ିଆମାନେ ପୂଜାର୍ଚ୍ଚନା କରି ପାଣିଭାର ନେଇ ବାହାରିଛନ୍ତି। ରବିବାର ରାତିତମାମ ଯାତ୍ରା କରି ସୋମବାର ଶିବାଳୟରେ ପହଞ୍ଚି ଶିବ ଲିଙ୍ଗରେ ପୂଜାର୍ଚ୍ଚନା ପୂର୍ବକ ଜଳ ଢାଳିବେ। ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଭାବରେ ମାଣତ୍ରୀ ସ୍ଥିତ କଖାରୁଆ ବୈଦ୍ୟନାଥ, ଶିମିଳା ସ୍ଥିତ ଶିମଳେଶ୍ୱର ଶିବ ମନ୍ଦିର, ରାସଗୋବିନ୍ଦପୁର ସ୍ଥିତ ଦେବଶୋଳ ମନ୍ଦିର, କପ୍ତିପଦା ସ୍ଥିତ ଝିଙ୍କେଶ୍ୱର ମନ୍ଦିର ଓ ବାରିପଦା ସ୍ଥିତ ବୁଢାରାଉଳ ମନ୍ଦିରରୁ କାଉଡ଼ିଆ ପାଣିଭାର ନେଇ ଯାଇଥାନ୍ତି। ଏ ନେଇ ପୁଲିସ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ଶିବ ମନ୍ଦିରରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। କାଉଡ଼ିଆଙ୍କ ନିମନ୍ତେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ରାସ୍ତାରେ ଖାଦ୍ୟ ସମେତ ବିଶ୍ରାମ ନେବା ନେଇ ବ୍ୟବସ୍ଥା କରାଯାଇଛି। ସୋମବାର ମନ୍ଦିରରେ ଭୋରୁ ମଙ୍ଗଳ ଆଳତି ପରେ ଠାକୁର ଦର୍ଶନ ଦେବେ। ଏହାପରେ କାଉଡ଼ିଆମାନେ ବ୍ୟାରିକେଡରେ ଧାଡିବାନ୍ଧି ଯାଇ ଠାକୁରଙ୍କ ନିକଟରେ ଜଳଲାଗି କରିବେ।

# ଉଦଳାରେ ବ୍ୟାସଦେବଙ୍କ ଜୟନ୍ତୀ ଓ ଗୁରୁପୂଜନ



**ଉଦଳା ୨୧।୭ (ସମିସ):** ଗୁରୁପୂର୍ଣ୍ଣିମା ତଥା ବ୍ୟାସଦେବଙ୍କ ଜୟନ୍ତୀ ଅବସରରେ ଉଦଳା ଆଞ୍ଚଳିକ ଗୁରୁ ପୂଜନ କମିଟି ଆନୁକୂଲ୍ୟରେ ରବିବାର ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା ନାମ ପଞ୍ଜୀକରଣ କରିବା ପରେ କମିଟି ସଭାପତି ଆଇନଜୀବି ବସନ୍ତ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା। ଏଥିପୂର୍ବରୁ ଉପସ୍ଥିତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀମାନେ ଫୁଲ ଚନ୍ଦନ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଗୁରୁଜନ ପୂଜନ କମିଟିର ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବାଛିନୀ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଅଧ୍ୟାପକ ସୌମେନ୍ଦ୍ର ଦାସ ଅତିଥି ପରିଚୟ ଦେଇଥିଲେ। ସଭାପତି ବସନ୍ତ ପରିଡ଼ାଙ୍କ ସମେତ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ଡ. ଦିଲ୍ଲୀପ କୁମାର ଦିକ୍ଷୀତ, ମୁଖ୍ୟବକ୍ତା ଭଦ୍ରକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଏନଏସି ଉପାଧ୍ୟକ୍ଷା ଲିଲି ଭୋଳ କାର୍ଯ୍ୟକ୍ରମର ସୃଷ୍ଟିକର୍ତ୍ତା ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାଏକଙ୍କ ସହଧର୍ମିଣୀ ସୁବାସିନୀ ନାଏକ ଏବଂ କମିଟିର ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ଜେନାଙ୍କ ପରିଚୟ ଦେଇଥିଲେ।

ଏହି ଅବସରରେ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଅତିଥିମାନେ ଗୁରୁକୂଳ ଏବଂ ଗୁରୁଶିଷ୍ୟର ମହାନ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରତିଷ୍ଠାତା ସ୍ୱର୍ଗତ ଗୋଲକ ନାଏକଙ୍କ ଫଟୋରେ ମଧ୍ୟ ପୁଷ୍ପମାଲ୍ୟ ଦିଆଯାଇଥିଲା। ଦିବଂଗତ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଗୁରୁ ପୂଜନରେ ଉପସ୍ଥିତ ଥିବା ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ପୁଥାଳ, ଶିକ୍ଷାବିତ୍ ଶ୍ୟାମସୁନ୍ଦର ପଣ୍ଡା, ବିଚିତ୍ରାନନ୍ଦ ବେହେରା, ସନାତନ ରାଉତ ପ୍ରମୁଖ ଗୁରୁ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ସଙ୍ଗୀତଜ୍ଞ ତଥା କଣ୍ଠଶିଳ୍ପୀ ବିଶ୍ୱନାଥ ପଣ୍ଡା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମୀୟ କୁମାର ବଳ ସଂଯୋଜନା କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସ୍ୱନକ୍ଷତ୍ର ଦିବସ ପାଳିତ




**ବଡ଼ସାହି, ୨୧।୭ (ସମିସ):** ବଡସାହି ବିବେକାନନ୍ଦ ବିହାର ସ୍ଥିତ ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର (ଆବାସିକ)ର ୨୫ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ସମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଭବେ ନିଶାମଣି ରାଉତ, ମୁଖ୍ୟ ଅତିଥି ଭାବେ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ, ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ଼କ୍ଟର ସରୋଜ କୁମାର ନାୟକ ଯୋଗଦାନ କରି ସଚ୍ଚା ଦେଶଭକ୍ତ ପିଲାଟି ଦିନରୁ ମାର୍ଜିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗଦାନ କରି ଏ ଭାରତ ବର୍ଷରେ ବହୁ ମହାମାନବ ଜନ୍ମ ଗ୍ରହଣ କରିଥିବା ବେଳେ ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଅନ୍ୟତମ ଓ ଅନନ୍ୟ ପ୍ରତିଭାର ଅଧିକାରୀ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଉଥିବା ମଣିଷ ମଧ୍ୟ ମହାମାନବ ପାଲଟିଯାଏ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ କବି ଅମିତାଭ ମିଶ୍ର, ସମ୍ମାନିତ ଅତିଥି ଭାବେ ଗୁରୁଜୀ ବେଣୁଧର ଜେନା, ନାଟ୍ୟକାର ମନୋରଞ୍ଜନ ବେହେରା ଓ ସମ୍ମାନିତ ବକ୍ତା ଭାବେ ଶିକ୍ଷକ ନେତା ରାଜେନ୍ଦ୍ର ଜେନା ଓ ପୁରାତନ ବିଦ୍ୟାର୍ଥୀ ପରିଷଦର ସଭାପତି ଡକ୍ଟର ଅଭିଜିତ୍ ବାରିକ ଯୋଗଦାନ କରିଥିଲେ। ସଭା ସଂଯୋଜନା ସଚୀନ୍ଦ୍ର କୁମାର ବିଶ୍ୱାଳ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଅତିଥି ପରିଚୟ ଦେଇଥିଲେ। ଗୁରୁଜୀ କାର୍ତ୍ତିକ ସେଠୀ, ସୁବ୍ରତ ବଳିଆର ସିଂହ, ଅତୁଳ୍ୟ ସୁନ୍ଦର ଭଞ୍ଜବାବୁ, ଦୀପକ ଦାସ, ରଣଜିତ୍ ମହାନ୍ତି ଓ ବେଣୁଧର ବେହେରାଙ୍କ ଦ୍ୱାରା ୨୫ଟି ଚାରା ରୋପଣ କରାଯାଇଥିଲା। ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶାନ୍ତି ପ୍ରବୀର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଟାୱାର ବସାଇବା ନାଁରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ

**ବାରିପଦା, ୨୧।୭ (ସମିସ):** ଘରେ ଜିଓ ମୋବାଇଲ ଟାୱାର ବସାଇବାକୁ କହି ୪ଲକ୍ଷରୁ ଊର୍ଦ୍ଧ୍ୱ ସାଇବର ଠକେଇ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଏ ନେଇ ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ କାଁଥି ଅଞ୍ଚଳର ହରିପଦ ଷଣ୍ଢ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ଗତ ୧୫.୧୧.୨୦୨୩ରେ ଜିଓ କମ୍ପାନୀର କର୍ମଚାରୀ ପରିଚୟ ଦେଇ ଏକ ଫୋନ ଆସିଥିଲା। କର୍ମଚାରୀ ଜଣକ ତାଙ୍କ ଘରେ ଏକ ଜିଓ ମୋବାଇଲ ଟାୱାର ବସାଇବା ପାଇଁ ଚୟନ ହୋଇଥିବା ନେଇ ମିଥ୍ୟା ପ୍ରଲୋଭନ ଦେଖାଇଥିଲା। ପରେ ତାଙ୍କୁ ଜମି କାଗଜପତ୍ର, ଆଧାର କାର୍ଡ ଆଦି ପଠାଇବାକୁ କହିଥିଲେ। ସେ କାଗଜପତ୍ର ପଠାଇବା ପରେ ପୁଣି ଫୋନ କରି ଲାଇସେନ୍ସ ଫି ବାବଦରେ ୧୨, ୫୬୦ଟଙ୍କା ଦେବାକୁ କହିଥିଲେ। ସେ ଉକ୍ତ ଅର୍ଥ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରିଥିଲେ। ଏହାପରେ ଜମି ଲାଇସେନ୍ସ ପାଇଁ ୫୦, ୫୦୦ଟଙ୍କା ପୁଣି ପ୍ରଦାନ କରିଥିଲେ। ଏପରିଭାବେ ବିଭିନ୍ନ ମିଥ୍ୟା କଥା କହି ତାଙ୍କଠାରୁ ୫ଟି ପର୍ଯ୍ୟାୟରେ ମୋଟ ୪ଲକ୍ଷ ୯୯ହଜାର ୯୩୯ ଟଙ୍କା ଠକି ନେଇଥିଲା ସାଇବର ଠକ। ପୁଣି ଫୋନ କରି ୧ଲକ୍ଷ ୩୫ହଜାର ଟଙ୍କା ମାଗିବାରୁ ସେ ଦେବାକୁ ଅରାଜି ହୋଇଥିଲେ। ତେବେ ଏତେ ଦିନ ବିତିଯାଇଥିଲେ ସୁଦ୍ଧା ମୋବାଇଲ ଟାୱାର ବସାଇବା କୌଣସି ପ୍ରକ୍ରିୟା ନ ହେବାରୁ ସେ ପଚରା ଉଚରା କରିଥିଲେ। ଏଥିପରେ ସେ ଠକାମିର ଶିକାର ହୋଇଥିବାର ଜାଣିବାକୁ ପାଇଥିଲେ। ଏନେଇ ସେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ପ୍ରକ୍ରିୟା ଜାରି ରଖିଛି।

# କୁଡୁମୀ ସେନାର ସାଧାରଣ ପରିଷଦ ବୈଠକ




**ବାରିପଦା, ୨୧।୭ (ସମିସ):** କୁଡୁମୀ ସେନାର ସଧାରଣ ପରିଷଦ ବୈଠକ ରବିବାର ବାରିପଦାରେ ଅନୁଷ୍ଠିତ ହୋଇଯାଇଛି। କୁଡୁମୀ ସେନା ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ଜୈମୁନୀ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ କୁଡୁମୀ ସେନାର ନେତୃବୃନ୍ଦ ଯୋଗ ଦେଇଥିଲେ। ସଭାରେ କୁଡୁମୀ ସେନାର ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ବିଶଦ ଆଲୋଚନା ହୋଇଥିଲା। କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ପୁନଃ ସାମିଲ କରିବା ଦାବିରେ ଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ଆନ୍ଦୋଳନ ଜାରି ରହିଛି। ଉକ୍ତ ଦାବି ହାସଲ କରିବା ପାଇଁ ସେନା ପକ୍ଷରୁ କ୍ରମାଗତ ଭାବେ ବିଭିନ୍ନ ପ୍ରକାରର ଆନ୍ଦୋଳର୍ନାକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତେଣୁ ନୂତନ ସରକାର ନିକଟରୁ କୁଡୁମୀ ଜାତି ନିଜର ହକ୍ ପାଇବ ବୋଲି ଆଶା କରୁଛି। ଏ ନେଇ ନିକଟରେ ସମଗ୍ର ମୟୂରଭଞ୍ଜ ଜିଲ୍ଲା ତଥା ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରୁ କୁଡୁମୀ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରେରଣ କରାଯାଇଛି। ତେବେ ନୂତନ ସରକାର ଯେପରି କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ପୁନଃ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ସୁପାରିସ କରିବେ ସେନେଇ କୁଡୁମୀ ସେନା ପକ୍ଷରୁ ସଂଗଠନର କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି।

# ଭୀମତାଳି ଗୋଶାଳାରୁ ୩ ହରିଆନା ଗାଇ ଚୋରି

**ଉଦଳା, ୨୧।୭ (ସମିସ):** କପ୍ତିପଦା ଉପଖଣ୍ଡ ସଦର ମହକୁମା ଉଦଳା ଭୀମିତାଳି ଛକ ନିକଟ ମା' ଗାୟତ୍ରୀ ଗୋଗବେଷଣା ସେବା କେନ୍ଦ୍ରରୁ ଶନିବାର ବିଳମ୍ବିତ ରାତ୍ରିରେ ୩ଟି ହରିଆନା ପ୍ରଜାତିର ଗାଈ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଆଭିଯୋଗ ହୋଇଛି। ରବିବାର ସକାଳୁ ଗୋଶାଳାର ତତ୍ତ୍ୱାବଧାରକ ଗୁହାଳରେ ଦେଖିଲା ବେଳକୁ ୩ଟି ଗାଈ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପରେ ସେ ବିଭିନ୍ନ ସ୍ଥାରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ସେ ଗୋଶାଳାର ସଭାପତି କରୁଣାକର ନାୟକ, ସମ୍ପାଦକ ପ୍ରକାଶ ନାୟକ ଓ ସମସ୍ତ ସଦସ୍ୟଙ୍କୁ ଜଣାଇଥିଲେ। ଚୋରି ଗାଈର ମୂଲ୍ୟ ପ୍ରାୟ ଲକ୍ଷାଧିକ ଟଙ୍କା ହେବ ବୋଲି ଗୋଶାଳା କୋଷାଧ୍ୟକ୍ଷ ସୁଭଦ୍ରା ପରିଡ଼ା କହିଛନ୍ତି।

# ଦେଓ ନଦୀର ଜଳପତ୍ତନ ବୃଦ୍ଧି; ଧୋଇନେଲା ଅସ୍ଥାୟୀ ପୋଲ

**କୁଆମରା, ୨୧।୭ (ସମିସ)**



ଗୁରୁବାରଠାରୁ ଜିଲ୍ଲାରେ ଲଗାଣବର୍ଷା ଜାରି ରହିଛି। ବର୍ଷା ଯୋଗୁ ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ଦେଓ ନଦୀରେ ସମ୍ପ୍ରତି ବନ୍ୟା ପରିସ୍ଥିତି ଦେଖା ଦେଇଛି। ବର୍ଷା ଲାଗି ରହିଥିବାରୁ ଦେଓନଦୀର ଜଳସ୍ତର ବୃଦ୍ଧି ପାଇବାରୁ କଇଁସାରୀ ନିକଟ ଜାମୁଘାଟ ପୋଲ ଉପରେ ୩ ଫୁଟ ଉଚ୍ଚରେ ବନ୍ୟା ଜଳ ଶନିବାର ପ୍ରବାହିତ ହୋଇଥିଲା। ଫଳରେ ଉଦଳାରୁ ଜୟପୁର ଓ କାଂଶ ଦେଇ ବାଲେଶ୍ୱରକୁ ସଂଯୋଗ କରୁଥିବା ରାସ୍ତା ଯୋଗାଯୋଗ ଠପ୍ ହୋଇପଡ଼ିଥିଲା। ତେବେ ଶନିବାର ରାତିରେ ଉପରମୁଣ୍ଡ ରେ ପ୍ରବଳ ବର୍ଷା ଲାଗି ରହିବାରୁ ଆଜି ସକାଳେ ଅସ୍ଥାୟୀ ପୋଲ ଉପରେ ୫ ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେବା ଯୋଗୁଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ବନ୍ୟା ଜଳ ମାଡ ହେବା ଯୋଗୁଁ ନଦୀ ପାର୍ଶ୍ୱ ଧସି ଯାଇଛି। ରବିବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଏହି ପରିସ୍ଥିତି ଲାଗି ରହିବା ଯୋଗୁଁ ଯାନବାହାନ ଚଳାଚଳ ମଧ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଶନିବାର ବିପଦପୂର୍ଣ୍ଣ ଭାବେ ଦୁଇ ଚକିଆ ଯାନଯିବା ଆସିବା କରୁଥିବା ବେଳେ ଆଜି ସମ୍ପୂର୍ଣ୍ଣ ବନ୍ଦ ରହିଛି। ଶନିବାରଠାରୁ ବସ୍, ଟ୍ରକ୍ ୧୩ କିମି ବୁଲିକରି ଉଦଳାରୁ କନ୍ହେଇବନ୍ଦ ଓ କୁଆମରା ଦେଇ ବାଲେଶ୍ୱରକୁ ଯାତାୟତ କରୁଥିବା ଦେଖିବାକୁ ମିଳୁଛି। ତେବେ ଆଜି ପ୍ରବାହିତ ବନ୍ୟା ଜଳରେ ଅସ୍ଥାୟୀ ପୋଲର ଦୁଇ ମୁଣ୍ଡରେ ଧୋଇ ନେବା ଯୋଗୁଁ ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଉଦଳା ମେଡିକାଲ, ବ୍ୟାଙ୍କ ଓ ଅନ୍ୟାନ୍ୟ ସେବା ଉପରେ ନିର୍ଭର କରୁଥିବା ଗୋପବନ୍ଧୁ ନଗର ବ୍ଲକର ୭ଟି ପଞ୍ଚାୟତବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ଅପରାହ୍ନରେ ବନ୍ୟା ଜଳ ସାମାନ୍ୟ ହ୍ରାସ ପାଇବାରେ ଲାଗିଛି। ସୂଚନା ଥାଉକି ଦୁଇ ବର୍ଷ ତଳେ ବିପଦ ପୂର୍ଣ୍ଣ ପୋଲକୁ ଭାଙ୍ଗି ଚଳିତ ବର୍ଷ ନୂତନ ପୋଲ ନିର୍ମାଣ ଆରମ୍ଭ ହୋଇଛି। ଏଥିପାଇଁ ନିର୍ମିତ ପୋଲର ଉତ୍ତର ପାର୍ଶ୍ୱରେ ଏକ ଅସ୍ଥାୟୀ ପୋଲରେ ଯାତାୟାତ ହେଉଥିଲା।

# ପୁରସ୍କାର ବିଜେତାଙ୍କୁ ସମ୍ବର୍ଦ୍ଧନା




**ବାରିପଦା,୨୧।୭ (ସମିସ):** ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫେସର ଡଃ ପ୍ରମୋଦ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ସେବା ଯୋଜନାର ପୁରସ୍କାରପ୍ରାପ୍ତ ସମସ୍ତ ବିଜେତାଙ୍କୁ ସମ୍ମାନିତ କରାଯାଇଛି । ଏହି ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସମାରୋହରେ ଅଧ୍ୟକ୍ଷ ପ୍ରଫେସର ଡଃ ପ୍ରମୋଦ ଚନ୍ଦ୍ର ସାହୁ, ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡଃ ଆଲବର୍ଟିନା ତିର୍କୀ, ବାଣିଜ୍ୟ ବିଭାଗର ମୁଖ୍ୟ ଡଃ ଆଶୁତୋଷ ପ୍ରୟାସ ଦାଶ ଅତିଥି ଭାବେ ଯୋଗଦେଇଥିଲେ । ଡଃ ଆଲବର୍ଟିନା ତିର୍କୀ ଜାତୀୟ ସେବା ଯୋଜନାର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ଏହା ପରେ ଡଃ ଏ.ପି ଦାଶ ଜାତୀୟ ସେବା ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପରେ ଅଧ୍ୟକ୍ଷ ଶ୍ରୀ ସାହୁ ବିଶ୍ୱବିଦ୍ୟାଳୟ ସ୍ତରୀୟ ପୁରସ୍କାରପ୍ରାପ୍ତ ଶ୍ରେଷ୍ଠ ଏନ୍‌ଏସଏସ ବାଳକ ଶାଖା ୧ ୟୁନିଟ ଭାବେ ଡଃ ପ୍ରିୟବ୍ରତ ବେହେରା, ଶ୍ରେଷ୍ଠ ପୁରୁଷ ସ୍ୱେଚ୍ଛାସେବୀ ଭାବେ ଶୁଭମ ରଞ୍ଜନ ମହାନ୍ତ, ଶ୍ରେଷ୍ଠ ମହିଳା ସ୍ୱେଚ୍ଛାସେବୀ ଭାବେ କୁମାରୀ ସୀମା ସାହା ଏବଂ ପ୍ରଶଂସାପତ୍ରପ୍ରାପ୍ତ ସ୍ୱେଚ୍ଛାସେବୀ ନିବେଦିତା ମହାନ୍ତ, ଚିନ୍ମୟୀ ମହାନ୍ତ ଓ ଅମିତ୍ କୁମାର ସିଂଙ୍କୁ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଡଃ ଅନାମ ଚରଣ ରାଉଳ ପରିଚାଳନା କରିଥିଲେ । ଶେଷରେ ଡଃ ପ୍ରିୟବ୍ରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ୟଜନ୍ତୁ ଅଙ୍ଗପ୍ରତ୍ୟଙ୍ଗ ବିକ୍ରିବେଳେ ମାଡ଼ିବସିଲା ବନବିଭାଗ

**କରଞ୍ଜିଆ, ୨୧।୭ (ସମିସ):** କରଞ୍ଜିଆ ବନଖଣ୍ଡ ଦୁଧିଆଣି ବନାଞ୍ଚଳ ଅନ୍ତର୍ଗତ ବିଧିବାସ ଛକ ନିକଟରେ ଦୁଇଜଣ ଯୁବକ ବନ୍ୟଜନ୍ତୁ ଅଙ୍ଗପ୍ରତ୍ୟଙ୍ଗ ବିକ୍ରି ପାଇଁ ମସୁଧା କରୁଥିବା ବେଳେ ବନ କର୍ମଚାରୀ ସେମାନଙ୍କୁ ଗିରଫ କରିଛି । ଯଶିପୁରସ୍ଥିତ ଶିମିଳିପାଳ ବନ୍ୟଜନ୍ତୁ ବନଖଣ୍ଡ କାର୍ଯ୍ୟାଳୟର କର୍ମଚାରୀ କୌଣସି ସୂତ୍ରରୁ ଖବର ପାଇ ବିଧିବାସ ଛକ ନିକଟରେ ପୂର୍ବରୁ ଛକି ରହିଥିଲେ । ଶନିବାର ସନ୍ଧ୍ୟାରେ କେନ୍ଦୁଝର ଜିଲ୍ଲା ପାଟଣା ଥାନା ମାଛଗଡ଼ ଗ୍ରାମର ପ୍ରତାପ ମଣ୍ଡଳ (୧୯) ଏବଂ କରଞ୍ଜିଆ ନୂଆସାହିର ଅଙ୍କିତ ଦେହୁରୀ (୧୯) ଏକ ଜରି ବ୍ୟାଗରେ ହାତୀଦାନ୍ତର ଅଗ୍ରଭାଗ (୪୦ଗ୍ରାମ), ଚିତାବାଘ ଚମଡା ଖଣ୍ଡ, ଭାଲୁ ନଖ (ଗୋଟିଏ) ଏବଂ ସମ୍ବର ସିଂଘ ଟୁକଡା (୨ଟି) ବିକ୍ରି ପାଇଁ ମସୁଧା କରୁଥିବାବେଳେ ଏସଟିଆର କର୍ମଚାରୀ ମାଡିବସିଥିଲେ । ସହକାରୀ ବନ ସଂରକ୍ଷକ ଫାଲଗୁନି ବେହେରା ଏବଂ ଦୁଧିଆଣି ବନାଞ୍ଚଳ ଟାଇଁସିରା ବିଟର ବନରକ୍ଷୀ ମନୋଜ କୁମାର ମହାନ୍ତ ଚଢ଼ଉ କରିଥିଲେ । ଅଭିଯୁକ୍ତଦ୍ୱୟଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ।

# ଅନିଶ୍ଚିତତାରେ ନୂତନ ବାଇପାସ୍ ରେଳପଥ ଓ ଷ୍ଟେସନ ନିର୍ମାଣ

**ବାରିପଦା, ୨୧।୭ (ସମିସ)**

ମୟୂରଭଞ୍ଜ ଜିଲ୍ଲାର ବହୁ ପ୍ରତୀକ୍ଷିତ ୩ଟି ନୂତନ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଓ ଟେଣ୍ଡର ଆହ୍ୱାନ ହୋଇଛି । ସେଗୁଡ଼ିକ ହେଲା ବାଦାମପାହଡ-କେନ୍ଦୁଝର, ଗୋରୁମହିଷାଣୀ-ବାଙ୍ଗିରିପୋଷି ଓ ବୁଢାମରା-ଚକୁଳିଆ ରେଳପଥ । ଏଥିପାଇଁ ଦକ୍ଷିଣ ପୂର୍ବ ରେଳବାଇ ଡିଭିଜନର ଇଞ୍ଜିନିୟରିଂ ହେଡକ୍ୱାଟର ସେକ୍ସନ ସେଣ୍ଟର ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି । ଟେଣ୍ଡର ନିମନ୍ତେ ଆସନ୍ତା ଅଗଷ୍ଟ ୭ ତାରିଖ ସମୟ ସୀମା ରଖାଯାଇଛି । ଟେଣ୍ଡର ପରେ ୧୨ ମାସ ମଧ୍ୟରେ ଜମି ଅଧିଗ୍ରହଣ ଶେଷ କରିବା ପାଇଁ ବିଜ୍ଞପ୍ତିରେ ନିର୍ଦ୍ଦେଶ ଜାରି କରାଯାଇଛି । ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୩ରେ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ବାଦାମପାହାଡ ରେଳ ଷ୍ଟେସନରେ ୩ଟି ନୂତନ ଟ୍ରେନ ଚଳାଚଳର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଦୀର୍ଘ ଦିନର ଦାବି ଥିବା ୩ଟି ନୂତନ ରେଳ ପ୍ରକଳ୍ପର ଡିପିଆର୍ (ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ ହୋଇଥିବା ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରକାଶ କରିଥିଲେ । ତେବେ ଡିପିଆର ପ୍ରସ୍ତୁତ ଶେଷ ହେବା ପରେ ନୀତି ଆୟୋଗ ଦ୍ୱାରା ଅନୁମତି ମିଳିବା ପରେ ଟେଣ୍ଡର ପ୍ରକ୍ରିୟା ହୋଇଛି । ତେବେ ସମସ୍ତ ରେଳପଥ ନିର୍ମାଣ ହେଲେ ରୂପ୍‌ସା-ବାଙ୍ଗିରିପୋଷି ରେଳପଥ ଦୋହରୀକରଣ ଆବଶ୍ୟକ ପଡ଼ିବ । ସିଙ୍ଗଲ ବା ଗୋଟିଏ ଲାଇନରେ ଏତେ ସଂଖ୍ୟକ ଟ୍ରେନ ଚଳପ୍ରଚଳ ସମସ୍ୟା ଆଣିବ । ଏହାକୁ ଦୃଷ୍ଟିରେ ରଖି ପ୍ରାରମ୍ଭିକ ପର୍ଯ୍ୟାୟରେ ୨୦୨୨ ଅକ୍ଟୋବର ମାସରେ ଦକ୍ଷିଣ-ପୂର୍ବ ରେଳ କର୍ତ୍ତୃପକ୍ଷ ବାରିପଦା ସହର ବାଇପାସରେ ନୂତନ ରେଳପଥ ଓ ଷ୍ଟେସନ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ; ଯାହାର ବର୍ତ୍ତମାନ କୌଣସି ଖବର ନାହିଁ । ରୂପ୍‌ସା-ବାଙ୍ଗିରିପୋଷି ରେଳପଥର ଜାମଶୋଳ-କୁଚେଇ ଷ୍ଟେସନ ମଧ୍ୟରେ ୧୬.୫ କିମି ଲମ୍ବର ଏହି ନୂତନ ବାଇପାସ ଲାଇନ ପ୍ରସ୍ତାବରେ ରହିଥିଲା । ପ୍ରସ୍ତାବିତ ବାଇପାସ ରେଳ ଲାଇନର ରୂପରେଖ, ପ୍ରୋଜେକ୍ଟ ରିପୋର୍ଟ, ଫାଇନାଲ ଲୋକେସନ ସର୍ଭେ, ମୃତ୍ତିକା ପରୀକ୍ଷା, ୟାର୍ଡ ପ୍ଲାନ ପ୍ରସ୍ତୁତି, ବିଭିନ୍ନ ଡିଜାଇନ ଓ ଡ୍ରଇଂ ପ୍ରସ୍ତୁତି ପାଇଁ ଟେଣ୍ଡର ଆହ୍ୱାନ ହୋଇଥିଲା । ରୁପ୍ସା-ବାଙ୍ଗିରିପୋଷି ରେଳରୁଟ ବ୍ରଡ଼ଗଜରେ ରୂପାନ୍ତରିତ ହେବା ପରେ ବର୍ତ୍ତମାନ ବିଦ୍ୟୁତିକରଣ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି ।




**ଜାମଶୋଳ-କୁଚେଇ ଷ୍ଟେସନ ମଧ୍ୟରେ ଥିଲା ୧୬.୫ କିମି ପ୍ରସ୍ତାବିତ ରେଳଲାଇନ**

ଏହି ରୁଟରେ ଦୈନିକ ମେମୁ ଟ୍ରେନ ରୂପସା/ବାଲେଶ୍ୱର ପର୍ଯ୍ୟନ୍ତ ୬ଥର ଚଳାଚଳ କରୁଥିବା ବେଳେ ପ୍ରତିଦିନ ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ, ସାପ୍ତାହିକ ସାଲିମାର-ଭଞ୍ଜପୁର ଓ ଭଞ୍ଜପୁର-ପୁରୀ ଟ୍ରେନ ଚଳାଚଳ କରୁଛି । ସହରରେ ରାଜାରାଜୁଡ଼ା ଅମଳରୁ ବାରିପଦା ଓ ଭଞ୍ଜପୁର ରେଳ ଷ୍ଟେସନ ଥିବାବେଳେ ଏହି ଦୁଇଟି ଷ୍ଟେସନ ମଧ୍ୟରେ ଓ ପୂର୍ବରୁ ସହରର ପ୍ରମୁଖ ରାସ୍ତାରେ ଏକାଧିକ ଲେବଲକ୍ରସିଂ ରହିଛି । ଷ୍ଟେସନ ବଜାର ନିକଟରେ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ୪୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ପ୍ରତିବାଦ କରିବାରୁ ତାହା ବନ୍ଦ ହୋଇଛି । ବୁଢାମରା-ଚାକୁଳିଆ, ବାଙ୍ଗିରିପୋଷି-ଗୋରୁମହିଷାଣୀ ଓ ବାଦାମପାହାଡ-କେନ୍ଦୁଝର ସହିତ ସଂଯୋଗ ହେଲେ ଏହି ରୁଟରେ ଦ୍ରୁତଗାମୀ ଯାତ୍ରୀବାହୀ ଟ୍ରେନ ସମେତ ମାଲବାହୀ ଟ୍ରେନ ଚଳାଚଳ କରିବ । ଏପରି ସ୍ଥଳରେ ସହର ମଧ୍ୟରେ ଥିବା ଏକାଧିକ ରେଳ ଲେବଲକ୍ରସିଂ ବାଧକ ସାଜିବା ସହିତ ରେଳଧାରଣା ସନ୍ନିକଟ ଜନସାଧାରଣଙ୍କ ବାସଗୃହ ପ୍ରତି ବିପଦ ଦେଖାଦେବ । ଏଥିସହିତ ଦୋହରୀକରଣ ରେଳପଥ ନିର୍ମାଣ ସହର ମଧ୍ୟରେ ଅସମ୍ଭବ ଦର୍ଶାଇ ଦୋକାନୀମାନେ ପୂର୍ବରୁ ପ୍ରସ୍ତାବିତ ବାଇପାସ ଲାଇନର ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ପ୍ରସ୍ତାବକୁ ରେଳ ମନ୍ତ୍ରଣାଳୟ ଗ୍ରହଣ କରି ଉପରୋକ୍ତ ଟେଣ୍ଡର ଆହ୍ୱାନ ପରେ ବାରିପଦା ସହର ବାଇପାସ ଆଶା ଉଜ୍ଜୀବିତ ହୋଇଥିଲା । ଏହାର ପ୍ରସ୍ତାବିତ ଡାଇଭର୍ସନ ରେଳପଥର ଏକ ନକସା ଭିଡିଓ ସେତେବେଳେ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବାରେ ଲାଗିଥିଲା । ସାଢେ ୧୬କିମିର ବାଇପାସ ରେଳପଥଟି ବାରିପଦା ସହରର ପୂର୍ବ ଦିଗରେ ଥିବା ଜାମଶୋଳ ରେଳଷ୍ଟେସନରୁ ସହରର ପଶ୍ଚିମରେ ଥିବା କୁଚେଇ ରେଳଷ୍ଟେସନ ମଧ୍ୟରେ ନିର୍ମାଣ ହେବ ; ଯାହାକି ଦେବେନ୍ଦ୍ରପୁର, ତକତପୁର, ରଘୁନାଥପୁର, ବରଜୁପୁର ଓ ଦାମଦୋରପୁର ହୋଇ ଯିବାର ଥିଲା । ଏହା ହେଲେ ଦ୍ରୁତଗାମୀ ଟ୍ରେନ ସହର ଭିତରକୁ ଆସିବେ ନାହିଁ । ଫଳରେ ଏକ ନୂତନ ଷ୍ଟେସନ ନିର୍ମାଣ ହେବ । ଯାହାକି ଜାମଶୋଳ କିମ୍ବା ରଘୁନାଥପୁର ନିକଟରେ ହେବା ସମ୍ଭାବନା ରହିଥିଲା । ଏହା ଦ୍ୱାରା ବାରିପଦା ସହରର ଜାତୀୟ ରାଜପଥ ୧୮ ନଂ ଉଭୟପାଶ୍ୱର୍ର ଦ୍ରୁତ ଉନ୍ନତି ହୋଇଥାନ୍ତା । ବର୍ତ୍ତମାନ ଏହି ଅଞ୍ଚଳରେ ପିଆରଏମ ମେଡ଼ିକାଲ କଲେଜ ନୂତନ କ୍ୟାମ୍ପସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ଆଇନ ମହାବିଦ୍ୟାଳୟ, ଶିକ୍ଷା ଓ ଶିକ୍ଷକ ମହାବିଦ୍ୟାଳୟ, ସରକାରୀ ଆଇଟିଆଇ ଆଦି ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଛି । କ୍ରମବର୍ଦ୍ଧିଷ୍ଣୁ ସହରକୁ ଆଖିରେ ରଖି ରେଳ ମନ୍ତ୍ରଣାଳୟର ପ୍ରସ୍ତାବକୁ ସବୁ ମହଲରେ ସ୍ୱାଗତ କରାଯାଇଥିଲା । ତେବେ ନୂତନ ବାଇପାସ ରେଳଲାଇନ ନିର୍ମାଣ ହେଲେ ବାରିପଦା ସହର ମଧ୍ୟରେ ରେଳ ଚଳାଚଳ ବନ୍ଦ ହେବ ନାହିଁ । ବର୍ତ୍ତମାନ ଚାଲୁଥିବା ଟ୍ରେନ ପୂର୍ବଭଳି ଚଳାଚଳ କରିବ ଏବଂ ବାରିପଦା ଓ ଭଞ୍ଜପୁର ରେଳଷ୍ଟେସନ ଉଚ୍ଛେଦ ହେବ ନାହିଁ ବୋଲି କୁହାଯାଇଥିଲା । ତେବେ ୨ ବର୍ଷ ହେବ ଉପରୋକ୍ତ ବାଇପାସ୍ ରୁଟ ବା ନୂତନ ଷ୍ଟେସନ ସମ୍ପର୍କରେ କୌଣସି ତଥ୍ୟ ରେଳ କର୍ତ୍ତୃପକ୍ଷଙ୍କ ପାଖରେ ନାହିଁ । ତିନିଟି ନୂତନ ରେଳପଥ ନିର୍ମାଣ ସହିତ ବାରିପଦା ସହର ବାଇପାସ୍ ରେଳପଥ ନିର୍ମାଣକୁ ଗୁରୁତ୍ୱ ଦେବା ପାଇଁ ମୟୂରଭଞ୍ଜ ରେଳଯାତ୍ରୀ ଫୋରମ ଦୃଷ୍ଟି ଆକର୍ଷଣ କରିବ ବୋଲି ଅଭିଜିତ୍ ରାମ କହିଛନ୍ତି ।

# ନିର୍ମାଣକୁ ୩ ବର୍ଷ ବିତିଲା; କାର୍ଯ୍ୟକ୍ଷମ ହେଉନି ଜଳପ୍ରକଳ୍ପ

**କୁଆମରା, ୨୧।୭ (ସମିସ):** ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତ ଚିଲିମାଠାରେ ନିର୍ମାଣର ୩ ବର୍ଷ ପରେ ବି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନାହିଁ । ଏ ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଗତ ୨୦୨୧ ମସିହାରେ ଏଠାରେ ଏକ ପାଣି ଟାଙ୍କି ନିର୍ମାଣ ଆରମ୍ଭ ହୋଇଥିଲା । ଇତି ମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଟାଙ୍କି କାମ ଆଉ ୨୦ ପ୍ରତିଶତ ରହିଛି । ପାଣି ଟାଙ୍କି ନିର୍ମାଣ ହେବା ଯୋଗୁଁ ପାଞ୍ଚ ଶହରୁ ଅଧିକ ପରିବାର ଶୁଦ୍ଧ ପାନୀୟ ଜଳ ପାଇପାରିବେ । ତେବେ ନିର୍ମାଣ ଅଧାପନ୍ତରିଆ ରଖି ଠିକାଦାର ପ୍ରାୟ ୬ମାସ ହେବ ଛାଡି ପଳାଇଛି । ତେବେ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଅଞ୍ଚଳବାସୀ ଶୁଦ୍ଧ ପାନୀୟ ଜଳ ପାଇବାରେ ବିଳମ୍ବ ଘଟୁଛି । ୬ ମାସ ପୂର୍ବରୁ ଉକ୍ତ ପାଣି ଟାଙ୍କିରେ ପାଣି ଭର୍ତ୍ତି କରାଯାଇ ପରୀକ୍ଷା ନିରୀକ୍ଷା କରାଯାଇଥିଲା । ନିର୍ମିତ ଓଭରହେଡ ଟାଙ୍କିର ଚାରି ପାଖ ପାଣି ଝରୁଥିବା ଦେଖାଯାଇଥିଲା । ତାପରଠାରୁ ସମ୍ପୃକ୍ତ ଠିକାଦାର କାମ ଛାଡ଼ି ପଳାଇଯାଇଛି । ନିମ୍ନମାନର କାମ ଯୋଗୁଁ ଏହିପରି ଅବସ୍ଥା ହୋଇଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ତେବେ ପାଣି ଟାଙ୍କିର ଉପର ଅଂଶ ରଙ୍ଗ ଉଡି ଗଲାଣି; ମାତ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନି । ତେବେ ପ୍ରକଳ୍ପ କାର୍ଯ୍ୟ ଶେଷ ବାକି ହେବାକୁ ବସିଥିବା ବେଳେ ଏଯାବତ୍ ସୂଚନା ଫଳକ ନ ଥିବାରୁ ଲୋକେ ଜାଣିପାରୁନାହାନ୍ତି । ଉକ୍ତ ପ୍ରକଳ୍ପ କାର୍ଯ୍ୟର ସ୍ଥାୟିତ୍ୱ ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ପ୍ରକଳ୍ପର ଅଟକଳ କେତେ ଓ କେବେ କାର୍ଯ୍ୟ ସରିବ ଏ ନେଇ ଅନ୍ଧାରରେ ଅଛନ୍ତି ଅଞ୍ଚଳବାସୀ । ତେବେ ଏ ନେଇ ପ୍ରକଳ୍ପ କନିଷ୍ଠ ଯନ୍ତ୍ରୀ ରଜତ କୁମାର ପଣ୍ଡାଙ୍କୁ ପଚାରିବାରୁ ମାର୍ଶି ଗାଁରେ ମୁଖ୍ୟ ପ୍ରକଳ୍ପ ରହିଛି ଏବଂ ସେଠାରେ ଆଉ ୬ଟି ପ୍ରକଳ୍ପର ସୂଚନା ଫଳକ ଲଗାଯାଇଛି । ସମସ୍ତ ପ୍ରକଳ୍ପ ଶେଷ ହେଲେ ଏକ ସମୟରେ ପାଣି ଛଡାଯିବ ବୋଲି କହିଛନ୍ତି ।



# ଶିମିଳିପାଳରେ ଲଗାଣ ବର୍ଷା ▸ ଭଞ୍ଜବସାରେ ସର୍ବାଧିକ ଓ ରାମତୀର୍ଥରେ ସର୍ବନିମ୍ନ ବୃଷ୍ଟିପାତ

**ବାରିପଦା, ୨୧।୭ (ସମିସ):** ଲଘୁଚାପ ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାରେ ତୁହାକୁ ତୁହା ବର୍ଷା ଚାଲିଛି । ଶିମିଳିପାଳ ଅଭୟାରଣ୍ୟ ସମେତ ଅନ୍ୟ ସ୍ଥାନରେ ମଧ୍ୟ ବର୍ଷା ଲାଗିରହିଛି । ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ଗତ ଦୁଇ ଦିନ ହେବ ସ୍ୱଳ୍ପରୁ ଭାରିଧରଣର ବର୍ଷା ହୋଇଛି । ତେବେ ରବିବାରଠାରୁ ବର୍ଷାର ମାତ୍ରା କିଛି ପରିମାଣରେ ହ୍ରାସ ପାଇଛି । ଅପରପକ୍ଷରେ ସୋମବାରଠାରୁ ଗୁରୁବାର ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାରେ ବୃଷ୍ଟିପାତ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରଯାଇଛି । ଶିମିଳିପାଳ ମଧ୍ୟରେ ରବିବାର ସକାଳ ୬ ସୁଦ୍ଧା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କର୍ତ୍ତୃପକ୍ଷଙ୍କ ପ୍ରଦତ୍ତ ଅନୁସାରେ ଭଞ୍ଜବସାଠାରେ ସର୍ବାଧିକ ୯୫.୯୮ ମିମି ବୃଷ୍ଟିପାତ ହୋଇଛି । ସେହିପରି ରାମତୀର୍ଥଠାରେ ସର୍ବନିମ୍ନ ୭.୬୨ମିମି, କବାଟଘାଇରେ ୩୦.୯୮ମିମି, କୁଳିପାଳରେ ୩୦.୯୮ମିମି, ଉତ୍ତର ନୱଣାରେ ୩୮.୬୦ମିମି, ବରେହିପାଣିରେ ୪୪.୪୫ମିମି, ଡୁକୁରାରେ ୪୪.୪୫ମିମି, ପୋଡାଡିହାରେ ୬୩.୫୦ମିମି, ଚହଲାରେ ୩୫.୦୦ମିମି, ଉତ୍ତର ପିଠାବଟାରେ ୫୫.୬୨ମିମି, ଜେନାବିଲରେ ୫୬.୨୮ମିମି, ଦକ୍ଷିଣ ପିଠାବଟାରେ ୪୯.୨୭ ମିମି, ଦକ୍ଷିଣ ନୱଣାରେ ୪୭.୬୦ମିମି, ଠାକୁରମୁଣ୍ଡାରେ ୧୦.୧୬ମିମି, ସାତକୋଶିଆରେ ୪୪.୪୫ ମିମି, କେନ୍ଦୁମୁଣ୍ଡିରେ ୧୦.୧୬ମିମି ଏବଂ ଉପର ବାରହାକାମୁଡ଼ାରେ ୨୨.୨୦ମିମି ବୃଷ୍ଟିପାତ ହୋଇଥିବା ରେକର୍ଡ ହୋଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ବନଖଣ୍ଡ ଉପ ନିର୍ଦ୍ଦେଶକ ସାଇ କିରଣ ସୂଚନା ଦେଇଛନ୍ତି । ଶିମିଳିପାଳ ଅଭୟାରଣ୍ୟରେ ବୃଷ୍ଟିପାତ ଯୋଗୁଁ ଜଙ୍ଗଲ ମଧ୍ୟରେ ଥିବା ଜଳାଶୟ ଓ ପ୍ରବାହିତ ହେଉଥିବା ଖଇରୀ, ବୁଢାବଳଙ୍ଗ, ୱେଷ୍ଟ ଦେଓ, ସାଳନ୍ଦୀ, ସଞ୍ଜ, ଠକଠକି, ଖଡ଼ଖାଇ, ପଲପଲା ଓ ଗଙ୍ଗାହାର ଆଦି ନଦୀରେ ଜଳସ୍ତର ପରିମାଣରେ ବୃଦ୍ଧି ପାଇଛି । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବର୍ଷା ସ୍ଥିତି ନିରନ୍ତର ଅନୁଧ୍ୟାନ କରାଯାଉଛି ବୋଲି ପ୍ରକଳ୍ପର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ପ୍ରକାଶ ଚାନ୍ଦ ଗୋଗେନାନୀ କହିଛନ୍ତି ।



## ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ




**ବାରିପଦା, ୨୧।୭ (ସମିସ)**

ଭଞ୍ଜପୁର ସ୍ଥିତ ହାବିଲଦାର ଓ କନେଷ୍ଟବଳ ସଂଘ ସମ୍ମିଳନୀ କକ୍ଷରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଚିତ୍ତରଞ୍ଜନ ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଂଘ ଉପଦେଷ୍ଟା ଦେବେନ୍ଦ୍ର ପଣ୍ଡା, ରାଜ୍ୟ ସଂଘ ପୂର୍ବତନ ସାଧାରଣ ସମ୍ପାଦକ ତଥା ଜିଲ୍ଲା ସଂଘ ଉପଦେଷ୍ଟା ଦୀପକ ଦଣ୍ଡପାଟ, ରାଜ୍ୟ ସଂଘ ଉପସଭାପତି ଦୀପ୍ତିକାନ୍ତ ଜେନା, ସାଧାରଣ ସମ୍ପାଦକ ଧ୍ରୁବଚରଣ ମୁର୍ମୁ ତଥା କୋଷାଧ୍ୟକ୍ଷ ପଦ୍ମଲୋଚନ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ଶିକ୍ଷକ/ଶିକ୍ଷୟିତ୍ରୀ, ବିଦ୍ୟାଳୟର ନାନାବିଧ ସମସ୍ୟା, ପିଲାମାନଙ୍କ ଶିକ୍ଷାଦାନ ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରାଯାଇଛି । ଶିକ୍ଷକଙ୍କ ବେତନ ପ୍ରଦାନରେ ଅନିୟମିତତା, ବିଭିନ୍ନ ବକେୟା ଭତ୍ତା ପ୍ରଦାନ କରିବା ଦିଗରେ ମାସ ମାସ ଧରି ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁତ୍ୱ ଦେଉ ନ ଥିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ପ୍ରତ୍ୟେକ ଆଶ୍ରମ ବିଦ୍ୟାଳୟରେ ବିଧି ମୁତାବକ ବିଷୟ ଶିକ୍ଷକ/ଶିକ୍ଷୟିତ୍ରୀ ପଦ ପୂରଣ ନ କରିବା, ପିଲାସଂଖ୍ୟା ଆଧାରରେ ଶିକ୍ଷକ ନିଯୁକ୍ତି, ଶ୍ରେଣୀ କୋଠରୀ ବ୍ୟବସ୍ଥା, ଛାତ୍ରାବାସ ନିର୍ମାଣ ସହ ଆନୁଷଙ୍ଗିକ ସୁବିଧା ସୁଯୋଗ ପ୍ରଦାନ ଆଦି ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାକୁ ଦାବି ହୋଇଛି । ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସଂଘ ବାଧ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏତଦ୍ ବ୍ୟତୀତ ବର୍ଷକୁ ଦୁଇ ଥର ପଦୋନ୍ନତି ପାଇଁ ନିୟମ ରହିଥିଲେ ହେଁ ଦୀର୍ଘବର୍ଷ ଧରି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ କଳା ଓ ବିଜ୍ଞାନ ଶିକ୍ଷକ ରୂପେ ପଦୋନ୍ନତି ମିଳିନାହିଁ । ଏଥିସହିତ ଶିକ୍ଷାନୀତି ଅନୁଯାୟୀ ପିଲାସଂଖ୍ୟା ଆଧାରରେ ଶିକ୍ଷକ ନିଯୁକ୍ତି, ରାତ୍ର ଜଗୁଆଳି ନିଯୁକ୍ତି ନ କରିବା କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ଆଶ୍ରମ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ବୋଲି ସଂଘର ସଦସ୍ୟମାନେ ମତ ରଖିଥିଲେ । ଆଶ୍ରମ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ପାଇଁ ବିଷୟ ଶିକ୍ଷକ ନ ଥିବାରୁ ଏଠାରୁ ପାସ୍ କରୁଥିବା ଛାତ୍ରଛାତ୍ରୀ ହାଇସ୍କୁଲରେ ଆଖିଦୃଶିଆ ଫଳ ପାଉ ନ ଥିବାରୁ ଭଲ ମହାବିଦ୍ୟାଳୟରେ ମଧ୍ୟ ନାମ ଲେଖାଇ ପାରୁନାହାନ୍ତି । ପୁନଶ୍ଚ ଦୀର୍ଘ ବର୍ଷ ଧରି ଉଚ୍ଚ ବିଦ୍ୟାଳୟ ମାନଙ୍କରୁ କନିଷ୍ଠ କିରାଣୀଙ୍କୁ ଆଣି ଜିଲ୍ଲା କାର୍ଯ୍ୟାଳୟରେ କାମ କରାଇବାରୁ ହାଇସ୍କୁଲ ଶିକ୍ଷକମାନେ ଅଫିସ କାମରେ ବ୍ୟସ୍ତ ରହୁଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି । ଯଦ୍ଦ୍ୱାରା ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ବୋଲି କାର୍ଯ୍ୟକାରିଣୀ ସଦସ୍ୟ ଉଦବେଗ ପ୍ରକାଶ କରିଥିଲେ । ଦୀର୍ଘଦିନ ଧରି ମୟୂରଭଞ୍ଜରେ ସିଆଇ ଏବଂ ଡିଆଇ ପଦବୀ ଫାଙ୍କା ରହିଛି । ପ୍ରତି ୩ ମାସରେ ଥରେ ପୂର୍ବ ପରି ଜିଲ୍ଲାପାଳ ତଥା ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନେଇ ବୈଠକ କରାଗଲେ ଶିକ୍ଷକ, ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ସମସ୍ତ ସମସ୍ୟା ଦୂର ହୋଇପାରିବ ବୋଲି ସଦସ୍ୟମାନେ ମତ ରଖିଥିଲେ । ଏହିସବୁ ସମସ୍ୟାର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ କର୍ମତତ୍ପର ନ ହୁଅନ୍ତି, ତେବେ ଆଗାମୀ ଦିନରେ ସଂଘ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ତଥା ରାଷ୍ଟ୍ରପତିଙ୍କ ଦୃଷ୍ଟିଗୋଚର କରିବାକୁ ବାଧହେବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଶେଷରେ ଉପଦେଷ୍ଟା ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ; ଫାଇନାଲ୍‌ରେ ରଙ୍ଗାମାଟିଆ

**ବାରିପଦା, ୨୧।୭ (ସମିସ):** ବାରିପଦା ସଦର ବ୍ଲକ ଅଧୀନ ଶଙ୍ଖାଭଙ୍ଗା ପଞ୍ଚାୟତର ସାରୁଝରଣ ରୁରାଲ ୟଙ୍ଗ ୟୁଥ କ୍ଲବ ତରଫରୁ ଦୁଇ ଦିବସୀୟ ୩୪ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି । ଉଦଘାଟନୀ ଦିବସରେ ୮ଟି ଦଳକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନର ସେମି ଫାଇନାଲ ଖେଳ ନିଉ ସେଭେନ ଷ୍ଟାର ଫୁଟବଲ କ୍ଲବ, ଇଦପାହି ଏବଂ ସେଭ ଗ୍ରୀନ ଫୁଟବଲ କ୍ଲବ, ରଙ୍ଗାମାଟିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରଙ୍ଗାମାଟିଆ ଫାଇନାଲକୁ ଉନ୍ନୀତ ହୋଇଛି । ପ୍ରତିଯୋଗିତାରେ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଭାପତି ଧରମରାଜ ହାଁସଦା ମୁଖ୍ୟଅତିଥି ଭାବେ ଯୋଗ ଦେଇ ସେମିଫାଇନାଲ ଖେଳକୁ ଉଦଘାଟନ କରିଥିଲେ ଏବଂ ଚତୁର୍ଥ ପୁରସ୍କାର ଇଦପାହି ଦଳକୁ ୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । କ୍ଲବର ସଭାପତି ସୁଗଦା ମାର୍ଣ୍ଡି, ସମ୍ପାଦକ ଅଜୟ ମାର୍ଣ୍ଡି, ଲାଡ ସୋରେନ, ରାଇସେନ ମାର୍ଣ୍ଡି, ଲାଲମୋହନ ମାର୍ଣ୍ଡି, ରମେଶ ହାଁସଦା, ଗଣେଶ ମାର୍ଣ୍ଡି, ମଙ୍ଗଳ ସୋରେନ, ଲେଖିରାମ ମାର୍ଣ୍ଡି, ଅନିଲ ହେମ୍ବ୍ରମ ଓ କାଝିଅ ମାର୍ଣ୍ଡି ପ୍ରମୁଖ ସଦସ୍ୟ ଖେଳ ପରିଚାଳନା କରିଥିଲେ ।



# ‘ଡିଜିଟାଲ ଆରେଷ୍ଟ’ ଫାଶରେ ବଡ଼ବଡ଼ିଆ

**ଭୁବନେଶ୍ୱର, ୨୧।୭ (ସମିସ):** ସାଇବର୍ ଠକେଇର ନୂଆ ତରିକା ପାଲଟିଛି ‘ଡିଜିଟାଲ ଆରେଷ୍ଟ’। ବହୁ ବଡ଼ବଡ଼ିଆ ଏବେ ଏହି ଫାଶରେ ଫସି କୋଟି କୋଟି ଟଙ୍କା ହରାଉଛନ୍ତି। ସାଇବର୍ ଠକମାନେ ନିଜକୁ ସିବିଆଇ, ଇଡି ଏବଂ ଆଇବି ଅଫିସର୍ ବୋଲି ପରିଚୟ ଦେଇ ଅନ୍‌ଲାଇନ୍ ମାଧ୍ୟମରେ ‘ଡିଜିଟାଲ ଆରେଷ୍ଟ’ କରୁଛନ୍ତି। ଘର ଭିତରେ ବନ୍ଦୀ କରି ଭିଡିଓ କଲ୍ ମାଧ୍ୟମରେ ଜେରା କରୁଛନ୍ତି। ଗିରଫର ଭୟ ଦେଖାଇ ଆକାଉଣ୍ଟର ସମସ୍ତ ତଥ୍ୟ ନେଇ ଖାଲି କରିଦେଉଛନ୍ତି। ଗତ ୨ ମାସ ଭିତରେ ଏହି ଉପାୟରେ ବିଭିନ୍ନ ଲୋକଙ୍କଠାରୁ ପାଖାପାଖି ୫ କୋଟିରୁ ଅଧିକ ଟଙ୍କା ଠକେଇ ହେବା ଘଟଣା ପଦାକୁ ଆସିବା ପରେ ଓଡ଼ିଶା ପୁଲିସ୍‌ର ଚିନ୍ତା ବଢ଼ିଯାଇଛି। ନିକଟରେ ଦିଲ୍ଲୀରୁ ଗିରଫ ହୋଇଥିବା ନାଇଜେରୀୟ ଠକଙ୍କୁ ପଚରାଉଚରା ପରେ ଏହି ତଥ୍ୟ ପଦାକୁ ଆସିଛି। କିଭଳି ସାଇବର ଠକ ବଡ଼ବଡ଼ିଆଙ୍କୁ ଟାର୍ଗେଟ୍ କରନ୍ତି, ସେ ସମ୍ପର୍କରେ ଏହି ୨ ନାଇଜେରୀୟ ଠକ କ୍ରାଇମ୍‌ବ୍ରାଞ୍ଚ ଆଗରେ ସତ ଉଗାରିଛନ୍ତି।

ଏହା ଜଣାପଡ଼ିବା ପରେ ଏଭଳି ହ୍ୱାଟ୍ସଆପ୍ କଲ୍ କରି ନିଜକୁ ସିବିଆଇ, ଇଡି ଏବଂ ଆଇବି ଅଧିକାରୀ କହୁଥିବା ଲୋକଙ୍କୁ ବିଶ୍ୱାସ ନ କରିବା ଏବଂ ଗିରଫ ଭୟରେ ସେମାନଙ୍କୁ ବ୍ୟାଙ୍କ୍ ଆକାଉଣ୍ଟ କିମ୍ବା ଅନ୍ୟ କୌଣସି ତଥ୍ୟ ନଦେବାକୁ ପାଇଁ ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ ଜନସାଧାରଣଙ୍କୁ ସତର୍କ କରାଇଛନ୍ତି। ଏ ପ୍ରକାର ସ୍ଥିତିରେ ତୁରନ୍ତ ସାଇବର ପୁଲିସର ଟୋଲ୍‌ଫ୍ରି ନମ୍ବରକୁ କଲ୍ କରି ଜଣାଇବାକୁ ଡିଜି କହିଛନ୍ତି।

- ନିଜକୁ ସିବିଆଇ, ଇଡି ଏବଂ ଆଇବି ଅଧିକାରୀ କହି ଲୁଟୁଛନ୍ତି
- ଘର ଭିତରେ ବନ୍ଦୀ କରି ଭିଡିଓ କଲ୍ ମାଧ୍ୟମରେ ଜେରା କରୁଛନ୍ତି
- ୨ ମାସ ଭିତରେ ଲୁଟିଲେଣି ୫କୋଟିରୁ ଅଧିକ ଟଙ୍କା
- ସତର୍କ ରହିବାକୁ ପରାମର୍ଶ ଦେଲେ ଡିଜି

ରାଜ୍ୟରେ ଗତ କିଛି ମାସ ଭିତରେ ଡିଜିଟାଲ ଆରେଷ୍ଟର ବଡ଼ ନେଟ୍‌ୱର୍କ କାର୍ଯ୍ୟ କରିଛି। ଡିସେମ୍ବର ୨୦୨୩ରେ ରାଜ୍ୟର ଜଣେ ଅବସରପ୍ରାପ୍ତ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କଠାରୁ ଅଢ଼େଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଥିଲା। ପରେ ଗତ ମେ’ ମାସରେ ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀଙ୍କଠାରୁ ସାଇବର୍ ଲୁଟେରାମାନେ ୩୦ ଲକ୍ଷ ଠକି ନେଇଥିଲେ। ଏନେଇ କ୍ରାଇମବ୍ରାଞ୍ଚ ସାଇବର ସେଲ୍‌ରେ ଅଭିଯୋଗ ପରେ ପ୍ରାୟ ୭ମାସ ପରେ ଲୁଟେରାଙ୍କ ପାଖରେ ପହଞ୍ଚିଥିଲା କ୍ରାଇମବ୍ରାଞ୍ଚ। ସେହିଭଳି ଦ୍ୱିତୀୟ ଘଟଣାରେ ୫ ଅନ୍ତର୍ଜାତୀୟ ଲୁଟେରାଙ୍କୁ ଜୁନ୍ ୧୮ରେ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ତେଣୁ ବଡ଼ବଡ଼ ଅଫିସରଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି ପୁଲିସ।

# କୂଳ ଖାଉଛି ମହାନଦୀ

**ନୟାଗଡ଼/ଗଣିଆ, ୨୧।୭(ସମିସ):** ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମହାନଦୀ କୂଳ ଖାଉଛି। ମାଟି ଅତଡ଼ା ଧସି ଅନେକ ବୃକ୍ଷଲତା ନଦୀ ପାଣିରେ ଭାସି ଯାଉଛି। ଦୀର୍ଘ ଦିନ ଧରି ଏଭଳି ସ୍ଥିତି ଲାଗି ରହିଥିବା ବେଳେ ଜଳସେଚନ ବିଭାଗ ନିଘୋଡ଼ ନିଦରେ ଶୋଇଥିବା ଅଭିଯୋଗ ହେଉଛି। ଫଳରେ ନଦୀକୂଳିଆ ଗ୍ରାମଗୁଡ଼ିକ ପ୍ରତି ବିପଦ ବଢ଼ିବାରେ ଲାଗିଛି। ବିଶେଷକରି ଏହି ବ୍ଲକ୍ ଅନ୍ତର୍ଗତ ବଡ଼ମୂଳ ଗ୍ରାମ ଆଗାମୀ ଦିନରେ ମହାନଦୀରେ ବିଲୀନ ହୋଇଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ମହାନଦୀରେ ବନ୍ୟା ଆସିଲେ, ବଡ଼ମୂଳ ଗ୍ରାମବାସୀଙ୍କ ଛାତିରେ ଛନକା ପଶିଯାଏ। ପ୍ରତିବର୍ଷ ଆସୁଥିବା ବନ୍ୟାଜଳ ଗାଁ ମଧ୍ୟରେ ପ୍ରବେଶ କରିଥାଏ। ଗାଁ ରାସ୍ତା ଉପରେ ଦୁଇଫୁଟ୍ ଉଚ୍ଚର ପାଣି ଲହଡ଼ି ମାରିବା ସହ ବିଭିନ୍ନ ଜଳଚର ଜୀବ ଲୋକଙ୍କ ଘରକୁ ପଶି ଆସିଥା’ନ୍ତି। ଏଭଳି ସ୍ଥିତିରେ ଗ୍ରାମବାସୀଙ୍କ ଆଖିରୁ ନିଦ ହଜିଯାଏ।



ଗାଁର ଉତ୍ତର ଦିଗ ଦେଇ ଯାଇଥିବା ମହାନଦୀ କୂଳର ଅବସ୍ଥା ଦେଖିଲେ, ଯେକେହି ଭୟ କରିବ। ମହାନଦୀର ପ୍ରବଳ ସ୍ରୋତରେ କୂଳରେ ଥିବା ମାଟି ଅତଡ଼ା ଖସୁଥିବା ବେଳେ ବଡ଼ବଡ଼ ଗଛ ଉପୁଡ଼ି ପଡୁଛି। ଗତ ବନ୍ୟାରେ ଶତାଧିକ ଗଛ ମହାନଦୀ ବନ୍ୟାଜଳରେ ଭାସି ଯାଇଥିଲା। ଅନେକ ଅଞ୍ଚଳରୁ ମାଟି ବି ଧୋଇ ଯାଇଥିଲା। ଗାଁକୁ ଲାଗି କୌଣସି ବନ୍ଧ ନଥିବାରୁ ନଦୀର ଭୟ ସଦାସର୍ବଦା ଗ୍ରାମବାସୀଙ୍କୁ ଚିନ୍ତାରେ ପକାଉଛି। ଏହି ଗାଁ ନିକଟରୁ ସାତକୋଶିଆ ଗଣ୍ଡ ଆରମ୍ଭ ହୋଇଛି। ମହାନଦୀ ଏହି ସ୍ଥାନରୁ ସମ୍ପ୍ରସାରିତ ହୋଇଛି। ସାତକୋଶିଆ ଗଣ୍ଡରୁ ପ୍ରବଳ ସ୍ରୋତରେ ବାହାରୁଥିବା ଜଳରାଶି ଦିନକୁ ଦିନ ଗାଁର ସମତୁଲ ଅଞ୍ଚଳକୁ ଛାରଖାର କରୁଛି। ଅନେକ ଲୋକଙ୍କ ଘର ପଛ ପାଖରେ ମହାନଦୀ ପହଞ୍ଚିସାରିଥିବା ବେଳେ ଯେକୌଣସି ସମୟରେ ଏକ ବଡ଼ ଅଘଟଣ ଘଟିଯାଇପାରେ ବୋଲି କୁହାଯାଉଛି।

ଗ୍ରାମବାସୀ ପବିତ୍ର ସାମଲ, ବ୍ରଜମୋହନ ସାମଲଙ୍କ କହିବାନୁସାରେ, ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ଏଠାରେ ବନ୍ଧ ନିର୍ମାଣ କରାଯିବା ସହ ପଥର ପ୍ୟାକିଂ, ବୁରୁଜ କରିବା ପାଇଁ ଗ୍ରାମବାସୀ ବାରମ୍ବାର ଜଳସେଚନ ବିଭାଗର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ବଡ଼ମୂଳ ଗ୍ରାମରେ ବସବାସ କରୁଥିବା ୪୦ପରିବାରର ୨ ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ପ୍ରତି ବିପଦ ଲାଗି ରହୁଛି। କେତେବେଳେ ଏହି ଗାଁ ମହାନଦୀ ଆଁରେ ବିଲୀନ ହୋଇଯିବ, ସେ ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ ବୋଲି ସେମାନେ କହିଛନ୍ତି।

- ଲୀନ ହୋଇଯିବ ବଡ଼ମୂଳ ଗାଁ
- ବଢୁଛି ନଦୀକୂଳିଆ ଗାଁ ପ୍ରତି ବିପଦ

# ବୋଡେନ୍ ବ୍ଲକ୍ ଅଞ୍ଚଳରେ ପୁଣି ବାଘ ଆତଙ୍କ

**ନୂଆପଡ଼ା, ୨୧।୭(ସମିସ):** ନୂଆପଡ଼ା ଜିଲ୍ଲାରେ ଏକ କଲରାପତରିଆ ବାଘର ଆତଙ୍କ ଥମିବାର ନାଁ ନେଉନାହିଁ। ଜଙ୍ଗଲ ତଳି ଅଞ୍ଚଳରେ ଲୋକେ ସନ୍ଧ୍ୟା ହେଲେ ତାଟି କବାଟ ବନ୍ଦ କରିଦେବା ସହ ଆତଙ୍କିତ ହୋଇପଡ଼ିଛନ୍ତି। ଏବେ ପୁଣି ନୂଆପଡ଼ା ଜିଲ୍ଲାରେ ବାଘ ଆତଙ୍କ ଲୋକଙ୍କ ନିଦ ହଜାଇ ଦେଇଛି। ଗତ ଜୁଲାଇ ୪ ତାରିଖରେ ଉକ୍ତ ବାଘ ବୋଡ଼େନ ଥାନା ଚିକଲଚୁଆଁ ଗାଁର ମନସାଏ ମାଝୀଙ୍କ ବାଛୁରୀକୁ ମାରି ଖାଇଥିବା ବେଳେ ୧୪ ତାରିଖରେ କୁସୁମଖୁଣ୍ଟା ଗାଁରେ ଅବିର ବଛା ନାମକ ଜଣେ ଚାଷୀଙ୍କ ବାଛୁରୀକୁ ମଧ୍ୟ ମାରିଛି।



୧୦ ଦିନରେ ଖାଇଲାଣି ୨ ବାଛୁରୀ

ପୁଣି ବୋଡେନ ଦମକଳ କେନ୍ଦ୍ରରେ ଥିବା ଗୋଟିଏ ପୋଷା କୁକୁରକୁ ମଧ୍ୟ ଆକ୍ରମଣ କରି ଗୁରୁତର କରିଛି ବାଘ। ଏହା ଏକ କଲରାପତରିଆ ବାଘ ବୋଲି ଜଣାପଡ଼ିଛି। ବନ ବିଭାଗର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଗାଁକୁ ଯାଇ ଲୋକଙ୍କୁ ସଚେତନ କରୁଛି। ରାତି ହେଲେ ବିଶେଷ କାମ ନଥିଲେ ଗାଁ ବାହାରକୁ ନ ଯିବାକୁ ବନ କର୍ମଚାରୀମାନେ ଗାଁ ଲୋକଙ୍କୁ ପରାମର୍ଶ ଦେଉଛନ୍ତି। ଅପରପକ୍ଷେ, ବିଭାଗ ତରଫରୁ ବାଘ ଉପରେ ସ୍ୱତନ୍ତ୍ର ନଜର ରଖି ତା’ର ଗତିବିଧି ଅନୁଧ୍ୟାନ କରାଯାଉଛି। କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଦିଆଯିବ ବୋଲି ଖଡ଼ିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାଁ କହିଛନ୍ତି।

# ପୁଣି ବାଘ ପାଦ ଚିହ୍ନ ଠାବ



**ତେଲକୋଇ,୨୧।୭(ସମିସ):** କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବିମଳା ସେକ୍ସନ ଟାଙ୍ଗିରୀ ଗ୍ରାମ ଜୁଆଙ୍ଗସାହି ନିକଟବର୍ତ୍ତୀ ବୈଦମୁଣ୍ଡା ଗ୍ରାମ୍ୟ ଜଙ୍ଗଲରେ ରବିବାର ଏକ ବାଘର ପାଦଚିହ୍ନ ଠାବ ହୋଇଛି। ଖବର ପାଇ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହ ଏହା ବାଘର ପାଦଚିହ୍ନ ବୋଲି ସ୍ପଷ୍ଟ କରିଛି। ଏହି ଘଟଣା ପରେ ଆଖପାଖ ଅଞ୍ଚଳରେ ବାଘକୁ ନେଇ ଲୋକଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଜଙ୍ଗଲ ତ ଦୂରର କଥା, ବିଲବାଡ଼ି ଯିବାକୁ ମଧ୍ୟ ଭୟ କରୁଛନ୍ତି। ଏବେ ଚାଷ ସମୟ ହୋଇଥିବା ବେଳେ ବାଘ ଭୟରେ ଲୋକଙ୍କ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ଏ ସମ୍ବନ୍ଧରେ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି ଯେ କିଛି ଦିନ ପୂର୍ବରୁ ସୀମାନ୍ତ ଅଞ୍ଚଳରେ ବାଘର ଅବସ୍ଥିତି ସଂପର୍କରେ ଜଣାପଡ଼ିଥିଲା। ସମ୍ପୃକ୍ତ ବାଘଟି କେନ୍ଦୁଝର ଆନନ୍ଦପୁର ବନଖଣ୍ଡରୁ କଳାପାର୍ଟ ସଂରକ୍ଷିତ ଜଙ୍ଗଲ ଦେଇ ଆସିଥିଲା। ପରେ ଖମାର ଅଞ୍ଚଳରେ କିଛି ଦିନ ରହି ପୁଣି ଏହି କଳାପାର୍ଟ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରାସ୍ତା ବଦଳାଇ ଫେରି ଯାଇଛି।

# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ କାୟା ବିସ୍ତାର

**ଭୁବନେଶ୍ୱର, ୨୧।୭ (ସମିସ):** ରାଜ୍ୟରେ ଛାଇଗଲେଣି ବାଂଲାଦେଶୀ। ନିଜ ଦେଶ ଛାଡ଼ି ଜଳପଥରେ ବେଆଇନ୍ ଭାବେ ଓଡ଼ିଶାରେ ପ୍ରବେଶ କରିବା ସହ ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ସବୁଠି ସବୁଦିନିଆ ବାସିନ୍ଦା ହୋଇ ବସତି ସ୍ଥାପନ କଲେଣି। ଏମାନଙ୍କ ଉପସ୍ଥିତିକୁ ନେଇ ରାଜ୍ୟ ପୁଲିସ ଓ ପ୍ରଶାସନ ଏବେ ଚିନ୍ତାରେ ପଡ଼ିଛି। କାରଣ, ଓଡ଼ିଶାରେ ପ୍ରବେଶ କରିବା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏମାନେ ନାନା ପ୍ରକାରର ଅପରାଧରେ ଜଡ଼ିତ ରହୁଛନ୍ତି। ଗତ କିଛି ବର୍ଷ ହେବ ନିଶା କାରବାର ଠାରୁ ଆରମ୍ଭ କରି ଦେହ ବେପାର, ଜାଲନୋଟ୍ କାରବାର ଏବଂ ଏଟିଏମ୍ ଲୁଟ୍ ପର୍ଯ୍ୟନ୍ତ ରାଜ୍ୟରେ ଘଟିଥିବା ଏକାଧିକ ଅପରାଧରେ ଏମାନଙ୍କ ସମ୍ପୃକ୍ତିର ପ୍ରମାଣ ମିଳିଛି। ସବୁଠାରୁ ବଡ଼କଥା ହେଲା, କିଛିଦିନ ରହିଗଲା ପରେ ଏମାନେ ଓଡ଼ିଶାର ବୋଲି ପରିଚୟପତ୍ର କରି ନେଉଛନ୍ତି। କିନ୍ତୁ ଅଧିକାଂଶ ବାଂଲାଦେଶୀ ନକଲି ପରିଚୟପତ୍ର କରି ରାଜ୍ୟକୁ ପଶୁଛନ୍ତି।

ଗତ ଦିନରେ ବିଧାନସଭାରେ ରଖାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଦିଆଯାଇଥିବା ତଥ୍ୟ ଅନୁସାରେ, ରାଜ୍ୟରେ ୧ଲକ୍ଷ ୫୭ହଜାର ୪୩୨ ଜଣ ବାଂଲାଦେଶୀ ଶରଣାର୍ଥୀ ରହିଛନ୍ତି। ମାଲକାନଗିରିରେ ସର୍ବାଧିକ ୧ଲକ୍ଷ ୪ହଜାର ୨୩୩ ଜଣ, ନବରଙ୍ଗପୁରରେ ୪୬, ୮୪୮ ଜଣ ରହିଛନ୍ତି। ସେହିଭଳି କେନ୍ଦ୍ରାପଡ଼ାରେ ୪୪୧, ଖୋର୍ଦ୍ଧାରେ ୪୬୫୩, ଯାଜପୁରରେ ୩୭୯, କଳାହାଣ୍ଡିରେ ୯୦, ବାଲେଶ୍ୱରରେ ୭୫, ଅନୁଗୁଳରେ ୧୫, କୋରାପୁଟରେ ୧୯୪, ରାୟଗଡ଼ାରେ ୩୦୪ ଜଣ ରହିଛନ୍ତି। ଏହାବ୍ୟତୀତ ୩୭୪୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ଆସିଛନ୍ତି। କେନ୍ଦ୍ରାପଡ଼ାରେ ସର୍ବାଧିକ ୧୬୪୯ ଓ ଜଗତସିଂହପୁରରେ ୧୧୧୨ ଜଣ ରହିଛନ୍ତି। ସେହିଭଳି ନବରଙ୍ଗପୁରରେ ୧୦୬, ମାଲକାନଗିରିରେ ୬୫୫, ଖୋର୍ଦ୍ଧାରେ ୧୭, ଭଦ୍ରକରେ ୧୯୯, ବରଗଡ଼ରେ ୨ଜଣ ଅନୁପ୍ରବେଶକାରୀ ରହିଥିବା ମନ୍ତ୍ରୀ କହିଛନ୍ତି।

- ରାଜ୍ୟରେ ୧ଲକ୍ଷ ୫୭ହଜାର ୪୩୨ଜଣ ଶରଣାର୍ଥୀ
- ମାଲକାନଗିରିରେ ସର୍ବାଧିକ ୧ଲକ୍ଷ ୪ହଜାର ୨୩୩ଜଣ
- ଜଳପଥରେ ଅନୁପ୍ରବେଶ, କେନ୍ଦ୍ରାପଡ଼ା ସାଜିଛି ମୁଖ୍ୟଦ୍ୱାର
- ଡ୍ରଗ୍ସ କାରବାରଠାରୁ ସେକ୍ସ ରାକେଟ ପର୍ଯ୍ୟନ୍ତ ସବୁଥିରେ ଲିପ୍ତ
- ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଚିନ୍ତାରେ ପୁଲିସ, ପ୍ରଶାସନ

ଅନ୍ୟପଟରେ ବେଆଇନ୍ ଭାବେ ଆସି ରହୁଥିବା ବାଂଲାଦେଶୀଙ୍କ ତଥ୍ୟ ନ ଥିବାରୁ ସେମାନେ ଏଠାରେ ଅପରାଧ ଘଟାଇବାକୁ ସାହସ କରୁଛନ୍ତି। ସେମାନେ ଜଳପଥ ଏବଂ ସ୍ଥଳ ସୀମା ପାରି ହୋଇ ଓଡ଼ିଶାକୁ ପ୍ରବେଶ କରୁଛନ୍ତି। କେଉଁବାଟ ଦେଇ ଗଲେ ଓଡ଼ିଶାରେ ପହଞ୍ଚିବେ, ସବୁ ବାଟ ସେମାନଙ୍କୁ ଜଣା। ଏପରିକି କିଛି ଲୋକ ମଧ୍ୟ ଟଙ୍କା ନେଇ ବୋଟ୍ ସାହାଯ୍ୟରେ ବାଂଲାଦେଶୀଙ୍କୁ ଓଡ଼ିଶାରେ ଛାଡୁଛନ୍ତି। ସେମାନେ ଏଠାକୁ ଆସି ଅପରାଧ ଘଟାଇବା ପରେ ପୁଣି ବାଂଲାଦେଶୀ ପଳାଉଛନ୍ତି। ଫଳରେ ସେମାନଙ୍କୁ ଗିରଫ କରିବା ଓଡ଼ିଶା ପୁଲିସ ପକ୍ଷରୁ କଷ୍ଟସାଧ ହେଉଛି।

ନିକଟରେ ଭୁବନେଶ୍ୱର ଧଉଳି ଥାନା ଅଞ୍ଚଳରୁ ଏଟିଏମ୍ ତାଡ଼ି ନେଇଥିଲେ ଦୁର୍ବୃତ୍ତ। ପୁଲିସ ତଦନ୍ତ କରିବା ପରେ ଏଥିରେ ବାଂଲାଦେଶୀ ଅଭିଯୁକ୍ତଙ୍କ ଲିଙ୍କ୍ ମିଳିଥିଲା। ଏଟିଏମ୍‌ରେ ଥିବା ଟଙ୍କାକୁ ଅଭିଯୁକ୍ତମାନେ ବାଂଲାଦେଶ ପଠାଇ ଦେଇଥିଲେ। ଯାହାଫଳରେ କମିସନରେଟ୍ ପୁଲିସ ଜାଣିଥିଲେ ମଧ୍ୟ ସେମାନଙ୍କୁ ଗିରଫ କରିପାରି ନ ଥିଲା କି ଟଙ୍କା ଫେରାଇ ଆଣି ପାରି ନଥିଲା। ଆହୁରି ମଧ୍ୟ ରାଜଧାନୀରେ ବାଂଲାଦେଶୀ ଯୁବତୀଙ୍କୁ ଆଣି ଦେହ ବ୍ୟବସାୟ କରାଯାଉଛି। ନିକଟରେ ଏସ୍‌ଟିଏଫ ଚଢ଼ଉ କରି ୭ରୁ ଉର୍ଦ୍ଧ୍ୱ ଯୁବତୀଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କ ଆଧାରକାର୍ଡ ଯାଞ୍ଚ ସମୟରେ ତାହା ନକଲି ଥିବା ଜଣାପଡ଼ିଥିଲା। ପରେ ବାଂଲାଦେଶ ଦୂତାବାସ ସହ ଯୋଗାଯୋଗ କରି ଯୁବତୀମାନଙ୍କୁ ନିଜ ଦେଶରେ ଛଡ଼ାଯାଇଥିଲା। ସେହିପରି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଦୁଇ ବର୍ଷ ତଳେ ଡକାୟତି ହୋଇଥିଲା। ଜଣେ ବରିଷ୍ଠ ନାଗରିଙ୍କୁ ବାନ୍ଧି ବାଡ଼େଇବା ସହ ମାରଣାସ୍ତ୍ର ଦେଖାଇ ଡକାୟତି କରିଥିଲେ। ଦିଲ୍ଲୀ ପୁଲିସ ଉକ୍ତ ବାଂଲାଦେଶୀ ଅଭିଯୁକ୍ତଙ୍କୁ ଧରିବା ପରେ ଭୁବନେଶ୍ୱରରେ ସେମାନେ ଡକାୟତି କରିଥିବା ସ୍ୱୀକାର କରିଥିଲେ। ତେଣୁ ଓଡ଼ିଶାରେ ଦିନକୁ ଦିନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିବା ସହ ବିଭିନ୍ନ ଅପରାଧରେ ଧରାପଡୁଥିବା ଅପରାଧୀଙ୍କ ମଧ୍ୟରେ ଅଧିକାଂଶ ବାଂଲାଦେଶୀ ରହିବା ରାଜ୍ୟ ପୁଲିସ ପାଇଁ ଚିନ୍ତାର କାରଣ ହୋଇଛି।

- ଆୟକର ବିଭାଗ କାର୍ ଦୁର୍ଘଟଣାଗ୍ରସ୍ତ

# ୩ ଅଧିକାରୀ ଓ ଚାଳକ ଗୁରୁତର

**କେସିଙ୍ଗା, ୨୧।୭(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଆମାଠ ଛକର ଆଗକୁ ବଲାଙ୍ଗୀର ସୀମାରେ ଥିବା ତେଲନଦୀ ବ୍ରିଜ୍ ବୁଲାଣିରେ ଶନିବାର ରାତି ପ୍ରାୟ ୧୦ଟାରେ ଭୁବନେଶ୍ୱରରୁ ଭ ବା । ନ । ପ । ଟ ଣ । ଆସୁଥିବା ଆୟକର ବିଭାଗର କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ କାର୍ ଭିତରେ ଥିବା ୩ ଅଧିକାରୀଙ୍କ ସମେତ ଚାଳକ ଗୁରୁତର ଆହତ ହେଇଛନ୍ତି। ଗୁରୁତରମାନେ ହେଲେ, ଆୟକର ବିଭାଗର ଅଧିକାରୀ ମାନସ ସାହୁ, ସୁଶାନ୍ତ ସାହୁ, ହରିବନ୍ଧୁ ଗୌଡ଼। କାର୍‌ଟି ଆୟକର ବିଭାଗର ୩ଅଧିକାରୀଙ୍କୁ ନେଇ ଭୁବନେଶ୍ୱରରୁ ଭବାନୀପାଟଣା ଅଭିମୁଖେ ଆସୁଥିବା ବେଳେ ତେଲ ନଦୀ ବ୍ରିଜ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲା। କେସିଙ୍ଗାର ବରିଷ୍ଠ ସାମ୍ବାଦିକ ଯଯାତି କେଶରୀ ଦେଓ, ଆଇନଜୀବୀ ଆଲୋକ ରଞ୍ଜନ ଦାସ ଓ ବାନାମ୍ବର ପାତ୍ର ପ୍ରମୁଖ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କେସିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ କରିଛି।



# ସ୍ନାନ ବେଳେ ନଦୀରେ ୩ କିମି ଭାସିଗଲେ ଯୁବତୀ

**ନୂଆପଡ଼ା/ସିନାପାଲି,୨୧।୭(ସମିସ):** ଉଦନ୍ତୀ ନଦୀରେ ଗାଧୋଇବା ବେଳେ ଜଣେ ଯୁବତୀ ୩ କିଲୋମିଟର ଭାସିଯିବା ଓ ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରିବା ଆଜି ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁଯାୟୀ, ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ



ଉଦ୍ଧାର କଲା ଅଗ୍ନିଶମବାହିନୀ

ଗଡ଼ରାମାଳ ଗାଁର ନମିତା ସା (୨୪) ରବିବାର ସକାଳେ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେ ଗାଧୋଉଥିବା ବେଳେ ଅସାବଧାନତାବଶତଃ ନଦୀର ପ୍ରଖର ସୁଅରେ ଭାସି ଯାଇଥିଲେ। ନମିତାଙ୍କ ଚିତ୍କାର ଶୁଣି ଆଖପାଖ ଲୋକ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇନଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ସେତେବେଳକୁ ଯୁବତୀଜଣଙ୍କ ଘଟଣାସ୍ଥଳରୁ ୩କିମି ଦୂର ପର୍ଯ୍ୟନ୍ତ ଭାସି ଯାଇଥିଲେ। ଅଗ୍ନିଶମ କର୍ମଚାରୀମାନେ ନମିତାଙ୍କ ପାଖକୁ ଏକ ଦଉଡ଼ି ଫିଙ୍ଗି ଧରିବାକୁ କହିଥିଲେ। ନମିତା ଦଉଡ଼ି ଧରିବା ପରେ କର୍ମଚାରୀମାନେ ତାଙ୍କୁ କୂଳକୁ ଟାଣି ଆଣିଥିଲେ। ପରେ ତାଙ୍କୁ ସିନାପାଲି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏବେ ନମିତା ସୁସ୍ଥ ଥିବା ଜଣାପଡ଼ିଛି।





କାହାରି ଅନିଷ୍ଟ ନ କରି, କାହାରିକୁ ପୀଡ଼ା ନ ଦେଇ ସ୍ୱଚ୍ଛନ୍ଦ ଜୀବନଯାପନର କଳାକୁ ଆୟତ୍ତ କରିବା ଆଜିର ଲକ୍ଷ୍ୟ ହେବା ଉଚିତ।
-ମା' ରମାଦେବୀ

ସକାଳ
THE SAKALA

# ମୃତ୍ୟୁର ନୀଳପରଦା

ମଣିଷ ତା' ଜୀବନଶୈଳୀକୁ ଯେତେ ସହଜ, ସତ୍ୱର ଓ ସୁନ୍ଦର କରିବାକୁ ଚେଷ୍ଟା କରିଚାଲିଛି, ପ୍ରଯୁକ୍ତି ଜ୍ଞାନକୌଶଳ ପ୍ରହେଳିକାର ସେତେ ନୂଆ ବାଟ ଖୋଲିଦେଉଛି। ମଣିଷର ଏହି ଅତିଶୟ ସୁଖସୁଲଭ ପ୍ରବୃତ୍ତିକୁ ଆହୁରି ସୁଗମ କରୁଛି କୃତ୍ରିମ ବୁଦ୍ଧିମତା(ଏଆଇ)ର ବିକାଶ। କିନ୍ତୁ ପ୍ରଯୁକ୍ତି ବିଦ୍ୟାର ଏହି ମରୀଚିକା ଯେ ମାନବ ସଭ୍ୟତା ପାଇଁ ଅଘଟଣ ଓ ବିପଦର ବିଶାଳ ସମ୍ଭାର ସୃଷ୍ଟି କରୁଛି ତାହା ଆମେ କ୍ଷଣିକ ସୁଖସୁବିଧାର ମୋହରେ ଭୁଲିଯାଉଛୁ। ବିପଦର ଏହି ପ୍ରାରମ୍ଭିକ କାଳ କେବଳ ସାଇବର ଅପରାଧରେ ସୀମିତ ରହିଥିଲେ ହେଁ ବିଲୟର ଅଦୃଶ୍ୟ ମାୟାଜାଲ ଆମ ଅଲକ୍ଷ୍ୟରେ ବିସ୍ତାରିତ ହୋଇଚାଲିଛି। ଏହା ମଧ୍ୟ କେତେକାଂଶରେ ପ୍ରମାଣିତ ହୋଇସାରିଲାଣି। ବୈଜ୍ଞାନିକମାନେ ଆଶଙ୍କା କରିଛନ୍ତି ଏଆଇ ଯେବେ ସମ୍ପୂର୍ଣ୍ଣ ବିକଶିତ ହୋଇଯିବ, ସେ ତାହାର ସ୍ରଷ୍ଟା(ମଣିଷ) ପାଇଁ ହିଁ ସବୁଠାରୁ ବଡ଼ ବିପଦ ସୃଷ୍ଟି କରିବ। ଏହା ଜାଣି ମଧ୍ୟ ଏଆଇକୁ ଆହୁରି ବଳିଷ୍ଠ ଓ ପରିପୁଷ୍ଟ କରିବାକୁ ଅହର୍ନିଶ ଅବିଶ୍ରାନ୍ତ ଉଦ୍ୟମ ଜାରି ରହିଛି। ସେହିଦିନ ଆଉ ଦୂର ନୁହେଁ ଯେତେବେଳେ ମଣିଷର ଚିନ୍ତା, ଚେତନା, କାର୍ଯ୍ୟକଳାପ ଏପରିକି ଜୀବନଚକ୍ରକୁ ମଧ୍ୟ ଏଆଇ ନିୟନ୍ତ୍ରଣ କରିବ।

କିଛିସମୟ ପାଇଁ ଏପରି ଏକ କାଳ୍ପନିକ ଦୁନିଆ ଓ ଚରିତ୍ରମାନ ସୃଷ୍ଟି କରାଯାଉ, ଯେଉଁଠାରେ ସବୁକିଛି କମ୍ପ୍ୟୁଟର, ଏଆଇ ଦ୍ୱାରା ପରିଚାଳିତ ହେଉଥିବ। ସୁଖ, ସ୍ୱାଚ୍ଛନ୍ଦ୍ୟ, ସହଜ, କ୍ଷିପ୍ର ଏପରିକି ଦୀର୍ଘଜୀବନ ପାଇଁ ମଣିଷ ସମ୍ପୂର୍ଣ୍ଣ ରୂପେ ନିଜକୁ ଏଆଇ ଉପଯୋଗରେ କମ୍ପ୍ୟୁଟର ଜରିଆରେ ଏକ ସର୍ଭରରେ ସମର୍ପିତ ଓ ସୁରକ୍ଷିତ କରିସାରିଥିବ। ତା'ର ଦୈନନ୍ଦିନ ପ୍ରତିଟି କାର୍ଯ୍ୟ କମ୍ପ୍ୟୁଟର ଦ୍ୱାରା ହିଁ ନିୟନ୍ତ୍ରିତ ହେଉଥିବ। ଦିନେ ହଠାତ୍ କୌଣସି କାରଣରୁ ସର୍ଭରରେ ବ୍ୟାଘାତ ସୃଷ୍ଟି ହୋଇ କମ୍ପ୍ୟୁଟର ଅଚଳ ହୋଇଯିବ ଏବଂ କମ୍ପ୍ୟୁଟରକୁ ପୁନରାରମ୍ଭ ପାଇଁ ତା'ର 'ମୃତ୍ୟୁର ନୀଳପରଦା(ବ୍ଲୁ ସ୍କ୍ରିନ୍ ଅଫ୍ ଡେଥ୍)' ନିର୍ଦ୍ଦେଶ ଦେବ। ଏଭଳି ସ୍ଥିତିରେ ମାନବ ସଭ୍ୟତାର ସ୍ଥିତି କ'ଣ ହେବ? ସେହି ସର୍ଭରକୁ ବିକଶିତ କରିଥିବା ମାନବ ନିଜକୁ ସମ୍ପୂର୍ଣ୍ଣ ରୂପେ ସର୍ଭର ପାଖରେ ହିଁ ସମର୍ପିତ କରିସାରିଥିବାରୁ ସେଥିରେ ସୁଧାର ଆଣିବ କିଏ? ସ୍ଥିତି ଓ ଭବିଷ୍ୟତ ଅନ୍ବେବହୁତ ଅନୁମେୟ। ଏହା ଏକ କାଳ୍ପନିକ ସିନେମାର କାହାଣୀ ଭଳି ଲାଗୁଥିଲେ ହେଁ ଏ ବିଷୟରେ ଚେତାବନୀ ଦେଇସାରିଛନ୍ତି ବିଶିଷ୍ଟ ବୈଜ୍ଞାନିକ ଷ୍ଟିଫେନ୍ ହକିଂ। ଏଆଇ ଓ ସୂଚନା ପ୍ରଯୁକ୍ତି ବିଦ୍ୟାର ମାତ୍ରାଧିକ ବ୍ୟବହାର ଘେନି ସେ ଯେଉଁ ଆଶଙ୍କା କରିଥିଲେ ତାହାର ଝଲକ୍ ବା କିଞ୍ଚିତ ପୂର୍ବାଭାସ ମିଳିସାରିଛି ଗତ ଶୁକ୍ରବାର ପ୍ରଥମ ପ୍ରହରରେ। ସମଗ୍ର ବିଶ୍ୱର କମ୍ପ୍ୟୁଟରର ପ୍ରାଣ କୁହାଯାଉଥିବା ମାଇକ୍ରୋସଫ୍ଟର ଅପରେଟିଂ ସିଷ୍ଟମ୍‌ରେ ବ୍ୟାଘାତ ଯୋଗୁଁ ବିଶ୍ୱ ସତେଯେପରି କିଛିସମୟ ପାଇଁ ଅଚଳ ହୋଇପଡ଼ିଲା। ବ୍ୟାଙ୍କ କାରବାରଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟାଳୟ, ବିମାନ ଚଳାଚଳ ଆଦି ପ୍ରତ୍ୟେକ କ୍ଷେତ୍ରର ସ୍ୱାଭାବିକତା ବ୍ୟାହତ ହେଲା।

ବିଶ୍ୱର ସର୍ବବୃହତ୍ କମ୍ପ୍ୟୁଟର ସଫ୍ଟୱେର କମ୍ପାନୀ ମାଇକ୍ରୋସଫ୍ଟର ମୂଳସର୍ଭରରେ ତ୍ରୁଟିପୂର୍ଣ୍ଣ ସଫ୍ଟୱେର ଅପ୍‌ଲୋଡ୍ ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଥିବା ଏବଂ ପରବର୍ତ୍ତୀ ସମୟରେ ଏହାର ସମାଧାନ ହୋଇଥିବା ଖବର ଗଣମାଧ୍ୟମରେ ବିସ୍ତୃତ ଭାବେ ପ୍ରକାଶ ପାଇସାରିଥିବାରୁ ଏଠାରେ ତାହାର ପୁନରାବୃତ୍ତି ଅନାବଶ୍ୟକ। କିନ୍ତୁ ଏହା ପଛର ଯେଉଁ କାରଣଗୁଡ଼ିକ ଉପରୁ କ୍ରମଶଃ ପରଦା ଉଠିବାରେ ଲାଗିଛି ତାହା ଚିନ୍ତାଜନକ। ସଂକ୍ଷେପରେ ଘଟଣାଟି ଏହିପରି -

କମ୍ପ୍ୟୁଟରକୁ ସାଇବର ଆକ୍ରମଣ ଓ ଭାଇରସରୁ ସୁରକ୍ଷା ଦେବା ପାଇଁ ବିଶ୍ୱସ୍ତରରେ କାର୍ଯ୍ୟରତ ସ୍ୱନାମଧନ୍ୟ ଓ ବିଶ୍ୱସ୍ତ କମ୍ପାନୀ କ୍ରାଉଡ୍‌ଷ୍ଟ୍ରାଇକ୍ ଦ୍ୱାରା ପ୍ରେରିତ ଏକ ସୁରକ୍ଷା ସଫ୍ଟୱେରକୁ ମାଇକ୍ରୋସଫ୍ଟର କର୍ମଚାରୀମାନେ ବିନା ଯାଞ୍ଚରେ ଅପ୍‌ଲୋଡ୍ କରିଦେବା ପରେ ବିଶ୍ୱର ପ୍ରାୟ ସମସ୍ତ କମ୍ପ୍ୟୁଟର ପରଦାରେ 'ବ୍ଲୁ ସ୍କ୍ରିନ୍ ଅଫ୍ ଡେଥ୍' ପ୍ରଦର୍ଶିତ ହେବାରେ ଲାଗିଲା ଏବଂ କମ୍ପ୍ୟୁଟରକୁ ରିଷ୍ଟାର୍ଟ କରିବା ପାଇଁ ବାରମ୍ବାର ସୂଚନା ମିଳିଲା। କ୍ରାଉଡ୍‌ଷ୍ଟ୍ରାଇକ୍‌ର ସେହି ସୁରକ୍ଷା ସଫ୍ଟୱେରରେ ହିଁ ତ୍ରୁଟି ଥିବା ଜଣାପଡ଼ିବା ପରେ(କ୍ରାଉଡ୍‌ଷ୍ଟ୍ରାଇକ ମଧ୍ୟ ଏହାକୁ ସ୍ୱୀକାର କରିଛି) ମାଇକ୍ରୋସଫ୍ଟର କର୍ମଚାରୀମାନେ ସୁଧାର ଆଣିବା ଉଦ୍ୟମ କରିଥିଲେ। ଆମେରିକୀୟ କମ୍ପାନୀ କ୍ରାଉଡ୍‌ଷ୍ଟ୍ରାଇକର ବିଶ୍ୱସନୀୟତା ଓ ଦକ୍ଷତା ପ୍ରଶ୍ନାତୀତ ଥିବାରୁ ମାଇକ୍ରୋସଫ୍ଟର କର୍ମଚାରୀମାନେ ବିନା ଯାଞ୍ଚରେ ତାହାକୁ ଅପ୍‌ଲୋଡ୍ କରିଦେଇଥିଲେ, ଯାହାର ପ୍ରଭାବ ସାରା ବିଶ୍ୱରେ ଅନୁଭୂତ ହୋଇଥିଲା।

ଏଠାରେ ଦୁଇଟି ପ୍ରସଙ୍ଗ ଆଲୋଚନାର ଅପେକ୍ଷା ରଖୁଛି। ପ୍ରଥମତଃ, ଏକ ଦକ୍ଷ କମ୍ପାନୀର ଏଭଳି ଅକ୍ଷମଣୀୟ ତ୍ରୁଟି ହେବା ବିଶ୍ୱାସଯୋଗ୍ୟ ହେଉନାହିଁ। ତେଣୁ ଏହା ସାଇବର ଅପରାଧୀଙ୍କ କାର୍ଯ୍ୟକଳାପ ବୋଲି ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ଏ ପର୍ଯ୍ୟନ୍ତ ଏହା ପ୍ରମାଣିତ ହୋଇ ନ ଥିବା ବେଳେ କ୍ରାଉଡ୍‌ଷ୍ଟ୍ରାଇକ ପକ୍ଷରୁ ମଧ୍ୟ ଏ ଆଶଙ୍କାକୁ ଅସ୍ୱୀକାର କରାଯାଇଛି। ଯଦି କ୍ରାଉଡ୍‌ଷ୍ଟ୍ରାଇକର ସ୍ପଷ୍ଟୀକରଣ ସତ୍ୟ ବୋଲି କିଛିସମୟ ପାଇଁ ଧରି ନିଆଯାଏ ତେବେ ଏ କ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠୁନାହିଁ କି? ଏହା ସେହିଭଳି ଏକ ଘଟଣା, ଯେଉଁଥିରେ ଜଣେ ବ୍ୟକ୍ତି ତାଙ୍କ ଦ୍ୱାରା ନିଯୁକ୍ତ ସୁରକ୍ଷା କର୍ମୀଙ୍କ ଦ୍ୱାରା ହିଁ ଆକ୍ରମଣର ଶିକାର ହୋଇଛନ୍ତି। ଏହା 'ବିଶ୍ୱାସ' ଭଳି ଶବ୍ଦ ଉପରୁ ବିଶ୍ୱାସ ତୁଟିଯିବା ଭଳି କଥା। ଦ୍ୱିତୀୟତଃ, କମ୍ପ୍ୟୁଟର ଯୁଗରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସମସ୍ତ ଗୋପନୀୟ ତଥ୍ୟ ଓ ସୂଚନା ମୂଳ ସର୍ଭରରେ ରହୁଥିବାରୁ ବିଭିନ୍ନ ଦେଶର ପ୍ରତିରକ୍ଷା ଓ ବ୍ୟକ୍ତିଗତ ଗୁପ୍ତ ସୂଚନା ପ୍ରଘଟ ହେବାର ଆଶଙ୍କା ଏଥିରେ ଯେ ରହିଛି ଏହାକୁ ଅସ୍ୱୀକାର କରିହେବ ନାହିଁ। ମାତ୍ର କିଛିଘଣ୍ଟାର ସର୍ଭର ବ୍ୟାହତ ଯୋଗୁଁ ସାରା ପୃଥିବୀ ସ୍ତବ୍ଧ ହୋଇଗଲା। ଯଦି ବ୍ୟାହତର ଏହି ଅବଧି ଅଧିକ ପ୍ରଲମ୍ବିତ ହୁଏ ତାହା ହେଲେ ମୃତ୍ୟୁର ନୀଳ ପରଦା ବିଶ୍ୱ ବାଣିଜ୍ୟ, ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମଗ୍ରିକ ଜୀବନଯାତ୍ରାକୁ ସମ୍ପୂର୍ଣ୍ଣ ରୂପେ ଯେ କବଳିତ କରିନେବ ଏଥିରେ ଦ୍ୱିରୁକ୍ତି ନାହିଁ।

ଆଜିର ଯୁଗରେ କମ୍ପ୍ୟୁଟର ବିନା ଜଗତ ପରିକଳ୍ପନା କଷ୍ଟକର ସତ, କିନ୍ତୁ ଅସମ୍ଭବ ନୁହେଁ। ସମୟ ଓ ଶ୍ରମର ସୁରକ୍ଷା ପାଇଁ ପ୍ରଯୁକ୍ତି ବିଦ୍ୟା ଅପରିହାର୍ଯ୍ୟ, କିନ୍ତୁ ଏହା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳତା ମାନବ ସଭ୍ୟତାର ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ। ମାନବ ସଭ୍ୟତାକୁ ମୃତ୍ୟୁର ନୀଳପରଦା ଆଢୁଆଳରୁ ଉଦ୍ଧାର କରିବା ପାଇଁ ସୁଖସୁଲଭ ଓ ଶ୍ରମକାତର ମାନସିକତାକୁ ପରିହାର କରି ଈଶ୍ୱରଦତ୍ତ ବୁଦ୍ଧି, ବିବେକର ଯଥାସମ୍ଭବ ଉପଯୋଗ କରିବା ନିତାନ୍ତ ଅପରିହାର୍ଯ୍ୟ- ଏହି ସନ୍ଦେଶ 'ମାଇକ୍ରୋସଫ୍ଟ ଆଉଟଏଜ୍'(ବିଭ୍ରାଟ)ରୁ ମିଳିଛି। ମାନବ ସଭ୍ୟତା ଆଗରେ ଏବେ ଦୁଇଟି ବିକଳ୍ପ - ମୃତ୍ୟୁର ନୀଳପରଦା ଭିତରେ ବଢୁଥିବା ସ୍ୱାଚ୍ଛନ୍ଦ୍ୟ ଏବଂ ଶାନ୍ତ, ସରଳତାର ଶୁଭ୍ର ଜ୍ୟୋତି। ଏ ଦୁଇଟି ମଧ୍ୟରୁ ଗୋଟିକୁ ବାଛିବାର ସମୟ ଉପନୀତ। ନିଷ୍ପତ୍ତି ଆମମାନଙ୍କର।

# ଗଛ ଲଗାଇବା କାହା ପାଇଁ?



ଡ. ବିଜୟ କେତନ ପଟ୍ଟନାୟକ
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

୧୯୮୭ ମସିହାରେ ଓଡ଼ିଶା ସାମାଜିକ ବନ ପ୍ରକଳ୍ପ ତରଫରୁ ଲେଖକ ଅନ୍ୟ କେତେକ ସହକର୍ମୀଙ୍କ ସହିତ ନୟାଗଡ଼ (ତତ୍କାଳୀନ ଅବିଭକ୍ତ ପୁରୀ ଜିଲ୍ଲା)ର ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପରିଦର୍ଶନରେ ଯିବାର ଅବକାଶ ପାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍କୁଲ ଗେଟ୍ ପାଖରୁ ରାସ୍ତାର ଦୁଇପଟେ ଛିଡ଼ା ହୋଇ ବିଭିନ୍ନ ସ୍ଲୋଗାନ ଦେଇ ଆମକୁ ସ୍ୱାଗତ ଜଣାଉଥିଲେ। ତନ୍ମଧ୍ୟରୁ ଗୋଟିଏ ସ୍ଲୋଗାନ ଥିଲା:

**'ଗଛ ଲଗାଇବା କାହା ପାଇଁ? ଆମ ପୁଅ ଝିଅଙ୍କ ପାଇଁ'।**

ସେତେବେଳେ ମୁଁ ପିଲାଦିନେ ସ୍କୁଲ ପାଠ୍ୟ ପୁସ୍ତକରେ ପଢ଼ିଥିବା କାହାଣୀଟିଏ ମନେ ପଡ଼ିଗଲା। ଗୋଟିଏ ରାଜ୍ୟରେ ରାଜା ନିଜ ରାଜ୍ୟର ହାଲଚାଲ୍ ବୁଝିବା ଅବସରରେ ଦିନରେ ପାଦରେ ଚାଲି ଚାଲି ପରିଭ୍ରମଣ କରୁଥିବାବେଳେ ଦେଖିବାକୁ ପାଇଲେ, ରାସ୍ତାକଡ଼ ଖାଲି ଯାଗାରେ ଜଣେ ଅଶୀତପର ବୃଦ୍ଧଟିଏ ଥର ଥର ହାତରେ ଆମ୍ବ ଗଛଟିଏ ଲଗାଉଛି। କୌତୁହଳବଶତଃ ରାଜା ପଚାରିଲେ, 'ମହାଶୟ, ଏବେ ଯେଉଁ ଗଛ ଲଗାଉଛନ୍ତି, ତା'ର ଫଳ ଆପଣ କ'ଣ ଖାଇପାରିବେ? କାହିଁକି ଏ ବୟସରେ ଗଛ ଲଗାଉଛନ୍ତି?' ବୃଦ୍ଧ ଉତ୍ତର ଦେଇଥିଲେ, 'ମହାରାଜ, ମୁଁ ଏ ଗଛ ମୋର ପୁଅ, ଝିଅ, ନାତି, ନାତୁଣୀଙ୍କ ପାଇଁ ଲଗାଉଛି। ଏବେ ମୁଁ ଯେଉଁ ଗଛର ଫଳ ଖାଉଛି, ତାହାକୁ ମୋର ବାପା, ଅଜା, ଗୋସେଇଁ ଅଜା ଲଗେଇଥିଲେ।'

୧୯୯୯ ମସିହାର ଏକ ଘଟଣା। ମୁଁ ସେବେ ଓଡ଼ିଶା ବନ ଉନ୍ନୟନ ନିଗମର ବାଣିଜ୍ୟିକ ନିର୍ଦ୍ଦେଶକ ଥାଏ। ମୁଁ ଏବଂ ମୋର ଜଣେ ସହଯୋଗୀ ମହାବାତ୍ୟା ଝଡ଼ ବାତ୍ୟାରେ ବିପର୍ଯ୍ୟସ୍ତ ଏରସମା ଅଞ୍ଚଳ ପରିଦର୍ଶନରେ ଯାଇଥିଲୁ। ଦେଖିଲୁ ଆଖି ପାଇଲା ଯାଏଁ ଭୂଲୁଣ୍ଠିତ ବୃକ୍ଷ ସମ୍ପଦ। ଫେରିଲା ପରେ ବ୍ୟାପକ ଚାରାରୋପଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବା ଅବସରରେ ମୋ ମନରେ ପ୍ରଶ୍ନ ଉଠିଥିଲା, କାହାର ସ୍ୱାର୍ଥରକ୍ଷା ନିମନ୍ତେ ଏ ଚାରାରୋପଣର ପ୍ରଚେଷ୍ଟା- ବ୍ୟକ୍ତିବିଶେଷ ନା ସାମୂହିକ ସମାଜର। ଚଳିତବର୍ଷ ଏପ୍ରିଲ, ମେ' ଓ ଜୁନ୍ ମାସରେ ଉତ୍ତପ୍ତ ସହର ଭୁବନେଶ୍ୱରରେ ପ୍ରଚଣ୍ଡ ରୌଦ୍ରତାପରେ ସିଝିବାର ବିକଳ ଅନୁଭୂତି ପରେ ମୋର କାହିଁକି ମନେ ହେଲା, ଏବେ ଆମେ ନିଜର ସୁରକ୍ଷା, ନିଜେ ବଞ୍ଚି ରହିବା ପାଇଁ ହିଁ ଗଛ ଲଗାଇବା। ନିଜେ ବଞ୍ଚିଲେ ବାପାର ନାଁ। ଆମ ଚାରିପଟର ପରିବେଶକୁ ସଂରକ୍ଷିତ ରଖିବା ପାଇଁ ସୁଶୀତଳ ରଖିବା ପାଇଁ ଗଛ ଲଗାଇବା। ଆମେ ବସବାସ କରୁଥିବା ପୃଥିବୀକୁ ସବୁଜିମାମୟ କରି, ତା'ର ଜୈବ ବିବିଧତାକୁ ସୁରକ୍ଷା ଦେବା ଏବଂ ପୃଥିବୀକୁ ମହାବିଲୁପ୍ତି ଆଡ଼କୁ ଅଗ୍ରସର ହେବାକୁ ରୋକିବା ସହିତ, ନିଜକୁ ଏବଂ ସେହିକ୍ରମରେ ମଣିଷ ସମ୍ପଦକୁ ମୃତ୍ୟୁମୁଖରୁ ବଞ୍ଚାଇବାକୁ ଚେଷ୍ଟା କରିବା।

ଚଳିତ ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ଆମେ ୭୫ତମ ବନ ମହୋତ୍ସବ ପାଳନ କରିଛେ। ଏହା ଏକ ସାଙ୍କେତିକ ସମୟ ଅବଧି। କିନ୍ତୁ ବର୍ଷାଋତୁ ଦୁଇମାସ ଚାରାରୋପଣର ପ୍ରକୃଷ୍ଟ ସମୟ। ବିଗତ ୭୪ ବର୍ଷ ଧରି ବନମହୋତ୍ସବ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦିଆଯାଉଛି। ବନ ବିଭାଗ ବ୍ୟତୀତ ଏବେ ଉଦ୍ୟାନ, କୃଷି, ସମବାୟ, ଖଣି, କ୍ରୀଡ଼ା ବିଭାଗ ସମେତ ଶତାଧିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଥିରେ ସହଭାଗୀ ହେଉଛନ୍ତି। ୧୯୫୦ ମସିହାରେ ତତ୍କାଳୀନ କୃଷିମନ୍ତ୍ରୀ ସ୍ୱର୍ଗତ କେ. ଏମ୍ ମୁନ୍‌ସୀଙ୍କ ଦ୍ୱାରା ପ୍ରାୟୋଜିତ ବନମହୋତ୍ସବ ଏବେ ଏକ ମହାଉତ୍ସବ ଓ ଜନଆନ୍ଦୋଳନରେ ପରିଣତ ହେଲାଣି କହିଲେ ଅତ୍ୟୁକ୍ତି ହେବନାହିଁ।

ଚଳିତବର୍ଷ ଆମ ରାଜ୍ୟରେ ୫ କୋଟି ଚାରା ଲାଗିବ ବୋଲି ଘୋଷଣା କରାଯାଇଛି। ତନ୍ମଧ୍ୟରୁ ୨ କୋଟି ୨୦ ଲକ୍ଷ ଚାରା ରାଜ୍ୟ ସରକାର ଲଗାଇବେ। ଅବଶିଷ୍ଟ ୨ କୋଟି ୮୦ ଲକ୍ଷ ଚାରା ବିଭିନ୍ନ ବ୍ୟକ୍ତିବିଶେଷ ଓ ସାମାଜିକ ସଂଗଠନକୁ ବିତରଣ କରାଯାଇ ଚଳିତବର୍ଷ ଋତୁରେ ଲଗାଯିବ। 'ମିଶନ ଶକ୍ତି' ମହିଳାଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ କରିବାର ପ୍ରୟାସ ଚାଲିଛି। ଆମ ରାଜ୍ୟ ଓଡ଼ିଶା ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ବିଗତ କିଛିବର୍ଷ ହେଲା ବେଶ୍ ସଫଳ ଭାବେ କରିଆସିଛି। କିନ୍ତୁ ବଜ୍ରପାତ ଜନିତ ବିପର୍ଯ୍ୟୟରେ ଏ ପର୍ଯ୍ୟନ୍ତ କୌଣସି ଠୋସ୍ ମୁକାବିଲା କରାଯାଇପାରିନାହିଁ। ବର୍ତ୍ତମାନ ବଜ୍ରପାତରେ ରାଜ୍ୟରେ ପ୍ରତିବର୍ଷ ହାରାହାରି ୩୦୦ ଜଣ ପ୍ରାଣ ହରାଉଛନ୍ତି। ୨୦୨୧ରେ ବଜ୍ରପାତ ଜନିତ ମୃତ୍ୟୁରେ ଓଡ଼ିଶା ଦେଶର ଶୀର୍ଷରେ ରହିଥିଲା। ଓଡ଼ିଆରେ ଢଗଟିଏ ଅଛି: 'ଡେଙ୍ଗା ମୁଣ୍ଡରେ ଠେଙ୍ଗା'। ତାଳଗଛଗୁଡ଼ିକ ବେଶ୍ ଡେଙ୍ଗା ହୋଇଥିବାରୁ ବଜ୍ରପାତକୁ ନିଜ ଆଡ଼କୁ ଆକର୍ଷଣ କରିଥାଏ ଏବଂ ପ୍ରକାରାନ୍ତରେ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରାଇଥାଏ। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ରାଜ୍ୟରେ ପ୍ରାୟ ୧୯ ଲକ୍ଷ ତାଳଗଛ ଚାରା ଲଗାଯିବାର ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ବନ ବିଭାଗ ଓ କୃଷି ବିଭାଗ ଏ ଦିଗରେ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି।

ଚଳିତବର୍ଷ ଜୁନ୍ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ଦେଶର ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ 'ଏକ୍ ପେଡ୍ ମାକେ ନାମ୍' ଅର୍ଥାତ ମା'ଙ୍କର ଜୀବିତାବସ୍ଥାରେ ବା ଦେହବସାନ ପରେ ତାଙ୍କର ସ୍ମୃତିଚାରଣ କରି ପ୍ରତ୍ୟେକ ବ୍ୟକ୍ତି ପ୍ରତିବର୍ଷ ଗଛଟିଏ ଲଗାନ୍ତୁ। ପ୍ରଧାନମନ୍ତ୍ରୀଙ୍କ ଏ ଆହ୍ୱାନର ଅନ୍ୟ ଏକ ତାତ୍ପର୍ଯ୍ୟ ମଧ୍ୟ ରହିଛି। ମା'ଙ୍କ ନାମରେ କେବଳ ଗଛଟିଏ ଲଗାଇ ଦେଲେ ହେବ ନାହିଁ। ମା' ଯେପରି ନିଜର ମମତା ଓ ବାତ୍ସଲ୍ୟ ଦେଇ ସନ୍ତାନକୁ ଲାଳନ ପାଳନ କରିଥାଏ, ସେହିପରି ଲଗାଇଥିବା ଗଛଟିର ଯତ୍ନ ନେବାକୁ ପଡ଼ିବ। ତାକୁ ଆବଶ୍ୟକ ମୁତାବକ ସାର ଓ ପାଣି ଦେବାକୁ ପଡ଼ିବ। ତାହାହେଲେ ଗଛଟି ସୁସ୍ଥ, ସବଳ ହୋଇ ବଢ଼ିବ। କାୟା ବିସ୍ତାରିବ। ୨୦୧୩ ମସିହା ବନମହୋତ୍ସବ ସପ୍ତାହ ଅବସରରେ ଆମ ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଆଇ.ଆର୍‌ସି ଭିଲେଜ ସରକାରୀ ବିଦ୍ୟାଳୟ ହତାରେ ଫାଶୀ ଗଛଟିଏ ଲଗାଇଥିଲେ। ଗତବର୍ଷ ସେହି ବିଦ୍ୟାଳୟକୁ ପୁନର୍ବାର ଯିବା ଅବସରରେ ନିଜେ ଦଶବର୍ଷ ତଳେ ଲଗାଇଥିବା ଗଛଟିର ହୃଷ୍ଟପୁଷ୍ଟ କୈଶୋର ଦେଖି ଭାବ ବିହ୍ୱଳିତ ହୋଇଯାଇଥିଲେ। ବାସ୍ତବିକ ନିଜେ ଲଗାଇଥିବା ଓ ସଯତ୍ନରେ ବଢ଼ାଇଥିବା ଗଛଟିରେ ଫୁଲଟିଏ ଫୁଟିଲେ ବା ଫଳଟିଏ ଫଳିଲେ, ଖୁସିରେ ମନ ଭରିଯାଏ। ସେ ଆନନ୍ଦ ଭାଷାରେ ପ୍ରକାଶ କରିହେବ ନାହିଁ।

ମନୁଷ୍ୟ ବଞ୍ଚି ରହିବା ପାଇଁ ତିନୋଟି ମୌଳିକ ପଦାର୍ଥର ଆବଶ୍ୟକତା ରହିଛି। ବିଶୁଦ୍ଧ ଅମ୍ଳଜାନ, ପାନୀୟ ଜଳ ଓ ଖାଦ୍ୟ ବା ଆହାର। ଏହି ତିନିଗୋଟି ମୌଳିକ ଆବଶ୍ୟକତା ପ୍ରାଣିଜଗତକୁ ପ୍ରକାରାନ୍ତରେ ବୃକ୍ଷ ଜଗତ ବା ଉଦ୍ଭିଦ ଜଗତଠାରୁ ମିଳିଥାଏ। ଅତୀତରେ ଜଙ୍ଗଲ ପରିଚାଳନାର ମୂଳ ଲକ୍ଷ୍ୟ ଥିଲା, ମୂଲ୍ୟବାନ କାଷ୍ଠ ଉତ୍ପାଦନ ଓ ଅଧିକ ରାଜସ୍ୱ ସଂଗ୍ରହ। ବର୍ତ୍ତମାନ ଜଙ୍ଗଲ ପରିଚାଳନା ନୀତିରେ ବ୍ୟାପକ ପରିବର୍ତ୍ତନ ଘଟିଛି। ପ୍ରଥମ ଲକ୍ଷ୍ୟ ରହିଛି ଜଙ୍ଗଲର ବୃକ୍ଷଲତା ବାୟୁମଣ୍ଡଳରୁ କେତେ ପରିମାଣରେ ଅଙ୍ଗାରକାମ୍ଳ ବିଶୋଷଣ କରିପାରିବେ। ସେଥିରୁ କିଛି ଅଂଶ ସୂର୍ଯ୍ୟାଲୋକ ଓ ପତ୍ରର ହରିତ କଣିକା ସାହାଯ୍ୟରେ ଜୀବଜଗତ ପାଇଁ ଶର୍କରା ଜାତୀୟ ଖାଦ୍ୟରେ ପରିଣତ କରିବା ପରେ ବଳକା ଅଙ୍ଗାରକାମ୍ଳ ନିଜର ଚେର, ମୂଳ, ଗଣ୍ଡି, କାଣ୍ଡ, ଡାଳ ଓ ପତ୍ରରେ ଗଚ୍ଛିତ ରଖିପାରିବେ। ସେଥିପାଇଁ ତ ଜଙ୍ଗଲ ହେଉଛି ଅନ୍ୟତମ ପ୍ରାକୃତିକ ଅଙ୍ଗାରକ କୁଣ୍ଡ।

ବିଗତ ଗ୍ରୀଷ୍ମଋତୁରେ ଭୁବନେଶ୍ୱର ସହରର ଅସହ୍ୟ ଉଷ୍ମତା ସମସ୍ତେ ଅନୁଭବ କରିଛନ୍ତି। ସହରମାନଙ୍କରେ ଘଟୁଥିବା ଉତ୍ତପ୍ତ ଦ୍ୱୀପ ଉପସର୍ଗରୁ ରକ୍ଷା ପାଇବାକୁ ହେଲେ ମୁଖ୍ୟରାସ୍ତା, ଗଳି, ଉପଗଳି, ଖାଲିଥିବା ସରକାରୀ ଜାଗା, ବାସଗୃହ ଓ ଅଟ୍ଟାଳିକାଙ୍କ ଚାରିପଟେ ଚାରାରୋପଣର ଆବଶ୍ୟକତା ରହିଛି। ପଥପାର୍ଶ୍ୱ ବନୀକରଣ କରାଯାଉଛି। ଅଥଚ ତା'ର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉନାହିଁ। ବିକାଶ ଓ ରାସ୍ତା ପ୍ରଶସ୍ତକରଣ ନାମରେ ବହୁ ପୁରାତନ ଗଛ କାଟି ଦିଆଯାଉଛି। ସହରର ଗଳିମାନଙ୍କରେ ଲଗାଯାଉଥିବା ଗଛଗୁଡ଼ିକ ଲୋକମାନେ ଅନାୟାସରେ କାଟି ଦେଉଛନ୍ତି, କାରଣ ସେମାନଙ୍କର କାର୍ଯ୍ୟକଳାପ ପ୍ରତିହତ କରିବା ପାଇଁ କେରଳ, ମହାରାଷ୍ଟ୍ର ବା ଦିଲ୍ଲୀରେ ଥିବା ବୃକ୍ଷ ଆଇନ(ଟ୍ରି ଆକ୍ଟ) ଓଡ଼ିଶାରେ ନାହିଁ।

ପରିଶେଷରେ ଏତିକି କୁହାଯାଇ ପାରିବ, ଆଜିର ଦିନରେ ଅନ୍ୟ କାହା ପାଇଁ ଯେତେଟା ନୁହେଁ, ମନୁଷ୍ୟ ନିଜେ ବଞ୍ଚି ରହିବା ପାଇଁ, ବିଶୁଦ୍ଧ ଅମ୍ଳଜାନ ପାଇବା ପାଇଁ, ପ୍ରଦୂଷଣ ବିହୀନ ବାୟୁ ସେବନ ପାଇଁ ଏବଂ ଅସହ୍ୟ ଗ୍ରୀଷ୍ମ ପ୍ରବାହରୁ ନିଜକୁ ତଥା ନିଜ ପରିବାରକୁ ସୁରକ୍ଷିତ ରଖିବା ପାଇଁ ଗଛ ଲଗାଇବା ଓ ତା'ର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ଏକାନ୍ତ ଅପରିହାର୍ଯ୍ୟ। ତାହା ନିଜ ପିତାମାତାଙ୍କ ସ୍ମୃତିରେ ହେଉ, ନିଜର ବିବାହ ବାର୍ଷିକୀ ପାଳନ ଅବସରରେ ହେଉ ଅଥବା ନିଜର କିମ୍ବା ପିଲାମାନଙ୍କର ଜନ୍ମଦିନ ପାଳନ ବେଳେ ହେଉ। ଗୋଟିଏ ଲକ୍ଷ୍ୟ, ଗୋଟିଏ ସ୍ଲୋଗାନ:

**'ଗଛ, ଗଛ, ଗଛ- ଆଉ ସବୁ କଥା ପଛ'।**

# ଇ-ବର୍ଜ୍ୟର ପ୍ରଭାବ ଓ ପରିଚାଳନା



ବଦ୍ରି ନାରାୟଣ ବିଶ୍ୱାଳ
ନବରଙ୍ଗପୁର, ୯୮୬୧୮୪୬୭୦୦.

ଆଧୁନିକ ଯୁଗରେ ଇଲେକ୍‌ଟ୍ରୋନିକ୍ସ ଉପକରଣ ବିନା ଜୀବନର ପରିକଳ୍ପନା ସହଜ ନୁହେଁ। ଏଗୁଡ଼ିକର ବ୍ୟବହାର ଆମ ଘରେ, କାର୍ଯ୍ୟାଳୟରେ ଓ ଦୋକାନବଜାରରେ ଦିନକୁ ଦିନ ଯେତେ ବଢ଼ି ଚାଲିଛି, ସେହି ଅନୁଯାୟୀ ଏହାର ବର୍ଜ୍ୟ ପରିବେଶ ଉପରେ ସେତିକି କୁପ୍ରଭାବ ସୃଷ୍ଟି କରୁଛି, ଯାହାକୁ ସଂକ୍ଷେପରେ କୁହାଯାଉଛି ଇ-ବର୍ଜ୍ୟ। ଏହି ଇ-ବର୍ଜ୍ୟରେ ଅନେକ ପ୍ରକାର ପଦାର୍ଥ ଥାଏ, ଯାହା ପରିବେଶ ପାଇଁ ହାନିକାରକ। ବର୍ତ୍ତମାନ ପୃଥିବୀରେ ଯେପରି ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀର ଚାହିଦା ଓ ଉତ୍ପାଦନ ବଢ଼ିବାରେ ଲାଗିଛି, ତାହାକୁ ଲକ୍ଷ୍ୟ କଲେ ଇ-ବର୍ଜ୍ୟ ପରିମାଣ ଯେ କେତେ ବୃଦ୍ଧି ପାଇବ ତାହା ଅନୁମେୟ। ଯଦି ସେହିସବୁ ବର୍ଜ୍ୟବସ୍ତୁକୁ ସଠିକ୍ ଭାବରେ ପୁନଃଚକ୍ରଣ ନ କରାଯାଏ, ତା'ହେଲେ ପରିବେଶ ପ୍ରତି ବିପଦ ସାଂଘାତିକ ଭାବେ ବଢ଼ିଚାଲିବ।

ଏବେ ବୈଜ୍ଞାନିକ ଯୁଗ ଯେତିକି ନୂଆ ନୂଆ ଆବିଷ୍କାର କରୁଛି, ପୃଥିବୀ ପାଇଁ ସେତିକି ବିପଦ ବଢ଼ିବାରେ ଲାଗିଛି। ପ୍ରତିଦିନ ନୂଆ ନୂଆ ଉପକରଣ ତିଆରି ହେଉଛି, ଯାହାର ବ୍ୟବହାର ଅବଧି ଦୁଇରୁ ତିନି ବର୍ଷ ମଧ୍ୟରେ ରହୁଛି। ତେଣୁ ସ୍ୱାଭାବିକ ଭାବରେ ଇ-ବର୍ଜ୍ୟ ବଢ଼ି ପରିବେଶକୁ ଦୂଷିତ କରୁଛି। ଇଲେକ୍‌ଟୋନିକ୍ସ ସାମଗ୍ରୀ ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକ ଅତ୍ୟଧିକ ଲାଭ ଆଶାରେ ନିମ୍ନମାନର ଜିନିଷ ପ୍ରସ୍ତୁତ କରି ବଜାରକୁ ଛାଡୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏକ ଆକଳନରୁ ଜଣାପଡ଼ିଛି ଯେ ମହାରାଷ୍ଟ୍ରରେ ପ୍ରତିବର୍ଷ ୯୨୦୦୦ ମେଟ୍ରିକ୍ ଟନ୍ ଇ-ବର୍ଜ୍ୟ ବାହାରୁଛି। ଇ-ବର୍ଜ୍ୟ ତାଲିକାରେ ମହାରାଷ୍ଟ୍ର ପଛକୁ ରହିଛି ଦିଲ୍ଲୀ, ବାଙ୍ଗାଲୋର, ଚେନ୍ନାଇ, କୋଲକାତା, ହାଇଦ୍ରାବାଦ, ପୁନେ ଓ ସୁରଟ।

ଇ-ବର୍ଜ୍ୟରୁ ଅନେକ ପ୍ରକାର ବିଷାକ୍ତ ରାସାୟନିକ ଉପାଦାନ ନିର୍ଗତ ହୁଏ, ଯାହା ଆମ ଶରୀର ତଥା ପରିବେଶ ଉପରେ କୁପ୍ରଭାବ ପକାଏ। ସର୍କିଟ୍‌ବୋର୍ଡ, କାଚପାନେଲ୍, ଗ୍ୟାସକିଟ୍, କମ୍ପ୍ୟୁଟର ସିଷ୍ଟମରେ ଥିବା ସୀସା ମଣିଷର ସ୍ନାୟୁତନ୍ତ୍ର ଓ ରକ୍ତସଞ୍ଚାଳନକୁ ପ୍ରଭାବିତ କରି ବୃକ୍‌କକୁ ନଷ୍ଟ କରେ। ଚିପ୍ସ ରେଜିଷ୍ଟର ଓ ସେମି କଣ୍ଡକ୍ଟରରେ ଥିବା କ୍ୟାଡ୍‌ମିୟମର ପ୍ରଭାବରେ ମଣିଷର ବୃକ୍‌କ ଓ ଯକୃତ ଆକ୍ରାନ୍ତ ହୁଏ। ପ୍ରିଣ୍ଟର, ସର୍କିଟ୍ ବୋର୍ଡରେ ପ୍ରାୟ ପାରଦ ରହିଥାଏ, ଯାହା ଆମ ଶରୀରରେ ଦୁରାରୋଗ ବ୍ୟାଧି ସୃଷ୍ଟି କରେ ଏବଂ ମସ୍ତିଷ୍କ ଓ ଚର୍ମକୁ ଆକ୍ରାନ୍ତ କରେ। ପ୍ଲାଷ୍ଟିକ୍, ଇଲୋଟ୍ରୋନିକ୍ସ ବୋର୍ଡ ଆଦିରେ ଥିବା ବେରିୟମ ଶରୀରର ମାଂସପେଶୀକୁ ଦୁର୍ବଳ କରେ। କମ୍ପ୍ୟୁଟରର ମଦରବୋର୍ଡରେ ଥିବା ବେରିଲିୟମ ସଂସ୍ପର୍ଶରେ ଆସିଲେ ଫୁସ୍‌ଫୁସ୍‌ରେ କର୍କଟ ଓ ଶ୍ୱାସ ରୋଗ ସୃଷ୍ଟି ହୁଏ। ଏପରି ଅନେକ ଉଦାହରଣ ଅଛି।

ବର୍ତ୍ତମାନର ଆଧୁନିକ ଯୁଗରେ ମଣିଷ କମ୍ପ୍ୟୁଟରର ବ୍ୟବହାର ଅଧିକରୁ ଅଧିକ କରୁଛି ଏବଂ ଏହାର ଉତ୍ପାଦନ କରୁଥିବା କମ୍ପାନୀ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଏହି କମ୍ପ୍ୟୁଟରର ବର୍ଜ୍ୟବସ୍ତୁ ମାଟି, ପାଣି ପ୍ରଦୂଷଣ ସୃଷ୍ଟି କରୁଛି। ଏହାର ବିଭିନ୍ନ ଅଂଶ ମୃତ୍ତିକାର ଅମ୍ଳତାକୁ ବଢ଼ାଇ କୃଷି ଉତ୍ପାଦନ ବ୍ୟାହତ କରୁଛି ଏବଂ ଜଳର ବିଭିନ୍ନ ଉତ୍ସରେ ମିଶିବା ଫଳରେ ଜଳଚର ପ୍ରାଣୀମାନେ ମୃତ୍ୟୁ ମୁଖରେ ପଡୁଛନ୍ତି। ଇ-ବର୍ଜ୍ୟ ଯୋଗୁଁ ଜଳସ୍ତର ମଧ୍ୟ ହ୍ରାସ ପାଉଥିବା ଦେଖାଯାଉଛି। କେତେକ ଇ-ବର୍ଜ୍ୟକୁ ନିଆଁରେ ପୋଡ଼ାଯାଉଥିବାରୁ ବାୟୁ ପ୍ରଦୂଷଣ ବଢୁଛି। ଏଥିରେ ଥିବା ପାରଦ, ସୀସା ମିଶ୍ରିତ କାଚ, ଧାତବ ଅଂଶ ନିଆଁ ସହ ଜଳିଲେ ଏଥିରୁ ବିଷ ସଦୃଶ ବାୟୁ ସୃଷ୍ଟି ହୁଏ ଏବଂ ମାରାତ୍ମକ ରୋଗ ସୃଷ୍ଟି କରିବା ସହିତ ପରିବେଶ ପ୍ରଦୂଷଣ ବଢ଼ାଏ। ଇ-ବର୍ଜ୍ୟ ବସ୍ତୁ ସହ ଲାଗିଥିବା ପ୍ଲାଷ୍ଟିକ ତଥା ଅଳିଆ ଆବର୍ଜନାକୁ ଦୂର କରିବାକୁ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଲୋକେ ଖୋଲା ଆକାଶରେ ନିଆଁ ଲଗେଇ ଦିଅନ୍ତି। ଯାହା ଫଳରେ ବାୟୁ ପ୍ରଦୂଷଣର ପରିମାଣ ଏତେ ଅଧିକ ହେଉଛି ଯେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଭଳି ସହରରେ ବିଦ୍ୟାଳୟଗୁଡ଼ିକ ବନ୍ଦ କରିବାକୁ ପଡୁଛି।

ଏଥିରୁ ରକ୍ଷା ପାଇବାକୁ ହେଲେ ଇଲେକ୍‌ଟ୍ରୋନିକ୍ସ ଓ ଇଲେକ୍‌ଟ୍ରିକାଲ ବର୍ଜ୍ୟବସ୍ତୁର ସୁପରିଚାଳନା ତଥା ସତର୍କତା ଲୋକଙ୍କ ମଧ୍ୟରେ ପହଞ୍ଚାଇବା ଆବଶ୍ୟକ। ବର୍ତ୍ତମାନର ବୈଜ୍ଞାନିକ ଯୁଗରେ କିପରି ଏହି ସମସ୍ୟାର ସମାଧାନ ହେବ, ତାହାର ସନ୍ଧାନ ଯୁବ ସମାଜ ଖୋଜିବା ନିତାନ୍ତ ଜରୁରୀ। ଯଦି ଏହିପରି ଭାବରେ ବର୍ଜ୍ୟବସ୍ତୁ ବଢ଼େ ଏବଂ ତାହାର ପୁନଃ ବ୍ୟବହାର, ପୁନଃଚକ୍ରଣ ଅତିଶୀଘ୍ର କରାନଯାଏ, ତାହା ହେଲେ ନିକଟ ଭବିଷ୍ୟତରେ ପରିସ୍ଥିତି ଭୟଙ୍କର ହେବ। ତେଣୁ ଇଲେକ୍‌ଟ୍ରିକାଲ ଓ ଇଲେକ୍‌ଟ୍ରୋନିକ୍ସର ବର୍ଜ୍ୟବସ୍ତୁକୁ କିପରି ଭାବରେ ସୁପରିଚାଳନା କରିବା, ତାହା ଆମ ପାଇଁ ପ୍ରାଥମିକତା ହେବା ଦରକାର। ଏ ବିଷୟରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଆବଶ୍ୟକ। କିପରି ଭାବେ ଏହି ବର୍ଜ୍ୟବସ୍ତୁର ପୁନଃଚକ୍ରଣ ହୋଇପାରିବ ସେ ବିଷୟରେ ସରକାର ମଧ୍ୟ ଧ୍ୟାନ ଦେବା ଜରୁରୀ।

# ସରଳ ଜୀବନର ବିରଳ ବ୍ୟକ୍ତିତ୍ୱ: ମା' ରମାଦେବୀ

ପ୍ରହଲାଦ କୁମାର ସିଂହ
ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

ସେବା, ସଂଗ୍ରାମ ଓ ତ୍ୟାଗର ତ୍ରିବେଣୀ ସଙ୍ଗମ ହେଉଛନ୍ତି ମା' ରମାଦେବୀ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିଧାଣୀ ପ୍ରାତଃସ୍ମରଣୀୟ ଉତ୍କଳ ଗୌରବ ମଧୁସୂଦନ ଦାସ ହେଉଛନ୍ତି ତାଙ୍କ ନିଜ ବଡ଼ବାପା। ବାପା ସୁଲେଖକ ତଥା ପ୍ରଶାସନିକ ଅଧିକାରୀ ଗୋପାଳ ବଲ୍ଲଭ ଦାସ ଓ ବସନ୍ତ ମଞ୍ଜରୀ ଦେବୀଙ୍କର ସେ ସୁପୁତ୍ରୀ। ମା' ରମାଦେବୀଙ୍କ ଜନ୍ମ ୧୮୯୯ ଡିସେମ୍ବର ୩ ତାରିଖରେ। ୮୬ ବର୍ଷ ବୟସରେ ତାଙ୍କର ଦେହାବସାନ ହୋଇଥିଲା ୧୯୮୫ ଜୁଲାଇ ୨୨ ତାରିଖରେ। ମାତ୍ର ୧୫ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା ଖେରସର ଜମିଦାର ତଥା ଖ୍ୟାତନାମା ଓକିଲ ଓ ଉତ୍କଳ ସମ୍ମିଳନୀର ଛାମୁଆଁ ନେତା ଗୋକୁଳାନନ୍ଦ ଚୌଧୁରୀଙ୍କ ସୁପୁତ୍ର ତଥା ଡେପୁଟି ମାଜିଷ୍ଟ୍ରେଟ୍ ଗୋପବନ୍ଧୁ ଚୌଧୁରୀଙ୍କ ସହ। ଏଭଳି ଦୁଇଟି ସମ୍ଭ୍ରାନ୍ତ ଜମିଦାର ପରିବାରରେ ଭୋଗବିଳାସ ମଧ୍ୟରେ ସଂସ୍କାରର ସହ ବଢ଼ି ଆସିଥିଲେ ସେ। ରମାଦେବୀ କୌଣସି ଅନୁଷ୍ଠାନରେ ପାଠ ପଢ଼ିନଥିଲେ। ବଡ଼ବାପା, ବାପା ଓ ମା'ଙ୍କ ଠାରୁ ସେ ପୁରାଣ ଓ ଇତିହାସର କଥାବସ୍ତୁ ସହ ଶିଖୁଥିଲେ ସତ୍ୟର ସାଧିକା ହେବା ପାଇଁ। ବିବାହ ପରେ ସେ ମନମୋହନ ଓ ଅନ୍ନପୂର୍ଣ୍ଣାଙ୍କ ଭଳି ଦୁଇ ଦେଶପ୍ରେମୀ ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ୧୯୨୧ ମାର୍ଚ୍ଚ ୨୩ ତାରିଖରେ ମହାତ୍ମା ଗାନ୍ଧୀଙ୍କର ପ୍ରଥମ ଓଡ଼ିଶା ଗସ୍ତ ଅବସରରେ କଟକରେ ଅନୁଷ୍ଠିତ ଏକ ମହିଳା ସଭାରେ ରମାଦେବୀ ଗାନ୍ଧୀଙ୍କୁ ଭେଟି ନିଜ ହାତକଟା ଖଦୀ ସୂତା ମୋଡ଼ଟିଏ ଭେଟି ଦେଇଥିଲେ। ବସ୍ତୁତଃ ଏହା ତାଙ୍କ ଜୀବନର ମୋଡ଼କୁ ବଦଳାଇ ଦେଇଥିଲା। ଅଭିଜାତ୍ୟର ଅହଙ୍କାରକୁ ଫିଙ୍ଗି ଚୌଧୁରୀ ପରିବାର ସ୍ୱେଚ୍ଛାକୃତ ଦାରିଦ୍ର୍ୟ ବରଣ ସହ ଦେଶ ଓ ଦଶର ସେବାପାଇଁ ସ୍ୱାଧୀନତାର ଯଜ୍ଞବେଦୀରେ ଝାସ ଦେଇଥିଲେ। ଓଡ଼ିଶା ଓ ଦେଶରେ ନାରୀ ଜାଗରଣ ସୃଷ୍ଟି କ୍ଷେତ୍ରରେ ରମାଦେବୀଙ୍କର ଥିଲା ଅନବଦ୍ୟ ଅବଦାନ। ଲବଣ ସତ୍ୟାଗ୍ରହରେ ରମାଦେବୀଙ୍କ ନେତୃତ୍ୱ ଅବିସ୍ମରଣୀୟ। ତାଙ୍କ ବ୍ୟକ୍ତିତ୍ୱରେ ଆକର୍ଷିତ ହୋଇ ବହୁ ଛାତ୍ର ସ୍କୁଲ-କଲେଜ୍ ଛାଡ଼ି ବାନର ସେନାରେ ଯୋଗ ଦେଇଥିଲେ। ୧୯୩୪ରେ ଗାନ୍ଧିଜୀଙ୍କର ପ୍ରାୟ ମାସେ ଧରି ଓଡ଼ିଶାରେ ପଦଯାତ୍ରା ଓ ୧୯୩୮ରେ ବେରବୋଇ ସମ୍ମିଳନୀରେ ଗାନ୍ଧୀ, ପଟେଲ୍, ମୌଲାନା, କୃପାଳିନୀ, ରାଜେନ୍ଦ୍ର ପ୍ରସାଦ ଆଦିଙ୍କ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଅନ୍ୟତମ ସଞ୍ଚାଳିକା ଥିଲେ ମା' ରମାଦେବୀ। ଆଚାର୍ଯ୍ୟ ବିନୋବା ଭାବେଙ୍କ ଭୂଦାନ ଯଜ୍ଞ ଓ ଲୋକନାୟକ ଜୟପ୍ରକାଶଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନର ସେ ଥିଲେ ଅନ୍ୟତମ ନେତ୍ରୀ। ମହାତ୍ମା ଗାନ୍ଧୀ ତାଙ୍କ ହାତଗଢ଼ା ଅନୁଷ୍ଠାନ ହରିଜନ ସେବକ ସଂଘ, ଚରଖା ସଂଘ, କସ୍ତୁରବା ଜାତୀୟ ସ୍ମାରକ ନିଧି ଆଦିର ଦାୟିତ୍ୱରେ ରମାଦେବୀଙ୍କୁ ରଖିଥିଲେ। ସେ ବି ଗୋଟିଏ ସମୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥିଲେ। ଜଗତସିଂହପୁରର ଅଳକା ଆଶ୍ରମ ଓ ବରୀର ସେବାଘର ସମେତ ରାମଚନ୍ଦ୍ରପୁରର ମୌଳିକ ବିଦ୍ୟାଳୟ, ସର୍ବଦୟ ମଣ୍ଡଳ, ଗାନ୍ଧୀ ସ୍ମାରକ ନିଧି, ଉତ୍କଳ ଖଦି ମଣ୍ଡଳ, ରିଲିଫ୍ କମିଟି ଆଦି ତାଙ୍କ ହାତଗଢା ଅନୁଷ୍ଠାନ।

ମା' ରମାଦେବୀଙ୍କ ସମର୍ପିତ ସଙ୍କଳ୍ପବଦ୍ଧ ସଂଗ୍ରାମ ଓ ସେବା ତାଙ୍କୁ ସାରା ଦେଶରେ ସ୍ୱତନ୍ତ୍ର ପରିଚିତି ଦେଇଥିଲା। ଓଡ଼ିଶାରେ ପଦଯାତ୍ରା ସାରି ଯିବା ପୂର୍ବରୁ ତାଙ୍କ ସମ୍ପର୍କରେ ଗାନ୍ଧିଜୀ କହିଥିଲେ, 'ପଦଯାତ୍ରା ଭିତରେ ଶ୍ରୀମତୀ ରମାଦେବୀ ଓ ତାଙ୍କ ସହକର୍ମୀମାନେ ଯେଭଳି କାମ କରିଛନ୍ତି, ସେଥିରେ ମୁଁ ଆଶ୍ଚର୍ଯ୍ୟ ହୋଇଛି।... ଜଣାପଡୁଛି ଯେ ସେମାନେ ସରଳ ଜୀବନ କଟାଇବାକୁ ଏବଂ ଦୁଃଖକଷ୍ଟ ସହିବାକୁ ଶିକ୍ଷା ପାଇଛନ୍ତି।' ସେ ସମୟରେ ସଂଗ୍ରାମୀ ମହିଳାମାନେ କିଭଳି ପ୍ରତିକୂଳ ପରିସ୍ଥିତିରେ ଦେଶ କାମ କରୁଥିଲେ ସେ ସଂକ୍ରାନ୍ତରେ 'ଜୀବନ ପଥେ'ରେ ରମାଦେବୀ ବର୍ଣ୍ଣନା କରିଛନ୍ତି।

ଚୀନ୍ ଯୁଦ୍ଧ ଓ ବାଂଲାଦେଶର ମୁକ୍ତି ସଂଗ୍ରାମ ବେଳେ ରମାଦେବୀଙ୍କ ଦଳ ଯେଭଳି ସୀମାନ୍ତରେ ଗୁଳିଗୋଳାକୁ ଭ୍ରୂକ୍ଷେପ ନକରି ସେବାକାର୍ଯ୍ୟ କରୁଥିଲେ ତାହା ଅନନ୍ୟ। କଳାହାଣ୍ଡି ଦୁର୍ଭିକ୍ଷ, ସାମ୍ପ୍ରଦାୟିକ ଦଙ୍ଗା, ପ୍ରାକୃତିକ ବିପର୍ଯ୍ୟୟ, ଗ୍ରାମାଞ୍ଚଳ ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ବିକାଶ ଆଦି କ୍ଷେତ୍ରରେ ସେ ଅନେକ କାର୍ଯ୍ୟ କରିଯାଇଛନ୍ତି। ତାଙ୍କ ନାମରେ ରାଜଧାନୀର ସରକାରୀ ମହିଳା କଲେଜ(ବିଶ୍ୱବିଦ୍ୟାଳୟ) ପ୍ରତିଷ୍ଠା ହୋଇଛି। କେନ୍ଦ୍ର ସରକାର ତାଙ୍କ ସ୍ମୃତିରେ ଡାକ ଟିକଟ ପ୍ରକାଶ ସହ ଏକ ତଟରକ୍ଷୀ ଜାହାଜକୁ ନାମିତ କରିଛନ୍ତି। ଯମୁନାଲାଲ୍ ବଜାଜ୍ ପୁରସ୍କାରଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟର ସମ୍ମାନଜନକ ଡିଲିଟ୍ ଉପାଧି ପର୍ଯ୍ୟନ୍ତ ତାଙ୍କ ଉପରେ ଅଜାଡ଼ି ହୋଇପଡ଼ିଛି। ଆଚରଣ ଓ ଉଚ୍ଚାରଣରେ ମା' ରମାଦେବୀଙ୍କୁ ଠିକଣା ଭାବେ ଅନୁସରଣ କରିପାରିଲେ ବହୁ ସମସ୍ୟାର ସହଜ ଓ ସରଳ ସମାଧାନ ହୋଇ ପାରିବ।

## ଲେଖକ/ଲେଖିକାଙ୍କ ନିମନ୍ତେ ବିଶେଷ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ ଲେଖିକା ତାହାକୁ ଅନ୍ୟ ଖବରକାଗଜ/ ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

**କାର୍ଯ୍ୟନିର୍ବାହୀ ସମ୍ପାଦକ**



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କୁତ୍ରା ଡବଲ୍ ମର୍ଡର ଘଟଣାର ପର୍ଦ୍ଦାଫାସ

# ପ୍ରେମିକା ଉପରେ ସନ୍ଦେହ ନେଲା ୨ ଜୀବନ

**କୁତ୍ରା, ୨୧।୭ (ସମିସ):** ଅନ୍ୟ ଜଣେ ଯୁବକ ସହ ପ୍ରେମିକାକୁ ଦେଖି ସହିପାରିଲାନି ପ୍ରେମିକ। ତେଣୁ ଦୁହିଁଙ୍କୁ ଛୁରି ଭୁସି ମାରିଦେଲା। ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା କାଶିପଡ଼ାଠାରେ ଗତ ୧୪ ତାରିଖ ରାତିରେ ସଂଘଟିତ ଡବଲ ମର୍ଡର୍ ଘଟଣାର ପର୍ଦ୍ଦାଫାସ୍ ହୋଇଛି। ପ୍ରେମିକାକୁ ସନ୍ଦେହ କରି ଏହି ଡବଲ୍ ମର୍ଡର୍ ଘଟିଥିବା କୁହାଯାଉଛି। ଅପରପକ୍ଷେ ଏହି ଘଟଣାର ମୁଖ୍ୟ

- ଜଙ୍ଗଲରୁ ଅଭିଯୁକ୍ତ ଗିରଫ
- ଛୁରି, ରକ୍ତଲଗା ପ୍ୟାଣ୍ଟ, ସାର୍ଟ, ଚପଲ ଓ ବାଇକ୍ ଜବତ

ଅଭିଯୁକ୍ତ ରାଜୁ ନାଗକୁ କୁତ୍ରା ଓ ରାଜଗାଙ୍ଗପୁର ଥାନା ପୁଲିସ୍ ମିଳିତ ଭାବେ ଜଉରୁମାଲ ଗାଁ ପାଖ ଜଙ୍ଗଲରୁ ଗିରଫ କରିଛନ୍ତି। ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀଙ୍କ ରବିବାର କୁତ୍ରା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଏସ୍‌ଡିପିଓ ଶ୍ରୀ ପାଣିଗ୍ରାହୀଙ୍କ ସୂଚନା ମୁତାବକ, ରାଜଗାଙ୍ଗପୁର ଜଉରୁମାଲର ରାଜୁ ନାଗ ଓ କୁତ୍ରା କାଶିପଡ଼ା ଗ୍ରାମର ଲିପ୍ସା କେରକେଟା ୨୦୧୨ରେ ଏକ ଖେଳକୁଦ ପ୍ରତିଯୋଗିତାରେ ପରସ୍ପର ସହ ପରିଚିତ ହୋଇଥିଲେ। ପରେ ସେମାନଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ଗତ ୫ ବର୍ଷ ହେବ, ସେମାନେ ସଂପର୍କରେ ଥିଲେ। ଏ କଥା ଲିପ୍ସାଙ୍କ ପରିବାର ଲୋକଙ୍କୁ ମଧ୍ୟ ଜଣାଥିଲା। ହେଲେ ଗତ ବର୍ଷେ ହେଲା, ଲିପ୍ସା ରାଉରକେଲାରେ ଏମ୍‌ବିଏ କରୁଥିବା



ବେଳେ ସେଠାରେ ସହପାଠୀ ରାଜଗାଙ୍ଗପୁର ଥାନା ରୁମାବାହାଲ ଗ୍ରାମର ପ୍ରତାପ ଲାକ୍ରାଙ୍କ ସହ ତାଙ୍କର ବନ୍ଧୁତା ସୃଷ୍ଟି ହୋଇଥିଲା। କିନ୍ତୁ ରାଜୁ ଏହାକୁ ନେଇ ଲିପ୍ସାଙ୍କୁ ସନ୍ଦେହ କରିଥିଲେ। ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ରାଜୁ ସନ୍ଦେହ କରୁଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ବି ହେଉଥିଲା। ଗତ ୧୪ ତାରିଖ ରାତିରେ ଲିପ୍ସାଙ୍କ ସହ ଫୋନ୍‌ରେ କଥା ହେବା ବେଳେ ପ୍ରତାପ ତାଙ୍କ ଘରେ ଥିବା ରାଜୁ ଜାଣିବାକୁ ପାଇଥିଲେ। ଏନେଇ ରାଜୁ ତାଙ୍କୁ ଗାଳିଗୁଲଜ ମଧ୍ୟ କରିଥିଲେ। ସେହି ଦିନ ରାତି ପ୍ରାୟ ୧୦ଟାରେ ଲିପ୍ସା ଓ ପ୍ରତାପଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ରାଜୁ ଏକ ଛୁରି ଧରି ଲିପ୍ସାଙ୍କ ଘରକୁ ଆସିଥିଲେ। ଲିପ୍ସା ଓ ପ୍ରତାପଙ୍କୁ ବାରମ୍ବାର ଛୁରି ଭୁସି ହତ୍ୟା କରିବା ପରେ ନିଜ ବାଇକ୍ ଯୋଗେ ଜଉରୁମାଲ ଚାଲିଯାଇଥିଲା। ସେଠାରେ ସେ ପିନ୍ଧିଥିବା ରକ୍ତଭିଜା ପ୍ୟାଣ୍ଟ, ସାର୍ଟ ଓ ହତ୍ୟାରେ ବ୍ୟବହୃତ ଛୁରିକୁ ଏକ ବ୍ରିଜ୍ ପାଖରେ ପଥର ତଳେ ଲୁଚାଇ ପାଖ ଜଙ୍ଗଲରେ ଲୁଚି ରହିଥିଲା। ବାଇକ୍‌କୁ ଜଣେ ସାଙ୍ଗ ପାଖରେ ରଖିବା ସହ ନିଜ ମୋବାଇଲ ଓ ସିମ୍ କାର୍ଡ ଭାଙ୍ଗି ଦେଇଥିଲା। ଅନ୍ୟ ଜଣେ ସାଙ୍ଗ ଜରିଆରେ ଏକ ନୂଆ ଫୋନ ଓ ସିମ୍ କାର୍ଡ କିଣି ବ୍ୟବହାର କରୁଥିଲା। ତେବେ ପୁଲିସ ଚତୁରତାର ସହ ଶନିବାର ରାତି ସାଢ଼େ ୮ଟାରେ ଜଉରୁମାଲ ପାଖ ଜଙ୍ଗଲରୁ ରାଜୁଙ୍କୁ ଗିରଫ କରିବାରେ ସଫଳ ହୋଇଛି।

## ପାରାଦୀପରେ ଚାଞ୍ଚଲ୍ୟ

# ଜାଲରେ ପଡ଼ିଲା ଶବ

**ପାରାଦୀପ, ୨୧।୭ (ସମିସ):** ଜଟାଧାର ମୁହାଣ ନିକଟରେ ଆଜି ମତ୍ସ୍ୟଜୀବୀଙ୍କ ଜାଲରେ ଏକ ଅଜଣା ବ୍ୟକ୍ତିଙ୍କ ଶବ ପଡ଼ିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଖବର ପାଇ ମେରାଇନ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବଟି କାହାର ଓ ଏଠାକୁ କେମିତି ଆସିଲା, ସେନେଇ ଅଧିକ ତଦନ୍ତ ଚଳାଇଛି। ଯୁବକଙ୍କ ସଂପର୍କରେ ଅଧିକ ସୂଚନା ପାଇଁ ନିକଟସ୍ଥ ଥାନାକୁ ସୂଚନା ଦେଇଛି। ଅପରପକ୍ଷେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଯୁବକଙ୍କୁ ହତ୍ୟା କରିବା ପରେ ଦୁର୍ବୃତ୍ତମାନେ ପ୍ରମାଣ ନଷ୍ଟ କରିବା ପାଇଁ ଶବକୁ ନଦୀରେ ଭସାଇ ଦେଇଥିବା ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ଆଜି ଅପରାହ୍ଣରେ କିଛି ମତ୍ସ୍ୟଜୀବୀ ଜଟାଧାର ମୁହାଣ ଭୋସକାଲିସ

**ହତ୍ୟା କରି ନଦୀକୁ ଫିଙ୍ଗିଦେଲେ!**

ପଏଣ୍ଟ ନିକଟରେ ଜାଲ ପକାଉଥିଲେ। ଏହି ସମୟରେ ଜାଲଟି ହଠାତ୍ ଭାରୀ ହୋଇଯାଇଥିଲା। ଏପରି ସଂପୃକ୍ତ ମତ୍ସ୍ୟଜୀବୀ ଜାଲକୁ କୂଳକୁ ଟାଣିପାରି ନଥିଲେ। ବଡ଼ ମାଛ ପଡ଼ିଥିବା ଭାବି ଦୁଇଜଣ ମତ୍ସ୍ୟଜୀବୀ ପାଣିରେ ପଶି ଜାଲକୁ ଟେକିଥିଲେ। ମାତ୍ର ମାଛ ବଦଳରେ ଶବକୁ ଦେଖି ଜାଲ ଛାଡ଼ି ମତ୍ସ୍ୟଜୀବୀମାନେ ଦୌଡ଼ିଥିଲେ। ପରେ ସ୍ଥାନୀୟ କିଛି ଯୁବକ ମତ୍ସ୍ୟଜୀବୀଙ୍କ ସହ ମିଶି ଜାଲକୁ ଶୁଖିଲାକୁ ଟାଣି ଆଣିଥିଲେ। ଶବଟି ପଚି ଯାଇଥିବା ବେଳେ କିଛି ଅଂଶ ମାଛ ଖାଇଦେଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଜଟାଧାର ମୁହାଣ ମେରାଇନ ଥାନାକୁ ଖବର ଦିଆଯାଇଥିଲା। ପୁଲିସ ପହଞ୍ଚି ଏବେ ତଦନ୍ତ ଆରମ୍ଭ କରିଛି। ଶବଟି ପାଖାପାଖି ୮ ଦିନରୁ ଊର୍ଦ୍ଧ୍ୱ ହେବ ସମୁଦ୍ରରେ ପଡ଼ିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ବ୍ରିଜ୍ ତଳୁ ୩ ମୃତଦେହ ଉଦ୍ଧାର

**ବାଲିଶଙ୍କରା,୨୧।୭ (ସମିସ):** ଛତିଶଗଡ଼ ତୁମୁଲା ଥାନା ଅନ୍ତର୍ଗତ ମାଟିହଜା ବ୍ରିଜ୍ ତଳୁ ୩ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲା କିଞ୍ଜିରକେଲା ଥାନା ଅନ୍ତର୍ଗତ ଗୀର୍ଜାପଡ଼ାର ଆସିତ ସୋରେଙ୍ଗ (୨୧) ଓ ସୁମନ ଟପ୍ପୋ (୨୨) ରହିଛନ୍ତି। ଅନ୍ୟ ମୃତକଙ୍କ ନାମ ଜଣାପଡ଼ିନଥିବା ବେଳେ ତାଙ୍କ ଘର ମାଟିହଜା ଗ୍ରାମରେ ବୋଲି ଜଣାପଡ଼ିଛି। ଗୀର୍ଜାପଡ଼ାର ଆସିତ ଓ ସୁମନ ବାଇକ ଯୋଗେ ଛତିଶଗଡ଼ ରାଜ୍ୟରେ ଥିବା ଜଣେ

**ମୃତକଙ୍କ ମଧ୍ୟରେ ଓଡ଼ିଶାର ୨**

ସମ୍ପର୍କୀୟଙ୍କ ଘର ଅଭିମୁଖେ ବାହାରିଥିଲେ। ତେବେ ମାଟିହଜା ଗ୍ରାମର ଯୁବକଜଣକ ଏମାନଙ୍କ ସହ କିପରି ମିଶିଲେ ଏବଂ ତିନି ଜଣଙ୍କ ମୃତ୍ୟୁ ଘଟିଲା, ତାହା ରହସ୍ୟ ଘେରରେ ରହିଛି। ଏନେଇ ତୁମଲା ଥାନା ପୁଲିସ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଆସିତ ଏବଂ ସୁମନଙ୍କ ମୃତଦେହ ଗାଁ ମଶାଣିରେ ଶୋକାକୁଳ ପରିବେଶରେ ସତ୍କାର କରାଯାଇଛି। ପୁଲିସ ତଦନ୍ତ ଜାରି ରହିଛି।

## ଅସହ୍ୟ ହେଲା ଋଣ ଚିନ୍ତା

# ବିଷ ପିଇ ମା’-ପୁଅଙ୍କ ଆତ୍ମହତ୍ୟା

**ନାକଟିଦେଉଳ, ୨୧।୭ (ସମିସ):** ଅହସ୍ୟ ହେଲା ଋଣ ଚିନ୍ତା। ତେଣୁ ମା’-ପୁଅ ବିଷ ପିଇଦେଲେ। ମା’ର ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ କିସିଣ୍ଡା ଥାନା ଅନ୍ତର୍ଗତ ପୋଡ଼ାଖୋଲ ଗାଁରେ। ମୃତକ

**ମା’ ମୃତ ପୁଅ ଗୁରୁତର**

ଜଣଙ୍କ ପୋଡ଼ାଖୋଲ ଗାଁର ଆନ୍ତର୍ଯ୍ୟାମୀ ପ୍ରଧାନଙ୍କ ସ୍ତ୍ରୀ ତାରା ପ୍ରଧାନ ଏବଂ ଗୁରୁତର ଅସୁସ୍ଥ ପୁଅ ତରୁଣ କୁମାର ପ୍ରଧାନ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ପୋଡ଼ାଖୋଲ ଗାଁର ଆନ୍ତର୍ଯ୍ୟାମୀ ପ୍ରଧାନ ଆଜକୁ ଦୀର୍ଘ ବର୍ଷ ହେଲା ନିଜର ସ୍ତ୍ରୀ ଏବଂ ପୁଅ ଝିଅ ଦୁଇ ଜଣଙ୍କୁ ଛାଡି ଅନ୍ୟ ଏକ ମହିଳାଙ୍କୁ ବିବାହ କରି ଅନ୍ୟ ଗାଁରେ ରହୁଥିବା ବେଳେ ତାରା ପ୍ରଧାନ ନିଜର ପୁଅ ଝିଅଙ୍କୁ ସାଙ୍ଗରେ ଧରି ପୋଡ଼ାଖୋଲ ଗାଁରେ ରହୁଥିଲେ। ଗତବର୍ଷ ତାରା ପ୍ରଧାନ ନିଜର ଝିଅକୁ ବିବାହ କରାଇଥିବା ବେଳେ ବର୍ତ୍ତମାନ ମାଆ ଓ ପୁଅ ଘରେ ଏକାକୀ ରହୁଥିଲେ। ତେବେ ଋଣ ଚିନ୍ତା ନେଇ ଗତ ୧୯ ତାରିଖ ରାତିରେ ଉଭୟ ମାଆ ଓ ପୁଅ ଚରମ ନିଷ୍ପତ୍ତି ନେଇ ଘର ଭିତରେ ବିଷ ପାନ କରିଦେଇଥିଲେ। ତେବେ ସକାଳ ପର୍ଯ୍ୟନ୍ତ ଘର ଭିତରୁ ସେମାନେ ଉଠି ନ ଥିବା ବେଳେ ସେମାନଙ୍କର ପାଟିତୁଣ୍ଡ ମଧ୍ୟ ଶୁଭି ନ ଥିଲା। ତାଙ୍କର ଜଣେ ପଡ଼ୋଶୀ ସନ୍ଦେହ ପ୍ରକାଶ କରି ଘର ଭିତରକୁ ଯାଇ ଗୁରୁତର ଭାବେ ଉଭୟ ମାଆ ପୁଅ ବିଛଣାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପାଖରେ ବିଷ ବୋତଲ ମଧ୍ୟ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସଙ୍ଗେ ସଙ୍ଗେ ଉଭୟ ମାଆ ପୁଅଙ୍କୁ ଆମ୍ବୁଲାନ୍ସ ଯୋଗେ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାରା ପ୍ରଧାନଙ୍କର ରବିବାର ସକାଳୁ ମୃତ୍ୟୁ ଘଟିଥିବା ବେଳେ ପୁଅ ତରୁଣ କୁମାର ପ୍ରଧାନ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ୩ ବର୍ଷର ହାତୀ ଶାବକ ମୃତ



**ହିନ୍ଦୋଳ,୨୧।୭ (ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବନାଞ୍ଚଳର ବାବନ୍ଧ ସେକ୍ସନ ଅନ୍ତର୍ଗତ ବାମ୍ପା ଗ୍ରାମଠାରୁ ୪କିଲୋମିଟର ଦୂର ଏକ ଜଙ୍ଗଲିଆ ସ୍ଥାନରେ ଏକ ଛୁଆହାତୀର ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ମୃତ ଅଣ୍ଡିରା ହାତୀଛୁଆରବୟସପାଖାପାଖି୩ବର୍ଷହେବବୋଲି ବନବିଭାଗ ଅଧିକାରୀମାନେ ପ୍ରକାଶ କରିଛନ୍ତି। ଶୁକ୍ରବାର ହାତିଟି ଅସୁସ୍ଥ ହୋଇପଡ଼ିଥିବା ବେଳେ ରାତି ହୋଇଯିବାରୁ ତା’ର ଚିକିତ୍ସା ହୋଇପାରି ନଥିଲା। ଗତକାଲି ହାତୀ ଛୁଆର ମୃତଦେହ ପଡ଼ିଥିବା ବେଳେ ବନବିଭାଗ ଅଧିକାରୀମାନେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇଥିଲେ। ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ।

ବାବନ୍ଧ ସେକ୍ସନ ଅଞ୍ଚଳରେ ୧୨ଟି ହାତୀ ଚଳପ୍ରଚଳ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଏକ ଛୁଆ ହାତୀ ଶୁକ୍ରବାର ଦଳରୁ ଅଲଗା ହୋଇଯାଇଥିଲା। ହାତୀଟିର ଶାରୀରିକ ଅସୁସ୍ଥତା ଥିବା ନେଇ ସନ୍ଦେହ ପ୍ରକାଶ କରି ବନଖଣ୍ଡ ଅଧିକାରୀଙ୍କ ସହିତ ହିନ୍ଦୋଳ ପ୍ରାଣୀ ଚିକିତ୍ସକ, କପିଳାସ ଚିଡ଼ିଆଖାନା ପ୍ରାଣୀ ଚିକିତ୍ସକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଥିଲେ। ପ୍ରଥମେ ହାତୀଟି ବୋମା ଚୋବାଇ ଦେଇଥିବା ସନ୍ଦେହ କରାଯାଉଥିବା ବେଳେ ରାତି ପର୍ଯ୍ୟନ୍ତ ହାତୀଟିର ସନ୍ଧାନ ଅଧିକାରୀମାନେ ପାଇପାରି ନଥିଲେ। ଶନିବାର ସକାଳୁ ଟ୍ରାଙ୍କୁଲାଇଜର ଟିମ୍ ସହ ବନ ବିଭାଗ ଅଧିକାରୀମାନେ ପହଞ୍ଚି ହାତୀଟିକୁ କାବୁ କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। କିଛି ସମୟ ପରେ ନିକଟସ୍ଥ ଏକ ଜଙ୍ଗଲିଆ ଜାଗାରେ ହାତୀର ମୃତଦେହ ଦେଖିବାକୁ ମିଳିଥିଲା। ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବନବିଭାଗ ଅଧିକାରୀମାନେ ପ୍ରକାଶ କରିଛନ୍ତି।

## ଅବଶିଷ୍ଟାଂଶ...

### ୨୫ କିଲୋରୁ...

ସାମଗ୍ରୀ ପାଇଁ ୪୨ ଟଙ୍କା ଦେବାକୁ ପଡ଼ିବ। ମୋଟାମୋଟି ହିସାବ କଲେ ମାସିକ ୨୦୦୦ ଟଙ୍କାର ଡାଲି, ଚାଉଳ, ଅଟା, ମଇଦା, ସୁଜି ବ୍ୟବହାର କରୁଥିବା ପରିବାରକୁ ଅଧିକ ୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଖାଉଟିଙ୍କ ଉପରେ କେନ୍ଦ୍ର ସରକାର ଜିଏସ୍‌ଟି ଲଦି ଦେବାକୁ ଚେଷ୍ଟା କରୁଥିବାବେଳେ କର୍ପୋରେଟ୍ ସଂସ୍ଥା ଓ ବଡ଼ ମଲ୍ ଲାଭବାନ୍ ହେବେ।ଏ ସମ୍ପର୍କରେ ସର୍ବଭାରତୀୟ ବ୍ୟବସାୟୀ ସଂଘର ରାଜ୍ୟ ସଭାପତି ସୁଧାକର ପଣ୍ଡା କହିଛନ୍ତି ଯେ ପୂର୍ବରୁ ୨୫ କିଲୋରୁ ଅଧିକ ପ୍ୟାକେଟ୍‌ର ଜିନିଷ କିଣିଲେ ଜିଏସ୍‌ଟି ଲାଗୁ ନ ଥିଲା। ଏବେ ସରକାର ୫% ଜିଏସ୍‌ଟି ଲାଗୁ ନିମନ୍ତେ ସରକାର ଆପତ୍ତି ଅଭିଯୋଗ ଆହ୍ୱାନ କରିଛନ୍ତି। ଏହି ନିୟମ ଲାଗୁ ହେଲେ ଲୋକଙ୍କର କ୍ରୟ ଶକ୍ତି ହ୍ରାସ ପାଇବ। ଅନ୍ୟପକ୍ଷରେ ସାଧାରଣ ଖାଉଟି ଦରଦାମ ବୃଦ୍ଧିରେ କଳବଳ ହେଉଥିବାବେଳେ କର୍ପୋରେଟ୍ ସଂସ୍ଥାକୁ ସରକାର ଛାଡ଼ କରିଛନ୍ତି। ଏହା ସାଧାରଣ ଲୋକଙ୍କ ହିତ ବିରୋଧୀ ପଦକ୍ଷେପ ଓ ଏହାକୁ ସଂଘ ବିରୋଧ କରୁଥିବା ସରକାରଙ୍କୁ ସୂଚାଇ ଦିଆଯାଇଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି।

ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ମନୋରମା ମହାନ୍ତି ନାମକ ଜଣେ ଗୃହିଣୀ କହିଛନ୍ତି ଯେ ଆମର ୪ ଜଣିଆ ପରିବାର ପାଇଁ ପୂର୍ବରୁ ୨ ହଜାର ଟଙ୍କା ଗ୍ରୋସୋରୀ ଲାଗୁଥିଲା, ଏବେ ତାହା ୪ ହଜାର ଟଙ୍କାରେ ପହଞ୍ଚିଲାଣି। ଜିଏସ୍‌ଟି ଲାଗିଲେ ଏହା ଆହୁରି ବଢ଼ିବ। ସରକାରଙ୍କ ଏହା କି ପ୍ରକାର ଜନକଲ୍ୟାଣ ବୋଲି ସେ ପ୍ରଶ୍ନ କରିଛନ୍ତି। ମଞ୍ଜୁଳା ଶତପଥୀ କହିଛନ୍ତି ନାମକ ଜଣେ ମହିଳା କହିଛନ୍ତି ଯେ ମାସିକ ୧୫ରୁ ୨୦ ହଜାର ଟଙ୍କା ଦରମାରେ ଅତି କଷ୍ଟରେ ଏବେ ଆମ ପରିବାର ଚଳୁଛି। ଯଦି ସରକାର ଦର ବଢ଼ାଇ ଦେବେ, ତେବେ ଆମେ ଆଉ ବଞ୍ଚିପାରିବୁନି। ସରକାର ସାଧାରଣ ଲୋକଙ୍କୁ ଆଉ କେତେ ଶୋଷିବେ ବୋଲି ସେ ପ୍ରଶ୍ନ କରିଛନ୍ତି।

### ସପ୍ତାହରେ ୨୦୦ରୁ...

ଦୁଇଟି ପୌରପାଳିକା ଅଞ୍ଚଳରେ ଆକ୍ରାନ୍ତ ହେଉଥିବା ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ରେଫର କରାଯାଉଛି। କିନ୍ତୁ ଏଠାରେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ଗତ ସାତଦିନ ମଧ୍ୟରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ୨୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଡାଇରିଆ ୱାର୍ଡରେ ଏବେ ୧୨ଟି ଶଯ୍ୟା ରହିଛି। ଆଜିର ଦିନରେ ୩୦ ଜଣ ରୋଗୀ ଆଡ୍‌ମିଶନ ହୋଇଥିବା ଜଣାପଡ଼ିଛି। ଚିକିତ୍ସା ପାଇଁ ଯିଏ ଯେଉଁଠି ପାଇଲେ ସେଠି ଶୋଇ ଚିକିତ୍ସିତ ହେଉଛନ୍ତି। ସାଲାଇନ ପାଇଁ ଡାକ୍ତରଖାନା ଝରକା ଉପରେ ନିର୍ଭର କରିବାକୁ ପଡ଼ିଛି। କେବଳ ଝାଡ଼ାବାନ୍ତି ରୋଗୀ ନୁହଁନ୍ତି, ବରଂ ସବୁ ବିଭାଗରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଫଳରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଯାଇଛି।ତଥ୍ୟ ମୁତାବକ, ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଏବେ ୩୦୫ ଶଯ୍ୟା ରହିଛି। ୨୫୦ ଶଯ୍ୟା ବିଶିଷ୍ଟ ବିଲ୍ଡିଂ ନିର୍ମାଣ କାମ ସରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହୋଇପାରନି। ଫଳରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସମସ୍ୟା ପ୍ରତିବର୍ଷ ଏହି ସମୟରେ ଦେଖାଯାଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସମସ୍ୟା ପ୍ରତିବର୍ଷ ବଢ଼ି ବଢ଼ି ଚାଲିଛି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣାଙ୍କୁ ପଚାରିବାରେ ଚଳିତ ବର୍ଷ ଆଶାଠାରୁ ଅଧିକ ରୋଗୀ ଆସୁଛନ୍ତି। ସେମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଆମେ ବାଧ୍ୟ ହୋଇ ଡାକ୍ତରଖାନା ବାରଣ୍ଡାରେ ଚିକିତ୍ସା ଯୋଗାଉଛୁ। ଏବେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିସରରେ ନିର୍ମାଣ ହୋଇଥିବା ବିଲ୍ଡିଂ ଆମକୁ ହସ୍ତାନ୍ତର ହୋଇନି ଓ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ସେଠାରେ ଏକ ବଡ଼ ଡାଇରିଆ ୱାର୍ଡ କରାଯିବ ଓ ରୋଗୀ ସମସ୍ୟା ଦୂର ହୋଇପାରିବ।

### ସଂରକ୍ଷଣ ସୀମା...

ଭେଦଭାବମୂଳକ ଓ ପ୍ରଧାନମନ୍ତ୍ରୀ ହସିନାଙ୍କ ଆୱାମୀ ଲିଗ୍ ସମର୍ଥକଙ୍କୁ ଫାଇଦା ଦେଉଥିବା ଆନ୍ଦୋଳନକାରୀଙ୍କ ଅନ୍ୟତମ ମୁଖ୍ୟ ଅଭିଯୋଗ ଥିଲା। ବାଂଲାଦେଶ ସରକାର ୨୦୧୮ ରେ ଏହି ୩୦% ସଂରକ୍ଷଣ ବ୍ୟବସ୍ଥା ଉପରେ ରୋକ୍ ଲଗାଇଥିଲେ କିନ୍ତୁ ହାଇକୋର୍ଟ ଗତ ଜୁନ୍‌ରେ ଏହି ରୋକ୍ ଉଠାଇଦେଇ ମୁକ୍ତିଯୋଦ୍ଧାଙ୍କ ପରିବାରକୁ ପୂର୍ବଭଳି ସରକାରୀ ଚାକିରୀରେ ୩୦% ସଂରକ୍ଷଣ ଦିଆଯିବା ନିମନ୍ତେ ଆଦେଶ ଦେଇଥିଲେ। ସେତେବେଳେ ଜନ୍ମ ନେଲା ସଂରକ୍ଷଣ ବିରୋଧୀ ଆନ୍ଦୋଳନ ଯାହା ଜୁଲାଇ ପହିଲାରୁ ତେଜି କ୍ରମେ ହିଂସାମୁଖୀ ହୋଇଥିଲା। ଏହି ଆନ୍ଦୋଳନ ୧୫୧ ଜଣଙ୍କ ଜୀବନ ନେଇଥିବା ବେଳେ ୧୫୦୦ରୁ ଅଧିକ ଆହତ ହୋଇଛନ୍ତି। ସମଗ୍ର ଦେଶରେ କର୍ଫ୍ୟୁ ବଳବତ୍ତର ରହିଛି। ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ସବୁ ବନ୍ଦ କରିଦିଆଯାଇଛି। ଇଣ୍ଟରନେଟ୍ ସେବା ବିଚ୍ଛିନ୍ନ କରାଯାଇଛି। ତେବେ ଆଜି ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ସଂଗ୍ରହ କରିବାକୁ ସୁଯୋଗ ଦେବା ନିମନ୍ତେ କିଛି ସମୟ ପାଇଁ କର୍ଫ୍ୟୁ କୋହଳ କରାଯାଇଛି। ଅନ୍ୟପକ୍ଷରେ ବାଂଲାଦେଶ ହିଂସା ଯୋଗୁଁ ଭାରତୀୟ ଛାତ୍ରମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଗତକାଲି ନେପାଳର ୨ ଓ ଭାରତର ୧୫୮-ଏହିଭଳି ମୋଟ ୧୬୦ ଛାତ୍ର ତ୍ରିପୁରାର ଆଖାଉରା ଇଣ୍ଟିଗ୍ରେଟେଡ୍ ଚେକ୍ ପୋଷ୍ଟ ଦେଇ ଭାରତକୁ ଫେରିଥିବା ତ୍ରିପୁରା ମୁଖ୍ୟମନ୍ତ୍ରୀ ଡ. ମାଣିକ ଶାହ ଆଜି କହିଛନ୍ତି। ସେହିଭଳି ମେଘାଳୟର ସୋନାମୁରା ସୀମାନ୍ତ ଚେକ୍ ପୋଷ୍ଟ ଦେଇ ଗତକାଲି ଆଉ ୧୮୬ ଜଣ ଛାତ୍ର ଭାରତ ଫେରିଛନ୍ତି। ଏହିପରି ଗତକାଲି ମୋଟ ୩୪୪ ଭାରତୀୟ ଓ ନେପାଳୀ ଛାତ୍ର ଭାରତ ଫେରିଛନ୍ତି। ଗତ ତିନି ଦିନରେ ବାଂଲାଦେଶରୁ ୧୦୦୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଭାରତୀୟ, ମୁଖ୍ୟତଃ ଛାତ୍ର ଭାରତ ଫେରିଲେଣି। ସୀମାରେ ସୀମା ସୁରକ୍ଷା ବାହିନୀ(ବିଏସ୍‌ଏଫ୍) ଯବାନମାନେ ଛାତ୍ରଙ୍କୁ ସ୍ୱାଗତ କରି ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରିଥିଲେ। ଆହୁରି ଅଧିକ ସଂଖ୍ୟକ ଭାରତୀୟ ଛାତ୍ର ବାଂଲାଦେଶର ବିଭିନ୍ନ ପ୍ରାନ୍ତରୁ ଭାରତ ଫେରୁଥିବା ସୂଚନା ବିଏସ୍‌ଏଫ୍ ପାଇଛି। ଭାରତୀୟ ଛାତ୍ରଙ୍କ ପାଇଁ ମେଘାଳୟ ଓ ତ୍ରିପୁରା ସରକାର ହେଲ୍ପଲାଇନ ନମ୍ବର ଖୋଲିଛନ୍ତି। ଭାରତ ଫେରିଥିବା ଛାତ୍ରଙ୍କ ରହିବା ବ୍ୟବସ୍ଥା ତ୍ରିପୁରା ସରକାର କରିଛନ୍ତି ଓ ସେମାନଙ୍କୁ ଘରକୁ ପଠାଯିବା ବ୍ୟବସ୍ଥା କରାଯାଉଛି।

### ସରକାରଙ୍କ ‘ୟୁ’...

ହୋଇ ରହିବ। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପୂର୍ବ ପରି ଚାଲୁ ରହିବ। ସେଥିରେ କୌଣସି ପ୍ରକାର ପରିବର୍ତ୍ତନ କରାଯିବାର ଯୋଜନା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଦିନକ ତଳେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାମ ରାଜ୍ୟ କ୍ରୀଡ଼ା ପୁରସ୍କାର ରଖାଯିବ ବୋଲି କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ପରେ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଅସ୍ମିତାର ଢୋଲ ପିଟିପିଟି କ୍ଷମତାସୀନ ହୋଇଥବା ବିଜେପି ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ଧ୍ୱଜାଧାରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ କରିଥିବା ଅଭିଯୋଗ କରି ସାମାଜିକ ଗଣମାଧ୍ୟମରେ ସବୁ ବର୍ଗର ବ୍ୟକ୍ତିବିଶେଷ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ବିରୋଧୀ ବିଜେଡି ଓ କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ନିଶାଣ କରିଥିଲେ। ଶାସକ ବିଜେପିର ଅନେକ ନେତା ଏପରି ନିଷ୍ପତ୍ତିକୁ ନାପସନ୍ଦ କରିଥିଲେ। ଏପରିକି ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଦିଲ୍ଲୀରେ ବି ପ୍ରତିଧ୍ୱନିତ ହୋଇଥିଲା ଓ କିଛି ଜାତୀୟ ନେତା ଏହାକୁ ଠିକ୍ ଭାବରେ ଗ୍ରହଣ କରି ନ ଥିଲେ। ଶେଷରେ ସକାଳୁ ସକାଳୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ପୁରସ୍କାରରୁ ବିଜୁଙ୍କ ନାମ ଅପସାରଣ କରାଯିବ ନାହିଁ ଓ ପୂର୍ବବତ୍ ଏହି ପୁରସ୍କାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାମରେ ପ୍ରଚଳିତ ରହିବ ବୋଲି ଘୋଷଣା କରିଥିଲେ।

### ଷଡ଼ଯନ୍ତ୍ରର...

ବିଧାୟକ ଦଳ ବୈଠକରେ ମୋହନଙ୍କ ନାମ ସର୍ବସମ୍ମତ ଘୋଷଣା ହୋଇଥିଲା। ଏହାକୁ ନେଇ ଅନେକ ଟାଣୁଆ ନେତା ଅସୁଖୀ ଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ତେଣୁ ମୋହନଙ୍କ ନିନ୍ଦିତ କରିବା ପାଇଁ ତାଙ୍କ ଅଜ୍ଞାତସାରରେ ବିଜୁଙ୍କ ନାମ ହଟାଇବା ନିଷ୍ପତ୍ତି ନିଆଯାଇଥାଇ ପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି।

### କିଏ ସେହି...

ପଡ଼ିଛନ୍ତି। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାମ ପରିବର୍ତ୍ତନ ନିକଟରେ ମୁଖ୍ୟମନ୍ତ୍ରୀଙ୍କୁ ଅନ୍ଧାରରେ ରଖାଯାଇଥିବା ସେ ସ୍ୱୀକାର କରିଛନ୍ତି। ଗଣମାଧ୍ୟମରୁ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଜାଣିଥିବା ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ ଭାବରେ କହିଛନ୍ତି। ସେହିପରି ଗଣମାଧ୍ୟମ ପ୍ରଶ୍ନରେ କ୍ରୀଡ଼ାମନ୍ତ୍ରୀ ମଧ୍ୟ ଅନୁରୂପ ଟିପ୍ପଣୀ ପ୍ରଦାନ କରିଛନ୍ତି। ବିଭାଗୀୟ ନିଷ୍ପତ୍ତି ଓ ବିଜ୍ଞପ୍ତି ସମ୍ପର୍କରେ ସେ କିଛି ଜାଣନ୍ତି ନାହିଁ ବୋଲି ମନ୍ତବ୍ୟ ଦେଇଛନ୍ତି। ଈଶ୍ୱରଙ୍କ ନାମରେ ଶପଥ ନେଇଥିବା ଯୋଗୁଁ ଉଭୟ ଯେ ମିଛ କହୁଥିବେ, ତାହା କୁହାଯାଇ ପାରିବ ନାହିଁ। ତେଣୁ ଯଥେଚ୍ଛାଚାର ନିଷ୍ପତ୍ତି ନେଇ ଏକ ବ୍ୟବସ୍ଥିତ ବ୍ୟବସ୍ଥାକୁ ନିଷ୍କ୍ରିୟ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ନିମନ୍ତେ ସମ୍ପୃକ୍ତ ଅଧିକାରୀ କେଉଁଠୁ ସାହସ ପାଇଲେ ଓ କାହା ଇଙ୍ଗିତରେ ଏହା କରାଗଲା, ତାହା ଅନେକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି।

ବୁଦ୍ଧିଜୀବୀଙ୍କ ମତରେ ଗଣମାଧ୍ୟମରେ ନିଜ ସ୍ୱଷ୍ଟୋକ୍ତି ରଖିବା ବେଳେ ମୁଖ୍ୟମନ୍ତ୍ରୀଙ୍କ କେତୋଟି ବାକ୍ୟ ରାଜ୍ୟ ପ୍ରଶାସନରେ ଥିବା ସାଂଘାତିକ ଦୁର୍ବଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ମୁଖ୍ୟମନ୍ତ୍ରୀ ତାଙ୍କ ନିକଟରେ ଏ ସଂକ୍ରାନ୍ତ ସୂଚନା ନ ଥିଲା ଓ ଗଣମାଧ୍ୟମରୁ ଏହା ଜାଣିବାକୁ ପାଇଥିବା ସଂକ୍ରାନ୍ତ ଟିପ୍ପଣୀ ବୁଦ୍ଧିଜୀବୀ ଓ ରାଜନୈତିକ ମହଲକୁ ଆଶ୍ଚର୍ଯ୍ୟ କରିଛି। ତାଙ୍କ ସରକାରର କ୍ରୀଡ଼ା ବିଭାଗ ବିଜ୍ଞପ୍ତି ପ୍ରକାଶ କରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ ନ କରିବା ସରକାରଙ୍କ ଦୁର୍ବଳତାକୁ ପଦାରେ ପକାଇଛି। କ୍ରୀଡ଼ା ବିଭାଗ କାହିଁକି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କଲାନାହିଁ ବା ଅବଗତ କରିବା ପାଇଁ ଉଚିତ୍ ମଣିଲା ନାହିଁ ତାହା ଆଉ ଏକ ପ୍ରଶ୍ନ। ଅନ୍ୟପକ୍ଷରେ କ୍ରୀଡ଼ା ମନ୍ତ୍ରୀ ମଧ୍ୟ ଏ ସମ୍ପର୍କରେ ଅବଗତ ନ ଥିବା କହିବା ଆଉ ଏକ ଭୟଙ୍କର ଦିଗକୁ ଇଙ୍ଗିତ କରିଛି। ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ସରକାର ଓ କ୍ରୀଡ଼ାମନ୍ତ୍ରୀଙ୍କ ନିୟନ୍ତ୍ରଣରେ ବିଭାଗ ନ ଥିବା ଏଥିରୁ ସ୍ପଷ୍ଟ ହେଉଛି। ସେହିପରି ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ଏତେବଡ଼ ନିଷ୍ପତ୍ତି ନେବାକୁ ବିଭାଗୀୟ ଅଧିକାରୀମାନେ କେଉଁଠୁ ଶକ୍ତି ପାଇଲେ ତାହା ସମସ୍ତଙ୍କୁ ସନ୍ଦେହରେ ପକାଇଛି।

### କଂଗ୍ରେସର ଉପ-ବାଚସ୍ପତି...

ପ୍ରସ୍ତୁତି ନେଇ ଆଲୋଚନା କରିଥିଲେ। ବିଶେଷକରି ନିଟ୍-ୟୁଜି ପରୀକ୍ଷା ବିଭ୍ରାଟ ଓ କାଉଡ଼ିଆଙ୍କ ଯାତ୍ରାପଥରେ ଥିବା ଦୋକାନୀଙ୍କ ନାମ ଉଲ୍ଲେଖ କରିବା ପାଇଁ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶ ସରକାରଙ୍କ ବିବାଦୀୟ ନିର୍ଦ୍ଦେଶନାମା ପ୍ରସଙ୍ଗ ସହିତ ଅନ୍ୟ କେତେକ ବିଷୟରେ ବିରୋଧୀ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ସର୍ବଦଳୀୟ ବୈଠକରେ ନୀତୀଶ କୁମାରଙ୍କ ଜେଡିୟୁ ବିହାର ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରସଙ୍ଗ ଉଠାଇଛି। ସେହିପରି ଲୋକସଭା ଉପ ବାଚସ୍ପତି ପଦବୀ ପାଇଁ କଂଗ୍ରେସ ଦାବି କରିବା ସହ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି), ସିବିଆଇ ଓ ଆୟକର ବିଭାଗ ଭଳି କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିଗୁଡ଼ିକର ଦୁରୂପଯୋଗ ପ୍ରସଙ୍ଗରେ ଆଲେଚନା କରିଛି। ଜଗନ ରେଡ୍ଡିଙ୍କ ୱାଇଏସ୍‌ଆର୍‌ସିପି ଆନ୍ଧ୍ର ପାଇଁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟର ମାନ୍ୟତା ଦାବି କରିଥିବା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ଏନେଇ କିଛି କହିବା ଦରକାର ମନେ କରିନାହିଁ। ଏହି ବୈଠକରେ ବିଜେପି ସଭାପତି ଜେପି ନଡ୍ଡା, କଂଗ୍ରେସ ନେତା କେ ସୁରେଶ, ଜୟରାମ ରମେଶ, ଗୌରବ ଗୋଗୋଇ ଓ ପ୍ରମୋଦ ତିୱାରୀ,ଏଲ୍‌ଜେପିର ଚିରାଗ ପାଶ୍ୱାନ, ଏଆଇଏମ୍‌ଆଇଏମ୍‌ର ଅସାଦୁଦ୍ଦିନ ଓୱେସି, ଆର୍‌ଜେଡିର ଅଭୟ ଖୁସୱାହ, ଜେଡିୟୁର ସଞ୍ଜୟ ଝା, ଆପ୍‌ର ସଞ୍ଜୟ ସିଂହ, ସମାଜବାଦୀ ପାର୍ଟିର ରାମଗୋପାଲ ଯାଦବ, ଏନ୍‌ସିପିର ପ୍ରଫୁଲ୍ଲ ପଟେଲ, ୱାଇଏସ୍‌ଆର୍‌ସିପିର ଭି ବିଜୟସାଇ ରେଡ୍ଡି ପ୍ରମୁଖ ଯୋଗ ଦେଇଥିଲେ।

### ଆଜିଠୁ ବଜେଟ...

ପୁରା ଉଦ୍ୟମ କରିବ। ମୋଟାମୋଟି ଭାବେ ଚଳିତ ବିଧାନସଭା ଅଧିବେଶନରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଛକାପଞ୍ଝା ଦେଖିବାକୁ ମିଳିବ ବୋଲି ଆକଳନ କରାଯାଉଛି। ପ୍ରଥମ ଦିନ ପୂର୍ବାହ୍ନ ୧୧ଟା ବେଳେ ରାଜ୍ୟପାଳ ରଘୁବର ଦାସଙ୍କ ଅଭିଭାଷଣ ସହ ବିଧିବଦ୍ଧ ଭାବେ ବଜେଟ ଅଧିବେଶନ ଆରମ୍ଭ ହେବ। ଏହାପରେ ଗୃହରେ ଦିବଙ୍ଗତଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇ ଗୃହକୁ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ରଖାଯିବ। ଏପଟେ ଉଭୟ ବିଜେପି ଓ ବିଜେଡି ବିଧାୟକ ଦଳ ବୈଠକରେ ବିଧାନସଭା ରଣନୀତି ପ୍ରସ୍ତୁତ କରିଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏନେଇ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଦଳ ରାଜ୍ୟରେ ଆଇନ ଶୃଙ୍ଖଳା, ଦରଦାମ ବୃଦ୍ଧି, ରଥଯାତ୍ରା ବିଭ୍ରାଟ, ଏଏସଓଙ୍କୁ ମାଡ, ଏମ୍‌ଏସ୍‌ପି, ବିଜୁଙ୍କ ନାମ ହଟାଇବା ପ୍ରସଙ୍ଗ ଆଦିକୁ ନେଇ ସରକାରଙ୍କୁ ଘେରିବାକୁ ନିଷ୍ପତ୍ତି ନେଇଛି।

ସେପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ବିଜେପି ବିଧାୟକ ଦଳ ବୈଠକରେ ବିଧାନସଭା ରଣନୀତି ପ୍ରସ୍ତୁତ ହୋଇଛି। ନୂଆ ସରକାରରେ ଅଧିକାଂଶ ପ୍ରଥମଥର ନିର୍ବାଚିତ ବିଧାୟକ ମନ୍ତ୍ରୀ ରହିଛନ୍ତି। ସେହିପରି ସଂଖ୍ୟାଧିକ ବିଧାୟକ ମଧ୍ୟ ପ୍ରଥମଥର ଗୃହକୁ ନିର୍ବାଚିତ ହୋଇଛନ୍ତି। ମୁଖ୍ୟ ବିରୋଧୀ ବିଜେଡିର ସଂଖ୍ୟାଧିକ ବିଧାୟକ ବେଶ୍ ଅଭିଜ୍ଞ ହୋଇଥିବା ବେଳେ ବିଧାନସଭାରେ ସେମାନଙ୍କର ବେଶ୍ ଅଭିଜ୍ଞତା ରହିଛି। ନିଜେ ନବୀନ ଗୃହରେ ଦଳର ନେତୃତ୍ୱ ନେବାକୁ ଥିବାବେଳେ ପ୍ରସନ୍ନ, ପ୍ରମିଳା ଓ ପ୍ରତାପଙ୍କ ସହ ଅଭିଜ୍ଞ ବିଜେଡି ଟିମ୍ ତାଙ୍କୁ ସହଯୋଗ ପାଇଁ ରହିଛନ୍ତି। ତେଣୁ ଏପରିସ୍ଥିତିରେ ରାଜ୍ୟ ସରକାର ବିଜେଡି ସହ କଂଗ୍ରେସର ଆକ୍ରମଣକୁ ଗୃହରେ କିପରି ସାମ୍ନା କରୁଛି, ତାହାକୁ ସମସ୍ତେ ଚାହିଁ ବସିଛନ୍ତି। ସେହିପରି ସରକାରକୁ ଦେଢ଼ ମାସ ପୂରିଥିବା ବେଳେ କିଛି ପ୍ରସଙ୍ଗକୁ ନେଇ ଶାସକ ଦଳ ଗୃହରେ ଅଡୁଆ ସ୍ଥିତିର ସାମ୍ନା କରିବାର ସମ୍ଭାବନା ରହିଛି ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି। ଅପରପକ୍ଷେ ଆସନ୍ତାକାଲି ସକାଳ ୯ଟା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ତାଙ୍କ ଦଳ ରାଜ୍ୟବାସୀଙ୍କ ସମସ୍ୟାକୁ ନିଜର ସ୍ୱର କରିବ। ରାଜ୍ୟ ପ୍ରସଙ୍ଗ ସହ ଜାତୀୟ ପ୍ରସଙ୍ଗଗୁଡ଼ିକରେ ମଧ୍ୟ କଂଗ୍ରେସ ଶାସକ ବିଜେପିଠାରୁ ଜବାବ ତଲବ କରିବ ବୋଲି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସନ୍ତାକାଲି ଅଧିବେଶନ ଆରମ୍ଭ ହେଉଥିଲେ ହେଁ ୨୩ ତାରିଖରେ ଉପ ବାଚସ୍ପତି ପଦ ପାଇଁ ନିର୍ବାଚନ ଘୋଷଣା କରାଯିବ। ୨୪ ତାରିଖରେ ଉପ ବାଚସ୍ପତି ନିର୍ବାଚନ ହେବ ଓ ୨୫ ତାରିଖରେ ଅର୍ଥ ବିଭାଗ ହାତରେ ରଖିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ନିଜର ପ୍ରଥମ ବଜେଟ ଉପସ୍ଥାପନ କରିବେ। ସେହିପରି ଆସନ୍ତା ୩୦ ତାରିଖରେ ଗୃହରେ ଲେଖାନୁଦାନ ପ୍ରସ୍ତାବ ଆଗତ ହେବାକୁ ଥିବାବେଳେ ୩୧ ତାରିଖରେ ଲେଖାନୁଦାନ ଉପରେ ବିନିଯୋଗ ବିଲ୍ ଆଗତ ହେବାକୁ ରହିଛି। ସେପ୍ଟେମ୍ବର ୧୦ ତାରିଖରେ ୨୦୨୪-୨୫ ମସିହା ପାଇଁ ବଜେଟ ଉପରେ ବିନିଯୋଗ ବିଲ୍ ଆସିବାକୁ ଧାର୍ଯ୍ୟ କରାଯାଇଛି। ଚଳିତ ଅଧିବେଶନରେ ମୋଟ ୨୭ଟି କାର୍ଯ୍ୟଦିବସ ରହିଛି।

### ଭାଗ ନେଲେନି...

ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ରାଜ୍ୟପାଳ ରଘୁବର ଦାସଙ୍କ ଅଭିଭାଷଣ ସହ ବଜେଟ ଅଧିବେଶନ ଆରମ୍ଭ ହେବ ବୋଲି ବାଚସ୍ପତି କହିଛନ୍ତି।

ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ବିଧାନସଭା ଅଧିବେଶନକୁ ଶୃଙ୍ଖଳାର ସହ ଚଳାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ନବୀନ ନିବାସ ଯାଇ ବିରୋଧୀ ଦଳ ନେତାଙ୍କୁ ବୈଠକରେ ଯୋଗ ଦେବାକୁ ନିମନ୍ତ୍ରଣ କରିଥିଲେ। ସେହିପରି କଂଗ୍ରେସ ନିଜର ବିଧାୟକ ଦଳ ନେତା ବାଛିନଥିବାର ନିଜେ ମୁଖ୍ୟମନ୍ତ୍ରୀ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ସିପିଆଇ(ଏମ) ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ଓଡ଼ିଶା ବିଧାନସଭା କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନା ନିୟମାବଳୀ ଅନୁଯାୟୀ ଗୃହ ଚାଲିବ। ବିରୋଧୀ ଦଳ ମୁଖ୍ୟ ସଚେତକ ମଧ୍ୟ ବିଧାନସଭାରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଗୃହର ନେତା ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏବଂ ବାଚସ୍ପତିଙ୍କ ମାର୍ଗଦର୍ଶନରେ ବିଧାନସଭା ସୁରୁଖୁରୁରେ ଚାଲିବା ନେଇ ଆମେ ଆଶା କରୁଛୁ ବୋଲି ଶ୍ରୀ ମହାଲିଙ୍ଗ ମତବ୍ୟକ୍ତ କରିଛନ୍ତି।

### ନବୀନଙ୍କୁ ଭେଟିଲେ...

ନବୀନ ନିବାସ ଯାଇ ସେଠାରେ ନବୀନଙ୍କ ସହ ବିଧାନସଭା ଅଧିବେଶନ ସମ୍ପର୍କରେ ଆଲୋଚନା କରିବା ସହ ସର୍ବଦଳୀୟ ବୈଠକରେ ଯୋଗ ଦେବାକୁ ନିମନ୍ତ୍ରଣ କରିଥିଲେ। ରାଜ୍ୟର ବୃହତର ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟ ବିରୋଧୀ ଦଳ ବିଜେଡିର ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ଏଥିସହ ବିକଶିତ ଓଡ଼ିଶା ଗଠନ ପାଇଁ ମଧ୍ୟ ବିରୋଧୀ ଦଳର ପୂର୍ଣ୍ଣ ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ। ଅପରପକ୍ଷେ ଓଡ଼ିଶାବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣ ଦିଗରେ ରାଜ୍ୟ ସରକାର କାମ କରନ୍ତୁ ବୋଲି ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
Ph.: 9437015112

ପୌର ପରିଷଦ କାର୍ଯ୍ୟାଳୟ, ଉମରକୋଟ
୧. ରାସ୍ତା ଉପରେ ବାଲି ମାଟି ବା ଅନ୍ୟାନ୍ୟ ଗୃହ ନିର୍ମାଣ ସାମଗ୍ରୀ ଜମାକରି ରାସ୍ତା ଅବରୋଧ ଓ ନାଳର କ୍ଷତି କରନ୍ତୁ ନାହିଁ।
୨. ପ୍ଲାଷ୍ଟିକ୍ ପଲିଥିନ ବ୍ୟାଗ୍ ବଦଳରେ ଜୋଟ ଓ କପଡା ବ୍ୟାଗ୍ ବ୍ୟବହାର କରି ପରିବେଶ ସୁରକ୍ଷା କରନ୍ତୁ
୩. ନାଳ ଉପରେ ଅନଧିକାର ଜବରଦଖଲ କରନ୍ତୁ ନାହିଁ ଏବଂ ନାଳରେ ଆବର୍ଜନା ପକାନ୍ତୁ ନାହିଁ।
୪. ପରିମଳ ବ୍ୟବସ୍ଥାର ସୁରକ୍ଷା ଓ ଉନ୍ନତି ପଚାଇ ସୁସ୍ଥ ପରିବେଶ ଗଠନ କରନ୍ତୁ।
୫. ନୂତନ ଘର ନିର୍ମାଣ ପୂର୍ବରୁ ଗୃହ ନକ୍ସା ମଞ୍ଜୁର କରାଇ ନିଅନ୍ତୁ।
୬. ରାସ୍ତା ଉପରେ ଗୃହ ପାଳିତ ପଶୁ ଗୁଡିକୁ ଅନଧିକାର ଭାବେ ଛାଡନ୍ତୁ ନାହିଁ।
୭. ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷା କରନ୍ତୁ ଓ ପରବର୍ତ୍ତୀ ପିଢ଼ି ନିମନ୍ତେ ଉପହାର ଦିଅନ୍ତୁ।
୮. ଜଳ ନଷ୍ଟ କରନ୍ତୁ ନାହିଁ। ବର୍ଷା ଜଳକୁ ସଂରକ୍ଷଣ କରି ବ୍ୟବହାର କରନ୍ତୁ।
୯. ଠିକ୍ ସମୟରେ ଘର ଟିକସ ପୈଠ କରି ଶତକଡା ୨୦% ରିହାତିର ସୁବିଧା ଉପଭୋଗ କରନ୍ତୁ।
୧୦. ନିଜ ବ୍ୟବସାୟିକ ପ୍ରତିଷ୍ଠାନର ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ, ପୂର୍ବରୁ ଯଦି କରିଛନ୍ତି ତେବେ ଏହାକୁ ସଠିକ୍ ସମୟରେ ଏହାକୁ ନବୀକରଣ କରାଇ ନିଅନ୍ତୁ। ଏହା ବାଧ୍ୟତା ମୂଳକ ଅଟେ
୧୧. ପୌର ପରିଷଦର ଦୋକାନ ଘରର ଭଡା ଠିକ୍ ସମୟରେ ପୈଠ କରନ୍ତୁ।

ରାଧାଭତ୍ରା
ପୌର ଅଧ୍ୟକ୍ଷା

ସୁଧାଂଶୁ ଦାସ
ପୌର ଉପାଧ୍ୟକ୍ଷ

ବନମାଳୀ ଶତପଥୀ
କାର୍ଯ୍ୟ ନିର୍ବାହୀ ଅଧିକାରୀ
ଉମରକୋଟ ପୌର ପରିଷଦ

# ପୋଖରୀରେ ବୁଡ଼ି ଜଣେ ମୃତ

**ତୁରୁମୁଙ୍ଗା,୨୧।୭ (ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ନିହ୍ନୁଆଁ ଗ୍ରାମରେ ରବିବାର ପୋଖରୀ ବୁଡି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ନିହ୍ନୁଆଁ ଗ୍ରାମର ବିଦ୍ୟାଧର ମୁଣ୍ଡା (୪୫)। ସୂଚନା ଅନୁସାରେ ବିଦ୍ୟାଧର ଶୌଚ ହେବାକୁ ଯାଉଥିବା ସମୟରେ ଅସାବଧାନତା ଯୋଗୁଁ ପୋଖରୀରେ ବୁଡ଼ି ଯାଇଥିଲେ। ପୋଖରୀରେ ମୃତଦେହ ଭାସୁଥିବା ଦେଖି ପରିବାର ଲୋକେ ପୁଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ତୁରୁମୁଙ୍ଗା ଥାନାରେ ୨୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏସ୍ଆଇ ରସାନନ୍ଦ ନାଏକ ଘଟଣାର ତଦନ୍ତ କରୁଛନ୍ତି।

# ଫ୍ରେଣ୍ଡସ୍ କ୍ଲବର ଗଣେଶ ପୂଜା ପ୍ରସ୍ତୁତି



**ଆନନ୍ଦପୁର,୨୧।୭ (ସମିସ):** ଆନନ୍ଦପୁର ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଣେଶ ପୂଜା ଉତ୍ସବ ପାଳନରେ ଚର୍ଚ୍ଚିତ କ୍ଲବ ଭାବେ ପରିଚୟ ସୃଷ୍ଟି କରିଥିବା ଫ୍ରେଣ୍ଡସ୍ କ୍ଲବ ଚଳିତ ବର୍ଷ ଅନୁରୂପ ଭାବେ ତାର ପର୍ବ ପାଳନ କରିବାକୁ ଲକ୍ଷ୍ୟ ରଖିଛି। ଗଣେଶ ପୂଜା ପାଳନ ପାଇଁ ଆଜି ମହାଦେବ ଉତ୍ତରେଶ୍ୱର ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ବୈଠକରେ ପୂର୍ବ ବର୍ଷ ଠାରୁ ଅଧିକ ସରସ ସୁନ୍ଦର କରାଯିବାକୁ ନିଷ୍ପତି ହେବା ସହିତ ଗଣେଶଙ୍କ ମୂର୍ତ୍ତିକୁ ଅଧିକ ଆକର୍ଷଣ କରିବାକୁ ନିଷ୍ପତି ହୋଇଥିଲା। ପୂର୍ବରୁ ମୋତି, ମାଳି, କଏନ୍, କାଚ ଭଳି ବିଭିନ୍ନ ସାମଗ୍ରୀରେ ମୂର୍ତ୍ତି ପ୍ରସ୍ତୁତ ହେବାର ନଜିର ରହିଆସିଥିବା ବେଳେ ଚଳିତ ଥର ପ୍ରାଚୀନ କଳାକୃତିକୁ ନେଇ ମୂର୍ତ୍ତି ପ୍ରସ୍ତୁତ କରିବାକୁ ନିଷ୍ପତି ହୋଇଛି। ତେବେ ପୂଜା ପାଇଁ ମୁଖ୍ୟ ଆକର୍ଷଣ ପାଲଟିଥିବା ଫ୍ରେଣ୍ଡସ୍ କ୍ଲବର ଭସାଣି ଉତ୍ସବକୁ ସରସ ସୁନ୍ଦର କରିବାକୁ ବୈଠକରେ ଆଲୋଚନା ହୋଇଥିଲା। କ୍ଲବର ସଭାପତି ନିଶିତ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ରାଜାପ୍ରଭୁ ଦାସ ପରିଚାଳନା କରିଥିଲେ। ସିକୁଲ ଦାସ ପୂର୍ବ ବର୍ଷର ଆୟବ୍ୟୟ ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ଥର କ୍ଲବକୁ ୧୫ ବର୍ଷ ପୂରଣ ହେଉଥିବା ବେଳେ ପୂଜା ଓ ଭସାଣି ଉପରେ ଗୁରୁତ୍ୱ ଦିଆଯିବାକୁ ନିଷ୍ପତି ହୋଇଛି। ପୂଜା ଅବସରରେ ସଦସ୍ୟମାନେ ଆବଶ୍ୟକ ସ୍ଥାନରେ ଚାରାରୋପଣ କରିବା ଦିଗରେ ନୂଆ କରି ପଦକ୍ଷେପ ନିଆଯିବାକୁ ପୂର୍ବତନ ସଭାପତି ତଥା ବରିଷ୍ଠ ସଦସ୍ୟ ଦେବରଞ୍ଜନ ସାହୁ ଉପଦେଶ ଦେଇଥିଲେ। ଭସାଣି ସମୟରେ ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବା ଓ ସମସ୍ତ ସଦସ୍ୟମାନେ ପୁଲିସ ପ୍ରଶାସନକୁ ସହାୟତା କରିବା ପାଇଁ ଉପସଭାପତି ରାକେଶ କୁମାର ବେହେରା ପରାମର୍ଶ ଦେଇଥିଲେ। ଏହି ବୈଠକରେ ଭବାନୀ ଶଙ୍କର ମୁଖୀ, ସୋମନାଥ ମିଶ୍ର, ଆଶୁତୋଷ ରଣା, ପ୍ଲାଜନ୍ ପଣ୍ଡା, ଫୁଙ୍କୁଲ ଦାସ, ବିକାଶ ଜେନା, ରାଜା ରଣା, ଶିବାନନ୍ଦ ଧଳ, ସପନ ବେହେରା, ସୁଜିତ୍ ସାହୁ, ବାପୁନ ମହାକୁଡ, ଶୁଭାଶିଷ ରାମ, ଜଗନ୍ନାଥ ବେହେରା, ଜଣ୍ଟି ମୁଖୀ, ସିପୁନ ରଣା, ଟୁଲୁ ରଣା, ବିଜୟ ମିଶ୍ର ଅକ୍ଷୟ ସାମଲ ପ୍ରମୁଖଙ୍କ ସହିତ ୩୦ରୁ ଊର୍ଦ୍ଧ୍ୱ ନୂତନ ସଦସ୍ୟ ଯୋଗଦେଇଥିଲେ।

# ଚମ୍ପୁଆ ଶିଶୁ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ



**ଚମ୍ପୁଆ,୨୧।୭ (ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କ ଅଧ୍ୟକ୍ଷତାରେ ବ୍ୟାସ ପୂର୍ଣ୍ଣିମା ବା ଶ୍ରୀଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବନବାସୀ କଲ୍ୟାଣ ଆଶ୍ରମର କେନ୍ଦୁଝର ଜିଲ୍ଲା ସମ୍ପାଦକ ଘନଶ୍ୟାମ ମହାନ୍ତ ଯୋଗ ଦେଇ ସନାତନ ସଂସ୍କୃତିର ଗୁରୁ ବ୍ୟାସଦେବଙ୍କ ଜନ୍ମ ଜୟନ୍ତୀ ଏବଂ ଭାରତୀୟ ସଂସ୍କୃତିକୁ ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଲକ୍ଷ୍ୟ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ କରାଯାଉଥିବା ପ୍ରୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱ ଗୁରୁ ବ୍ୟାସଦେବଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ପରେ ସମସ୍ତ ଗୁରୁଜୀ ଗୁରୁମାଆ ଓ ଛାତ୍ରଛାତ୍ରୀ ରାଷ୍ଟ୍ରୀୟ ଧ୍ୱଜ ଭଗବା ଧ୍ୱଜ ନିକଟରେ ପୁଷ୍ପ ପୂଜନ କରିଥିଲେ। ମୁଖ୍ୟଶିକ୍ଷକ ଭାବେ ଏନ୍‌ସିସି ଶିକ୍ଷକ ବସନ୍ତ କୁମାର ମହାନ୍ତଙ୍କ ସହିତ ଉମେଶ ଚନ୍ଦ୍ର ମହାନ୍ତ, ଭାସ୍କର ଚନ୍ଦ୍ର ମହାକୁଡ଼, ରବୀନ୍ଦ୍ର କୁମାର ପଣ୍ଡା, ବିନୋଦ କୁମାର ମହାନ୍ତ, ପବନ କୁମାର ସାହୁ, ସରୋଜ କୁମାର ପାତ୍ର, ସରଳା ପ୍ରଧାନ, ପ୍ରିୟଦର୍ଶିନୀ ଗିରି, ଓମପ୍ରଭଆ ପ୍ରଧାନ, ପଲ୍ଲୀଶ୍ରୀ ପ୍ରଧାନ, ନିର୍ମଳ ଚନ୍ଦ୍ର ମହାନ୍ତଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମାଆ ଓ ସେବକ ସେବିକା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଧାରାଶ୍ରାବଣରେ ହୋଇପାରିବନି ଲକ୍ଷ୍ୟ ପୂରଣ

# ବହୁ ପଛରେ ପଡ଼ିଛି ଖରିଫ ଚାଷକାର୍ଯ୍ୟ

**କେନ୍ଦୁଝର,୨୧।୭ (ସମିସ):** କେନ୍ଦୁଝର ଜିଲ୍ଲାରେ ଖଣି ଖାଦାନ ଭରପୁର ଥିଲେ ମଧ୍ୟ ଏହା କୃଷି ପ୍ରଧାନ ଜିଲ୍ଲା ଅଟେ। ଜିଲ୍ଲାର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରନ୍ତି। ଜିଲ୍ଲାରେ ରବିଫସଲ ଅପେକ୍ଷା ଖରିଫ ଫସଲ ଅଧିକା ହୋଇଥାଏ। କିନ୍ତୁ ଏବର୍ଷର ନିଅଣ୍ଟିଆ ବର୍ଷା ସବୁ ବିଗାଡି ଦେଲାଣି। ଧାରା ଶ୍ରାବଣ ହେଲାଣି ମାତ୍ର ଭଲ ବର୍ଷାର ଦେଖାନାହିଁ। ଫଳ ସ୍ୱରୂପ ଖରିଫ ଋତୁରେ ହେଉଥିବା ଧାନ ଫସଲ ଏବଂ ଅଣଧାନ ଫସଲ ବିଗତ



- ମାତ୍ର ୧୮,୯୦୪ ହେକ୍ଟର ଜମିରେ ଧାନ ଚାଷ
- ୪୪,୬୮୫ ହେକ୍ଟରରେ ଅଣଧାନ ଫସଲ

ବର୍ଷମାନଙ୍କ ଅପେକ୍ଷା ଅନେକ ପଛରେ ପଡିଲାଣି। କ'ଣ କରିବେ ଫସଲ, କିପରି ଆଗକୁ ବଢିବ, ତାକୁ ନେଇ ଚାଷୀ ଘୋର ଚିନ୍ତାରେ ଅଛନ୍ତି। ଜିଲ୍ଲାର ପ୍ରମୁଖ ଫସଲ ଭାବେ ଜଣା ଧାନ ଫସଲ ଏବର୍ଷ ଅଧିକ ପଛରେ ପଡିଛି। ଚଳିତ ଋତୁରେ କେନ୍ଦୁଝରର ୧୩ଟି ଯାକ ବ୍ଲକ ଅଞ୍ଚଳର ଚାଷ ଜମିରେ ଅନ୍ୟୁନ୍ୟ ୧,୫୯,୭୦୦ ହେକ୍ଟର ଜମିରେ ଧାନ ଫସଲ ହେବାକୁ ଧାର୍ଯ୍ୟ କରାଯାଇଛି। ହେଲେ ଗତ ୧୯ ତାରିଖ ପର୍ଯ୍ୟନ୍ତ ତଥ୍ୟ ଅନୁସାରେ ଧାର୍ଯ୍ୟର ମାତ୍ର ୧୦/୧୨ ପ୍ରତିଶତ ଜମିରେ ଧାନଫସଲ କରାଯାଇସାରିଛି। ତେଣୁ ଲକ୍ଷ୍ୟ ପୂରଣ ହେବ କେବେ ବର୍ଷା ପାଇଁ ସମସ୍ତେ ଅନାଇ ବସିଛନ୍ତି। ସେହିଭଳି ଅଣଧାନ ଫସଲ ଖରିଫରେ ଅନ୍ୟୁନ୍ୟ ୧,୩୭,୩୭୦ ହେକ୍ଟର ଜମିରେ ହେବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ୪୪,୬୮୫ ହେକ୍ଟରେ ଅଣଧାନ ଫସଲ ହୋଇସାରିଥିବା ସୂଚନା ମିଳିଛି। ଗତ ଶନିବାର ପର୍ଯ୍ୟନ୍ତ ଧାନ ଓ ଅଣଧାନ ଫସଲକୁ ମିଶାଇ ମୋଟ ୬୩,୫୮୯ ହେକ୍ଟର ଜମିରେ ହୋଇସାରିଥିବା ଜଣାପଡିଛି।

ତେବେ ମିଳିଥିବା ସୂଚନା ଅନୁଯାଇ ଗତ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ଆନନ୍ଦପୁର ବ୍ଲକରେ ୨୦୦ ହେକ୍ଟରରେ ଧାନ ଫସଲ ଏବଂ ୨୪୨୬ ହେକ୍ଟର ଜମିରେ ଅଣଧାନ ଫସଲ କରାଯାଇଛି। ସେହି ସମୟ ମଧ୍ୟରେ ଜିଲ୍ଲାର ବାଂଶପାଳ ବ୍ଲକର ୧୨୮୯ ହେକ୍ଟରରେ ଧାନଚାଷ ଓ ୩୨୩୮ ହେକ୍ଟର ଜମିରେ ଅଣଧାନ ଫସଲ ହୋଇସାରିଥିବା ଜଣାପଡୁଛି। ଚମ୍ପୁଆ ବ୍ଲକରେ ମଧ୍ୟ ମାତ୍ର ୪୮୫ ହେକ୍ଟର ଜମିରେ ଧାନ ଫସଲ ହୋଇଥିବାବେଳେ ୧୫୪୪ ହେକ୍ଟରରେ ଅଣଧାନ ଫସଲ, ଘସିପୁରା ବ୍ଲକ ଅଞ୍ଚଳରେ ୨୦୫ ହେକ୍ଟର ଜମିରେ ଧାନ ଚାଷ ଓ ୩୩୦୪ ହେକ୍ଟରରେ ଅଣଧାନ ଚାଷ ସରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଘଟଗାଁ ବ୍ଲକ ଅଞ୍ଚଳରେ ୨୭୨୮ ହେକ୍ଟର ଜମିରେ ଧାନ ଫସଲ କରାଯାଇଥିବା ବେଳେ ୫୪୦୪ ହେକ୍ଟରରେ ଅଣଧାନ ଚାଷ ହୋଇଥିବା କୁହାଯାଉଛି। ହରିଚନ୍ଦନପୁର ବ୍ଲକରେ ଗତ ୧୯ ତାରିଖ ପର୍ଯ୍ୟନ୍ତ ୪୧୭୦ ହେକ୍ଟର ଜମିରେ ଧାନ ଫସଲ ପାଇଁ ବେଉଷଣ ସରିଥିବା ବେଳେ ୪୪୦୮ ହେକ୍ଟରରେ ଅଣଧାନ ଫସଲ ହୋଇଛି। ହାଟଡିହି ବ୍ଲକରେ ମଧ୍ୟ କେବଳ ୧୭୦ ହେକ୍ଟରରେ ଧାନଚାଷ ଓ ୩୦୦୩ ହେକ୍ଟରରେ ଅଣଧାନ ଚାଷ ହୋଇଛି। ଝୁମ୍ପୁରା ବ୍ଲକର ଅଞ୍ଚଳରେ କେବଳ ୧୩୭ ହେକ୍ଟରରେ ଧାନଚାଷ ଓ ୪୫୭୩ ହେକ୍ଟରରେ ଅଣଧାନ ଚାଷ ସରିଛି। ଯୋଡ଼ା ବ୍ଲକରେ ୨୫୨୦ ହେକ୍ଟରରେ ଧାନ ଏବଂ ୧୨୫୨ ହେକ୍ଟରରେ ଅଣଧାନ ଫସଲ ସରିଲାଣି। କେନ୍ଦୁଝର ସଦର ବ୍ଲକ ଅଞ୍ଚଳ ସବୁବେଳେ ଅଧିକା ଧାନ ଫସଲ ଓ ଅଣଧାନ ଫସଲ ପାଇଁ ପରିଚିତ ଥିଲେ ମଧ୍ୟ ଚଳିତ ବର୍ଷ ମାତ୍ର ୧୫୧୭ ହେକ୍ଟରରେ ଧାନ ଓ ୩୯୬୮ ହେକ୍ଟରରେ ଅଣଧାନ ଚାଷ ସରିଛି। ଧାନ ଓ ଅନ୍ୟାନ୍ୟ ଫସଲ ପାଇଁ କ୍ଷ୍ୟାତି ଅର୍ଜନ କରିଥିବା ପାଟଣା ବ୍ଲକର ମଧ୍ୟ ଚାଷ ବହୁପଛରେ ରହିଛି। ସେଠାରେ ୧୦୧୦ ହେକ୍ଟରରେ ଧାନ ଓ ୫୫୪୦ ହେକ୍ଟରରେ ଅଣଧାନଜାତୀୟ ଫସଲ ସରିସାରିଛି। କୃଷିପ୍ରଧାନ ବ୍ଲକ ସାହାରପଡ଼ାରେ ମଧ୍ୟ ମାତ୍ର ୪୨୦ ହେକ୍ଟରରେ ଧାନ ଓ ୨୧୩୭ ହେକ୍ଟରରେ ଅଣଧାନ ଫସଲ କାର୍ଯ୍ୟ ସରିଛି। ଅନ୍ୟପକ୍ଷରେ ତେଲକୋଇ ବ୍ଲକର ଅଞ୍ଚଳରେ ଗତ ୧୯ ତାରିଖ ମଧ୍ୟରେ ୪୦୫୩ ହେକ୍ଟରେ ଧାନ ଫସଲ ଏବଂ ୩୮୮୮ ହେକ୍ଟର ଜମିରେ ଅଣଧାନ ଫସଲ ହୋଇସାରିଥିବା ଜଣାପଡିଛି। ମୋଟାମୋଟି ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ହରିଚନ୍ଦନପୁରରେ ଧାନ ଓ ଅଣଧାନ ଫସଲ ଅନ୍ୟ ବ୍ଲକମାନଙ୍କ ଅପେକ୍ଷା କିଛି ମାତ୍ରାରେ ଆଗରେ ରହିଥିବା ବେଳେ ଚମ୍ପୁଆ ବ୍ଲକ ସବୁଠାରୁ ପଛରେ ପଡିଥିବା କୃଷି ବିଭାଗ ସୂତ୍ରରୁ ଜଣାପଡିଛି।

# ମୁକୁଳା ଟ୍ରାନ୍ସଫର୍ମର ନେଇପାରେ ଜୀବନ

**ବେଲବାହାଳି,୨୧।୭ (ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡ଼ାପାଳ ଗ୍ରାମର ୯ନଂ ୱାର୍ଡରେ ଖୋଲା ପଡ଼ିଥିବା ମୁକୁଳା ଟ୍ରାନ୍ସଫର୍ମ ନେଇ ପାରେ ଜୀବନ। ଆନନ୍ଦପୁର ଡିଭିଜନ ଘସିପୁରା ସର୍କଲରେ ଥିବା ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୋଲା ମେଲା ଓ ବିପଦ ଜନକ ପରିସ୍ଥିତିରେ ରହିଛି। ଟାଟା ପାୱାର ଦ୍ୱାରା ବିଭିନ୍ନ ସ୍ଥାନରେ ଥିବା ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର ସୁରକ୍ଷା ବାଡ଼ା ଲାଗୁଥିବା ବେଳେ ଏଥିରୁ ବାଦ୍ ପଡ଼ିଛି ହରିଡ଼ାପାଳ ୯ନଂ ୱାର୍ଡରେ ଥିବା ଏହି ଟ୍ରାନ୍ସଫର୍ମ। ଦୀର୍ଘ ବର୍ଷ ଧରି ଏହି ଉଚ୍ଚ ବିଦ୍ୟୁତ ସମ୍ପନ୍ନ ଟ୍ରାନ୍ସଫର୍ମର ମୁକୁଳା ପଡିଛି। ଟ୍ରାନ୍ସଫର୍ମର ଚତୁଃପାଶ୍ୱର୍ରେ ବାଡ଼ା ନଥିବାରୁ ଚାରିପଟେ ଅନାବନା ତୃଣଜାତୀୟ ଗଛ ହୋଇଯିବା ସହ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଯାହା ଫଳରେ ଗାଈ ଗୋଠ ତାହା ମଧ୍ୟକୁ ଅବାଧ ପ୍ରବେଶ କରି ବିଦ୍ୟୁତ୍ ଆଘାତରେ ଜୀବନ ଯାଉଥିବା ଅଭିଯୋଗ ହୋଇଛି। ଏହା ରାସ୍ତା ସଂଲଗ୍ନ, ମିଶନଶକ୍ତି ଗୃହ, ରାଜୀବ ଗାନ୍ଧୀ କେନ୍ଦ୍ର ପରିସରରେ ଥିବାରୁ ଅଘଟଣ ଘଟିବା ନମୁନା କରାଯାଉଛି। ଉକ୍ତ ଘଟଣାର ସମାଧାନ ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ ମଧ୍ୟ ସୁରକ୍ଷା ବାଡ଼ା ଲାଗିପାରି ନାହିଁ। ଆନନ୍ଦପୁର ବିଦ୍ୟୁତ୍ ଡିଭିଜନର ଅଧିକାରୀଙ୍କୁ ଗ୍ରାମର କ୍ଷୀରୋଦ କୁମାର ଜେନା, ସୁଧାଂଶୁ ସାମଲ, ଜ୍ଞାନରଞ୍ଜନ ଜେନା, ଗଗନ ସାମଲ, ସଞ୍ଜୟ ସାମଲ, ସୁମନ୍ତ ସ୍ୱାଇଁ, ଭଗବାନ ପରିଡ଼ା ଆଦି ସୁରକ୍ଷା ବାଡ଼ା ଲଗାଇବାକୁ ଦାବି କରିଛନ୍ତି।



## ଡିଏନ୍ ବିଦ୍ୟାପୀଠ ପ୍ରତିଷ୍ଠାର ୭୦ ବର୍ଷ ପୂର୍ତ୍ତି

# ପ୍ଲାଟିନମ୍ ଜୁବୁଲି ପାଇଁ ପ୍ରସ୍ତୁତି ବୈଠକ

**ରାମଚନ୍ଦ୍ରପୁର, ୨୧।୭ (ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଦରିଦ୍ର ନାରାୟଣ ବିଦ୍ୟାପୀଠ ୭୦ ବର୍ଷରେ ପଦାର୍ପଣ କରିଥିବାରୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ଲାଟିନମ୍ ଜୁବୁଲି ପାଳନ ପାଇଁ ବିଦ୍ୟାଳୟ ସଭାଗୃହରେ ଆଜି ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ଜେନାଙ୍କ ସଭାପତିତ୍ୱରେ ପୁରାତନ ଛାତ୍ର ସଂସଦ ସଭାପତି ଡ. ରତିକାନ୍ତ ବରାଳ, ବ୍ୟଙ୍ଗକବି ଘନଶ୍ୟାମ ବୋଇତେଇ, ଶିକ୍ଷାବିତ୍ ବଳଭଦ୍ର ବେହେରା, ନୃସିଂହ ଚରଣ ମଲ୍ଲିକ, ବୈଷ୍ଣବ ସେନାପତି, ବଳରାମ ବେହେରା ପ୍ରମୁଖ ଉପସ୍ଥିତ ରହି ଜୁବୁଲି ପାଳନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ବିଦ୍ୟାଳୟର ଦିବଂଗତ ଶିକ୍ଷକ ଏବଂ ପୂର୍ବଛାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ବୈଠକରେ ଉପସ୍ଥିତ ଥିବା ପୁରାତନ ଛାତ୍ରମାନଙ୍କ ସହ ବିଚାର ବିମର୍ଶ କରାଯାଇ ଆପାତତଃ ୨୦୨୫ ନମ୍ବେମ୍ବର ମାସରେ ଜୁବୁଲି ପାଳନ ନେଇ ସହମତି ପ୍ରକାଶ ପାଇଥିଲା। ବିଗତ ଦିନରେ ବିଦ୍ୟାଳୟ ତା'ର ରୌପ୍ୟ, ସୁବର୍ଣ୍ଣ ଏବଂ ଡାଇମଣ୍ଡ ଜୁବୁଲି ସଫଳତାର ସହ ପାଳନ କରି ସାରିଥିବାରୁ ପ୍ଲାଟିନମ୍ ଜୁବୁଲି ଆଡମ୍ବର ସହକାରେ ପାଳନ କରାଯିବାକୁ ମତ ପ୍ରକାଶ ପାଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଯୋଗଦାନ ନିମନ୍ତେ ବିଦ୍ୟାଳୟ ପକ୍ଷରୁ ଅନୁରୋଧ ପତ୍ର ପ୍ରେରଣ ପାଇଁ ପ୍ରଧାନଶିକ୍ଷକଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଛାତ୍ରସଂସଦ ସଭାପତି ଡ.ବରାଳ ଜୁବୁଲି ପାଳନ ପାଇଁ ସ୍ୱଇଚ୍ଛାରେ ଆଗେଇ ଆସିଥିବା ଉଦ୍ୟମୀ ଯୁବବନ୍ଧୁ ତଥା ପୁରାତନ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିବା ସହ ପ୍ଲାଟିନମ୍ ଜୁବୁଲି ଉତ୍ସବ ସମସ୍ତଙ୍କ ସହଭାଗିତାରେ ପାଳନ କରାଯିବାକୁ ଗୁରୁତ୍ୱ ଆରୋପ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଆସନ୍ତା ଅଗଷ୍ଟ ୨୫ ରବିବାର ଅପରାହ୍ନ ୨ଘଟିକାରେ ଅନୁଷ୍ଠିତ ହେବାକୁ ସ୍ଥିରକୃତ ହୋଇଥିଲା। ଉକ୍ତ ବୈଠକରେ ଜୁବୁଲି କମିଟି ଗଠନ ସହ ସ୍ମରଣିକା "ଆଳତି" ପାଇଁ ଲେଖା ଆହ୍ୱାନ କରାଯିବ। ଆଜିର ବୈଠକରେ ପୁରାତନ ଛାତ୍ର ପ୍ରଶନ୍ନ କୁମାର ନାୟକଙ୍କ ସଂଯୋଜନା କରିଥିବା ବେଳେ ପ୍ରିୟବ୍ରତ ବରାଳ, ଜିତେନ୍ଦ୍ର ଓଝା, ବ୍ରଜକିଶୋର ସେନାପତି, ଗତିକୃଷ୍ଣ ଭୂୟାଁ, ବିପିନିବିହାରୀ ଚକ୍ର, ସୋମନାଥ ସେଠୀ, ନିରଞ୍ଜନ ସେଠୀ, ହରିହର ମହରଣା, ଭାସ୍କରଚନ୍ଦ୍ର ସାହୁ, ଗଗନଚନ୍ଦ୍ର ଜେନା, ଦୁର୍ଯୋଧନ ସାହୁ, ଶତ୍ରୁଘ୍ନ ବରାଳ, ବିଶିକେଶନ ରାଉତ, କୁଶଭଦ୍ର ରାଉଳ, ତପନ କର, ଅମୂଲ୍ୟ ବାରିକ, ଦିପକ ଦାସ, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ମାନସ ସେଠୀ, ପ୍ରିୟମ୍ ନାୟକ, ସିପକ ଦାସ, ଦେବାନନ୍ଦ ମହାରଣା, ରିପୁନ ସ୍ୱାଇଁ, ଶରତଚନ୍ଦ୍ର ପଣ୍ଡା, ବଳରାମ ସ୍ୱାଇଁ ସମେତ ଶତାଧିକ ପୁରାତନ ଛାତ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




# ରୋଷେଇ ଘରୁ ନବବଧୂଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ତୁରୁମୁଙ୍ଗା,୨୧।୭ (ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଗୋଡ଼ିପୋଖରୀ ଗ୍ରାମରେ ବନ୍ଦଥିବା ରୋଷେଇ ଘରୁ ନବବଧୂଙ୍କ ଝୁଲନ୍ତା ମୃତଦେହ ରବିବାର ସକାଳୁ ଉଦ୍ଧାର ହୋଇଛି। ମୃତକ ହେଲେ ଗୋଡିପୋଖରୀ ଗ୍ରାମର ଦିଲ୍ଲୀପ ନାଏକଙ୍କ ପତ୍ନୀ ମଞ୍ଜୁଲତା ନାଏକ ଓରଫ ଦୀପା ନାଏକ(୨୧)। ସେ ଚୁନୁରୀକୁ ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଦିଲ୍ଲୀପ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା କାଠକରଞ୍ଜିଆ ଗ୍ରାମର ଦୀପା ନାଏକଙ୍କୁ ଗତ ଗତ ଜୁନ୍ ୧୮ ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। ଗତକାଲି ବିଳମ୍ବିତ ରାତିରେ ପରିବାର ଲୋକେ ଖାଇ ସାରି ଶୋଇଥିବା ବେଳେ ସକାଳୁ ରୋଷେଇ ଘରେ ଦୀପାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ତୁରୁମୁଙ୍ଗା ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ୨୩/୨୪ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏସ୍ଆଇ ରସାନନ୍ଦ ନାଏକ ଘଟଣାର ତଦନ୍ତ କରୁଛନ୍ତି।



## କଣ୍ଠଶିଳ୍ପୀ ପ୍ରଶାନ୍ତ ପାତ୍ର

# ଟୁଙ୍ଗି ଦେଇଥିଲା ପରିଚୟ

**ରାମଚନ୍ଦ୍ରପୁର,୨୧।୭ (ସମିସ):** ପିଲାବେଳୁ ପାଠ ପଢିବା ସହ ସଂଗୀତ ପ୍ରତି ଥିଲା ଅହେତୁକ ଦୁର୍ବଳତା। ଗାଁ ଭାଗବତ ଟୁଙ୍ଗିରେ ବସି ଗୀତ ଶୁଣୁ ଶୁଣୁ ଜଣେ ପୋଖତ ଭଜନ କଣ୍ଠଶିଳ୍ପୀ ଭାବେ ନିଜକୁ ଗଢି ତୋଳିଛନ୍ତି ଲୁଣହାରର ପ୍ରଶାନ୍ତ ପାତ୍ର। ଗୀତ ଗାଇବା ସହ ଭଜନ ଲେଖିବା ଏବଂ ସ୍ୱର ତାଳ ସବୁ ନିଜେ ଦିଅନ୍ତି। ଗାଁ ଭାଗବତ ଟୁଙ୍ଗିରୁ ନିଜ ପରଚୟ ସୃଷ୍ଟି କରିଥିବା ପ୍ରଶାନ୍ତ ଏବେ ସୋସିଆଲ ମିଡିଆରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କ କଣ୍ଠ ସଂଗୀତ ୟୁଟ୍ୟୁବ୍‌ରେ ପ୍ରସାରିତ ହେବା ପରେ ଓଡିଆ ଶ୍ରୋତାଙ୍କ ମନକୁ ବେଶ ଛୁଇଁପାରୁଛି। ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତ ଅନ୍ତର୍ଗତ ଲୁଣହାର ଗ୍ରାମରେ ସ୍ୱର୍ଗତ ଶଙ୍କର୍ଷଣ ପାତ୍ରଙ୍କ ଦୁଇ ପୁଅ ମଧ୍ୟରେ ସାନପୁଅ ହେଉଛନ୍ତି ପ୍ରଶାନ୍ତ ପାତ୍ର (୪୬)। ପିଲାଟି ଦିନରୁ ଆଧାତ୍ମିକ ଚେତନା ଓ ଭଜନ କୀର୍ତ୍ତନ ପ୍ରତି ଆକୃଷ୍ଟ ହୋଇଥିଲେ। ପାଠପଢ଼ା ସମୟରେ ସ୍କୁଲରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଭଜନ ଗାଇ ପୁରସ୍କାର ପାଇଥିଲେ। ସେ ଅଷ୍ଟମ ଶ୍ରେଣୀ ପଢୁଥିବା ସମୟରେ ହୃଦ୍‌ଘାତରେ ବଡଭାଇଙ୍କ ଅକାଳ ମୃତ୍ୟୁ ଘଟିଲା। ଏଥିରେ ପୂରା ପରିବାର ଭାଙ୍ଗିପଡିଲା। ବହୁ ଦୁଃଖ କଷ୍ଟ ଭିତରେ ମାଟ୍ରିକ ପାଶ ପରେ ପଢ଼ାରେ ଡୋରି ବନ୍ଧାହେଲା। ବୁଢ଼ା ବାପାଙ୍କ ସହ ପୂରା ପରିବାର ବୋଝ, ତାରି ଭିତରେ ନିଜ ଗୀତ ଗାଇବା ନିଶା ଛାଡିନଥିଲେ। ମାଟ୍ରିକ ପରୀକ୍ଷା ପରେ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ସହ ଜଣେ ସଫଳ କଣ୍ଠଶିଳ୍ପୀ ଭାବେ ନିଜର ପରିଚୟ ସୃଷ୍ଟି କଲେ। ଏକାଧାରରେ ଗୀତ ରଚନା ଏବଂ ସ୍ୱର ସଂଯୋଜନା କରି ନିଜ ପ୍ରତିଭା ମାଧ୍ୟମରେ ପରିଚିତ ହୋଇଥିଲେ। ତାଙ୍କର ଏହି ସଫଳତା ପଛରେ କଟକ ଜଗତପୁର ଅଞ୍ଚଳର ଉଦୟ ଭାନୁ ଦ୍ୱିବେଦୀଙ୍କ ଷ୍ଟୁଡିଓ ଅର୍କ ବେଶ ସହଯୋଗ କରିଥିଲେ। ତାଙ୍କ ଦ୍ୱାରା ଆଦୃତ ଲାଭ କରିଥିବା ଭଜନ "ସକାଳୁ ଉଠି ଡାକେ ମା' ମା'...' ଏବଂ ତା' ସହ ତାରିଣୀଙ୍କ ଭଜନ 'ସଖି ନେବୁ ମନ୍ଦିର...', ଜଗନ୍ନାଥଙ୍କ ଉପରେ 'ଜଗତ ଜନଙ୍କ ଦୁଃଖ ଶୁଣ ସାଆନ୍ତ...' ପ୍ରଭୃତି ବେଶ ଜନ ମାନସରେ ଆଦୃତ ହୋଇଛି। ସେ ଏବେ ସ୍ଥାନୀୟ ଅଞ୍ଚଳର ଜଣେ ଆଗଧାଡିର ଭଜନ ଗାୟକ ରୂପେ ନିଜର ପରିଚୟ ସୃଷ୍ଟି କରି ପାରିଛନ୍ତି। ଆଗକୁ ସଂଗୀତକୁ ନିଶା ଆଉ ପେଶା କରି ଆଗକୁ ବଢିବାକୁ ପ୍ରଶାନ୍ତ ଲକ୍ଷ୍ୟ ରଖି ଚାଲିଥିବା କହିଛନ୍ତି।



## ହାଟଡିହୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ଫାର୍ମାସିଷ୍ଟ ଓ ନର୍ସଙ୍କ ଭରସାରେ ସ୍ୱାସ୍ଥ୍ୟସେବା




**ସୋସୋ, ୨୧।୭ (ସମିସ):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ହାଟଡିହୀ ସ୍ୱାସ୍ଥ୍ୟ କେନ୍ଦ୍ରଟିର ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ବେଳେ ବର୍ଷ ବର୍ଷ ଧରି ଫାର୍ମାସିଷ୍ଟ, ନର୍ସ ଓ ଡ୍ରେସରଙ୍କର ଭରସାରେ ଚାଲିଛି। ବହୁ ପୁରୁଣା ପ୍ରାଥମିକସ୍ୱାସ୍ଥ୍ୟକେନ୍ଦ୍ରଟି ଏବେ ଅପଗ୍ରେଡେସନ୍ ହୋଇ ବ୍ଲକର ଗୁରୁତ୍ୱବହନ କରିଛି। ଭଦ୍ରକ -ଆନନ୍ଦପୁର ୫୩ନଂ. ରାଜପଥର ବ୍ଲକ କାର୍ଯ୍ୟାଳୟ ନିକଟରେ ସ୍ୱାସ୍ଥ୍ୟକେନ୍ଦ୍ରଟି ଥିବାରୁ ଏହା ଉପରେ ହଜାର ହଜାର ଲୋକ ନିର୍ଭର କରିବା ସହିତ ଉନ୍ନତମାନର ସେବା ପାଇବା ପାଇ ହାଟଡିହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ଏହି ଡାକ୍ତରଖାନାଟି ସ୍ୱାସ୍ଥ୍ୟସେବା ଯୋଗାଇ ନିଜର ନାମ ଟେକ ରଖିଥିବାବେଳେ କିଛି ବର୍ଷ ଧରି ଡାକ୍ତର ରହୁନଥିବାରୁ ଆଖପାଖର ଲୋକମାନେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଭରସା ତୁଟେଇବାକୁ ବସିଲେଣି। ହାଟଡିହି ବ୍ଲକର ବିଭିନ୍ନ ପଞ୍ଚାୟତରୁ ହାଟଡିହୀ ଆସୁଥିବାରୁ ଏହି ଡାକ୍ତରଖାନା ଉପରେ ନିର୍ଭର କରିବା ସହିତ ଗୁରୁତ୍ୱ ବହନ କରିଥାଏ। ଏଠାରେ ଉନ୍ନତମାନର ସେବା ମିଳିବା ପରିବର୍ତ୍ତେ ଫାର୍ମାସିଷ୍ଟଙ୍କ ଦୟାରେ ସ୍ୱାସ୍ଥ୍ୟ କେନ୍ଦ୍ରଟି ଚାଲିଛି। ଉକ୍ତ ଡାକ୍ତରଖାନାଟି ଦିବାରାତ୍ର ଚାଲିବାକୁ ଦାବି ହୋଇଆସୁଥିବା ବେଳେ ବର୍ଷର କିଛିଦିନ ଡାକ୍ତର ରହୁଥିଲେ ମଧ୍ୟ ତାହା ଗୋଟିଏ ଓଳି ସ୍ୱାସ୍ଥ୍ୟସେବା ଯୋଗାଇଥାନ୍ତି। କିଛିଦିନ ତଳେ ଜଣେ ଡାକ୍ତର ନିଯୁକ୍ତ ହୋଇଥିଲେ ମଧ୍ୟ ସେ ଦୁଇ ମାସ ଧରି ଛୁଟିରେ ରହିଛନ୍ତି। ଅଧିକାରୀଙ୍କ କଥା କେହି ଶୁଣୁନଥିବା ବେଳେ ଇଚ୍ଛାରେ ଡାକ୍ତରଖାନା ଚାଲିଛି। ଏହି ଡାକ୍ତରଖାନାରେ ଜଣେ ଡାକ୍ତର, ୪ଜଣ ଷ୍ଟାଫ ନର୍ସ, ୪ଜଣ ଆଟେଣ୍ଡାଣ୍ଟ ପଦବୀ ରହିଛି। କିନ୍ତୁ ଦୁଇ ଜଣ ଷ୍ଟାଫ୍ ନର୍ସ ପଦବୀ ଖାଲି ପଡିଛି। ତା'ଛଡା ଡାକ୍ତର ପଦବୀ ଖାଲି ପଡିଛି। ଏବେ ଡାକ୍ତର ଥିବା କାଗଜ କଲମରେ ଥିବାବେଳେ ସେ ଏବେ ଛୁଟିରେ ରହିଛନ୍ତି। ତେବେ ଗୁରୁତ୍ୱ ବହନ କରିଥିବା ଡାକ୍ତରଖାନାଟିର ସର୍ବନିମ୍ନ ସ୍ୱାସ୍ଥ୍ୟସେବା ମିଳୁନଥିବା ବେଳେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା କେବେ ମିଳିବ ତାକୁ ନେଇ ପ୍ରଶ୍ନ ଉଠିଛି।

**ଶଙ୍କରପୁର-ବେଲଦା ରାସ୍ତା**

# ମାସ ମାସ ଧରି ନିର୍ମାଣ ଚାଲିଛି ପୋଲ



**କେନ୍ଦୁଝର,୨୧।୭ (ସମିସ):** ପୂର୍ବରୁ କେନ୍ଦୁଝର ସହର ମଧ୍ୟଦେଇ ଜାତୀୟ ରାଜପଥ ୪୯ ଯାଇଥିଲା। ପରେ ଧୂପଦାଠାରୁ ବେଲଦା ପର୍ଯ୍ୟନ୍ତ ଜାତୀୟ ରାଜପଥ ୪୯ର କେନ୍ଦୁଝର ସହର ବାଇପାସ ହେବାରୁ କୁଚିଆ ଠାରୁ କେନ୍ଦୁଝର ଗାନ୍ଧିଛକ ଓ ସିରାକୁଦିନ ଛକଦେଇ ବେଲଦା ପର୍ଯ୍ୟନ୍ତ ରାସ୍ତା ଜାତୀୟ ରାଜପଥଠାରୁ ପୂର୍ତ୍ତ ବିଭାଗ ଅଧୀନକୁ ଆସିଛି। ଅନେକ ଦିନ ଧରି ଏହି ରାସ୍ତାର ମରାମତି କରାନଯିବାରୁ ଲୋକେ ହଇରାଣ ହେଉଥିଲେ। ପରେ କୁଚିଆ ବେଲଦା ରାସ୍ତାର ମରାମତି ଆରମ୍ଭ ହୋଇସାରିଛି। କାମ ମଧ୍ୟ ହେଲାଣି। ମାତ୍ର ଏହି ରାସ୍ତାର କେତେକ ସ୍ଥାନରେ ଛୋଟଛୋଟ ଘୋଷଡ଼ା ପୋଲପରି କେତୋଟି ପୋଲର ଆବଶ୍ୟକତାକୁ ଅନୁଧ୍ୟାନ କରି ସେଠାରେ ପୋଲ ତିଆରି ଚାଲିଛି। କିନ୍ତୁ ପୋଲଗୁଡିକ ଯେତିକି ବଡ଼ ନୁହେଁ ତିଆରି ଆବଶ୍ୟକତାଠାରୁ ଅଧିକ ସମୟ ଲାଗୁଥିବାରୁ ଗାଡିମୋଟର ଚଳପ୍ରଚଳରେ ବାଧକ ସାଜୁଛି। ସବୁଠାରୁ ବଡ଼କଥା ହେଲା ଦୁର୍ଘଟଣା ସମ୍ଭାବନାକୁ ଅଧିକ ବଢ଼ାଇଦେଉଛି। ବିଶେଷକରି ରବୀନ୍ଦ୍ର ବିଦ୍ୟା ନିକେତନ ସମ୍ମୁଖରେ ରାସ୍ତା ଉପରେ ତିଆରି ଛୋଟପୋଲଟିର କାମ, ସେପଟେ ମହାନ୍ତି ଢାବା ପଛକୁ ରାସ୍ତାରେ ତିଆରି ପୋଲ କାମ, ନେଳୁଙ୍ଗ ରାସ୍ତାକୁ ଯିବାକୁ ଲାଗିଥିବା ପୋଲ କାମ, ଶଙ୍କରପୁର ଛକ ନିକଟରେ ରାସ୍ତାଉପରେ ଚାଲୁଥିବା ପୋଲକାମ, ଅଯଥାରେ ମାସମାସ ସମୟ ଲାଗିଲାଣି। ଠିକାଦାର ଖାଲିଟାରେ ମାସମାସ ଧରି କାମ କରିବା ନାଁରେ ଖୋଲାମୁକୁଳା କରି ମଝି ରାସ୍ତାରେ କାମ ପକାଇ ରଖିବାରୁ ପ୍ରତ୍ୟହ ଏଠାରେ ଦୁର୍ଘଟଣାକୁ ଆମନ୍ତ୍ରଣ କରାଯାଉଛି। ପୋଲଗୁଡିକ ଅନ୍ୟୂନ ପକ୍ଷେ ଏକ ମାସ ମଧ୍ୟରେ ସରିବା କଥା। କିନ୍ତୁ କାହିଁକି କେଜାଣି କାମକୁ ଅଧିକରୁ ଅଧିକା ସମୟ ପକାଇ ରଖାଯାଉଛି ଜଣାନାହିଁ। ବିଭାଗୀୟ ଯନ୍ତ୍ରୀମାନେ ତଦାରଖ ବୋଧହୁଏ କରନ୍ତି ନାହିଁ। ଏଥି ମଧ୍ୟରୁ ଗୋଟିଏ ଦୁଇଟି ପୋଲ କାମ ଶେଷ ପର୍ଯ୍ୟାୟରେ ଥିଲେ ମଧ୍ୟ ସେଠାରେ ପିଚୁକାମ କିମ୍ବା କଂକ୍ରିଟକାମ ଶେଷ କରାଯାଉନାହିଁ। ଫଳରେ ପୋଲ ତିଆରି ସ୍ଥାନରେ ଗାତ ସୃଷ୍ଟି ହୋଇ ପାଣି ଜମୁଛି। ଯାହା କାରଣରୁ ବାଇକ ଆରୋହୀ ଓ ସାଇକଲ ଆରୋହୀ ହଇରାଣ ହୋଇ ରାସ୍ତାରେ ପଡୁଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବା ସହିତ ପୋଲକାମକୁ ଯଥାଶୀଘ୍ର ସାରିବା ଦୀଗରେ ପଦକ୍ଷେପ ଜରୁରୀ ହୋଇପଡିଛି।

**ଚମ୍ପୁଆ ରେଞ୍ଜରେ ହାତୀପଲଙ୍କ ଉପଦ୍ରବ**

# ଘର ଭାଙ୍ଗି ଖାଇଗଲେ ଚାଉଳ





**ତୁରୁମୁଙ୍ଗା,୨୧।୭ (ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଜ୍ୟୋତିପୁର ବିଟ୍ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ଦୁଇ ଦିନ ହେଲା ୨୭ ଟିକିଆ ହାତୀପଲ ଆତଙ୍କ ଖେଳାଇବା ସହ ୫ ଘର ଭାଙ୍ଗି ନଷ୍ଟ କରିଦେଇଛନ୍ତି। ଏଥି ସହ ହାତୀପଲ ଅଞ୍ଚଳରେ ହୋଇଥିବା ଧାନ ଚାଷ ମାଡି ଦଳି ନଷ୍ଟ କରିଦେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲ ମାଳିପଶି ଗ୍ରାମର ରଞ୍ଜନ ମୁଣ୍ଡା ସୁରୁଜ ମୁଣ୍ଡା ଏବଂ ରେଙ୍ଗାଲଗୁଡା ଗ୍ରାମର ଶ୍ରୀହରି ମହାନ୍ତଙ୍କ ଘର ଭାଙ୍ଗିଦେଇଛନ୍ତି। ସେହିପରି ଶନିବାର ରାତିରେ ଏହି ହାତୀପଲ କେମିଡ଼ିହା ଗ୍ରାମର ପ୍ରଶାନ୍ତ ପଟ୍ଟନାୟକଙ୍କ ବ୍ରଏଲର ଫାର୍ମର କାନ୍ଥ ଭାଙ୍ଗିଦେଇଥିବା ବେଳେ ବଣକାଟି ଗ୍ରାମର ସୁମନ ବେହେରାଙ୍କ ଘର ଭାଙ୍ଗି ଘର ଭିତରୁ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଏବେ ହାତୀପଲ ମଙ୍ଗଳପୁର ଗାଁ ନିକଟରେ ଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ହାତୀପଲଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଛି।

**■ ବାପାକୁ ମାଡ଼ମାରି ପୁଅକୁ ଅପହରଣ ଘଟଣା**

# ଅଭିଯୁକ୍ତ ଯୁବକକୁ ଉଠାଇ ଆଣିଲା ପୁଲିସ

**ସୋସୋ, ୨୧।୭ (ସମିସ):** ବାପାକୁ ମାଡ଼ ମାରି ପୁଅକୁ ଅପହରଣ କରିବା ଘଟଣାରେ ନୂଆ ମୋଡ଼ ନେଇଛି। ପୁଲିସ୍ ଅପହୃତ ଯୁବକକୁ ଉଦ୍ଧାର କରିବା ସହ ଅପହରଣକାରୀକୁ ଗିରଫ କରିଛି। ଅନ୍‌ଲାଇନ୍ ଖେଳରେ ହାରିବା ଟଙ୍କା ନ ଦେବା ଘଟଣାକୁ ନେଇ ଏହି ଅପହରଣ କରାଯାଇଥିଲା ଜଣାପଡିଛି।

ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ପନ୍ଦାଡ଼ୋ ଗ୍ରାମର ନରେନ୍ଦ୍ର ନାୟକଙ୍କ ପୁଅ ସନାତନ ଅନ୍‌ଲାଇନ ଖେଳରେ ହାରି ୫ ଲକ୍ଷ ଟଙ୍କା ବକେୟା ଥିଲା। ସେହି ଟଙ୍କା ଆଦାୟ କରିବା ପାଇଁ ଗ୍ରାମର ସୁକୁମାର ପଳତା ଘସିପୁରା ଥାନା ଟୋଲଙ୍କପଡା ଗ୍ରାମର ଲିପୁନ୍ ବାରିକଙ୍କୁ ପଠାଇଥିଲା। ଲିପୁନ୍ ନରେନ୍ଦ୍ରଙ୍କୁ ମାଡ ମାରି ନାଳରେ ପକାଇ ଦେଇ ସନାତନକୁ ଗତକାଲି ଅପରାହ୍ନରେ ନାହାଳିଆ ପୋଲ ନିକଟରୁ ଉଠାଇ ନେଇ ଅପହରଣ କରିଥିଲେ। ୫ଲକ୍ଷ ଟଙ୍କା ନଦେଲେ ସନାତନକୁ ଛାଡିବୁ ନାହିଁ ବୋଲି ଅପହରଣକାରୀ କହିଥିଲା। ତା'ଛଡା ଦୁଇରୁ ତିନି ଘଣ୍ଟା ମଧ୍ୟରେ ଟଙ୍କା ଆଣି ନଦେଲେ ମାରି ଦେବୁ ବୋଲି ଧମକ ଦେଇଥିଲା। ଏହାକୁ ନେଇ ସନାତନର ମା' ପଦ୍ମାବତୀ ନନ୍ଦିପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଲିପୁନ ବାରିକ ଫୋନ ନମ୍ବରକୁ ଟ୍ରାକ୍‌କରି ଟୋଲଙ୍କପଡା ଅଞ୍ଚଳରୁ ଗିରଫ କରିଥିଲା। ଏହା ସହିତ ଅପହୃତ ସନାତନକୁ ଉଦ୍ଧାର କରିଛି। ଏହାକୁ ନେଇ ନନ୍ଦିପଦା ପୁଲିସ ତଦନ୍ତ ଚଳାଇଛି।

# ନାବାଳିକା ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ଗିରଫ

**ତେଲକୋଇ,୨୧।୭ (ସମିସ):** କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଥାନା ଅଞ୍ଚଳରେ ଗତ ସୋମବାର ଜଣେ ୧୩ ବର୍ଷ ଆଦିବାସୀ ନାବାଳିକାକୁ ଅପହରଣ କରି ଦୁଷ୍କର୍ମ କରିବା ଘଟଣାରେ କେନ୍ଦୁଝର ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଜିଲ୍ଲା ମାଝଗାଁ ଥାନା ଅଞ୍ଚଳର ଏସକେ କୁର୍ବାନ (୪୭)। ଗିରଫ ଅଭିଯୁକ୍ତକୁ ପୁଲିସ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅଞ୍ଚଳରୁ ଗିରଫ କରିଥିବା ଜଣାପଡ଼ିଛି। ତେବେ ସୂଚନା ମୁତାବକ, ଗତ ସୋମବାର ସମ୍ପୃକ୍ତ ନାବାଳିକା ଅନ୍ୟ ଜଣେ ନାବାଳିକା ସହିତ ଘରୁ ନିକଟସ୍ଥ ବାରହା ଦେବତା ସାପ୍ତାହିକ ହାଟକୁ କୌଣସି କାର୍ଯ୍ୟରେ ଆସୁଥିବା ବେଳେ ସ୍ଥାନୀୟ ନୂଆଡିହି ସାହି ଛକରେ ଚା'ଦୋକାନ କରିଥିବା ଅଭିଯୁକ୍ତ ଏସ୍‌କେ କୁର୍ବାନ ଏକ ବାଇକ୍ ଯୋଗେ ଆସି ନାବାଳିକାକୁ ଜୋର୍ ଜବରଦସ୍ତ ଉଠାଇ ବାଇକ୍‌ରେ ବସାଇ ନିଛାଟିଆ ସ୍ଥାନକୁ ନେଇଯାଇଥିଲା। ସେଠାରେ ସେ ନିଜେ ମଦ୍ୟପାନ କରିବା ସହିତ ନାବାଳିକାକୁ ମଧ୍ୟ ମଦ ପିଆଇ ଦୁଷ୍କର୍ମ କରିଥିଲା।ଦୁଷ୍କର୍ମ ପରେ ୪୯ ନମ୍ବର ଜାତୀୟ ରାଜପଥର କାଞ୍ଜିପାଣି ଘାଟି ରାସ୍ତାରେ ଛାଡ଼ି ଚାଲି ଯାଇଥିଲା। ନାବାଳିକାର ପରିବାର ଲୋକ ଘଟଣା ଜାଣିବା ପରେ ସନ୍ଧ୍ୟା ସମୟରେ ପୀଡ଼ିତାକୁ ସେଠାରୁ ଉଦ୍ଧାର କରିଥିଲେ। ନାବାଳିକାର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସଙ୍ଗେ ସଙ୍ଗେ ପରିବାର ଲୋକ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣି ଭର୍ତ୍ତି କରିଥିଲେ। କିଛି ସମୟ ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିଲା। ଏହାପରେ ପରିବାର ଲୋକ ଏହି ଘଟଣାକୁ ନେଇ ତେଲକୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ତେଲକୋଇ ଥାନାରେ ୨୨୨/୨୪ରେ ଏକ ମାମଲା ରୁଜୁ ହୋଇଥିଲା। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଜିଲ୍ଲା ପୁଲିସ ପ୍ରଶାସନ ଗୁରୁତର ସହିତ ତଦନ୍ତ ଆରମ୍ଭ କରିଥିଲା। ବଡ଼ବିଲ ଏସଡିପିଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଏହାର ତଦନ୍ତ କରାଯାଇଥିଲା। ଅଭିଯୁକ୍ତ ତେଲକୋଇ ଥାନା ଅଞ୍ଚଳରୁ ଫେରାର ହୋଇଯାଇଥିବାରୁ ପୁଲିସ ଅଭିଯୁକ୍ତକୁ ଆଜି କରଞ୍ଜିଆ ଥାନା ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି।

# ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ

**ଆନନ୍ଦପୁର,୨୧।୭ (ସମିସ):** ଆନନ୍ଦପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ଆଜି ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ହରେକୃଷ୍ଣ ପତିଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ନଗରର ସଂଘ ଚାଳକ ସର୍ବେଶ୍ୱର ଦଳେଇ ଯୋଗଦାନ କରି ହିନ୍ଦୁ ସଂସ୍କୃତିରେ ଗୁରୁପୂର୍ଣ୍ଣିମା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏହି ଉତ୍ସବରେ ଆଚାର୍ଯ୍ୟ ଈଶ୍ୱର ଚନ୍ଦ୍ର ଘଡ଼େଇଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଗୁରୁଜୀ ପଙ୍କଜ କୁମାର ମହାନ୍ତି ଗୈରିକ ଧ୍ୱଜା ଆରୋହଣ ପୂର୍ବକ ସଂଘ ପ୍ରାର୍ଥନା ଗାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁମା କିରଣବାଳା ବେହୁରିଆ, ଅନୁପମା ସାହୁ, ବିଷ୍ଣୁପ୍ରିୟା ସାହୁ, ଜ୍ୟୋତ୍ସ୍ନାରାଣୀ ପଣ୍ଡା, ଗୁରୁଜୀ ଯୁଧିଷ୍ଠିର ମିଶ୍ର ଓ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଭାଇଭଉଣୀମାନେ ଉପସ୍ଥିତ ଥିଲେ।

# ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟରେ ଗୁରୁପୂଜନ

**ଆନନ୍ଦପୁର,୨୧।୭ (ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁସ୍ଥିତ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟଠାରେ ଆଜି ପବିତ୍ର ଗୁରୁପୂର୍ଣ୍ଣିମା ଉତ୍ସବ ଅବସରରେ ଗୁରୁ ପୂଜନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆ.ର୍ଯ୍ୟ ଅନାମ ଚରଣ ମାଝୀ ଙ୍କ ସଂଯୋଜନାରେ ଅତିଥି ଭାବେ ବିଦ୍ୟାଳୟ ପରି.ଳନା କମିଟିର ସମ୍ପାଦକ ରବିନାରାୟଣ ଶିଅଳ, ଗୁରୁଜୀ ଗୌରାଙ୍ଗ ଚରଣ ଜେନା, ଯୁଧିଷ୍ଠିର ସେଠୀ, ରସାନନ୍ଦ ବେହେରା, ପ୍ରଶାନ୍ତ କୁମାର ସାହୁ, ସୁଧୀର କୁମାର ରାଉତ, ଗୁରୁମା ଝୁନୁ ରାଉତ, ମମିତାମୟୀ ରାଉତ, କବିତା ଓଝା, ବାସନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ରହି ଗୁରୁପୂର୍ଣ୍ଣିମା ଭଳି ପବିତ୍ର ଦିନର ମହତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଉତ୍ସବରେ ଆ.ର୍ଯ୍ୟ ଈଶ୍ୱର ଚନ୍ଦ୍ର ଘଡ଼େଇଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଗୁରୁଜୀ ପଙ୍କଜ କୁମାର ମହାନ୍ତି ଗୈରିକ ଧ୍ୱଜ ଆରୋହଣପୂର୍ବକ ସଂଘ ପ୍ରାର୍ଥନା ଗାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଦ୍ୟାଳୟର କର୍ମଚାରୀ ଅଜୟ କୁମାର ବେହେରା ଓ ସ୍ୱପ୍ନାରାଣୀ ନାୟକ ସହଯୋଗ କରିଥିଲେ।

# ଗଦଗଦି ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ପୂର୍ଣ୍ଣିମା

**ତୁରୁମୁଙ୍ଗା,୨୧।୭ (ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଗଦଗଦି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଦୀନବନ୍ଧୁ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କେନ୍ଦୁଝର ଜିଲ୍ଲାର ସାମାଜିକ ସଦ୍‌ଭାବନା ସହପ୍ରମୁଖ ଦୟାନିଧି ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଥମ ସମ୍ପାଦକ ବସନ୍ତ କୁମାର ମହାନ୍ତଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପୁରୁଜିତ୍ ମୁନି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା ସମିତିର ଉପ ସଭାପତି ପଦ୍ମଲୋଚନ ନାଏକ, ସହ ସମ୍ପାଦକ ଜିତେନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ତରଣୀସେନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ ସନାତନ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାୟତ୍ରୀ ପରିବାର ପକ୍ଷରୁ ଅଖଣ୍ଡ ଜପ

**ରାମଚନ୍ଦ୍ରପୁର,୨୧।୭ (ସମିସ):** ଅଖିଳବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଗୁରୁପୂର୍ଣ୍ଣମୀ ଅବସରରେ ବିଭିନ୍ନ ଶକ୍ତିପୀଠ, ପ୍ରଜ୍ଞାପିଠ, ମହିଳା ମଣ୍ଡଳ ଏବଂ ସ୍ୱାଧ୍ୟାୟକେନ୍ଦ୍ର ମାନଙ୍କରେ ଅଖଣ୍ଡଜପ ସହ ସଂଧ୍ୟାରେ ଦୀପଯଜ୍ଞର ଆୟୋଜନ କରାଯାଇଛି। ସେହି କ୍ରମରେ ଘସିପୁରା ବ୍ଲକ ଅଧୀନ ଓଡପଡା, ଅଳତି, ସାଇଁକୁଳ, ଶୈଳଙ୍ଗ, ବାତୋ, ବାହ୍ମଣିପାଳ, ତରିମୂଳ ଏବଂ ଘସିପୁରା ଶାଖା ପକ୍ଷରୁ ଅଖଣ୍ଡ ଜପର ଆୟୋଜନ କରାଯାଇଥିଲା। ଜିଲ୍ଲା ସଂଯୋଜକ ରମେଶଚନ୍ଦ୍ର ମିଶ୍ର ଏବଂ ବ୍ଲକ ସଂଯୋଜକ ପ୍ରମୋଦକୁମାର ବରାଳଙ୍କ ମାର୍ଗଦର୍ଶନରେ ଶତାଧିକ ପ୍ରଜ୍ଞା ପରିଜନ ଏହି ମହାନ କାର୍ଯ୍ୟରେ ସାମିଲ ହୋଇଛନ୍ତି।

# କମଳା ପୂଜାରୀଙ୍କ ଦେହାନ୍ତରେ ପ୍ରେସ୍ କ୍ଲବର ଶୋକ




**ବଡ଼ବିଲ,୨୧।୭ (ସମିସ):** ଧାନ ମଣିଷ ଭାବେ ସାରା ବିଶ୍ୱରେ ପରିଚୟ ସୃଷ୍ଟି କରିଥିବା ପଦ୍ମଶ୍ରୀ କମଳା ପୂଜାରୀଙ୍କ ଦେହାନ୍ତ ପରେ ଆଜି ବଡ଼ବିଲ ପ୍ରେସ୍‌କ୍ଲବ ପକ୍ଷରୁ ଶୋକ ପାଳନ କରାଯାଇଛି। ଜୈବିକ ପ୍ରଣାଳୀରେ ଧାନ ଚାଷ କରିବା ସହ ବିଭିନ୍ନ ପ୍ରକାରର ଧାନକୁ ସଂଗୃହିତ କରି ବଞ୍ଚେଇ ରଖିବା ପାଇଁ ସାରା ଜୀବନ ପ୍ରୟାସ କରିଥିବା ପଦ୍ମଶ୍ରୀ କମଳା ପୂଝାରୀ ବା କମଳା ମା'ଙ୍କ ବିୟୋଗରେ ସାରା ରାଜ୍ୟ ଶୋକ ପାଳନ କରିଛି। ପ୍ରେସ କ୍ଲବର ସଭାପତି ସୁବୋଧ ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଶୋକ ସଭାରେ ଉପଦେଷ୍ଟା ବଳରାମ ମହାନ୍ତି ସ୍ୱର୍ଗତ କମଳା ଦେବୀଙ୍କ ଆଦର୍ଶ ଓ କାର୍ଯ୍ୟାଧାରା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କ୍ଲବର ଉପସଭାପତି ମକରଧ୍ୱଜ ବାଗ, ସମ୍ପାଦକ ମଧୁସୂଦନ ସାହୁ, ସହସମ୍ପାଦକ ଅଂଶୁମାନ ପ୍ରଧାନ, ବରିଷ୍ଠ ସଦସ୍ୟ ଦେବକାନ୍ତ ଦାସ, ଚିତ୍ତରଞ୍ଜନ କର, ଅଶୋକ ମହାନ୍ତ ପ୍ରମୁଖ ଏହି ଶୋକସଭାରେ ଉପସ୍ଥିତ ଥିଲେ।

# ଝାଡ଼େଶ୍ୱର ହାଇସ୍କୁଲ ଛାତ୍ର ଜିଲ୍ଲାରେ ପ୍ରଥମ

**ଆନନ୍ଦପୁର,୨୧।୭ (ସମିସ):** ହଦଗଡ ଜବାହାର ନବୋଦୟ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରେରଣା କଳା ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରାୟ୨୦୦ ବିଦ୍ୟାଳୟଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଘସିପୁରା ଝାଡେଶ୍ୱର ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ପ୍ରଭଞ୍ଜନ ସା ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେ ଆଗାମୀ ଦିନରେ ଜିଲ୍ଲାରୁ ପ୍ରତିନିଧିତ୍ୱ କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧ୍ୟୟନ କରିଥିବା ବିଦ୍ୟାଳୟ ପରିଭ୍ରମଣରେ ଯିବେ ବୋଲି ଜଣାପଡିଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ଘଡ଼େଇ, ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏଥିପାଇଁ ପ୍ରଭଞ୍ଜନକୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଧାୟକଙ୍କ ଦ୍ୱାରା ଶ୍ରେଣୀ ଗୃହ ଉଦ୍‌ଘାଟିତ

**ତେଲକୋଇ,୨୧।୭ (ସମିସ):** ଗୁରୁପୂର୍ଣ୍ଣିମା ଅବସରରେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକଙ୍କ କରକମଳରେ ଶ୍ରେଣୀ ଗୃହ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତେଲକୋଇ ବ୍ଲକ ଅନ୍ତର୍ଗତ



ଛାମୁଣ୍ଡା ପଞ୍ଚାୟତ ଗୋଳାବନ୍ଧ ଗ୍ରାମର ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓମ୍ବାଡସି ଅର୍ଥରେ ୩୩ ଲକ୍ଷ ବ୍ୟୟ ବରାଦ କାରାଯାଇ ନିର୍ମାଣ ହୋଇଥିବା ବିଜ୍ଞାନାଗାର, ଶ୍ରେଣୀ ଗୃହ ସହିତ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଯୋଜନାରେ ୧୮ ଲକ୍ଷ୍ୟ ବ୍ୟୟ ବରାଦରେ ନିର୍ମାଣ ହୋଇଥିବା କମ୍ପ୍ୟୁଟର, କଳା ଓ ହସ୍ତଶିଳ୍ପ ଗୃହକୁ ଉଦ୍‌ଘାଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ତେଲକୋଇ ବିଧାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ୧୯ ନଂ. ଜୋନ ଜିଲ୍ଲା ପରିଷଦ ସଦସ୍ୟା ଛଇଳବାଳା ନାୟକ, ଛାମୁଣ୍ଡା ସରପଞ୍ଚ ସୁଷମା ନାୟକ, ସମିତିସଭ୍ୟା ପ୍ରତିଭା ସାହୁ, ବିଧାୟକଙ୍କ ପ୍ରତିନିଧି ପଦ୍ମଲୋଚନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ସାମ୍ବାଦିକ ଚିନ୍ମୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବାରିକ ସଭାର ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ ଅର୍ପିତା ପାତ୍ର, ଶିକ୍ଷକ ଚିତ୍ତରଞ୍ଜନ ସାହୁ, ହେମାନନ୍ଦ ଚୌହାନ ପ୍ରମୁଖ ସହଯୋଗ କରିଥିଲେ।

# ଘର ଅଗଣାରୁ ହଟିଲା ବିପଦପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟ

**ସକାଳ ପ୍ରଭାବ**



**ତୁରୁମୁଙ୍ଗା,୨୧।୭ (ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ବିଦ୍ୟୁତ ବିଭାଗର ଖାମଖିଆଲି ମନଭାବ ଯୋଗୁଁ ଚମ୍ପୁଆ ବ୍ଲକ ପଡୁଆ ଗ୍ରାମର ମଝିସାହିରେ ଘର ଅଗଣାରେ ବିପଦପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟ ଥିବା ଏବଂ ଗାଁ ସାରା ବିଦ୍ୟୁତ ତାର ଓହଳି ଥିବା ଖବର "ସକାଳ'ରେ ପ୍ରକାଶ ପରେ ତତ୍ପରତା ଦେଖାଇଛି ବିଦ୍ୟୁତ ବିଭାଗ। ଘର ଅଗଣାରୁ ବିପଦପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟକୁ ହଟାଇବା ସହ ଦୁଇଟି ବିଦ୍ୟୁତ ଖୁଣ୍ଟ ଲଗାଇ ଗାଁ ସାରା ଓହଳି ରହିଥିବା ବିଦ୍ୟୁତ ତାରକୁ ଉଚ୍ଚ ସ୍ଥାନକୁ ଉଠାଇଛି। ବିଦ୍ୟୁତ ତାରକୁ କଭରିଂ କରାଇଛି ବିଭାଗ। ସୂଚନା ଯେ ଏହି ସାହିରେ ୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଗ୍ରାମର ସୁଲଚନା ମହାନ୍ତଙ୍କ ଘର ଅଗଣାରେ ଏକ ବିପଦପୂର୍ଣ୍ଣ ଲୁହାଖୁଣ୍ଟ ରହିଛି। ଲୁହା ଖୁଣ୍ଟ ମୂଳ ନଷ୍ଟ ହୋଇଥିବା ବେଳେ ଘର ଉପର ଦେଇ ବିଦ୍ୟୁତ ତାର ଯିବା ସହ ଗାଁ ସାରା ବିଦ୍ୟୁତ ତାର ହାତ ପାଆନ୍ତାରେ ଓହଳି ରହିଥିବା ଯୋଗୁଁ ଉକ୍ତ ରାସ୍ତାରେ ଯିବା ଆସିବା କରୁଥିବା ଗ୍ରାମବସୀ, ଯାତ୍ରୀବାହୀ ବସ୍ ବିପଦପୂର୍ଣ୍ଣ ଭାବରେ ଯା'ଆସ କରୁଥିଲେ। ଏଥି ସହ ଘର ଅଗଣାରେ ଥିବା ଲୁହା ବିଦ୍ୟୁତ ଖୁଣ୍ଟକୁ ଛୁଇଁଲେ ମଧ୍ୟ କରେଣ୍ଟ ମାରୁଥିବାରୁ ଗାଈ ଗୋରୁଙ୍କ ସହ ମଣିଷଙ୍କ ଜୀବନ ବିପଦରେ ରହିଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଏ ସମ୍ପର୍କ ବିଦ୍ୟୁତ ବିଭାଗକୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କେହି ଶୁଣୁନଥିବା ଗ୍ରାମର ରମାକାନ୍ତ ମହାନ୍ତ, ସୁଲୋଚନା ମହାନ୍ତ, ଶିରପାଣି ମହାନ୍ତ, ତ୍ରିଲୋଚନ ମହାନ୍ତ, ମନୋଜ କୁମାର ମହାନ୍ତ, ଦୁଃଶାସନ ପାତ୍ର, ଶୁକଦେବ ପାତ୍ର, ପ୍ରଭାକର ମହାନ୍ତ, ମୋତିଲାଲ ମହାନ୍ତ, ଭାନୁମତି ମହାନ୍ତ, ଲକ୍ଷ୍ମୀପ୍ରିୟା ପାତ୍ର, ସୀତା ପାତ୍ର, ଅହଲ୍ୟା ମହାନ୍ତ, ବେଲବତୀ ମହାନ୍ତ ପ୍ରମୁଖ ଅଭିଯୋଗ ଆଣିଥିଲେ।

# ବଡ଼ବିଲରେ ଗୁରୁପୂର୍ଣ୍ଣିମା ପାଳିତ



**ବଡ଼ବିଲ,୨୧।୭ (ସମିସ):** ବଡ଼ବିଲର ଏକାଧିକ ସ୍ଥାନରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। କଳିଙ୍ଗ ନଗର ସ୍ଥିତ ମା'ଗାୟତ୍ରୀ ଶକ୍ତିପୀଠ ପରିସରରେ ଓ ଶିବାନନ୍ଦ ଆଶ୍ରମ ପରିସରରେ ଆଶ୍ରମର ମୁଖ୍ୟ ଶଶିକାନ୍ତ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବାନରେ ଏହି ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ସେହିପରି ବଡ଼ବିଲ ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରଧାନ ଗୁରୁଜୀ ବିପିନ ବିହାରୀ ଖଣ୍ଡାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦନା କରାଯାଇଥିଲା। ଆଚାର୍ଯ୍ୟ ଶରତ ଚନ୍ଦ୍ର ପାତ୍ର, ବୈକୁଣ୍ଠ ମହାନ୍ତ, ନଳିନୀକାନ୍ତ ମହାନ୍ତ, ଆଚାର୍ଯ୍ୟା ଅନିତା ନାୟକ, ନନ୍ଦିନୀ ମହାନ୍ତି, ଲକ୍ଷ୍ମୀ ଦାସ, କବିଲତା ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଆନନ୍ଦପୁରରେ ବୈତରଣୀ ବନ୍ୟା ମୁକାବିଲାରେ ବାଧା**

# ବିନା ସୂଚନାରେ ବ୍ୟାରେଜ ଓ ସିଂନାଳୀ ପ୍ରକଳ୍ପ ଛାଡୁଛି ପାଣି

**ଆନନ୍ଦପୁର,୨୧।୭ (ସମିସ):** ବୈତରଣୀ ନଦୀରେ ପ୍ରତିବର୍ଷ ହେଉଥିବା ବନ୍ୟାକୁ ମୁକାବିଲା କରିବା ପାଇଁ ପ୍ରଶାସନିକ ପ୍ରସ୍ତୁତିରେ ଆନନ୍ଦପୁର ବ୍ୟାରେଜ ଓ ସିଂନାଳୀସ୍ଥିତ ବୈତରଣୀ ହାଇଡ୍ରୋ ପାୱାର ପ୍ରକଳ୍ପ ବାଧା ସୃଷ୍ଟି କରୁଛି ବୋଲି ଅଭିଯୋଗ ହୋଇଛି। ବୈତରଣୀ ନଦୀରେ ପ୍ରକଳ୍ପ କରିଥିବା ସିଂନାଳୀଠାରେ ଥିବା ବୈତରଣୀ ହାଇଡ୍ରୋ ପାଓାର ପ୍ରୋଜେକ୍ଟ ଓ ଆନନ୍ଦପୁର ଠାରେ ଥିବା ବ୍ୟାରେଜ ପ୍ରକଳ୍ପ କେନ୍ଦ୍ରୀୟ ଜଳ ଆୟୋଗ ବିଭାଗ ସହ ସମନ୍ୱୟ ରକ୍ଷା କରୁନଥିବାରୁ ଅଡୁଆଜନକ ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାର ବନ୍ୟା ସମ୍ପର୍କିତ ସୂଚନା କେନ୍ଦ୍ରୀୟ ଜଳ ଆୟୋଗ ବିଭାଗରୁ ସଂଗ୍ରହ କରୁଥିବା ବେଳେ ବିନା ସୂଚନାରେ ଏହି ଦୁଇ ପ୍ରକଳ୍ପ ଗେଟ୍ ଉଠାଇ ପାଣି ଛାଡ଼ି ଦେଉଥିବାରୁ ପ୍ରକୃତ ବିବରଣୀ ଆକଳନ କରି ହେଉନାହିଁ। ଫଳରେ ବୈତରଣୀ ନଦୀର ନିମ୍ନଭାଗରେ ରହୁଥିବା ଗ୍ରାମାବାସୀ ଅନେକ ସମୟରେ ବିପଦର ସମ୍ମୁଖୀନ ହେଉଥିବା ଜଣାଯାଇଛି। ବିନା ସୂଚନାରେ ହଠାତ ଏହି ପ୍ରକଳ୍ପରୁ ପାଣି ଛଡାଯାଉଥିବାରୁ ନଦୀ ନିମ୍ନ ଭାଗରେ ନିର୍ଭରଶୀଳ ଅଧିବାସୀ ମୃତ୍ୟୁ ମୁଖରେ ପଡୁଥିବା ନଜିର ରହିଛି। ବନ୍ୟା ନିୟନ୍ତ୍ରଣରେ ବୈତରଣୀ ଜଳସେଚନ ବିଭାଗର ଗୁରୁ ଦାୟିତ୍ୱ ରହିଥିବା ବେଳେ କେନ୍ଦ୍ରୀୟ ଜଳ ଆୟୋଗ ଓ ବୈତରଣୀ ନଦୀରେ ଥିବା ଦୁଇଟି ପ୍ରକଳ୍ପ ସହିତ ଯୋଗାଯୋଗ ଓ ସମନ୍ୱୟ ରକ୍ଷା ହୋଇପାରୁନାହିଁ। ଫଳରେ ରାଜ୍ୟ ସରକାରଙ୍କୁ ବନ୍ୟା ସମ୍ପର୍କିତ ସୂଚନା ଦେବାରେ କେନ୍ଦ୍ରୀୟ ଜଳ ଆୟୋଗ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାଯାଇଛି। ଏଣୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବୈତରଣୀ ଜଳସେଚନ ବିଭାଗ, ଆନନ୍ଦପୁର ସମନ୍ୱିତ ବ୍ୟାରେଜ ପ୍ରକଳ୍ପ, ବୈତରଣୀ ହାଇଡ୍ରୋ ପାଓାର ପ୍ରୋଜେକ୍ଟ ଓ କେନ୍ଦ୍ରୀୟ ଜଳ ଆୟୋଗର ସମ୍ମିଳିତ ସମନ୍ୱୟ ରକ୍ଷା କରିବା ଦିଗରେ ଉଚିତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଆସନ୍ନ ବନ୍ୟାକୁ ମୁକାବିଲା କରିବା କଷ୍ଟକର ହୋଇପଡିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆନନ୍ଦପୁରଠାରେ ବୈତରଣୀ ନଦୀର ସତର୍କ ସୂଚନା ୩୭.୪୪୫ ମିଟର ଥିବା ବେଳେ ୩୮.୩୬୦ ମିଟର ବିପଦସଙ୍କେତ ସୂଚନା ରହିଛି। ସମନ୍ୱୟ ଅଭାବରୁ ନଦୀର ଜଳ ପତନ ଆକଳନ କରିବା କଷ୍ଟକର ହେଉଥିବା ଏବଂ ନଦୀର ଗର୍ଭ ଦିନକୁ ଦିନ ପୋତି ହୋଇପଡୁଥିବାରୁ ପୂର୍ବରୁ ହୋଇଥିବା ଆକଳନ କୁ ପୁନଃ ସର୍ଭେ କରି ସତର୍କ ଖୁଣ୍ଟିର ଅନୁଧ୍ୟାନ କରିବା ଜରୁରି ହୋଇପଡିଛି। ଅପରପକ୍ଷରେ ଖପରାଖାଇ-ପଞ୍ଚୁପଲୀ ବନ୍ୟାସୁରକ୍ଷା ବନ୍ଧର ପଞ୍ଚୁପଲୀ-କରଡାପାଳ-ହରିଡାପାଳ-ସିଆପଡା-ଟୋଲଙ୍ଗପଡା ନିକଟରେ ବନ୍ଧର ଦୁଇପାଶ୍ୱର୍ ଅତଡ଼ା ଖସିଯାଇଥିବାରୁ ଚଳିତ ବର୍ଷର ଆସନ୍ନ ବନ୍ୟାଜଳ ପଶି ପୁଣି ୬ ଗୋଟି ପନଚାୟତକୁ କ୍ଷତି ପହନଚାଇବା ସ୍ପଷ୍ଟ ହୋଇଯାଇଛି। ଏଣୁ ଜଳସମ୍ପଦ ବିଭାଗ ପକ୍ଷରୁ କ୍ଷୟକ୍ଷତି ହୋଇଥିବା ବନ୍ୟା ସୁରକ୍ଷା ବନ୍ଧ ଓ ଘାଇମୁକୁଳା ସ୍ଥାନରେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



## ହାତୀ ଶାବକଙ୍କ ସୁରକ୍ଷା ପାଇଁ ଜାରିହେଲା ମାର୍ଗଦର୍ଶିକା

# ବେତନଟୀ ରେଞ୍ଜରେ ଚିହ୍ନଟ ହେଲା ୨ଶହରୁ ଊର୍ଦ୍ଧ୍ୱ ଡଗ୍‌ୱେଲ

**ଅସୁରକ୍ଷିତ କୂଅ ଚାରିପାଖରେ ହେବ ସୁରକ୍ଷା ପାଚେରି**

ବେତନଟୀ, ୨୧।୭(ସମିସ): ହାତୀ ସୁରକ୍ଷା ପାଇଁ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ପୂର୍ବରୁ ଜାରି ହୋଇଛି; ହେଲେ ଏବେ ଶାବକମାନଙ୍କ ସୁରକ୍ଷା ନେଇ ଜଙ୍ଗଲ ବିଭାଗ ପକ୍ଷରୁ ନୂତନ ମାର୍ଗଦର୍ଶିକା ଜରି ହେବାପରେ ତତ୍ପର ହୋଇଉଠିଛି ବନ ବିଭାଗ। ବେତନଟୀ ରେଞ୍ଜରେ ବର୍ଷତମାମ ହାତୀପଲର ଚଳପ୍ରଚଳ ଲାଗି ରହୁଥିବାବେଳେ ସେମାନଙ୍କ ସୁରକ୍ଷା ଏବଂ ଅବାଧ ଚଳପ୍ରଚଳ ସାଙ୍ଗକୁ ଧନଜୀବନ ସୁରକ୍ଷା ନେଇ ବନ ବିଭାଗକୁ ନାକେଦମ ହେବାକୁ ପଡ଼ିଥାଏ। ତେବେ ବେତନଟୀ ରେଞ୍ଜରେ ବର୍ଷତମାମ ହାତୀପଲଙ୍କ ଚଳପ୍ରଚଳକୁ ଦୃଷ୍ଟିରେ ରଖି ରେଲପଥ ଏବଂ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ସତର୍କ ସୂଚନା ସାଙ୍ଗକୁ ବିଦ୍ୟୁତ ସରବରାହରେ ବିଶେଷଭାବେ ପରିବର୍ତ୍ତନ ଅଣାଯାଇଛି। ସେହିଭଳି ହାତୀ ଶାବକମାନଙ୍କ ସୁରକ୍ଷା ନେଇ ନୂତନ ମାର୍ଗଦର୍ଶିକା ଜାରି ହୋଇଛି। ହାତୀ ଚଳାପଥରେ ରହିଥିବା ଗାଁଗୁଡ଼ିକରେ ଡଗୱେଲ, ଡିପୱେଲ ସମେତ ସମସ୍ତ ଅସୁରକ୍ଷିତ ତଥା ଖୋଲା କୂଅଗୁଡ଼ିକର ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ବେତନଟୀ ରେଞ୍ଜ ଅଧୀନ ୪ଟି ସେକ୍ସନର ୧୩ଟି ବିଟ୍‌ହାଉସ ଅଞ୍ଚଳରେ ଥିବା ସମସ୍ତ ଡଗୱେଲ, ଡିପ୍‌ୱେଲ ସମେତ ସମସ୍ତ ଖୋଲା କୂଅଗୁଡ଼ିକର ଚିହ୍ନଟ ସହିତ ସେଗୁଡ଼ିକର ଜିପିଏସ ତଥ୍ୟ ସମ୍ବଳିତ ଫଟୋ ସଂଗ୍ରହ କରାଯାଉଛି। ବର୍ତ୍ତମାନ ସୁଦ୍ଧା ବେତନଟୀ ବିଟ୍ ଅଧୀନରେ ୯ଟି, ନଡପୁରରେ ୧୫ଟି, ଯୁଗୋଳରେ ୧୮ଟି, ଦୁର୍ଗାପୁରରେ ୨୦ଟି, ବାମଡାରେ ୫ଟି, କୃଷ୍ଣଚନ୍ଦ୍ରପୁରରେ ୬ଟି, ତୁଙ୍ଗାଧୁଆରେ ୨ଟି, ପାଉଶିଆରେ ୪୬ଟି, ବଡାମପୁରରେ ୨୩ଟି, ସରଡିହାରେ ୬ଟି, ଗଡ଼ିଗାଁରେ ୧୪ଟି ଏବଂ ଠାକୁରତୋରରେ ୧୨ଟି ଏହିପରି ଶନିବାର ସୁଦ୍ଧା ୧୩ଟି ବିଟ୍ ମଧ୍ୟରୁ ୧୨ଟି ବିଟ୍‌ରେ ୧୭୬ଟି ଡଗୱେଲ, ଡିପୱେଲ ଭଳି ଖୋଲା କୂଅ ଚିହ୍ନଟ କରାଯାଇଛି। ବୈଶିଙ୍ଗା ବିଟ୍ ଅଧୀନରେ ଏହି ଚିହ୍ନଟ ପ୍ରକ୍ରିୟା ଚାଲୁରହିଥିବା ବେଳେ ଗଣତି ପ୍ରକ୍ରିୟା ଚୂଡାନ୍ତ ହେବାପରେ ଏହି ସଂଖ୍ୟା ୨ଶହରୁ ଅଧିକ ହେବ ବୋଲି ବନବିଭାଗ ଆକଳନ କରିଛି। ଚିହ୍ନଟପରେ ସେଗୁଡ଼ିକୁ ପାଚେରି କରାଯାଇ ଘେରାଯିବ। ଯଦ୍ଦ୍ୱାରା ହାତୀଶାବକ ଉକ୍ତ ଅସୁରକ୍ଷିତ ଗଭୀର ଜଳଉତ୍ସଗୁଡ଼ିକରେ ଖସି ପଡ଼ିଲେ ଆଉ ଜୀବନ ପ୍ରତି ବିପଦ ସୃଷ୍ଟିର ଆଶଙ୍କା ରହିବନାହିଁ। ଗତ ୩ ତାରିଖ ଭୋରୁ ବେତନଟୀ ରେଞ୍ଜ ଅଧୀନ ଅଶନବଣି ଗାଁ ଦେଇ ଯାଇଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଶାଖା କେନାଲରେ ପଡ଼ିଯାଇଥିବା ୬ ମାସର ହାତୀ ଶାବକକୁ ଉଦ୍ଧାର କରିବାରେ ବନବିଭାଗକୁ ନାକେଦମ ହେବାକୁ ପଡ଼ିଥିଲା। ହାତୀ ଶାବକଙ୍କ ସୁରକ୍ଷା ଦୃଷ୍ଟିରୁ ଜାରି ହୋଇଥିବା ମାର୍ଗଦର୍ଶିକା ଅନୁଯାୟୀ ବନବିଭାଗ ତତ୍ପରତାର ସହିତ କାମ ଆରମ୍ଭ କରିଛି। ଏହି କାର୍ଯ୍ୟରେ ବେତନଟୀର ରେଞ୍ଜର ମନୁଓ୍ୱର ଖାଁଙ୍କ ତତ୍ତ୍ୱାବଧାନରେ ବନପାଳ, ବନରକ୍ଷୀ, ପାରା ବନକର୍ମଚାରୀ, ଗଜସାଥୀ ପ୍ରମୁଖ ନିୟୋଜିତ ହୋଇଛନ୍ତି।





## କୁମ୍ଭିର୍ଦା ଛକ-ଆଦିପୁର ମୁଣ୍ଡାସାହି ରାସ୍ତା ବିପର୍ଯ୍ୟସ୍ତ



ଖୁଣ୍ଟିଂ, ୨୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ ଅନ୍ତର୍ଗତ କୁମ୍ଭିର୍ଦା ଛକରୁ ଆଦିପୁର ମୁଣ୍ଡାସାହି ଦେଇ ମହାନ୍ତସାହିକୁ ଯାଇଥିବା ମୋରମ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତା ସାମାନ୍ୟ ବର୍ଷାରେ ବଡ ବଡ ଖାଲ ସୃଷ୍ଟି ହୋଇଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲଗୁଡ଼ିକରେ ପାଣି ଭର୍ତ୍ତି ହୋଇ ରହିଥିବାରୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ପ୍ରତିଦିନ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭରଶୀଳ ହୋଇଥିଲେ ସୁଦ୍ଧା ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିପଡୁନାହିଁ। ଫଳରେ କାଦୁଅ ପଚପଚରେ ଯିବାଆସିବା କରୁଛନ୍ତି। ବିଶେଷକରି ଛାତ୍ରଛାତ୍ରୀ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ଅନୁରୂପ ଭାବେ ଆଦିପୁର ଗ୍ରାମର ଚଟିରିସାହି ଛକଠାରୁ ମହାନ୍ତସାହିକୁ ଲମ୍ବିଥିବା ରାସ୍ତା ମଧ୍ୟ ବିପଦସଂକୁଳ ହୋଇଛି। ତେଣୁ ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ରାସ୍ତାକୁ ତୁରନ୍ତ ମରାମତି କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ



ବାରିପଦା, ୨୧।୭(ସମିସ): ରବିବାର ତୁଳସୀଚଉରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁବାଟିକା ବିଭାଗ ଦ୍ୱାରା ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମିତି ସଭାପତି ଗଙ୍ଗାଧର ବେହେରାଙ୍କ ସମ୍ମିଳନୀରେ ପୌରୋହିତ୍ୟ କରିବା ସହିତ ସୁଚିନ୍ତିତ ମାର୍ଗଦର୍ଶନ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଡୁଭିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପତିତପାବନ ଦତ୍ତ ଯୋଗଦେଇ ଶିଶୁଶିକ୍ଷାରେ ମାଆମାନଙ୍କ ଭୂମିକାର ବିଭିନ୍ନ ଦିଗ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଧୀର କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁମା' ଅପର୍ଣ୍ଣା ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଗୁରୁଜୀ ବିଷ୍ଣୁଚରଣ ମହାନ୍ତ, ସମ୍ପାଦକ ଶୁଭେନ୍ଦୁ କୁମାର ପାଲ, ଆଚାର୍ଯ୍ୟା ଦୀପ୍ତିପ୍ରଭା କୁଁଅରବାବୁ, ସବିତା ଘୋଷ, ମାଣିକେଶ୍ୱରୀ କୁଁଅର ଓ ଯାମିନୀପ୍ରଭା ଗିରି ଗୁରୁମା କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ।

## ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଡ. ସରୋଜ ନାୟକ ସମ୍ବର୍ଦ୍ଧିତ



ବାରିପଦା, ୨୧।୭(ସମିସ): ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷକ ମହାବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ପ୍ରଫେସର ଡ. ସରୋଜ ନାୟକଙ୍କୁ ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଅନନ୍ତ ବଳିଆ ଟ୍ରଷ୍ଟ ତରଫରୁ ସହିଦ ସ୍ମୃତି ଭାବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ମାନ ପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ସେ ବାରିପଦାରେ ଦୀର୍ଘ ଦିନର ଶିକ୍ଷକ ଜୀବନରେ ବହୁ ଗରିବ, ଅସହାୟ ଗ୍ରାମୀଣ ଓ ବସ୍ତି ବାସିନ୍ଦା ଛାତ୍ରଛାତ୍ରୀଙ୍କୁ ବିନା ମୂଲ୍ୟରେ ଶିକ୍ଷା ପ୍ରଦାନ କରିଛନ୍ତି। ମୟୂରଭଞ୍ଜର ଛାତ୍ରଛାତ୍ରୀଙ୍କୁ ସିଭିଲ ସର୍ଭିସ ପ୍ରସ୍ତୁତି ପାଇଁ ସବୁପ୍ରକାର ସହଯୋଗ କରିଆସୁଛନ୍ତି। ସେହିପରି କରୋନା ସମୟରେ ଜାତୀୟ ଯୁବ ପ୍ରକଳ୍ପ ସହ ମିଶି ଶହ ଶହ ପରିବାରଙ୍କ ଘରକୁ ଘର ଯାଇ ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ଅନଲାଇନ ଓ ଅଫଲାଇନ ପାଠ ପଢ଼ାଇ ସମାଜ ପାଇଁ ଏକ ପ୍ରେରଣା ସାଜିଛନ୍ତି।

## ତଥ୍ୟ ଦେଉନି ତହସିଲ ପ୍ରଶାସନ; ଶୁଣାଣି ପାଇଁ ଡାକି ନିରାଶ ହେଲେ ସୂଚନା କର୍ମୀ

ମୋରଡ଼ା, ୨୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡା ତହସିଲର ଚିତ୍ରଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ସୂଚନା ଅଧିକାର କର୍ମୀ ମହେଶ୍ୱର ମହାନ୍ତି ଗତ ମେ ମାସରେ ଆରଟିଆଇ ଆକ୍ଟ ଅନୁସାରେ କେତେକ ଆବଶ୍ୟକ ତଥ୍ୟ ମାଗିଥିଲେ; ମାତ୍ର ଧାର୍ଯ୍ୟ ସମୟରେ ତଥ୍ୟ ନ ମିଳିବାରୁ ମୋରଡା ତହସିଲଦାରଙ୍କୁ ସେ ପ୍ରଥମେ ଅପିଲ କରିଥିଲେ। ମୋରଡା ତହସିଲଦାର ଅପିଲର ଶୁଣାଣି ପାଇଁ ଜୁଲାଇ ୧୮ ତାରିଖ ୧୧ଟାରେ ଡାକିଥିଲେ; କିନ୍ତୁ ସୂଚନା ଅଧିକାର କର୍ମୀ ମହେଶ୍ୱର ମହାନ୍ତି ଧାର୍ଯ୍ୟ ସମୟରେ ଶୁଣାଣି ପାଇଁ ମୋରଡା ତହସିଲଦାରଙ୍କ ନିକଟରେ ଉପସ୍ଥିତ ହୋଇଥିଲେ। ପରେ ସେ ଜାଣିବାକୁ ପାଇଥିଲେ ଯେ ପ୍ରଥମ ଅପିଲ କର୍ତ୍ତୃପକ୍ଷ ତହସିଲଦାରଙ୍କ ଦସ୍ତଖତ ବଦଳରେ ଚିଠିରେ ମୋରଡା ବିଡ଼ିଓ ସ୍ୱାକ୍ଷର କରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ବିଡ଼ିଓ ତହସିଲଦାରଙ୍କ କାର୍ଯ୍ୟଭାର ଦାୟିତ୍ୱ ନେଇଛନ୍ତି। ତେବେ ନିଜ ପଦବୀର ମୋହର ଚିଠିରେ ଉଲ୍ଲେଖ କରିବା ଆବଶ୍ୟକ ଥିଲା। ଏଥିସହିତ ଦୀର୍ଘ ଦେଢ ଘଣ୍ଟା ସମୟ ଶୁଣାଣି ପାଇଁ ଅପେକ୍ଷା କରି ଶେଷରେ ନିରାଶ ହୋଇ ଶ୍ରୀ ମହାନ୍ତି ଫେରିଥିଲେ। ତେବେ ମୋରଡ଼ା ବ୍ଲକରେ କାର୍ଯ୍ୟରତ ଥିବା କର୍ମଚାରୀ ତଥ୍ୟ କାହିଁକି ଲୁଚାଉଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

## ପଞ୍ଚାୟତ ସମ୍ପତ୍ତି ନିଲାମ ପୁଣି ସ୍ଥଗିତ



ମୋରଡ଼ା, ୨୧।୭(ସମିସ): ମୋରଡ଼ା ବ୍ଲକର ୨୦ଟି ପଞ୍ଚାୟତର ସମ୍ପତ୍ତି ନିଲାମ ପାଇଁ ପ୍ରଶାସନ ତରଫରୁ ଜୁଲାଇ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ କୌଣସି କାରଣ ହେତୁ ସମସ୍ତ ପଞ୍ଚାୟତର ବିଭିନ୍ନ ଜିନିଷ ନିଲାମ ହୋଇପାରିଲା ନାହିଁ। ଫଳରେ ବ୍ଲକ ପ୍ରଶାସନ ପୁଣି ନିଲାମ ପାଇଁ ଜୁଲାଇ ୧୮ରୁ ୨୦ତାରିଖ ପର୍ଯ୍ୟନ୍ତ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଚିଠି କରିବା ସହିତ ଗାଁରେ ଡେଙ୍ଗୁରା ଦିଆଯାଇଥିଲା। ତେବେ ଜିପିଓ ପ୍ରସନ୍ନ ମହାନ୍ତଙ୍କ ସୂଚନା ମୁତାବକ ଆଜି ଚିତ୍ରଡା ପଞ୍ଚାୟତ ଦାୟିତ୍ୱରେ ଜିପିଓ ପ୍ରସନ୍ନ ମହାନ୍ତ ଥିବାବେଳେ ଦୁର୍ଗାପୁର ପଞ୍ଚାୟତ ଦାୟିତ୍ୱରେ ବ୍ଲକ ମଙ୍ଗଳ ଅଧିକାରୀ ହରିରାମ ମୁର୍ମୁ, ପଳାସମୁଣ୍ଡୁଳି ପଞ୍ଚାୟତ ପାଇଁ ଯନ୍ତ୍ରୀ ଆରତୀବାଳା ଧଳ, କୋହି ପଞ୍ଚାୟତରେ କନିଷ୍ଠ ଯନ୍ତ୍ରୀ ଅଶ୍ୱିନୀ କୁମାର ମହାନ୍ତ, ହଳଦୀପାଳ ପଞ୍ଚାୟତ ଦାୟିତ୍ୱରେ ଭଣ୍ଡା ସେକ୍ସନ କର୍ମଚାରୀ ସଲମା ମୁର୍ମୁ, ଭାଲିଆଡିହା ଦାୟିତ୍ୱରେ କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ସାହୁ, ଦାନ୍ତିଆମୁହାଁ ପଞ୍ଚାୟତ ଦାୟିତ୍ୱରେ କନିଷ୍ଠ ଯନ୍ତ୍ରୀ ଶ୍ରୀମାନ୍ତ ସେଠୀ ଏବଂ ନୂଆଗାଁ ପଞ୍ଚାୟତ ଦାୟିତ୍ୱରେ ଏପିଇଓ ଆଲୋକ ଦାସ ନୋଡାଲ ଅଫିସର ଭାବରେ ରହିଛନ୍ତି। ତେବେ କିଛି ପଞ୍ଚାୟତରେ ନିଲାମ ସ୍ଥଗିତ ପାଇଁ ଗଣ୍ଡଗୋଳ ହୋଇଥିବାବେଳେ ଅନ୍ୟ କିଛି ପଞ୍ଚାୟତରେ କେହି ବି ଭାଗ ନେବା ପାଇଁ ଆସିନଥିବା ବ୍ଲକ ମଙ୍ଗଳ ଅଧିକାରୀ ହରିରାମ ମୁର୍ମୁ କହିଛନ୍ତି।

## ନଳଗଜା କଲେଜରେ ଏନ୍‌ସିସି କ୍ୟାଡେଟଙ୍କୁ ସମ୍ବର୍ଦ୍ଧନା



ମୋରଡ଼ା, ୨୧।୭(ସମିସ): ରାସଗୋବିନ୍ଦପୁର ବ୍ଲକ ଉପେନ୍ଦ୍ରନାଥ ଡିଗ୍ରୀ କଲେଜରେ ଦ୍ୱିତୀୟ ବର୍ଷ ଏନସିସି କ୍ୟାଡେଟ ରାଜେନ୍ଦ୍ର ସାହୁଙ୍କୁ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେ ଜୁନ ୩୧ ତାରିଖରେ ତାମିଲନାଡୁର ତିରଚରାପଲ୍ଲୀକୁ ଓଲ ଇଣ୍ଡିଆ ଫାଇଟିଂ କ୍ୟାମ୍ପ ତଥା ଆଇଡିଏସଏସସି ଶିବିରରେ ଓଡ଼ିଶାର ୧୪ତମ କେନ୍ଦୁଝର ବାଟାଲିୟନ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେ ୬ ତାରିଖରୁ ୧୧ ପର୍ଯ୍ୟନ୍ତ ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ସେଠାରେ ସେ ଦେଶର ୧୭ଟି ଡାଇରେକ୍ଟର ମଧ୍ୟରେ ଓଡ଼ିଶାକୁ ଦ୍ୱିତୀୟ ସ୍ଥାନକୁ ଆଣି ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ଫାଇଟିଂ ପ୍ରତିଯୋଗିତାରେ ରାଜେନ୍ଦ୍ର ଗୋଆ ଡ଼ାଇରେକ୍ଟର ସହ ଅଳ୍ପ ପଏଣ୍ଟରେ ପରାଜୟ ହୋଇ ରନର୍ସ ଅପ ହୋଇଥିଲେ। ଏହି ସଫଳତା ତାଙ୍କର ଟ୍ରେନର ସୁବେଦାର ବାବୁରାମ ଥାପାଙ୍କୁ ଶ୍ରେୟ ଦେଇଛନ୍ତି। କ୍ୟାମ୍ପରେ ପୁରସ୍କୃତ ହୋଇ ଶ୍ରୀ ସାହୁ ୧୯ ତାରିଖରେ ଉପେନ୍ଦ୍ର ନାଥ ଡିଗ୍ରୀ କଲେଜରେ ପହଞ୍ଚିବା ପରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ୫ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବଡ଼ତାଳିମା/ତିରିଂ, ୨୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗ ବ୍ଲକର ୫ ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେମାନେ ହେଲେ ହେସେଲ ଡିହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ଚକ୍ର ସାହୁ, ଦେଓଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଓନାଚରଣ ମାରେଣ୍ଡି, ମାତକମ୍ ଡିହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯଦୁମଣି ଗିରି, ତୁଡକାମ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମ୍ଭକାର ଓ ନାଣ୍ଡୁଆ ପ୍ରାଥମିକ ବିଦ୍ୟାଳୟର ଶାଖ ମାଝି। ଏହି ଅବସରରେ ତିରିଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମନ୍ତ କୁମାର ମହାନ୍ତି ଯୋଗ ଦେଇ ସମସ୍ତ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ବଡ ନାରାୟଣୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶଚନ୍ଦ୍ର ରାଜଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରି କ୍ଲଷ୍ଟରର ସିଆରସିସି ମନୋରଞ୍ଜନ ପାତ୍ର ସଭା ଓ ଛୋଟ ସୋରେନ ମଞ୍ଚ ପରିଚାଳନା କରିଥିଲେ। ବରୁଣ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ଅଘୋଷିତ ବିଦ୍ୟୁତ୍ କାଟ୍; ଗୁଳୁଗୁଳିରେ ଲୋକେ ଆଉଟପାଉଟ

ମୋରଡ଼ା, ୨୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା, ରାସଗୋବିନ୍ଦପୁର ଏବଂ ଶୁଳିଆପଦା ବିଦ୍ୟୁତ ସେକ୍ସନରେ ଏବେ ବିନା ସୂଚନାରେ ବାରମ୍ବାର ବିଦ୍ୟୁତ କାଟ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କୌଣସି ସୂଚନା ନ ଥାଇ ପ୍ରତିଦିନ ସକାଳୁ ସନ୍ଧ୍ୟା ଭିତରେ ବାରମ୍ବାର ବିଦ୍ୟୁତ କାଟ ହେଉଛି। ଏହି ସେବା ଟାଟା ପାୱାରକୁ ହସ୍ତାନ୍ତର ହେବା ପରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତି କୌଣସି ଦିନ ନାହିଁ କେଉଁଦିନ ସକାଳୁ ବିନା ସୂଚନାରେ ସମସ୍ତ ସେକ୍ସନରେ ସକାଳୁ ରାତି ଭିତରେ ୧୦ରୁ ୧୫ ଥର ବିଦ୍ୟୁତ କାଟ ହେଉନାହିଁ। ବ୍ଲକର ମୁଖ୍ୟ ପଞ୍ଚାୟତ ଗୁଡ଼ିକୁ ଛାଡିଦେଲେ ଅନ୍ୟ ଗାଁ ଗୁଡ଼ିକର ଅବସ୍ଥା ନ କହିବା ଭଲ। ଫଳରେ ଜନସାଧାରଣ ଗୁଳୁଗୁଳିରେ ହନ୍ତସନ୍ତ ହେଉଛନ୍ତି। ବିଦ୍ୟୁତକାଟ ହେଲାପରେ ଟାଟା ପାୱାରର କନିଷ୍ଠ ଯନ୍ତ୍ରୀ ଏବଂ ଏସଡିଓଙ୍କୁ ଯୋଗାଯୋଗ କଲେ ୩୩ ଫେଲ ହେବା କଥା କହୁଥିବା ବେଳେ ଅନ୍ୟ କେତେକ ସମୟରେ ବର୍ଷା ଯୋଗୁଁ ଲାଇନ କାଟ ହେଉଥିବା କହି ଏଡାଇଯାଉଛନ୍ତି ବୋଲି କହିଛନ୍ତି ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସେକ ମୁସ୍ତାଫା। ତେବେ ସବୁଠାରୁ ଦୁଃଖର ବିଷୟ ହେଲା ଯେ, ମୋରଡ଼ା ନିର୍ବାଚନ ମଣ୍ଡଳୀଟି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ହୋଇଥିବାବେଳେ ଲୋକେ ଏତେ ହଇରାଣ ହେଉଛନ୍ତି ଯେ ନ କହିବା ଭଲ। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ତିଳେମାତ୍ର ଦୃଷ୍ଟି ପଡୁନାହିଁ। ଯଦି ଆଗାମୀ ଦିନରେ ଏହି ସମସ୍ୟା ଯଦି ତୁରନ୍ତ ସମାଧାନ ନ ହୁଏ ତେବେ ଚିତ୍ରଡା ଅଞ୍ଚଳର ଜନସାଧାରଣ ଏକଜୁଟ ହୋଇ ଦଳମତ ନିର୍ବିଶେଷରେ ଇଲେକ୍ଟ୍ରି ବିଭାଗ ତଥା ଟାଟା ପାୱାର ଅଫିସକୁ ଘେରଉ କରିବା ସହ ବିଭାଗୀ ଅଧିକାରୀଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି କହିଛନ୍ତି ଅଶୋକ ଦାସ, ପ୍ରଶାନ୍ତ ଜେନା, ପିଣ୍ଟୁ ବାରିକ, ବୁଲୁ ମହାନ୍ତ ସମେତ ବହୁ ଜନସାଧାରଣ।



## ନୂଆସାହି ବଜାର ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ; ତେଜୁଛି ଅସନ୍ତୋଷ

କପ୍ତିପଦା, ୨୧।୭(ସମିସ): କପ୍ତିପଦାରୁ ମାତ୍ର ୩ କିମି ଦୂର ନୂଆସାହି ବଜାର, କପ୍ତିପଦା-ଶରତ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ବଜାରର ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୂର୍ବରୁ ଚାଷଜମିରୁ ପାଣି ନିଷ୍କାସନ ପାଇଁ ଏକ ଡ୍ରେନେଜ ବ୍ୟବସ୍ଥା ଥିଲା; ମାତ୍ର ଏହି ଡ୍ରେନ ନୟନଜୋରିରୁ ଯାଇ ଚାଷଜମି ଦେଇ ନିଷ୍କାସନ ହେଉଥିଲା। ଦୀର୍ଘ ବର୍ଷ ପରେ ଜଣେ ଦୋକାନୀ ସେହି ଜମିକୁ କିଣିନେଇ ଦୁଇ ମହଲା କୋଠା କରି ଡ୍ରେନକୁ ପୋତି ଦେଇଥିଲେ। ଫଳରେ ଚାଷଜମିରୁ ଆସୁଥିବା ପାଣି ରାସ୍ତା ଉପରେ ଲହଡ଼ି ମାରିବା ସହ ଘରେ ଭିତରେ ପାଣି ପଶିଲା। ଏ ନେଇ ସ୍ଥାନୀୟ ବାସିନ୍ଦା ରାସ୍ତାରୋକ କରିବାରୁ ତହସିଲଦାର ପହଞ୍ଚି ପୂର୍ତ୍ତ ବିଭିଗ ରାସ୍ତା କଡ଼ରେ ଅସ୍ଥାୟୀ ଭାବେ ପାଣି ନିଷ୍କାସନ କରାଇଥିଲେ। ପାଣି କିଛି ପରିମାଣରେ କମିଥିଲେ ମଧ୍ୟ ଚାଷଜମିରେ ପାଣି ଜମି ରହୁଥିବାରୁ ଗତବର୍ଷ ଚାଷଜମି ପଡ଼ିଆ ରହିଥିଲା। ଇତିମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଇନାହିଁ। ଲଗାଣବର୍ଷରେ ଚାଷଜମି ବୁଡି ଯିବାରୁ ଚାଷୀ ବାଧ୍ୟ ହୋଇ ଗତବର୍ଷର ସେହି ଡ୍ରେନକୁ ଜେସିବି ସାହାଯ୍ୟରେ ଖୋଳି ପାଣି ନିଷ୍କାସନ କରାଇଛନ୍ତି। ଫଳରେ ରାସ୍ତା ଉପରେ କୁଢକୁଢ ଆବର୍ଜନା ପଡ଼ିରହିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ଯାନବାହନ ଯାତାୟାତ କରୁଥିବା ବେଳେ ସ୍କୁଲ କଲେଜ ଯାଉଥିବା ପିଲାମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ବଜାର ଉପରେ ୧୫ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ଏହାର ବିଭିନ୍ନ ଦିଗକୁ ଲକ୍ଷ୍ୟ କରି ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏ ଯାଏ କିଛି ପ୍ରତିକାର ହୋଇ ପାରିନାହିଁ। ତେବେ ତୁରନ୍ତ ପଦକ୍ଷେପ ନେଇ ପ୍ରଶାସନ ଅଧିକାରୀ ଚାଷୀ ଓ ବଜାରର ସ୍ୱାର୍ଥ ଦୃଷ୍ଟିରୁ ଡ୍ରେନେଜ ନିର୍ମାଣ ପାଇଁ ବ୍ୟବସ୍ଥା କରିବାକୁ ଚାଷୀ ଓ ବଜାର କମିଟି ପକ୍ଷରୁ ଦାବି ହେଉଛି। ଅନ୍ୟଥା ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ଲୋକେ।



## ସ୍କୁଲ ଖୋଲିବାର ୨ ଘଣ୍ଟା ପରେ ବି ପ୍ରଧାନଶିକ୍ଷକଙ୍କ ଦେଖାନାହିଁ

# ଫଟୋ ଉଠାଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ଅଭିଭାବକ



- ଶ୍ରେଣୀ ଗୃହରେ ନ ଥିଲେ ଶିକ୍ଷକ/ଶିକ୍ଷୟିତ୍ରୀ
- ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ହେବ: ଜିଲ୍ଲା ଶିକ୍ଷା ଅଧିକାରୀ

ବୈଶିଙ୍ଗା, ୨୧।୭(ସମିସ): ବେତନଟୀ ବ୍ଲକ ପଣିସଆ ଉପକଣ୍ଠ ଖୁଣ୍ଟାପୁର ଶ୍ରୀସତ୍ୟସାଇ ବିଦ୍ୟାପୀଠରେ ଶନିବାର ସ୍କୁଲ ଖଲିବାର ୨ ଘଣ୍ଟା ପରେ ବି ପ୍ରଧାନ ଶିକ୍ଷକ ସମେତ ଏକାଧିକ ଶିକ୍ଷକ ପହଞ୍ଚି ନ ଥିବାରୁ ଅଭିଭାବକ ଓ ଗ୍ରାମବସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଜିଲ୍ଲା ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସୂଚନା ମୁତାବକ, ଶନିବାର ସକାଳୁଆ ସ୍କୁଲ ସକାଳ ସାଢେ ୬ଟାରୁ ସାଢେ ୧୨ଟା ପର୍ଯ୍ୟନ୍ତ ଶିକ୍ଷାଦାନ ଚାଲିବା କଥା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସକାଳ ସାଢେ ୬ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ନବମ ଓ ଦଶମ ଶ୍ରେଣୀ ପିଲା ସାଢେ ୧୨ଟା ପର୍ଯ୍ୟନ୍ତ ପାଠ ପଢ଼ିବା କଥା। ତେବେ ଖୁଣ୍ଟାପୁରସ୍ଥିତ ଶ୍ରୀସତ୍ୟସାଇ ବିଦ୍ୟାପୀଠରେ ୧ମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଛନ୍ତି। ଶନିବାର ସକାଳୁଆ ସ୍କୁଲ ଥିବାବେଳେ କିଛି ଶିକ୍ଷକ/ଶିକ୍ଷୟିତ୍ରୀ ସ୍କୁଲର ପହଞ୍ଚି ଥିବାବେଳେ ପ୍ରଧାନ ଶିକ୍ଷକଙ୍କ ସମେତ ଅଧିକାଂଶ ଶିକ୍ଷକ ନଥିଲେ। ଆଉ ଯେତେଜଣ ବି ଶିକ୍ଷକ ଥିଲେ ସେମାନେ ମଧ୍ୟ ପିଲାଙ୍କୁ ପଢ଼ାଉ ନ ଥିଲେ। ଶ୍ରୀସତ୍ୟସାଇ ବିଦ୍ୟାପୀଠରେ ଦୀର୍ଘଦିନ ଧରି ଏଭଳି ଅବ୍ୟବସ୍ଥାକୁ ନେଇ ଅତିଷ୍ଠ ଅଭିଭାବକ ଓ ଗ୍ରାମବାସୀ ଶନିବାର ସକାଳ ସାଢେ ୮ଟାରେ ସ୍କୁଲକୁ ଅଚାନକ ପରିଦର୍ଶନରେ ଯାଇଥିଲେ; କିନ୍ତୁ କୌଣସି ଶିକ୍ଷକ ଶ୍ରେଣୀରେ ନ ଥିବାବେଳେ ଦୁଇ ଘଣ୍ଟା ପରେ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ କେତେକ ଶିକ୍ଷକଙ୍କ ଦେଖା ମିଳି ନ ଥିଲା। କେବଳ ଛାତ୍ରଛାତ୍ରୀ ଶ୍ରେଣୀରେ ବସିଥିବା ଫଟୋ ଉଠାଇ ଅଭିଭାବକ ଓ ଗ୍ରାମବାସୀ ବିଧାୟକ ସନାତନ ବିଜୁଳି, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କରଙ୍କ ସମେତ ଷ୍ଟୁଡେଣ୍ଟ ହେଲ୍ପଲାଇନକୁ ଜଣାଇଥିଲେ। ଏନେଇ ବିଇଓ ବିପ୍ଳବ କରଙ୍କୁ ଯୋଗାଯୋଗ କରିବାରୁ ଏହା ହାଇସ୍କୁଲର ଘଟଣା ହୋଇଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିବେ ବୋଲି କହିଛନ୍ତି। ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଯୋଗାଯୋଗ କରିବାରୁ ଦାୟିତ୍ୱରେ ଅବହେଳା କରିଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରାଯିବ ବୋଲି କହିଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୨
- ପାଉଣ୍ଡ ୧୦୮.୧୮
- ୟୁରୋ ୯୧.୦୬
- ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୮୦୦ (ନୂଆଦିଲ୍ଲୀ)
- ରୁପା : ୯୬,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୬୦୪.୦୦
- ନିଫ୍ଟି ୨୪,୫୩୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ବ୍ୟାଙ୍କ ଅଫ୍ ଇଣ୍ଡିଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଓଡ଼ିଶା ଗସ୍ତ




**ଭୁବନେଶ୍ୱର,୨୧।୭ (ସମିସ):** ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ ଉଦ୍ୟୋଗ ବ୍ୟାଙ୍କ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି ଆର୍ ରାଜାଗୋପାଳ ନିକଟରେ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗତ ୧୯ ତାରିଖରେ ବ୍ୟାଙ୍କ ପକ୍ଷରୁ ସାରା ଦେଶରେ କିଷାନ ଦିବସ ପାଳନ କରାଯାଇଥିଲା ବେଳେ ଶ୍ରୀ ରାଜାଗୋପାଳ ଭୁବନେଶ୍ୱରସ୍ଥିତ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମେତ ବାରିପଦା,ଭୁବନେଶ୍ୱର,କେନ୍ଦୁଝର ଏବଂ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ଓଡ଼ିଶାରେ ବ୍ୟାଙ୍କ ଅଫ ଇଣ୍ଡିଆର ୫୧୦୦ ରୁ ଅଧିକ ଶାଖା କାର୍ଯ୍ୟ କରୁଥିଲା ବେଳେ ବ୍ୟାଙ୍କର ମୋଟ ବ୍ୟାବସାୟିକ କାରବାର ପରିମାଣ ୧୩.୬ ଲକ୍ଷ କୋଟି ଟଙ୍କା ଛୁଇଁଛି। କିଷାନ ଦିବସ ପାଳନର ମୁଖ୍ୟ କାର୍ଯ୍ୟକ୍ରମ ପିପିଲିସ୍ଥିତ ଆଡଭେଞ୍ଚର ରିସର୍ଟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦୦ ସ୍ୱୟଂ ସହାୟକ ଗୋଷ୍ଠୀର ହିତାଧିକାରୀଙ୍କୁ ୬୦ କୋଟିର ଋଣ ମଞ୍ଜୁର କରାଯାଇଥିଲା। ସେହିପରି ୧୬୦ ହିତାଧିକାରୀଙ୍କୁ ୨୦ କୋଟିର ଖୁଚୁରା ଋଣ ଏବଂ ୫୫ ଜଣ ହିତାଧିକାରୀଙ୍କୁ ୭୦ କୋଟିର ଏସଏମଇ ଋଣ ପ୍ରଦାନ କରାଯାଇଥିଲା। ଅତ୍ରପକ୍ଷରେ ବ୍ୟାଙ୍କର ସିଏସଆର୍ କାର୍ଯ୍ୟକ୍ରମରେ ଦୃଷ୍ଟିହୀନ ସଂଘକୁ ୨୦୦ଟି ବ୍ଲାଇଣ୍ଡ ଷ୍ଟିକ୍ ପ୍ରଦାନ କରାଯାଇଥିଲା।

‘ଉନ୍ନତି-୨୦୨୪’ ଉଦ୍ୟୋଗପତି ସମ୍ମିଳନୀ

# ‘କ୍ଷୁଦ୍ର ଉଦ୍ୟୋଗୀଙ୍କ ପାଇଁ ବଜେଟରେ ହେବ ସ୍ୱତନ୍ତ୍ର ବ୍ୟବସ୍ଥା’

**ଭୁବନେଶ୍ୱର, ୨୧।୭ (ସମିସ)**

ଆଗାମୀ ଦିନରେ କ୍ଷୁଦ୍ର ଏବଂ ଛୋଟ ଉଦ୍ୟୋଗୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସୁବିଧା ସୁଯୋଗ ଦିଆଯିବ। ବିଶେଷକରି ଓଡ଼ିଶାରେ ଏମଏସଏମଇ ମାଧ୍ୟମରେ କିଭଳି ନିଯୁକ୍ତି ବୃଦ୍ଧି କରାଯାଇପାରିବ ସେ ବିଷୟରେ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ରବିବାର ‘ଉନ୍ନତି-୨୦୨୪’ ବାର୍ଷିକ ଉଦ୍ୟୋଗପତି ସମ୍ମିଳନୀରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ଭୁବନେଶ୍ୱରସ୍ଥିତ ହୋଟେଲ ମେ ’ଫେୟାରଠାରେ ୱସେମି ଖୋର୍ଦ୍ଧା ଚାପ୍ଟର ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ମନ୍ତ୍ରୀ ରବିନାରାୟଣ କହିଛନ୍ତି, ବିଗତ ଦିନରେ ଓଡ଼ିଆ ପୁଅ ଜାଭା ଓ ସୁମାତ୍ରା ଭଳି ଦେଶରେ ବାଣିଜ ବ୍ୟବସାୟ କରିବାକୁ ଯାଉଥିଲେ। ସେଠାରେ ବ୍ୟବସାୟ କରି ଅର୍ଥ ଉପାର୍ଜନ କରି ଓଡିଶା ପାଇଁ ଆଣୁଥିଲେ। କିନ୍ତୁ ଏବେ ଓଡ଼ିଆ ପୁଅ ରୋଜଗାର ପାଇଁ ବାହାର ରାଜ୍ୟକୁ ଯାଉଛି। ଓଡ଼ିଆ ପୁଅଙ୍କୁ ଓଡ଼ିଶାରେ ନିଯୁକ୍ତି ସୁଯୋଗ ଦେବା କ୍ଷେତ୍ରରେ ଛୋଟ ଛୋଟ ଉଦ୍ୟୋଗପତିଙ୍କ ଭୂମିକା ଯଥେଷ୍ଟ ରହିଛି। ଏହି ଲକ୍ଷ୍ୟରେ ରାଜ୍ୟ ସରକାର ବଜେଟରେ ଉଦ୍ୟୋଗପତିମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ଯୋଜନା ଆଣିବାକୁ ନିଷ୍ପତ୍ତି ନେଉଛନ୍ତି। ରାଜ୍ୟର ଅଣୁ ଓ ମଧ୍ୟମ ଶିଳ୍ପ କ୍ଷେତ୍ରକୁ ନେଇ ନୂଆ ଯୋଜନା ପ୍ରସ୍ତୁତ କରିବାକୁ ୱସେମିର ଅଧ୍ୟକ୍ଷ ଗୌରହରି ଦାସ ପ୍ରସ୍ତାବ ଦେଇଥିଲା ବେଳେ ଆଗାମୀ ୧ ବର୍ଷ ମଧ୍ୟରେ ଉଦ୍ୟୋଗପତିମାନଙ୍କୁ ସହାୟତା କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ବିବର୍ତ୍ତିତ ସମୟ ଅନୁସାରେ ସମସ୍ତେ ଏକାଠି ହୋଇ ରାଜ୍ୟର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ। ଏବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଏମଏସଏମଇ କ୍ଷେତ୍ରରେ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଉଦ୍ୟୋଗପତିମାନେ ଏହାର ସୁଯୋଗ ନେବା ସହିତ ରାଜ୍ୟରେ କିଭଳି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ସେନେଇ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଶ୍ରୀ




ନାଏକ କହିଥିଲେ। ଏହି ସମ୍ମିଳନୀରେ ଖୋର୍ଦ୍ଧା ଜିଲ୍ଲାର ବହୁ ଛୋଟ ଛୋଟ ଉଦ୍ୟୋଗୀ ଯୋଗ ଦେଇଥିଲେ। ଓରମାସ୍ ଓ ମିଶନ ଶକ୍ତି ଭଳି ଏମଏସଏମଇ ଗୁଡ଼ିକୁ ସରକାରଙ୍କ ପକ୍ଷରୁ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ଦରକାର ବୋଲି କିଛି ଉଦ୍ୟୋଗପତି କହିଥିଲେ। ଏହା ସହିତ ମହିଳା ଉଦ୍ୟୋଗୀମାନଙ୍କୁ ମଧ୍ୟ ପ୍ରୋତ୍ସାହନ ଦିଆଯିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ସେମାନେ ମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରପ୍ତାନୀ ପ୍ରୋତ୍ସାହନ ଓ ମାର୍କେଟିଂ ନିର୍ଦ୍ଦେଶକ ବିମଳେନ୍ଦୁ ରାୟ, ଏମଏସଏମଇର କଟକ ଡିଏଫଓ ପି.କେ ଗୁପ୍ତା, ୱସେମି ଖୋର୍ଦ୍ଧା ଚାପ୍ଟରର ମହିଳା ୱିଇଙ୍ଗର ସେକ୍ରେଟେରୀ ବିନ୍ଧ୍ୟା ବୈଶାନୀ ଜେନା , ଜିଇଏମର ସଦସ୍ୟ ଶୈଳେନ୍ଦ୍ର ସେଠୀଙ୍କ ସହ ଅନ୍ୟ ବହୁ ପଦାଧିକାରୀ ଯୋଗ ଦେଇଥିଲେ।

ଇକ୍ୱିଟିକୁ ନେଇ ଏଫପିଆଇଙ୍କ ଚାହିଦା ବୃଦ୍ଧି ଜାରି

# ଜୁଲାଇରେ ନିବେଶ ପରିମାଣ ୩୦,୭୭୧ କୋଟିକୁ ବୃଦ୍ଧି

**ମୁମ୍ବଇ,୨୧।୭ (ଏଜେନ୍ସି)**

ଆସନ୍ତା ୨୩ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବାକୁ ଯାଉଛି। ଏହାକୁ ନେଇ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ନିବେଶକଙ୍କ ପର୍ଯ୍ୟନ୍ତ ସମସ୍ତେ ଉତ୍ସାହିତ ରହିଛନ୍ତି। ବିଶେଷକରି ଅନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ଭାରତର ଆର୍ଥିକ ଅଭିବୃଦ୍ଧି ସ୍ଥିତି ଉନ୍ନତ ରହିବା ସହିତ ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ୭ ପ୍ରତିଶତ ଅଭିବୃଦ୍ଧି ହାସଲ ନେଇ ବହୁ ପ୍ରମୁଖ ଏଜେନ୍ସି ଆକଳନ କରିଥିଲା ବେଳେ କେନ୍ଦ୍ର ସରକାର ୨୦୨୪-୨୫ ବଜେଟ୍‌ରେ ଅଭିବୃଦ୍ଧିଶୀଳ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଏହିକ୍ରମରେ ବିଦେଶୀ ପୋର୍ଟଫୋଲିଓ ନିବେଶକାରୀ(ଏଫପିଆଇ) ମଧ୍ୟ ଉତ୍ସାହିତ ରହିଛନ୍ତି। ବିଶେଷକରି ଭାରତୀୟ ଇକ୍ୱିଟି ବଜାର ପ୍ରତି ବିଦେଶୀ ନିବେଶକାରୀଙ୍କ ଆଗ୍ରହ ବିଗତ କିଛି ଦିନ ମଧ୍ୟରେ ବୃଦ୍ଧି ପାଇଥିଲା ବେଳେ ଗତ ୪ଟି ଶେୟାର କାରବାର ପର୍ଯ୍ୟାୟରେ ୧୧ ହଜାର କୋଟି ଟଙ୍କା ବିନିଯୋଗ କରାଯାଇଛି। ଯଦ୍ଦ୍ୱାରା ଚଳିତ ମାସ ୧୯ ତାରିଖ ସୁଦ୍ଧା ଏଫପିଆଙ୍କ ଦ୍ୱାରା ମୋଟ ନିବେଶ ପରିମାଣ ୩୦ ହଜାର ୭୭୧ କୋଟି ଟଙ୍କାରେ ପହଞ୍ଚିଥିବା କୁହାଯାଇଛି। ଗତ ଜୁନ ମାସରେ ଏଫପିଆଇଙ୍କ ଦ୍ୱାରା ନିବେଶ କରାଯାଇଥିବା ପରିମାଣ ୨୬ ହଜାର ୫୬୫ କୋଟି ଟଙ୍କା ରହିଥିଲା ବେଳେ ଚଳିତ ଜୁଲାଇ ମାସ ତୃତୀୟ ସପ୍ତାହ ସୁଦ୍ଧା ଏହା ୩୦ ହଜାର କୋଟି ଟଙ୍କା ଟପିବା ଭାରତୀୟ ଇକ୍ୱିଟି ବଜାର ପାଇଁ ଲାଭଜନକ ସାବ୍ୟସ୍ତ ହୋଇଥିବା କୁହାଯାଉଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ଲୋକସଭା ନିର୍ବାଚନରେ ବିଜେପି ବିପୁଳ ସଂଖ୍ୟାରେ ଭୋଟ ହାସଲ କରିବା ସହିତ ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଢିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ଦଳ ଏହି ଲକ୍ଷ୍ୟ ହାସଲ କରିବାକୁ ବିଫଳ ହୋଇଥିଲା ବେଳେ ଏହାର ନକରାତ୍ମକ ପ୍ରଭାବ ଶେୟାର ବଜାର ଉପରେ ପଡ଼ିଥିଲା। ଏହାପରେ ନିବେଶକାରୀମାନେ ବିପୁଳ ପରିମାଣର ପୁଞ୍ଜି ପ୍ରତ୍ୟାହାର କରିନେଇଥିଲେ। ତେବେ କେନ୍ଦ୍ରରେ ବିଜେପି ନେତୃତ୍ୱରେ ଏନଡିଏ ସରକାର ଗଢିବା ପରେ ଶେୟାର ବଜାର ସ୍ଥିତିରେ ପରିବର୍ତ୍ତନ ଆସିଥିଲା। ବିଶେଷକରି ଏଫପିଆଇଙ୍କ ଦ୍ୱାରା ନିବେଶ ବଢିବା ପରେ ଉଭୟ ସେନସେକ୍ସ ଏବଂ ନିଫ୍ଟି ସ୍ଥିତିରେ ଉନ୍ନତି ଘଟିଥିଲା। ଏହି ଧାରା ଲାଗି ରହିଥିଲା ବେଳେ ଜୁଲାଇ ସୁଦ୍ଧା ଏଫପିଆଇଙ୍କ ଦ୍ୱାରା କରାଯାଇଥିବା ନିବେଶ ପରିମାଣ ସନ୍ତୋଷଜନକ ରହିଛି। ନିର୍ବାଚନ ଶେଷ ହେବା ପରଠାରୁ ବର୍ତ୍ତମାନ ଯାଏ ବିଦେଶୀ ପୋର୍ଟଫୋଲିଓ ନିବେଶକାରୀ ମୋଟ ୬ ବିଲିୟନ ଡଲାର ପୁଞ୍ଜି ଭାରତୀୟ ବଜାରରେ ନିବେଶ କରିଥିବା କୁହାଯାଇଛି। ୨୦୨୩ କ୍ୟାଲେଣ୍ଡର ବର୍ଷରେ ଯାହାକି ୨୧ ବିଲିୟନ ଡଲାର ରହିଥିଲା।




● ୮ କମ୍ପାନୀଙ୍କ ବଜାରପୁଞ୍ଜିରେ ୨.୧୦ ଲକ୍ଷ କୋଟି ବୃଦ୍ଧି

## ଟିସିଏସ୍, ଏଲଆଇସିର ସର୍ବାଧିକ ଲାଭ

**ମୁମ୍ବଇ,୨୧।୭ (ଏଜେନ୍ସି):** ୨୦୨୪-୨୫ ବଜେଟ୍‌କୁ ନେଇ ନିବେଶକାରୀ ଉତ୍ସାହିତ ରହିଥିଲା ବେଳେ ଭାରତୀୟ ଶେୟାର ବଜାର ମଧ୍ୟ ଉତ୍ସାହଜନକ ରହିଛି। ଗତ ସପ୍ତାହରେ ପ୍ରମୁଖ କମ୍ପାନୀଙ୍କ ଶେୟାର କାରବାର ଉତ୍ତମ ରହିବା ସହିତ ନିବେଶ ପରିମାଣ ବୃଦ୍ଧି ପାଇଛି। ଏହିକ୍ରମରେ ପ୍ରମୁଖ ୮ କମ୍ପାନୀଙ୍କ ବଜାରପୁଞ୍ଜି(ଏମ-କ୍ୟାପ୍)ରେ ଅନ୍ୟୂନ ୨.୧୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ତେବେ ଟିସିଏସ୍ ଏବଂ ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି) ସବୁଠାରୁ ଅଧିକ ଲାଭବାନ ହୋଇଛନ୍ତି। ଟିସିଏସ୍‌ର ବଜାର ପୁଞ୍ଜିରେ ୪୨ ହଜାର ୬୩୯ କୋଟି ଟଙ୍କା ବୃଦ୍ଧି ଘଟି ଏହାର ମୋଟ ପରିମାଣ ୧୫ ଲକ୍ଷ ୫୬ ହଜାର ୭୭୨ କୋଟି ଟଙ୍କାକୁ ବୃଦ୍ଧି ଘଟିଥିଲା ବେଳେ ଏଲଆଇସି ବଜାର ପୁଞ୍ଜି ।।ରେ ୩୬ ହଜାର ୭୪୮ କୋଟି ଟଙ୍କା ବୃଦ୍ଧି ଘଟି ଏହା ୭ ଲକ୍ଷ ୧ ହଜାର ୬୯୫ କୋଟି ଟଙ୍କାରେ ପହଞ୍ଚିଛି। ଅନ୍ୟ କମ୍ପାନୀଙ୍କ ମଧ୍ୟରେ ଇନଫୋସିସ୍‌ର ୩୩ ହଜାର ୫୬୯ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ବଜାର ପୁଞ୍ଜି ୭ ଲକ୍ଷ ୪୪ ହଜାର ୩୬୯, ଏସବିଆଇର ୨୬ ହଜାର ୩୭୨ କୋଟି ବୃଦ୍ଧିରେ ଏହାର ମୋଟ ପରିମାଣ ୭ ଲକ୍ଷ ୯୩ ହଜାର ୫୭୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ହିନ୍ଦୁସ୍ତାନ ୟୁନିଲିଭର କମ୍ପାନୀର ବଜାର ପୁଞ୍ଜିରେ ୨୪ ହଜାର ୪୯୪ କୋଟି ଟଙ୍କା ବୃଦ୍ଧି ଦ୍ୱାରା ଏହାର ମୋଟ ପରିମାଣ ୬ ଲକ୍ଷ ୪୦ ହଜାର ୬୫୧ କୋଟି, ଆଇଟିସିର ୧୯ ହଜାର ୪୨୦ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୫ ଲକ୍ଷ ୯୨ ହଜାର ୬୭୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତୀ ଏୟାରଟେଲର ୧୬ ହଜାର ୨୨୩ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ପରିମାଣ ୮ ଲକ୍ଷ ୩୧ ହଜାର ୯୨୮ କୋଟି, ଆଇସିଆଇସିଆଇ ବ୍ୟାଙ୍କର ୧୦ ହଜାର ୮୬୩ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ପରିମାଣ ୮ ଲକ୍ଷ ୭୮ ହଜାର ୫୩୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ତେବେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବଜାର ପୁଞ୍ଜିରେ ୫୬ ହଜାର ୭୯୯ କୋଟି ହ୍ରାସ ଘଟି ଏହାର ମୋଟ ବଜାର ପୁଞ୍ଜି ୨୧ ଲକ୍ଷ ୩ ହଜାର ୮୨୯ କୋଟି ଟଙ୍କାକୁ ଖସି ଆସିଥିବା ଜଣାପଡ଼ିଛି।

## ଖଣି ଖନନ ଓ ଧାତୁ କ୍ଷେତ୍ରରେ ଶ୍ରେଷ୍ଠ ସ୍ଥାନ ବଜାୟ ରଖିଲା ଟାଟା ଷ୍ଟିଲ୍

**ମୁମ୍ବଇ,୨୧।୭ (ଏଜେନ୍ସି):** ବ୍ରାଣ୍ଡ ଫାଇନାନ୍ସ ରିପୋର୍ଟ-୨୦୨୪ ଅନୁଯାୟୀ ଟାଟା ଷ୍ଟିଲ ଖଣି ଖନନ ଏବଂ ଧାତୁ ଉତ୍ତୋଳନ କ୍ଷେତ୍ରରେ ଶ୍ରେଷ୍ଠ ସ୍ଥାନ ବଜାୟ ରଖିଛି। ମାଇନିଂ ଏବଂ ମେଟାଲ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରମୁଖ ୫ କମ୍ପାନୀଙ୍କ ମଧ୍ୟରେ ଟାଟା ଷ୍ଟିଲ ନିଜର ଶ୍ରେଷ୍ଠ ସ୍ଥାନ ବଜାୟ ରଖିବା ସହିତ ସବୁଠାରୁ ପ୍ରମୁଖ ବ୍ରାଣ୍ଡ ଭାବେ ସ୍ଥାନ ପାଇଛି ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଟାଟା ଷ୍ଟିଲର ବ୍ରାଣ୍ଡ ଭ୍ୟାଲୁରେ ୨୮ ପ୍ରତିଶତ ଅଭିବୃଦ୍ଧି ହେବା ସହିତ ପୂର୍ବ ତୁଳନାରେ ବ୍ୟାବସାୟିକ ପରିମାଣ ୨.୯ ବିଲିୟନ ଡଲାରକୁ ବୃଦ୍ଧି ପାଇଥିବା କୁହାଯାଇଛି। ବିଗତ କିଛି ବର୍ଷ ହେଲା ବିଭିନ୍ନ କାରଣକୁ ନେଇ ବୈଶ୍ୱିକ ସ୍ତରରେ ବାଣିଜ୍ୟିକ କାରବାର ପାଇଁ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏହାସତ୍ତ୍ୱେ ଟାଟା ଷ୍ଟିଲ୍ ନିଜର କାରବାର ବୃଦ୍ଧି କରିବାକୁ ସକ୍ଷମ ହେବା ସହ ନିଜର ବ୍ରାଣ୍ଡ ମୂଲ୍ୟକୁ ଅତୁଟ ରଖିଛି ବୋଲି କମ୍ପାନୀ କହିଛି।




## ଭାରତୀୟ ବଜାରରେ ଅନର୍ ୨୦୦ ସିରିଜ୍

**ଭୁବନେଶ୍ୱର,୨୧।୭ (ସମିସ):** ଭାରତୀୟ ବଜାରରେ ନିଜର ପୋର୍ଟଫୋଲିଓକୁ ବିସ୍ତାର କରିବା ଲକ୍ଷ୍ୟରେ ଅନର୍ ପକ୍ଷରୁ ନୂତନ ସ୍ମାର୍ଟଫୋନ ଅନର ୨୦୦ ସିରିଜ୍‌ର ଶୁଭାରମ୍ଭ ଘୋଷଣା କରାଯାଇଛି। ଅନର୍ ୨୦୦ ପ୍ରୋ ୫ଜି ଓ ଅନର୍ ୨୦୦ ୫ଜି ସାମିଲ ଥିବା ଏହି ନୂତନ ସିରିଜ୍ ଅତ୍ୟାଧୁନିକ ଏଆଇ-ପରିଚାଳିତ କ୍ଷମତା ରଖିଥିଲା ବେଳେ ଉନ୍ନତ ଡିସ୍‌ପ୍ଲେ, ମଜବୁତ ହାର୍ଡୱେୟାର ଅଭିଜ୍ଞତା ପ୍ରଦାନ କରୁଛି। ଅନର୍ ୨୦୦ ପ୍ରୋ ୫ଜି ଦୁଇଟି ରଙ୍ଗ ଓସେନ ସିଆନ ଓ ବ୍ଲାକ୍‌ରେ ଉପଲବ୍ଧ ହେବ ଏବଂ ଏହାର ମୂଲ୍ୟ ୫୭,୯୯୯ ଟଙ୍କା ରହିଥିବା କୁହାଯାଇଛି। ଜୁଲାଇ ୨୦ ତାରିଖ ମଧ୍ୟରାତ୍ରିରୁ ଓଡ଼ିଶାର ମେନ୍‌ଲାଇନ ଷ୍ଟୋରରେ ଏହି ସିରିଜ୍‌ର ବିକ୍ରି ଆରମ୍ଭ ହୋଇଥିଲା ବେଳେ ଜୁଲାଇ ୨୩ ପର୍ଯ୍ୟନ୍ତ ଗ୍ରାହକମାନେ ଏହି ସ୍ମାର୍ଟଫୋନ୍ ୮୦୦୦ ଟଙ୍କାର ତତ୍କାଳ ରିହାତି ସହିତ ହାସଲ କରିପାରିବେ। ଏହାଛଡା ଆଇସିଆଇସିଆଇ ଓ ଏସ୍‌ବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡଧାରକମାନେ ୩୦୦୦ ଟଙ୍କାର ରିହାତି ପାଇପାରିବେ।



୨୦୨୪-୨୫ ପ୍ରଥମ ତ୍ରୈମାସିକ ଫଳାଫଳ

# ଜିଓ ପ୍ଲାଟ୍‌ଫର୍ମ୍ସର ନେଟ୍ ଲାଭରେ ୧୧.୭% ବୃଦ୍ଧି

**ମୁମ୍ବଇ ,୨୧।୭ (ଏଜେନ୍ସି)**

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଅଗ୍ରଣୀ ଡିଜିଟାଲ ସେବା ପ୍ରଦାନକାରୀ କମ୍ପାନୀ ଜିଓ ପ୍ଲାଟଫର୍ମସର ନେଟ ଲାଭ ଗତ ବର୍ଷର ସମାନ ଅବଧି ତୁଳନାରେ ପ୍ରାୟ ୧୧.୭ ପ୍ରତିଶତ ବୃଦ୍ଧି ସହିତ ୫୬୯୮ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ଅପ୍ରେଲ ରୁ ଜୁନ ୨୦୨୪ ଯାଏଁ ରହିଥିବା ପ୍ରଥମ ତ୍ରୟମାସରେ ଜିଓ ୮୦ ଲକ୍ଷ ଉପଭୋକ୍ତା ଯୋଡିବା ସହିତ ଜୁନ ଶେଷ ସୁଦ୍ଧା ଦେଶରେ ଜିଓ ନେଟୱାର୍କରେ ମୋଟ ଗ୍ରାହକ ସଂଖ୍ୟା ୪୮.୯୭ କୋଟି ରହିଛି।

ଜିଓ ଏୟାରଫାଇବର ଏହି ତ୍ରୟମାସରେ ସର୍ବାଧିକ ୧୧ ଲକ୍ଷ ଉପଭୋକ୍ତା ଯୋଡ଼ିଛି । ଜିଓର ଗ୍ରାହକ ପିଛା ପ୍ରତିମାସ ରାଜସ୍ୱ ୧୮୧.୭ ଟଙ୍କା ରହିଛି । ଦେଶରେ ୧୩ କୋଟି ୫ଜି ଉପଭୋକ୍ତା। ଜିଓର ମୋଟ ଓ୍ୱାରଲେସ ଡାଟା ଟ୍ରାଫିକର ୩୧ ପ୍ରତିଶତ ବ୍ୟବହାର କରିଥିବା ବେଳେ ଚୀନ ପରେ ବିଶ୍ୱର ସର୍ବବୃହତ ୫ଜି ଅପରେଟର ହୋଇଛି ଜିଓ । ଏହି ତ୍ରୟମାସରେ ଜିଓର ମୋଟ ଡାଟା ଟ୍ରାଫିକ ୩୨.୮ ପ୍ରତିଶତ ବୃଦ୍ଧି ସହ ୪୪.୧ ବିଲିଅନ ଜିବି ହୋଇଥିବା ବେଳେ ଭଏସ ଟ୍ରାଫିକ ଗତବର୍ଷ ସମାନ ସମୟ ତୁଳନାରେ ୬ ପ୍ରତିଶତ ବୃଦ୍ଧି ପାଇ ୧.୪୨ ଟ୍ରିଲିଅନ ମିନିଟ ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି ।ସେହିଭଳି ଆଜି ଘୋଷଣା ହୋଇଥିବା ରିଲାଏନ୍ସ ରିଟେଲ ର ପ୍ରଥମ ତ୍ରୟମାସ ଆର୍ଥିକ ଫଳାଫଳ ଅନୁସାରେ ରିଲାଏନ୍ସ ରିଟେଲ ର ମୋଟ ଆୟ ଗତବର୍ଷ ସମାନ ସମୟ ତୁଳନାରେ ୮.୧ ପ୍ରତିଶତ ବୃଦ୍ଧି ସହିତ ୭୫୬୧୫ କୋଟି ଟଙ୍କା ହୋଇଛି। ଏହି ତ୍ରୟମାସରେ ରିଲାଏନ୍ସ ରିଟେଲ ୩୩୧ ନୂଆ ଷ୍ଟୋର ଖୋଲିବା ସହିତ ଏହାର ମୋଟ ଷ୍ଟୋର ସଂଖ୍ୟା ଜୁନ ଶେଷ ସୁଦ୍ଧା ୧୮୯୧୮ ରେ ପହଞ୍ଚିଛି। ଅନ୍ୟପକ୍ଷରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ଼ର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ମୋଟ ରାଜସ୍ୱ ଗତବର୍ଷ ସମାନ ସମୟ ତୁଳନାରେ ୧୧.୫ ପ୍ରତିଶତ ବୃଦ୍ଧି ସହିତ ୨୫୭୮୨୩ କୋଟି ଟଙ୍କା ହୋଇଛି । ଏହି ତ୍ରୟମାସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ଼ର ମୋଟ ନେଟ ଲାଭ ୧୭୪୪୮ କୋଟି ଟଙ୍କା ରହିଛି।

## ଓଡ଼ିଶାରେ ମେ ’ରେ ସର୍ବାଧିକ ୧.୮୫ ଲକ୍ଷରୁ ନୂଆ ଗ୍ରାହକ ଯୋଡ଼ିଛି ଜିଓ: ଟ୍ରାଇ

**ଭୁବନେଶ୍ୱର,୨୧।୭ (ସମିସ)**

ଓଡ଼ିଶାରେ ଏକ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ କମ୍ପାନୀ ଭାବେ ରିଲାଏନ୍ସ ଜିଓ ଏହାର ଦବଦବା ଜାରି ରଖିଥିଲା ବେଳେ ଗତ ମେ ’ ମାସରେ ଉଭୟ ଓ୍ୱାରଲେସ ଏବଂ ଓ୍ୱାରଲାଇନ କ୍ଷେତ୍ରରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିଛି। ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ, ୨୦୨୪ ମେ ’ରେ ଜିଓ ଓଡ଼ିଶାରେ ସର୍ବାଧିକ ୧.୮୫ ଲକ୍ଷରୁ ଅଧିକ ନୂଆ ମୋବାଇଲ୍ ଉପଭୋକ୍ତା ଯୋଡ଼ିଥିବା ବେଳେ ଏୟାରଟେଲ୍, ଭୋଡାଫୋନ୍ ଆଇଡିଆ (ୱି) ଓ ବିଏସ୍‌ଏନ୍‌ଏଲ୍ ସମେତ ଅନ୍ୟ ସମସ୍ତ ଅପରେଟର ଏହି ମାସରେ ଓଡ଼ିଶାରେ ହଜାର ହଜାର ଗ୍ରାହକ ହରାଇଛନ୍ତି ।ଏଥିସହିତ ୨୦୨୪ ମଇ ୩୧ ସୁଦ୍ଧା ଓଡ଼ିଶାରେ ଜିଓ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ପାଖାପାଖି ୧.୫୫ କୋଟିରେ ପହଞ୍ଚିଛି। ମେ ’ ମାସରେ ଓଡ଼ିଶାରେ ମୋଟ ମୋବାଇଲ ଉପଭୋକ୍ତା ସଂଖ୍ୟାରେ ୧୫୪୧୪୧




ବୃଦ୍ଧି ସହିତ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଏହି ମାସ ଶେଷ ସୁଦ୍ଧା ୩.୩୮ କୋଟିକୁ ବୃଦ୍ଧି ପାଇଛି। ଜାତୀୟ ସ୍ତରରେ ମଧ୍ୟ ଜିଓ ମେ ’ ମାସରେ ସର୍ବାଧିକ ୨୧.୯୫ ଲକ୍ଷରୁ ଅଧିକ ଗ୍ରାହକ ଯୋଡ଼ିଛି ।

ଏଥିସହିତ ଦେଶରେ ଜିଓ ନେଟୱାର୍କରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୪୭.୪୬ କୋଟିକୁ ବୃଦ୍ଧି ପାଇଛି ଏବଂ କମ୍ପାନୀ ଦେଶର ଏକ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି ।ରିଲାଏନ୍ସ ଜିଓ ଓଡ଼ିଶାର ଦୂରସଂଚାର କ୍ଷେତ୍ରରେ ୪୫.୭% ରୁ ଅଧିକ ବଜାର ଅଂଶ ଏବଂ ପ୍ରାୟ ୫୨% ରାଜସ୍ୱ ବଜାର ଅଂଶ ସହିତ ରାଜ୍ୟର ଏକ ନମ୍ବର ପସନ୍ଦଯୋଗ୍ୟ ଡିଜିଟାଲ ସେବା ପ୍ରଦାନକାରୀ କମ୍ପାନୀ ଭାବେ ପ୍ରତିଷ୍ଠାଲାଭ କରିଛି ବୋଲି କମ୍ପାନୀ କହିଛି।

## ପ୍ୟାରିସ୍ ଅଲିମ୍ପିକ୍ସ ଆଉ ୩ ଦିନ

# କ୍ରୀଡ଼ାଗ୍ରାମରେ ପୁରୁଷ ହକି ଦଳ




**ପ୍ୟାରିସ, ୨୧।୭(ଏଜେନ୍ସି):** ପ୍ୟାରିସ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ମାତ୍ର ୩ ଦିନ ବାକିଥିବା ବେଳେ ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ପୁରୁଷ ହକି ଦଳ କ୍ରୀଡ଼ାଗ୍ରାମରେ ପହଞ୍ଚିଛି। ହକି ଇଣ୍ଡିଆ ସାମାଜିକ ଗଣମାଧ୍ୟମ 'ଏକ୍ସ' ଏ ନେଇ ସୂଚନା ଦେବା ସହ ଦଳର ଫଟୋ ସେୟାର କରିଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ଭାରତୀୟ ଦଳକୁ ଉତ୍ସାହିତ କରିବା ସହ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ ନେଇ ଅଭିନନ୍ଦନ ଜଣାଇଛନ୍ତି। ଗତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତ କାଂସ୍ୟ ହାସଲ କରି ପଦକ ପ୍ରତୀକ୍ଷାର ଅନ୍ତ ଘଟାଇଥିଲା। ଅଧିନାୟକ ହରମନପ୍ରୀତ ତୃତୀୟଥର ପାଇଁ ଅଲିମ୍ପିକ୍ସ ଖେଳିବାକୁ ଯାଉଛନ୍ତି। ସେ ୨୦୧୬ ରିଓ ଅଲିମ୍ପିକ୍ସରେ ପଦାର୍ପଣ କରିଥିଲେ। ସେତେବେଳେ ସେ ଦଳର ସର୍ବକନିଷ୍ଠ ଖେଳାଳି ଥିଲେ। ଟୋକିଓ ଅଲିମ୍ପିକ୍ସରେ ସେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ ଓ ଭାରତର କାଂସ୍ୟ ପଦକ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭାରତୀୟ ଦଳରେ ଏଥର ଅଭିଜ୍ଞ ଗୋଲରକ୍ଷକ ପିଆର ଶ୍ରୀଜେସ, ମିଡ୍‌ଫିଲ୍ଡର ମନପ୍ରୀତ ସିଂ ସ୍ଥାନ ପାଇଛନ୍ତି। ଚତୁର୍ଥଥର ପାଇଁ ଏହି ଦୁଇ ଖେଳାଳି ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି।

### ୨୭ରୁ ଭାରତର ଅଭିଯାନ ଆରମ୍ଭ

ଅଲିମ୍ପିକ୍ସ ହକି ଇଭେଣ୍ଟରେ ଭାରତ ଆସନ୍ତା ୨୭ ତାରିଖ ଶନିବାରଠାରୁ ଅଭିଯାନ ଆରମ୍ଭ କରିବ। ନ୍ୟୁଜିଲାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳି ଭରାତ ତା'ର ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ୨୯ ତାରିଖରେ ଆର୍ଜେଣ୍ଟିନା, ୩୦ରେ ଆୟର୍ଲାଣ୍ଡ, ଅଗଷ୍ଟ ୧ରେ ବେଲଜିୟମ ଓ ଶେଷରେ ୨ ତାରିଖରେ ଅଷ୍ଟ୍ରେଲିଆକୁ ଭେଟିବ। ଅଲିମ୍ପିକ୍ସ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

### ଡିଫେଣ୍ଡିଂ ଚାମ୍ପିଅନ ବେଲଜିୟମ ସହ ଗ୍ରୁପ୍ ବି'ରେ ଭାରତ

ଅଲିମ୍ପିକ୍ସ ହକି ଇଭେଣ୍ଟରେ ଆସନ୍ତା ୨୭ ତାରିଖରୁ ଭାରତୀୟ ଦଳ ଅଭିଯାନ ଆରମ୍ଭ କରିବ। ଭାରତ ପୁଲ ବି'ରେ ସ୍ଥାନ ପାଇଛି। ଏହି ଦଳରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡିକ ହେଲେ ଡିଫେଣ୍ଡିଂ ଚାମ୍ପିଅନ ବେଲଜିୟମ, ନ୍ୟୁଜିଲାଣ୍ଡ, ଆର୍ଜେଣ୍ଟିନା ଓ ଆୟର୍ଲାଣ୍ଡ। ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିବାକୁ ହେଲେ ଭାରତକୁ ଏହି ଗ୍ରୁପ୍‌ର ଶୀର୍ଷ-୩ ମଧ୍ୟରେ ରହିବାକୁ ପଡ଼ିବ। ଏଥର ଭାରତ ତା'ର ପଦର ରଙ୍ଗ ପରିବର୍ତ୍ତନ ଅର୍ଥାତ ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ପ୍ରୟାସ କରିବ। ଏଥର ସଫଳ ହେଲେ ଭାରତ ୪୪ ବର୍ଷ ପରେ ପ୍ରଥମଥର ପାଇଁ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିବ।

### ୮ ସ୍ୱର୍ଣ୍ଣ ସହ ୧୨ ପଦକ ଜିତିଛି ଭାରତ

ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ସର୍ବାଧିକ ସଫଳତା ଅର୍ଜନ କରିଛି। ଭାରତ ୮ଟି ସ୍ୱର୍ଣ୍ଣ ସହ ମୋଟ୍ ୧୨ ପଦକ ଜିତିଛି। ଭାରତୀୟ ଦଳ ଥରେ ରୌପ୍ୟ ଓ ୩ ଥର କାଂସ୍ୟ ପଦକ ଜିତିଛି। ଭାରତ ୧୯୨୮, ୧୯୩୨, ୧୯୩୬, ୧୯୪୮, ୧୯୫୨, ୧୯୫୬, ୧୯୬୪ ଓ ୧୯୮୦ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ସେହିପରି ୧୯୬୦ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲା ଭାରତ। ଭାରତ ୧୯୬୮, ୧୯୭୨ ଓ ୨୦୨୦ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିଲା। ଅଲିମ୍ପିକ୍ସ ହକିରେ ଭାରତ ଶ୍ରେଷ୍ଠ ଦଳ ବିବେଚିତ ହେଉଛି। ଜର୍ମାନୀ ୪ ଥର ସ୍ୱର୍ଣ୍ଣ, ୩ଥର ରୌପ୍ୟ, ୪ଥର କାଂସ୍ୟ ପଦକ ଜିତିଥିବା ବେଳେ ୩ଥର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସେହିପରି ଭାରତର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ୩ଥର ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିବା ବେଳେ ୩ଥର ରୌପ୍ୟ, ୪ଥର କାଂସ୍ୟ ପଦକ ହାସଲ କରିଛି ଓ ୩ଥର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

### ଭାରତୀୟ ଦଳ

**ଗୋଲରକ୍ଷକ-** ପିଆର ଶ୍ରୀଜେସ୍।

**ରକ୍ଷଣଭାଗ-** ଜରମନପ୍ରୀତ ସିଂ, ଅମିତ ରୋହିଦାସ, ହରମନପ୍ରୀତ ସିଂ, ସୁମିତ, ସଞ୍ଜୟ।

**ମଧ୍ୟଭାଗ-** ରାଜକୁମାର ପଲ, ଶମସେର ସିଂ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ।

**ଅଗ୍ରଭାଗ-** ଅଭିଷେକ, ସୁଖଜିତ ସିଂ, ଲଳିତ କୁମରା ଉପାଧ୍ୟୟ, ମନଦୀପ ସିଂ ଓ ଗରଜାନ୍ତ ସିଂ।

■ ଟେନିସ ହଲ୍ ଅଫ୍ ଫେମ୍

## ଲିଆଣ୍ଡର, ବିଜୟ ଅମ୍ରିତରାଜ



**ନୂଆଦିଲ୍ଲୀ, ୨୧।୭(ଏଜେନ୍ସି):** ଭାରତୀୟ ପୂର୍ବତନ ଟେନିସ ଖେଳାଳି ଲିଆଣ୍ଡର ପେସ୍ ଓ ବିଜୟ ଅମ୍ରିତରାଜ ଅନ୍ତର୍ଜାତୀୟ ଟେନିସ ହଲ୍ ଅଫ୍ ଫେମ୍‌ରେ ଯୋଗ ଦେଇଛନ୍ତି। ପ୍ରଥମ ଏସୀୟ ପୁରୁଷ ଖେଳାଳି ଏହି ଉପଲବ୍ଧି ହାସଲ କରି ଏହି ଦୁଇ କିମ୍ବଦନ୍ତୀ ଟେନିସ ଖେଳାଳି ଇତିହାସ ସୃଷ୍ଟି କରିଛନ୍ତି। ଆମେରିକାର ରୋଡ ଆଇଲାଣ୍ଡର ନ୍ୟୁପୋର୍ଟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ଦୁଇ କିମ୍ବଦନ୍ତୀ ଭାରତୀୟ ଖେଳାଳିଙ୍କୁ ବିଶେଷ ଭାବେ ସମ୍ମାନୀତ କରାଯିବା ସହ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା। ଏହି ଅବସରରେ ବ୍ରିଟିସ ଟେନିସ ସମ୍ବାଦିକ ତଥା ଲେଖକ ରିଚାର୍ଡ ଇଭାନ୍ସଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିବା ପୂର୍ବତନ ଖେଳାଳି ଆନ୍ଦ୍ରେ ଆଗାସୀ, କ୍ରିସ ଇଭେର୍ଟ, ମାର୍ଟିନା ନାଭ୍ରାତିଲୋଭା, ଷ୍ଟାନ୍ ସ୍ମିଥ ଓ ହଲ ଅଫ୍ ଫେମ୍‌ର ସଭାପତି କିମ୍ କ୍ଲିଷ୍ଟର୍ସ ଉପସ୍ଥିତ ଥିଲେ।

### ୧୫ଟି ଏଟିପି ଟାଇଟଲ ଜିତିଛନ୍ତି ଅମ୍ରିତରାଜ

୭୦ ବର୍ଷୀୟ ଅମ୍ରିତରାଜ ୧୯୭୦ରୁ ୧୯୯୩ ପର୍ଯ୍ୟନ୍ତ ଟେନିସ ସହିତ ଜଡିତ ରହି ବେଶ୍ ସଫଳତା ଅର୍ଜନ କରିଥିଲେ। ଦୀର୍ଘ ୨୩ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ସେ ୧୫ଟି ଏଟିପି ଏକକ ଟାଇଟଲ ଅର୍ଜନ କରିଛନ୍ତି। ସେ ମୋଟ୍ ଉପରେ ୩୯୯ଟି ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଏଟିପି ମାନ୍ୟତାରେ ସେ କ୍ୟାରିୟର ଶ୍ରେଷ୍ଠ ୧୮ତମ ସ୍ଥାନ ଅଧିକାର କରିଥିଲେ। ୧୯୭୪ ଓ ୧୯୮୭ରେ ସେ ଭାରତକୁ ଡେଭିସ୍ କପ୍ ଫାଇନାଲରେ ପହଞ୍ଚାଇଥିଲେ।

### ଅଲିମ୍ପିକ୍ସ କାଂସ୍ୟ ଜିତିଛନ୍ତି ପେସ୍

୫୧ ବର୍ଷୀୟ ପେସ୍ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ସେ ବ୍ରାଜିଲର ଫର୍ଣ୍ଣାଣ୍ଡୋ ମେଲିଗେନିଙ୍କୁ ୩-୬, ୬-୨, ୬-୪ ସେଟ୍‌ରେ ପରାସ୍ତ କରି ଏହି ବଡ଼ ଉପଲବ୍ଧୀ ହାସଲ କରିଥିଲେ। ୧୯୯୮ରେ ନ୍ୟୁପୋର୍ଟର ଗ୍ରାସରୁଟ୍ କୋର୍ଟରେ ସେ ତାଙ୍କ ଏକମାତ୍ର ଏଟିପି ଟାଇଟଲ ଜିତିଥିଲେ। ସେ ୮ଥର ଗ୍ରାଣ୍ଡସ୍ଲାମ ଯୁଗଳ ଟାଇଟଲ ହାସଲ କରିଛନ୍ତି। ସେ ୨୦୧୨ରେ ଅଷ୍ଟ୍ରେଲିଆନ୍ ଓପନ, ୧୯୯୯, ୨୦୦୧, ୨୦୦୯ରେ ଫ୍ରେଞ୍ଚ୍ ଓପନ୍, ୧୯୯୯ରେ ୱିମ୍ବଲଡନ ଓ ୨୦୦୬, ୨୦୦୯ ଓ ୨୦୧୩ରେ ୟୁଏସ୍ ଓପନ ଯୁଗଳ ଟାଇଟଲ ହାସଲ କରିଥିଲେ।

রাজ্য

ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍

## ରାୟଗଡ଼ାର ଫକୀର ଚାମ୍ପିଅନ

**ଭୁବନେଶ୍ୱର, ୨୧।୭ (ସମିସ):** ରାୟଗଡ଼ାର ଫକୀର ମାଝୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରବିବାର ସ୍ଥାନୀୟ ସୁନ୍ଦରପଦାସ୍ଥିତ ଦାସ ଭବନରେ ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଫକୀର ଏକାକୀ ସର୍ବାଧିକ ୬.୫ ପଏଣ୍ଟ ରଖି ପ୍ରଥମ ସ୍ଥାନରେ ରହିଥିଲେ। ଏହା ଫଳରେ ତାଙ୍କୁ ଟାଇଟଲ ମିଳିଥିଲା। ତାଙ୍କ ପଛକୁ କଟକର ଯୁବ ଖେଳାଳି ହର୍ଷିତ ରଞ୍ଜନ ସାହୁ ଓ ଟପ୍ ସିଡ ତଥା ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ୬ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। କଟକର ଶ୍ରଦ୍ଧା ସ୍ମରଣିକା ନନ୍ଦ, ଭୁବନେଶ୍ୱରର ପ୍ରତ୍ୟୁଷ ମହାପାତ୍ର, କଟକର ରବୀନ୍ଦ୍ର ଓଝା, ଭୁବନେଶ୍ୱରର ଦୁଇ ଖେଳାଳି ଓମ୍ ଆଦିତ୍ୟ ଖାଡଙ୍ଗା ଓ ଲୋରେନ୍ସ ପ୍ରଧାନ, ଯାଜପୁରର ସୃଜନ ପ୍ରଣୟୀ ରାୟ ଓ ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର ଯଥାକ୍ରମେ ଚତୁର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ସକାଳେ ଏହି ପ୍ରତିଯୋଗିତାକୁ ଅବସରପ୍ରାପ୍ତ ଆକାଉଣ୍ଟ୍ସ ଅଫିସର ନଟବର ଦାସ ଉଦ୍‌ଘାଟନ କରିଥିଲାବେଳେ ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ବରିଷ୍ଠ ଆକାଉଣ୍ଟସ ଅଫିସର ଶାରଦାପ୍ରସନ୍ନ ମହାପାତ୍ର ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।



## ଅଲିମ୍ପିକ୍ସରେ ଦ୍ୱୈତ ସଫଳତା

# ପଦକ ବିଜୟୀ ଭାରତୀୟ ପିତା-ପୁତ୍ର


ଧ୍ୟାନଚାନ୍ଦ


ଅଶୋକ କୁମାର

**ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି):** ଆଉ ଦିନ କେଇଟା ପରେ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ପଦକଟିଏ ଜିତିବା ସାରା ବିଶ୍ୱର କ୍ରୀଡ଼ାବିତ୍‌ଙ୍କ ଏକ ସ୍ୱପ୍ନ ରହିଥାଏ। ଅଲିମ୍ପିକ୍ସରେ ଗୋଟିଏ ପଦକ ଜିତିବାକୁ ସଂଘର୍ଷ କରି ଶେଷରେ ହାର୍ ମାନିବା ସହ ଅନେକ କ୍ରୀଡ଼ାବିତ୍‌ଙ୍କ କ୍ୟାରିୟରରେ ମଧ୍ୟ ଯବନିକା ପଡ଼ିଯାଇଛି। କିନ୍ତୁ ଏଭଳି ଅନେକ ଉଦାହରଣ ରହିଛି ଯେତେବେଳେ ଗୋଟିଏ ପରିବାରରୁ ଉଭୟ ପିତା ଓ ପୁତ୍ର କ୍ରୀଡ଼ାର ଏହି ମହାକୁମ୍ଭରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଭାରତୀୟ କ୍ରୀଡ଼ା ଇତିହାସରେ ମଧ୍ୟ ଏହିଭଳି ଦୁଇଜଣ ମହାନ ପିତା-ପୁତ୍ର ଯୋଡ଼ି ରହିଛନ୍ତି, ଯେଉଁମାନେ କି ଅଲିମ୍ପିକ୍ସରେ ପଦକ ବିଜୟୀ ହୋଇ ଦେଶକୁ ଗୌରବାନ୍ୱିତ କରିଛନ୍ତି। ସେମାନଙ୍କ ଅଲିମ୍ପିକ୍ସ ସଫଳତା ଉପରେ ସଂକ୍ଷେପରେ ନଜର ପକାଇବା।

### ଭେସ୍-ଲିଆଣ୍ଡର ପେସ୍

ଦ୍ୱିତୀୟ ଭାରତୀୟ ପିତା-ପୁତ୍ର ଯୋଡ଼ି ଭାବେ ହକି ଖେଳାଳି ଭେସ୍ ପେସ୍ ଓ ତାଙ୍କ ପୁଅ ତଥା ଟେନିସ ତାରକା ଲିଆଣ୍ଡର୍ ପେସ୍ କ୍ରୀଡ଼ାର ଏହି ମହାକୁମ୍ଭରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ୧୯୭୨ ମ୍ୟୁନିକ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ କାଂସ୍ୟ ପଦକ ବିଜୟୀ ହୋଇଥିଲା। ଏହି ଦଳରେ ଭେସ୍ ପେସ୍ ମଧ୍ୟଭାଗରେ ଜଣେ ପ୍ରମୁଖ ସଦସ୍ୟ ରହିଥିଲେ। ଭେସ୍‌ଙ୍କ ପୁଅ ଲିଆଣ୍ଡର କିନ୍ତୁ ଟେନିସରେ କ୍ୟାରିୟର କରି ବେଶ୍ ସୁନାମ ଅର୍ଜନ କରିଥିଲେ। ଲିଆଣ୍ଡର ତାଙ୍କ କ୍ୟାରିୟରରେ ୧୯ଟି ଗ୍ରାଣ୍ଡସ୍ଲାମ ଯୁଗଳ ଟ୍ରଫି ଜିତିଥିଲେ। ସେହିଭଳି ୧୯୯୬ ଅଲିମ୍ପିକ୍ସରେ ସେ ପୁରୁଷ ଟେନିସ ଏକକରେ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଫଳରେ ଧ୍ୟାନଚାନ୍ଦ-ଅଶୋକଙ୍କ ପରେ ଦ୍ୱିତୀୟ ଭାରତୀୟ ପିତା-ପୁତ୍ର ଯୋଡ଼ି ଭାବେ ଭେସ୍-ଲିଆଣ୍ଡର ଅଲିମ୍ପିକ୍ସ ପଦକ ଜିତିବାର ବିରଳ ସୌଭାଗ୍ୟ ଲାଭ କରିଥିଲେ।



### ଧ୍ୟାନଚାନ୍ଦ-ଅଶୋକ

ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କୁ କିଏ ନ ଜାଣେ। ଧ୍ୟାନଚାନ୍ଦଙ୍କୁ ଭାରତୀୟ ହକିର ପିତାମହ ବୋଲି କୁହାଯାଏ। ଭାରତୀୟ ହକିକୁ ତାଙ୍କର ଅବଦାନ ଅତୁଳନୀୟ। ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବାର କଳା ତାଙ୍କୁ ସାରା ବିଶ୍ୱରେ ଜଣେ ମହାନ ହକି ଖେଳାଳିର ଆଖ୍ୟା ଦେଇଥିଲା। ତାଙ୍କରି ପ୍ରଭାବୀ ପ୍ରଦର୍ଶନ ଯୋଗୁ ଭାରତୀୟ ହକି ଦଳ ଅଲିମ୍ପିକ୍ସରେ ହ୍ୟାଟ୍ରିକ ସ୍ୱର୍ଣ୍ଣିମ ସଫଳତା ପାଇଥିଲା। ପ୍ରଥମେ ୧୯୨୮ରେ ଏହା ପରବର୍ତ୍ତୀ ଦୁଇ ସଂସ୍କରଣ ୧୯୩୨ ଓ ୧୯୩୬ରେ ସ୍ୱର୍ଣ୍ଣ ପଦକ ଜିତି ଭାରତୀୟ ହକି ଦଳ ଅଲିମ୍ପିକ୍ସରେ ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ଜିତିଥିଲା। ଧ୍ୟାନଚାନ୍ଦଙ୍କ ପରେ ତାଙ୍କ ପୁଅ ଅଶୋକ କୁମାର ସିଂହ ମଧ୍ୟ ପିତାଙ୍କ ପଦାଙ୍କ ଅନୁସରଣ କରିଥିଲେ। ୧୯୩୬ରେ ଧ୍ୟାନଚାନ୍ଦ ଅଲିମ୍ପିକ୍ସରେ ତାଙ୍କର ଅନ୍ତିମ ସ୍ୱର୍ଣ୍ଣ ଜିତିବାର ଠିକ୍ ୩୬ ବର୍ଷ ପରେ ଭାରତୀୟ ହକି ଦଳ ୧୯୭୨ ମ୍ୟୁନିକ ଅଲିମ୍ପିକ୍ସରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଅଶୋକ କୁମାର ଏହି ଦଳର ସଦସ୍ୟ ରହିଥିଲେ। ଫଳରେ ଦେଶର ପ୍ରଥମ ବାପ-ପୁଅ ଯୋଡ଼ି ଭାବେ ଧ୍ୟାନଚାନ୍ଦ ଓ ଅଶୋକ ଅଲିମ୍ପିକ୍ସରେ ପଦକ ସଫଳତା ସ୍ୱାଦ ଚାଖିଥିଲେ।

### ପିଏଚ୍.ଡି ଡିଗ୍ରୀ



ମୟୂରଭଞ୍ଜ ଜିଲାର 'ସମାଜ' ସମ୍ବାଦଦାତା ଅକ୍ଷୟ କୁମାର ଅଗରୱାଲାଙ୍କୁ ସାମ୍ବାଦିକ କ୍ଷେତ୍ରରେ ଅବଦାନ ପାଇଁ ମେରିଲ୍ୟାଣ୍ଡ ଷ୍ଟେଟ୍ ୟୁନିଭର୍ସିଟି ପକ୍ଷରୁ ନୂଆଦିଲ୍ଲୀ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନ ଜନକ ପିଏଚ୍‌ଡି ସହ ସ୍ୱର୍ଣ୍ଣ ପଦକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ମେରିଲ୍ୟାଣ୍ଡ ଷ୍ଟେଟ୍ ୟୁନିଭର୍ସିଟିର କୁଳାଧିପତି ଡ. ଜୋନ ଏନ୍. କଲରାସ୍, କୁଳପତି ଡ. ସୋଫି ନୁବାଣୀ ଓ ଏସିଆ ମହାଦେଶର ମୁଖ୍ୟ ପ୍ରଫେସର ଡ.ପି କେ ରାଜପୁତ; ଏଏଏଫ୍‌ଟି ୟୁନିଭର୍ସିଟିର କୁଳାଧିପତି ଡ. ସନ୍ଦୀପ ମାରୱା; ମେୱାର ୟୁନିଭର୍ସିଟିର କୁଳାଧିପତି ଡ.ଅଶୋକ କୁମାର ଗଡିୟା ପ୍ରମୁଖ ବହୁ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୯୪ରେ ଏଲ୍‌ଏଲ୍‌ବି ଓ ୧୯୯୬ରେ ଏମ୍ କମ୍; ଓଡିଶା ଷ୍ଟେଟ୍ ବୋର୍ଡ ଅଫ ଫାର୍ମାସିରୁ ୨୦୦୮ରେ ଡିପ୍ଲୋମା ଇନ୍ ଫାର୍ମାସିଏବଂ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରୁ ୨୦୧୪ରେ ଏମ୍.ଏ. ଇନ୍ ଜର୍ଣ୍ଣାଲିଜିମ୍ ଆଣ୍ଡ ମାସ୍ କମ୍ୟୁନିକେସନରେ କୃତୀତ୍ୱ ସହ ଡିଗ୍ରୀ ହାସଲ କରିଥିଲେ। ସେ ଏପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକା ଏବଂ ଶ୍ରୀ ଗୁରୁକୃପାଙ୍କୁ କୃତିଜ୍ଞ ପ୍ରଣାମ ଜଣାଇଛନ୍ତି। ସେ ବର୍ଷିୟାନ ସାମ୍ବାଦିକ ତଥା ସମାଜସେବୀ ସ୍ୱର୍ଗତ ବାବୁଲାଲ ଅଗରୱାଲା ଓ ପାର୍ବତୀ ଦେବୀ ଅଗରୱାଲାଙ୍କ ବଡ ନାତି ଏବଂ ବରିଷ୍ଠ ପରିବେଶବିତ ତଥା ଶିଶୁ ସାହିତ୍ୟ ଗବେଷକ ଡ. ବିଜୟ କୁମାର ଅଗରୱାଲା ଓ ସତ୍ୟଭାମା ଅଗରୱାଲାଙ୍କ ଏକମାତ୍ର ପୁତ୍ର। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ପୂର୍ବାଞ୍ଚଳ କନିଷ୍ଠ ହକି ଚାମ୍ପିଅନସିପ୍

# ସ୍ୱର୍ଣ୍ଣ ଜିତିଲା ଓଡ଼ିଶା ପୁରୁଷ ଦଳ






**ଭୁବନେଶ୍ୱର, ୨୧।୭ (ସମିସ):** କୋଲକାତାର ସଲ୍ଟ ଲେକ୍‌ସ୍ଥିତ ନେତାଜୀ ସୁବାସ ଇଷ୍ଟର୍ଣ୍ଣ ସେଣ୍ଟରରେ ଚାଲିଥିବା ପୂର୍ବାଞ୍ଚଳ କନିଷ୍ଠ ହକି ଚାମ୍ପିଅନସିପ୍‌ର ଦ୍ୱିତୀୟ ସଂସ୍କରଣରେ ଓଡ଼ିଶା ଦ୍ୱୈତ ପଦକ ସଫଳତା ହାସଲ କରିଛି। ଆଦ୍ରୋହିତ୍ ଏକ୍କାଙ୍କ ନେତୃତ୍ୱାଧୀନ ଓଡ଼ିଶା କନିଷ୍ଠ ପୁରୁଷ ଦଳ ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ଜିତିଛି। ସେହିଭଳି ୩ୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ମହିଳା ଦଳ ସୁଟ୍‌ଆଉଟ୍‌ରେ ୪-୩ ଗୋଲରେ ମଣିପୁରକୁ ହରାଇ କାଂସ୍ୟ ପଦକ ବିଜୟୀ ହୋଇଛି।

ରବିବାର ସକାଳେ ଖେଳାଯାଇଥିବା ପୁରୁଷ ବିଭାଗ ଫାଇନାଲରେ ଓଡ଼ିଶାର ମୁକାବିଲା ଅନ୍ୟତମ ଟାଇଟଲ୍ ଦାବିଦାର ଝାଡ଼ଖଣ୍ଡ ସହ ହୋଇଥିଲା। ଫାଇନାଲ ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। କିନ୍ତୁ ଦ୍ୱିତୀୟ କ୍ୱାର୍ଟରରେ ଓଡ଼ିଶା ଖେଳାଳିମାନେ ୨ ମିନିଟ୍ ଅନ୍ତରରେ ୨ଟି ଗୋଲ୍ ଦେଇ ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ୨୫ତମ ମିନିଟ୍‌ରେ ଆର୍ଯ୍ୟନ ଏକ୍କା ଏକ ଫିଲ୍ଡ ଗୋଲ୍ ଦେଇ ଓଡ଼ିଶାର ଖାତା ଖୋଲିଥିଲେ। ଏହାପରେ ୨୭ତମ ମିନିଟ୍‌ରେ ଦେଓନାଥ ନାନୱାରଙ୍କ ଗୋଲ୍ ଓଡ଼ିଶାର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରିଥିଲା। ତେବେ ୩ୟ ଓ ୪ର୍ଥ କ୍ୱାର୍ଟରରେ ଝାଡ଼ଖଣ୍ଡ ମ୍ୟାଚକୁ ଫେରିବା ଲାଗି ଜୋର୍‌ଦାର ପ୍ରୟାସ କରିଥିଲେ ମଧ୍ୟ ଗୋଲ୍ ପରିଶୋଧ କରିବାରେ ବିଫଳ ହୋଇଥିଲା। ଫଳରେ ଓଡ଼ିଶା ୨-୦ ଗୋଲରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ସେହିଭଳି ପୁରୁଷ ବିଭାଗର ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ମଣିପୁର ୭-୨ ଗୋଲରେ ବିହାରକୁ ହରାଇ କାଂସ୍ୟ ପଦକ ହାସଲ କରିଛି।

### ଓଡ଼ିଶା ମହିଳା କାଂସ୍ୟରେ ସନ୍ତୁଷ୍ଟ

ଅପରପକ୍ଷରେ ମହିଳା ବିଭାଗରେ ଓଡ଼ିଶା ୩ୟ ସ୍ଥାନରେ ରହି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛି। କାଂସ୍ୟ ପଦକ ପାଇଁ ଓଡ଼ିଶା କନିଷ୍ଠ ମହିଳା ସହ ମଣିପୁରର ମୁକାବିଲା ହୋଇଥିଲା। ଏଥିରେ ନିର୍ଦ୍ଧାରିତ ୬୦ ମିନିଟ୍ ମଧ୍ୟରେ କେହି କାହରିକୁ ଗୋଲ୍ ଦେଇପାରି ନ ଥିଲେ।

ଫଳରେ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଓଡ଼ିଶା ୪-୩ ଗୋଲରେ ବାଜିମାତ୍ କରି ୩ୟ ସ୍ଥାନ ହାସଲ କରିଥିଲା। ଦ୍ରୁପତି ନାୟକ ଓଡ଼ିଶା ଦଳର ଅଧିନାୟିକା ରହିଥିଲେ। ମହିଳା ବିଭାଗ ଫାଇନାଲରେ ଝାଡ଼ଖଣ୍ଡ ୪-୩ ସୁଟ୍‌ଆଉଟ୍ ଗୋଲରେ ଆୟୋଜକ ବେଙ୍ଗଲକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଓଡ଼ିଶା ଦଳ ଏଥିରେ ପ୍ରଭାବୀ ଖେଳ ପ୍ରଦର୍ଶନ କରିପାରି ନାହିଁ।

## ସ୍ୱିସ୍ ଓପନ୍ ଟାଇଟଲ୍ ଜିତିଲେ ଭାମ୍ବ୍ରୀ

**ଗଷ୍ଟାଡ, ୨୧।୭ (ଏଜେନ୍ସି):** ଭାରତୀୟ ଟେନିସ ତାରକା ୟୁକି ଭାମ୍ବ୍ରୀ ସୁଇଜରଲାଣ୍ଡରେ ଅନୁଷ୍ଠିତ ସ୍ୱିସ୍ ଓପନ୍ ଏଟିପି-୨୫୦ ପ୍ରତିଯୋଗିତାର ପୁରୁଷ ଯୁଗଳରେ ଚାମ୍ପିଅନ ହୋଇଛନ୍ତି। ରବିବାର ଖେଳାଯାଇଥିବା ପୁରୁଷ ଯୁଗଳ ଫାଇନାଲରେ ଭାମ୍ବ୍ରୀ ଓ ତାଙ୍କ ଫ୍ରାନ୍ସ ପାର୍ଟନର ଆଲବାନୋ ଓଲିଭେଟି ଯୋଡ଼ି ୩-୬, ୬-୩, ୧୦-୬ ସେଟ୍‌ରେ ଫ୍ରାନ୍ସ ଯୋଡ଼ି ଫାବ୍ରିସ ମାର୍ଟିନ ଓ ଉଗୋ ହମ୍ବର୍ଟଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଭାମ୍ବ୍ରୀ-ଆଲବାନୋ ଯୋଡ଼ିଙ୍କୁ ଏକ ଘଣ୍ଟା ୬ ମିନିଟ୍ ସମୟ ଲାଗିଥିଲା। ଏଥିସହ ୩୨ ବର୍ଷୀୟ ଭାମ୍ବ୍ରୀ ସିଜନରେ ଆଲବାନୋଙ୍କ ସହ ମିଶି ୨ୟ ଓ ମୋଟ୍ ଉପରେ ୩ୟ ଟାଇଟଲ୍ ଜିତିଛନ୍ତି। ଗତ ଏପ୍ରିଲରେ ଏହି ଇଣ୍ଡୋ-ଫ୍ରାନ୍ସ ଯୋଡ଼ି ବିଏମ୍‌ଡବ୍ଲ୍ୟୁ ଓପନ୍‌ରେ ଚାମ୍ପିଅନ ହୋଇଥିଲେ।

## ଗୀତାବାଣୀ

ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।
ନ କର୍ମଫଳସଂଯୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ ।।



ପରମେଶ୍ୱର ମନୁଷ୍ୟମାନଙ୍କର କର୍ତ୍ତାଭାବ, କର୍ମ ଓ କର୍ମଫଳ ସହିତ ସଂଯୋଗ ସର୍ଜନା କରନ୍ତି ନାହିଁ; କିନ୍ତୁ ସ୍ୱଭାବ ହିଁ ପ୍ରବୃତ୍ତ ହେଉଛି ।

- (ପଞ୍ଚମୋଽଧ୍ୟାୟଃ: ଶ୍ଳୋକ-୧୪)

## ଜାଣନ୍ତି କି



ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ । ସେମିତି ଏକ ଶବ୍ଦ ହେଉଛି, 'ଟେରା' । ଶ୍ରୀଜିଉମାନଙ୍କ ଅଧର ଯେଭଳି ଦେଖା ନ ଯିବ, ସେଥିପାଇଁ ଧୂପ ତଥା ଭୋଗ ସମୟରେ ଏକ ପତଳା କପଡ଼ାର ପରଦା ଡଙ୍କାଯାଏ । ଭୋଗ ସମୟରେ ଆଢୁଆଳ ପାଇଁ ପକାଯାଉଥିବା ଏହି ପରଦାକୁ ଶ୍ରୀମନ୍ଦିର ଭାଷାରେ 'ଟେରା' ବୋଲି କୁହାଯାଏ । ରଥ ଉପରେ ପ୍ରସାଦ ଲାଗି ହେବା ବେଳେ 'ଟେରା' ପଡ଼ିବାର ଦୃଶ୍ୟ ଦେଖିବାକୁ ମିଳିଥାଏ ।

# ଶିବଙ୍କ ପ୍ରିୟ ମାସ ଶ୍ରାବଣ



**ଆଜି ହେଉଛି ଶ୍ରାବଣ ମାସର ପ୍ରଥମ ସୋମବାର । ଭଗବାନ ଶିବଙ୍କ ପୂଜା ଆରାଧନା କରିବା ଲାଗି ଏହା ହେଉଛି ଉତ୍କୃଷ୍ଟ ସମୟ । ଏହି ମାସରେ ଶିବଙ୍କ କୃପା ଲାଭ ପାଇଁ ଶିବଭକ୍ତମାନେ ବ୍ରତ ରଖି ବୋଲବମ୍ ଯାତ୍ରା କରିଥାନ୍ତି । ତେବେ ଶ୍ରାବଣ ମାସ ଭଗବାନ ଶିବଙ୍କ ପ୍ରିୟ କାହିଁକି, ତାହାକୁ ନେଇ ଏହି ଉପସ୍ଥାପନା ।**

**ମାତା ପାର୍ବତୀ ରଖିଥିଲେ ବ୍ରତ:** ହିନ୍ଦୁ ପଞ୍ଜାଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ । ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ । ଏହିପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି । ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ । ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ୍ ପ୍ରିୟ । କୁହାଯାଏ, ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ । ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ ।

**ଭଗବାନ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି:** ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି । ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି । ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ । ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ । ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର । ସୋମବାର ବ୍ରତ ରଖିବା ଉତ୍ତମ । ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ ।

### ଶିବଙ୍କୁ ଶୀତଳତା ପାଇଁ ଜଳବର୍ଷା

ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହାକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ । ଏହଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା । ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ । ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ ।

# ଶ୍ରୀକୃଷ୍ଣ କାହିଁକି ପିନ୍ଧନ୍ତି ମୟୂର ଚୂଳ

### ପୌରାଣିକ କଥା

**ଭଗବାନ ଶ୍ରୀକୃଷ୍ଣଙ୍କୁ ମୟୂର ଚୂଳିଆ କୁହାଯାଏ । ହିନ୍ଦୁ ଧାର୍ମିକ ଗ୍ରନ୍ଥ ଅନୁସାରେ, ଶ୍ରୀକୃଷ୍ଣ ମୟୂର ଚନ୍ଦ୍ରିକା ଧାରଣ କରିବା ପଛରେ କେତୋଟି କାହାଣୀ ଅଛି ।**

କୁହାଯାଏ, ଏକଦା ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱନରେ ରାଧା ନୃତ୍ୟ କରୁଥିଲେ । ଏହି ସମୟରେ ମୟୂର ମଧ ତାଙ୍କ ସହିତ ନାଚିଥିଲା । ନୃତ୍ୟ ସମୟରେ ମୟୂରର ଏକ ପୁଚ୍ଛ ତଳେ ପଡ଼ିଗଲା । ଏହି ପୁଚ୍ଛକୁ ଶ୍ରୀକୃଷ୍ଣ ନିଜ ମୁକୁଟରେ ସଜାଇ ଥିଲେ । ତେବେ ଶ୍ରୀକୃଷ୍ଣ ରାଧାଙ୍କ ପ୍ରେମର ପ୍ରତୀକ ଭାବେ ଏହି ମୟୂର ପୁଚ୍ଛକୁ ନିଜ ମୁକୁଟରେ ଧାରଣ କରିଥିବା କୁହାଯାଏ ।

ଅନ୍ୟ ଏକ କଥାନୁସାରେ, ଶ୍ରୀରାମ, ମାତା ସୀତା ଏବଂ ଲକ୍ଷ୍ମଣ ବନରେ ଯିବା ବେଳେ ସୀତାଙ୍କୁ ଶୋଷ ଲାଗିଲା । ଶ୍ରୀରାମଙ୍କୁ କୌଣସି ଜଳାଶୟ ଦିଶିଲା ନାହିଁ । ଫଳରେ ସେ ବନଦେବତାଙ୍କ ସାହାଯ୍ୟ ମାଗିଲେ । ଏହି ସମୟରେ ଗୋଟିଏ ମୟୂର ଜଳାଶୟର ବାଟ କଢ଼ାଇବା ପାଇଁ ଆସିଲା । ମୟୂର ବାୟୁ ମାର୍ଗରେ ଯାଉଥିଲା ଏବଂ ଶ୍ରୀରାମ ଯେଭଳି ବାଟ ନ ଭୁଲିବେ, ସେଥିପାଇଁ ସେ ତା'ର ପୁଚ୍ଛ ସବୁକୁ ତଳେ ପକାଇ ଯାଉଥିଲା । ଏହିପରି ଭାବେ ଶ୍ରୀରାମଙ୍କୁ ମୟୂର ଜଳାଶୟ ପର୍ଯ୍ୟନ୍ତ ପହଞ୍ଚାଇ ଥିଲା । ଗୋଟେ ପଟେ ଶ୍ରୀରାମଙ୍କୁ ସାହାଯ୍ୟ କରି ଧନ୍ୟ ମନେ କରିଥିବା ମୟୂର ପ୍ରାଣ ହରାଇଲା । ସେହିପରି ଶ୍ରୀରାମ ମୟୂରର ଋଣ ଶୁଝିପାରିବେ ନାହିଁ ବୋଲି ତା'କୁ କହିଥିଲେ । ତେଣୁ କୁହାଯାଏ, ଶ୍ରୀରାମ ଯେବେ ଶ୍ରୀକୃଷ୍ଣଙ୍କ ରୂପ ବା ଅବତାର ନେଲେ, ମୟୂର ପୁଚ୍ଛକୁ ନିଜ ମସ୍ତକରେ ଧାରଣ କଲେ । ଯଦିଓ ଏହାକୁ ନେଇ ଅନେକ କାହାଣୀ ଅଛି, ତଥାପି କାଳସର୍ପ ଦୋଷ ଯୋଗୁଁ କୃଷ୍ଣ ମୟୂର ମୁକୁଟ ଧାରଣ କରୁଥିବା ବି ବିଶ୍ୱାସ କରାଯାଏ । ସାପ ଓ ମୟୂର ପରସ୍ପରର ଶତ୍ରୁ । ଏଭଳି ଭାବେ କାଳସର୍ପର ପ୍ରଭାବରୁ ନିଜକୁ ରକ୍ଷା କରିବା ପାଇଁ ସେ ମୟୂର ମୁକୁଟ ଧାରଣ କରୁଥିଲେ । ଅନ୍ୟପଟେ ଶ୍ରୀକୃଷ୍ଣଙ୍କ ବଡ଼ଭାଇ ବଳଭଦ୍ର ଥିଲେ ଶେଷନାଗର ଅବତାର । ନାଗ ଓ ମୟୂର ମଧ୍ୟରେ ଶତ୍ରୁତା ଥିଲା, କୃଷ୍ଣ ମୟୂର ମୁକୁଟ ଧାରଣ କରି ଏହି ବାର୍ତ୍ତା ଦେଲେ ଯେ, ଶତ୍ରୁ ହୁଅନ୍ତୁ ଅବା ମିତ୍ର ପ୍ରତ୍ୟେକଙ୍କ ପାଇଁ ତାଙ୍କ ମନରେ ସମାନ ଭାବ ଅଛି ।



# ଏକ ଟଙ୍କା ଶୁଭ



ବିବାହ, ଜନ୍ମଦିନ ଭଳି ମାଙ୍ଗଳିକ କାର୍ଯ୍ୟରେ ଲଫାପାରେ ଏକ ଟଙ୍କାକୁ ଅଲଗା ଭାବେ ଦିଆଯାଏ । ଏପରି କରିବା ଶୁଭ ବୋଲି ବିଚାର କରାଯାଏ ।

ହିନ୍ଦୁ ଶାସ୍ତ୍ର ଅନୁସାରେ, କୌଣସି ଶୁଭକାର୍ଯ୍ୟରେ ମୁଣ୍ଡା ବା ଛିଡ୍ଡୁଥିବା ସଂଖ୍ୟାରେ ଟଙ୍କା ଦେବା ଉଚିତ ନୁହେଁ । ସେଥିପାଇଁ ଏଥିରେ ଟଙ୍କାଟିଏ ଅଧିକ ମିଶାଇ ଦିଆଯାଏ । ସେହି ହିସାବରେ ଦେଖିଲେ, ଆଜିକାଲି ଲୋକେ ବାହାଘର, ବ୍ରତଘର କିମ୍ବା ଜନ୍ମଦିନରେ କାହାକୁ ଅର୍ଥ ଉପହାର ଦେଲାବେଳେ ଖାମ୍‌ରେ ଏକ ଟଙ୍କା କଏନ୍ ଦିଅନ୍ତି । କୁହାଯାଏ, ଧାତୁରେ ମା' ଲକ୍ଷ୍ମୀ ବାସ କରନ୍ତି । ଅନ୍ୟପକ୍ଷରେ ଦୁଃଖ ସମୟରେ କେବେ କୌଣସି ବ୍ୟକ୍ତିଙ୍କୁ ଏକ ଟଙ୍କା ଦେବା ଅନୁଚିତ । ଯେଉଁ ଦୁର୍ଘଟଣା ଆଜି ଦେଖିଛନ୍ତି, ତାହାକୁ ବାରମ୍ବାର ଦେଖିବାର ପ୍ରତୀକ ଭାବେ ଏହାକୁ ବିବେଚନା କରାଯାଏ ।

# ଚତୁର୍ମାସରେ ବିଷ୍ଣୁ ପୂଜାର ନିୟମ

**ହରିଶୟନ ଏକାଦଶୀରୁ ଆରମ୍ଭ ହୋଇଛି ଚତୁର୍ମାସ । ଏହା ଚାରିମାସ ଧରି ବଳବତ୍ତର ରହିବ । କାଳ ଅଶୁଦ୍ଧି ହେତୁ ଏହି ସମୟରେ କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ ପାଇଁ ବାରଣ କରାଯାଇଥାଏ । ଚତୁର୍ମାସରେ ସୃଷ୍ଟିର ପାଳନ କର୍ତ୍ତା ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥାନ୍ତି । ତେବେ ଏହି ସମୟରେ ବିଷ୍ଣୁଙ୍କୁ ପୂଜା କରିବା ଦ୍ୱାରା ସମସ୍ତ ମନୋକାମନା ପୂରଣ ହେଉଥିବା ବିଶ୍ୱାସ ଅଛି । ବିଷ୍ଣୁଙ୍କୁ ପ୍ରସନ୍ନ କରିବା ପାଇଁ ଏହି ମାସରେ କିଭଳି ପୂଜା ନିୟମ ପାଳନ କରିବା ଦରକାର, ସେ ସମ୍ପର୍କରେ ଜାଣିବା ।**

- ଏହି ମାସରେ ଭଗବାନ ବିଷ୍ଣୁଙ୍କୁ ଦୀପଦାନ ଏବଂ ଧ୍ୱଜା ଦାନ କରିବା ଉଚିତ ।
- ଗାଈଙ୍କୁ ଘାସ ଖାଇବାକୁ ଦେବା ଉତ୍ତମ ।
- ଚତୁର୍ମାସରେ କରାଯାଉଥିବା ପୂଜାପାଠ ଅନ୍ୟ ସମୟ ତୁଳନାରେ ୧୦ ଗୁଣ ଅଧିକ ଫଳଦାୟୀ ହୋଇଥାଏ ।
- ଶାଳଗ୍ରାମ ପାଖରେ ଘିଅ ଦୀପ ଜାଳିଲେ ଶ୍ରୀହରିଙ୍କ କୃପା ଦୃଷ୍ଟି ପଡ଼ିଥାଏ ।
- ଏହି ମାସରେ ଶ୍ରୀମଦ୍ ଭଗବତ ଗୀତା ଏବଂ ବିଷ୍ଣୁ ସହସ୍ରନାମ ପାଠ, ଶ୍ରୀ ରାମକଥା ବଚନ ପଢ଼ିବା ଉଚିତ ।
- ଏହି ମାସରେ ଭଗବାନ ବିଷ୍ଣୁଙ୍କ ନରସିଂହ ଅବତାରକୁ ପୂଜା କରାଯାଏ । ଏହି ରୂପକୁ ଆରାଧନା କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିବା ସହ ବୈକୁଣ୍ଠ ପ୍ରାପ୍ତି ହୁଏ ।
- ଚତୁର୍ମାସରେ ଭଗବାନ ବିଷ୍ଣୁଙ୍କ ସହ ମା' ଲକ୍ଷ୍ମୀଙ୍କୁ ପୂଜା କଲେ ଧନ ଆଗମନ ହୁଏ ।
- ଦକ୍ଷିଣାବର୍ତ୍ତୀ ଶଙ୍ଖରେ ଅଭିଷେକ କରିବା ଦ୍ୱାରା ବିଷ୍ଣୁ ପ୍ରସନ୍ନ ହୋଇଥାନ୍ତି ।



# ଓପଲ ରତ୍ନ ଧାରଣର ଲାଭ

**ଜ୍ୟୋତିଷ ଶାସ୍ତ୍ରରେ ଶୁକ୍ର ଗ୍ରହକୁ କଳା ଓ ସୃଜନଶୀଳର କାରକ ଭାବେ ବିବେଚନା କରାଯାଇଛି । କୁଣ୍ଡଳୀରେ ଶୁକ୍ର ଗ୍ରହର ସ୍ଥିତି ଉତ୍ତମ ଥିଲେ, କଳା କ୍ଷେତ୍ରରେ ସଫଳତା ମିଳିଥାଏ । ସେହିପରି କୁଣ୍ଡଳୀରେ ଶୁକ୍ର ଦୁର୍ବଳ ସ୍ଥିତିରେ ଥିଲେ, କଳାତ୍ମକ କ୍ଷେତ୍ରରେ ଦକ୍ଷତା ଥିଲେ ବି ଉନ୍ନତି ହୋଇ ନ ଥାଏ । ତେଣୁ ଶୁକ୍ର ଗ୍ରହଙ୍କ ସ୍ଥିତିକୁ ମଜଭୁତ କରିବା ପାଇଁ ଓପଲ ରତ୍ନ ଧାରଣ କରିବା ପାଇଁ ପରାମର୍ଶ ଦିଆଯାଏ । ତେବେ ଏ ରତ୍ନ ଧାରଣର ଅନ୍ୟ ଲାଭ ସମ୍ପର୍କରେ ଜାଣିବା ।**

- ଏହି ରତ୍ନ ଧାରଣ ଦ୍ୱାରା ଫିଲ୍ମ ଉଦ୍ୟୋଗ ଭଳି କଳାତ୍ମକ କ୍ଷେତ୍ରରେ ଆଶାନୁରୂପ ଫଳ ମିଳେ ।
- ବୈବାହିକ ଏବଂ ପ୍ରେମ ଜୀବନରେ ସନ୍ତୁଳନ ରକ୍ଷା ହୁଏ ।
- ପାରିବାରିକ ଜୀବନରେ ଖୁସି ପରିଲକ୍ଷିତ ହୁଏ ।
- ନକାରାତ୍ମକ ଚିନ୍ତା ଦୂର ହୁଏ ।
- ବିଚାର ଶକ୍ତିକୁ ମଜଭୁତ କରିଥାଏ ।
- ଏହି ରତ୍ନକୁ ଶୁକ୍ରବାର ଧାରଣ କରିବା ଶୁଭ ।
- ଏହାକୁ ଧାରଣ କରିବା ପୂର୍ବରୁ ଜ୍ୟୋତିଷଙ୍କ ପରାମର୍ଶ ନେବା ଜରୁରି ।



# ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ



ନବଗ୍ରହଙ୍କୁ ପ୍ରସନ୍ନ କରିବା କଥା ଉଠିଲେ ସର୍ବପ୍ରଥମେ ଗ୍ରହରାଜ ସୂର୍ଯ୍ୟଙ୍କ ନାଁ ସବା ଆଗରେ ଆସେ । ସମସ୍ତ ଗ୍ରହ ସୂର୍ଯ୍ୟଙ୍କୁ ପରିକ୍ରମା କରିଥାନ୍ତି । ତେଣୁ ସୂର୍ଯ୍ୟଙ୍କ ବିନା କୌଣସି ଗ୍ରହ ଫଳ ପ୍ରଦାନ କରିବାକୁ ଅସମର୍ଥ ହୋଇଥାନ୍ତି । ସେହିପରି କୁଣ୍ଡଳିରେ ସୂର୍ଯ୍ୟଙ୍କ ସ୍ଥିତି ମଜଭୁତ୍ ଥିଲେ, ଆରୋଗ୍ୟ, ରାଜସୁଖ, ସମ୍ମାନ ପ୍ରାପ୍ତି ହୁଏ । ସେଥିପାଇଁ କୁହାଯାଏ, ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ଶୁଭ ।

ତମ୍ବା ପାତ୍ରରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ଉଚିତ । ଅର୍ଘ୍ୟ ଅର୍ପଣ ସମୟରେ ସୂର୍ଯ୍ୟଙ୍କ ଦର୍ଶନ କରିବା ଭଲ । ଏହି ସମୟରେ ଯେଭଳି ଜଳ ଧାର ବହି ନାଳ କିମ୍ବା ଅପରିଷ୍କାର ସ୍ଥାନରେ ନ ପଡ଼ିବ, ସେ ଦିଗରେ ଧ୍ୟାନ ଦେବା ଉଚିତ । ଏପରିକି ଅର୍ଘ୍ୟ ଜଳ ପାଦରେ ପଡ଼ିବା ବି ଅଶୁଭ । ଅର୍ଘ୍ୟ ଅର୍ପଣ ସମୟରେ 'ଓଁ ନମୋ ନାରାୟଣାୟ ମନ୍ତ୍ର' ଏବଂ 'ଓଁ ଭାସ୍କରାୟ ନମଃ', ନଚେତ୍ ଗାୟତ୍ରୀ ମନ୍ତ୍ରର ଜପ ୧୦୮ ଥର, ନଚେତ୍ ୨୮ କିମ୍ବା ୧୦ ଥର କରିପାରିବେ ।

# କେଉଁ କାର୍ଯ୍ୟ ପରେ ସ୍ନାନ ଜରୁରି

**କିଛି କାମ ଏଭଳି ଅଛି, ଯାହାକୁ କରିବା ଦ୍ୱାରା ମନୁଷ୍ୟ ଅଶୁଦ୍ଧ ହୋଇଥାଏ । ଆଚାର୍ଯ୍ୟ ଚାଣକ୍ୟ ତିନିଟି କାମ ସମ୍ପର୍କରେ କହିଛନ୍ତି, ଯାହାକୁ କରିବା ପରେ ମନୁଷ୍ୟ ଅଶୁଦ୍ଧ ହୋଇଥାଏ । ଏହି ଅଶୁଦ୍ଧତାକୁ ଦୂରେଇବା ପାଇଁ ପରେ ତୁରନ୍ତ ସ୍ନାନ କରିବା ଜରୁରି ।**



- ଶରୀରରେ ତେଲ ମାଲିସ୍ କରିବା ପରେ ତୁରନ୍ତ ସ୍ନାନ କରିବା ଭଲ । ତେଲ ଲଗାଇବା ଦ୍ୱାରା ଶରୀରରେ ମଇଳା ଜମି ରହେ । ସ୍ନାନ ପରେ ହିଁ ଶରୀର ପରିଷ୍କାର ହୋଇଥାଏ ।
- ସେହିପରି କେଶ କାଟିବା ପରେ ସ୍ନାନ କରିବା ଉଚିତ । କେଶ କାଟିବା ସମୟରେ ଛୋଟ ଛୋଟ କେଶ ଶରୀରରେ ରହିଥାଏ । ଏହା ସ୍ନାନ ପରେ ହିଁ ସଫା ହୋଇଥାଏ । ପୁଣି କେଶ କାଟିବା ପରେ ସ୍ନାନ ନ କଲେ ମଣିଷ ଅଶୁଦ୍ଧ ରହିଥାଏ ।
- ଶ୍ମଶାନରେ ଚିତାର ଧୂଆଁ ସଂସ୍ପର୍ଶରେ ଆସିଥିଲେ ଶରୀର ଅଶୁଦ୍ଧ ହୋଇଥାଏ । ତେଣୁ ଏହି କାର୍ଯ୍ୟ ପରେ ତୁରନ୍ତ ସ୍ନାନ କରିବା ଜରୁରି ।

## ରିଚାଙ୍କ ବିସ୍ଫୋରକ ବ୍ୟାଟିଂ, ହରମନପ୍ରୀତ୍‌ଙ୍କ ଅର୍ଦ୍ଧଶତକ

# ୟୁଏଇକୁ ହରାଇ ସେମିରେ ଭାରତ

ଡାମ୍ବୁଲା, ୨୧।୭ (ଏଜେନ୍ସି): ୟୁଏଇ (ସଂଯୁକ୍ତ ଆରବ ଏମିରେଟ୍ସ)କୁ ୭୮ ରନ୍‌ରେ ହରାଇ ଭାରତ ଏଠାରେ ଚାଲିଥିବା ମହିଳା ଏସିଆ କପ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ୪ଟି ଦଳକୁ ନେଇ ଗଠିତ ଗ୍ରୁପ୍-ଏ'ରେ ଏହାଥିଲା ଭାରତର କ୍ରମାଗତ ଦ୍ୱିତୀୟ ବିଜୟ। ଏହା ଫଳରେ ଦଳ ଶେଷ ଲିଗ୍ ମ୍ୟାଚ୍‌ରେ ନେପାଳଠାରୁ ପରାଜିତ ହେଲେ ମଧ୍ୟ ସେମିଫାଇନାଲ ସ୍ଥାନ ସୁରକ୍ଷିତ ରଖିବ। ପୂର୍ବରୁ ଦଳ ପ୍ରଥମ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୭ ୱିକେଟରେ ପରାସ୍ତ କରିଥିଲା। ନେପାଳ ସହ ଶେଷ ଲିଗ୍ ମ୍ୟାଚ୍ ମଙ୍ଗଳବାର ଜୁଲାଇ ୨୩ରେ ଖେଳାଯିବ। ଜୁଲାଇ ୨୪ ତାରିଖ ଶେଷ ଲିଗ୍ ମୁକାବିଲା ପରେ ଦଳ କାହା ସହ ସେମିଫାଇନାଲ ମୁକାବିଲା କରିବ ତାହା ସ୍ଥିର ହେବ।

ରବିବାର ଅପରାହ୍ଣରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରିବା ପରେ ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା। ପାରମ୍ପରିକ ରୀତିରେ ଭାରତ ଭଲ ଆରମ୍ଭ କରିଥିଲେ ମଧ୍ୟ ପାୱାର ପ୍ଲେ ପୂର୍ବରୁ ୫୨ ରନ୍ ମଧ୍ୟରେ ଦଳ ଶେଫାଳି ବର୍ମା (୧୮ ବଲ୍‌ରେ ୩୭ରନ୍), ସ୍ମୃତି ମନ୍ଧାନା (୧୩) ଓ ଡି ହେମଲତା (୨)ଙ୍କ ୱିକେଟ ହରାଇଥିଲା। ଅଧିନାୟକ ହରମନପ୍ରୀତ୍ କୌରଙ୍କ ସହ ଚତୁର୍ଥ ୱିକେଟରୁ ୫୪ ରନ୍ ଉଠାଇବା ପରେ ୧୪ ରନ୍ କରି ଜେମିମା ରୋଡ୍ରିଗ୍ରେଜ୍ ଆଉଟ ହୋଇଥିଲେ। ଏହା ପରେ ଆରମ୍ଭ ହୋଇଥିଲା ଭାରତର ବିସ୍ଫୋରକ ବ୍ୟାଟିଂ। କ୍ରିଜ୍‌ରେ ଥିବା ହରମନପ୍ରୀତ୍‌ଙ୍କ ସହ ୱିକେଟ ରକ୍ଷକ ରିଚା ଘୋଷ ଯୋଗ ଦେବା ପରେ ରନ୍ ବର୍ଷା ହୋଇଥିଲା। ଏମାନେ ୫ମ ୱିକେଟ ଭାଗୀଦାରିରେ ୪୫ ବଲ୍‌ରୁ ମିଳିଥିଲା ୭୫ ରନ୍। ଏହା ମଧ୍ୟରେ ରିଚାଙ୍କ ଯୋଗଦାନ ଥିଲା ୨୪ ବଲ୍‌ରୁ ୪୪ ରନ୍ ଓ ହରମନପ୍ରୀତ୍‌ଙ୍କ ଯୋଗଦାନ ଥିଲା ୨୧ ବଲ୍‌ରୁ ୩୦ ରନ୍। ଏହି ସମୟରେ ହରମନପ୍ରୀତ ୪୭ ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୧ ଛକା ସହ ୬୬ ରନ୍‌ରେ ଆଉଟ ହୋଇଥିଲେ।


ଆକ୍ସନ୍‌ରେ ରିଚା ଘୋଷ

ଅନ୍ୟପକ୍ଷରେ ରିଚା ତାଙ୍କ ବିସ୍ଫୋରକ ବ୍ୟାଟିଂ ଜାରି ରଖି ଶେଷ ୫ଟି ବଲ୍‌ରୁ ୨୦ ରନ୍ ଉଠାଇଥିଲେ। ସେ ମୋଟ ୨୯ ବଲ୍ ଖେଳି ୧୨ ଚୌକା ଓ ୧ ଛକା ସହ ୬୪ ରନ୍‌ରେ ଅପରାଜିତ ରହିଥିଲେ। ଭାରତ ଓ ଶ୍ରୀଲଙ୍କା ବଂଶୋଦ୍ଭବ ଖେଳାଳିଙ୍କୁ ନେଇ ଗଠିତ ୟୁଏଇ ମହିଳା ଦଳ ପକ୍ଷରୁ କାଭିଶା ପୁଣିଥରେ ସଫଳ ବୋଲର ସାବ୍ୟସ୍ତ ହୋଇ ସର୍ବାଧିକ ୨ଟି ୱିକେଟ ଅକ୍ତିଆର କରିଥିଲେ।

ଭାରତ ପ୍ରଦତ୍ତ ୨୦୨ ରନ୍‌ର ବିଜୟ ଲକ୍ଷ୍ୟ ହାସଲ କରିବା ୟୁଏଇ ପକ୍ଷରେ କେବଳ କଷ୍ଟକର ନୁହେଁ, ଅସମ୍ଭବ ଥିଲା। ଏହା ସତ୍ତ୍ୱେ ଦଳର ଯୁବ ଖେଳାଳିମାନେ ସାହସିକ ବ୍ୟାଟିଂ ପ୍ରଦର୍ଶନ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୨୩ ରନ୍ କରିବାକୁ ସମର୍ଥ ହୋଇଥିଲେ। ଦଳ ପକ୍ଷରୁ କାଭିଶା ସର୍ବାଧିକ ୪୦ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ଇଶା ରୋହିତ ଓଜା ୩୮ ଓ ଖୁସି ଶର୍ମା ୧୦ ରନ୍ କରି ଦୁଇ ଅଙ୍କରେ ପହଞ୍ଚିବାକୁ ସମର୍ଥ ହୋଇଥିଲେ। ଭାରତ ପକ୍ଷରୁ ବୋଲିଂ କରିଥିବା ସମସ୍ତ ବୋଲରଙ୍କୁ ୱିକେଟ ମିଳିଥିଲା। ସେମାନଙ୍କ ମଧ୍ୟରୁ ଦୀପ୍ତି ଶର୍ମା ସର୍ବାଧିକ ୨ଟି, ରେଣୁକା ସିଂ, ତନୁଜା କନୱର, ପୂଜା ବସ୍ତ୍ରାକାର ଓ ରାଧା ଯାଦବଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଭାରତୀୟ ପାଳିରେ ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୨୯ ବଲ୍‌ରୁ ଅପରାଜିତ ୬୪ ରନ୍ କରିଥିବା ରିଚା ଘୋଷଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

### ପାଟିଲ ବାଦ୍, କନୱର ସାମିଲ

ପାକିସ୍ତାନ ବିପକ୍ଷ ମ୍ୟାଚ୍ ଖେଳିଲାବେଳେ ଫିଲ୍ଡିଂ କରୁଥିବା ଉଦୀୟମାନ ଯୁବ ସ୍ପିନ୍ ବୋଲର ଶ୍ରେୟଙ୍କା ପାଟିଲ ଆହତ ହୋଇଥିଲେ। ଫିଲ୍ଡିଂ କଲାବେଳେ ତାଙ୍କର ଗୋଟିଏ ଆଙ୍ଗୁଠି ଭାଙ୍ଗିଯାଇଥିଲା। ଫଳରେ ତାଙ୍କୁ ଫିଟ୍ ହେବାଲାଗି ଅତିକମ୍‌ରେ ଦୁଇ ସପ୍ତାହ ଲାଗିବ ବୋଲି ଡାକ୍ତର କହିଥିଲେ। ଏହା ଫଳରେ ତାଙ୍କୁ ଚଳିତ ଏସିଆ କପ୍‌ରୁ ବାଦ୍ ଦିଆଯାଇଥିଲା। ପାକିସ୍ତାନ ବିପକ୍ଷରେ ସେ ୩.୨ ଓଭର ବୋଲିଂ କରି ୧୪ ରନ୍ ବିନିମୟରେ ୨ଟି ୱିକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ଭାରତ ୧୪.୧ ଓଭରରେ ୧୦୯ ରନ୍‌ର ବିଜୟ ଲକ୍ଷ୍ୟକୁ ୩ ୱିକେଟ ହରାଇ ହାସଲ କରିନେଇଥିଲା। ପାଟିଲଙ୍କ ସ୍ଥାନରେ ୨୬ ବର୍ଷୀୟା ରେଲୱେ ବାମହାତୀ ସ୍ପିନର ତନୁଜା କନୱରଙ୍କୁ ଦଳରେ ସାମିଲ କରାଯାଇଛି। ସେ ୟୁଏଇ ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିବା ସହ ୪ ଓଭରରେ ୧୪ ରନ୍ ଦେଇ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି।

# ବାହୁତୁଲେ ଭାରତର କାମଚଳା ବୋଲିଂ ପ୍ରଶିକ୍ଷକ

ମୁମ୍ବଇ, ୨୧।୭ (ଏଜେନ୍ସି): ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ଗଠିତ ଭାରତୀୟ ପ୍ରଶିକ୍ଷକ ମଣ୍ଡଳୀରେ ସାଇରାଜ ବାହୁତୁଲେଙ୍କୁ କାମଚଳା ବୋଲିଂ ପ୍ରଶିକ୍ଷକ ଦାୟିତ୍ୱ ଦିଆଯାଇଛି। ଜୁଲାଇ ୨୭ରୁ ଆରମ୍ଭ ହେବାକୁ ଯାଉଥିବା ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜ୍‌ରୁ ବାହୁତୁଲେ କାମ ଆରମ୍ଭ



କରିବେ। ଦକ୍ଷିଣ ଆଫ୍ରିକୀୟ ଫାଷ୍ଟ ବୋଲର ମୋର୍ଣ୍ଣି ମୋର୍କେଲଙ୍କୁ ଦଳର ବୋଲିଂ ପ୍ରଶିକ୍ଷକ ଭାବେ ଚୟନ କରାଯାଇଛି। ବିସିସିଆଇ ଏ ସମ୍ପର୍କରେ ଘୋଷଣା କରି ନ ଥିଲେ ମଧ୍ୟ ସେ ଭାରତର ପରବର୍ତ୍ତୀ ବୋଲିଂ ପ୍ରଶିକ୍ଷକ ହେବା ନିଶ୍ଚିତ। କିନ୍ତୁ ବ୍ୟକ୍ତିଗତ କାରଣରୁ ସେ ଶ୍ରୀଲଙ୍କାରେ ଦଳ ସହ ଯୋଗଦେଇପାରିବେ ନାହିଁ। ଯାହା ଫଳରେ ବାହୁତୁଲେଙ୍କୁ ତାଙ୍କ ସ୍ଥାନ ପୂରଣ କରିବାକୁ କୁହାଯାଇଛି। ବାହୁତୁଲେ ୧୯୯୭ରୁ ୨୦୦୩ ମଧ୍ୟରେ ଭାରତ ଲାଗି ୩ ଟେଷ୍ଟ ଓ ୮ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଏବେ ଏହି ୫୧ ବର୍ଷୀୟ ଲେଗ୍ ସ୍ପିନର ବାହୁତୁଲେ ଜାତୀୟ କ୍ରିକେଟ ଏକାଡେମୀରେ ବୋଲିଂ ପ୍ରଶିକ୍ଷକ ଭାବେ କାମ କରୁଛନ୍ତି। ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର, ସହକାରୀ କୋଚ୍ ଅଭିଷେକ ନାୟାର, ଫିଲ୍ଡିଂ କୋଚ୍ ଟି ଦିଲୀପ ଓ ଏବେ କାମଚଳା ବୋଲିଂ କୋଚ୍ ଭାବେ ଦାୟିତ୍ୱ ପାଇଥିବା ବାହୁତୁଲେ ଭାରତୀୟ ଦଳ ସହ ଆସନ୍ତାକାଲି ଏକ ସ୍ୱତନ୍ତ୍ର ବିମାନ ଯୋଗେ ଶ୍ରୀଲଙ୍କା ଯାତ୍ରା କରିବେ। ଶ୍ରୀଲଙ୍କା ଗସ୍ତରେ ଭାରତ ୩ଟି ଲେଖାଏଁ ଟି-୨୦ ଓ ଦିନିକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରୁ ପାଲିକଲରେ ଜୁଲାଇ ୨୭ରୁ ଟି-୨୦ ସିରିଜ୍ ଓ କଲମ୍ବୋରେ ଅଗଷ୍ଟ ୨ରୁ ଦିନିକିଆ ସିରିଜ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ସୂର୍ଯ୍ୟକୁମାର ଯାଦବଙ୍କୁ ଟି-୨୦ ଦଳର ଓ ରୋହିତ ଶର୍ମାଙ୍କୁ ଦିନିକିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି।

# ୯ ୱିକେଟରେ ଜିତିଲା ପାକିସ୍ତାନ

ଡାମ୍ବୁଲା, ୨୧।୭ (ଏଜେନ୍ସି): ଗୁଲି ଫିରୋଜାଙ୍କ ୫୭ ରନ୍ ଓ ମୁନୀବା ଅଲିଙ୍କ ଅପରାଜିତ ୪୬ ରନ୍ ବଳରେ ଏଠାରେ ରବିବାର ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ଏ'ର ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନ ୯ ୱିକେଟରେ ନେପାଳକୁ ପରାସ୍ତ କରିଛି। ଏହି ବିଜୟ ଫଳରେ ପାକିସ୍ତାନର ସେମିଫାଇନାଲ ଖେଳିବା ଆଶା ଉଜ୍ଜୀବିତ ରହିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନେପାଳ ୬ ୱିକେଟରେ ୧୦୮ ରନ୍ କରିଥିଲା। ଦଳ ପକ୍ଷରୁ ନଂ-୭ ବ୍ୟାଟର କବିତା ଯୋଶୀ ସର୍ବାଧିକ ଅପରାଜିତ ୩୧, ସୀତା ରାଣା ୨୬, ପୂଜା ମାହାତୋ ୨୫ ଓ କବିତା କୁଅଁର ୧୩ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ପ୍ରତିପକ୍ଷ ଦଳ ପକ୍ଷରୁ ସାଇଦା ଇକ୍‌ବାଲ ୨ଟି ଓ ଫତିମା ସାନା ଗୋଟିଏ ୱିକେଟ ପାଇଥିଲେ। ଜବାବରେ ପାକିସ୍ତାନ ୪୯ଟି ବଲ ବାକିଥାଇ ମାତ୍ର ଗୋଟିଏ ୱିକେଟ ବିନିମୟରେ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା।

## ପ୍ୟାରିସ୍ ଅଲିମ୍ପିକ୍ସ

# ଭାରତୀୟ ଖେଳାଳିଙ୍କୁ ବିସିସିଆଇର ୮.୫ କୋଟିର ସହାୟତା

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବେ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଥିବା ଭାରତୀୟ ଆଥଲେଟ୍‌ଙ୍କୁ ସହାୟତା ଦେବାକୁ ଘୋଷଣା କରିଛି। କ୍ରୀଡ଼ାବିତଙ୍କୁ ସହାୟତା କରିବା ନିମନ୍ତେ ବିସିସିଆଇ ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ)କୁ ୮.୫ କୋଟି ଟଙ୍କା ପ୍ରଦାନ କରିବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା 'ଏକ୍ସ'ରେ ପୋଷ୍ଟ କରି ରବିବାର ସୂଚନା ଦେଇଛନ୍ତି। ଅଲିମ୍ପିକ୍ସରେ ଏଥର ଭାରତୀୟ ଆଥଲେଟମାନେ ଉଚ୍ଚକୋଟୀର ପ୍ରଦର୍ଶନ କରି ଐତିହାସିକ ସଫଳତା ଅର୍ଜନ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି ଓ ଏଥିପାଇଁ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ୨୬ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ପ୍ୟାରିସ ଅଲିମ୍ପିକ୍ସରେ ୧୧୭ ଜଣ ଭାରତୀୟ ଆଥଲେଟ ପଦକ ପାଇଁ ବିଭିନ୍ନ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ୧୪୦ ଜଣ ସପୋର୍ଟ ଷ୍ଟାଫ୍ ଖେଳାଳିମାନଙ୍କୁ ସହାୟତା ପ୍ରଦାନ କରିବେ। ଫଳରେ ୨୫୭ ଜଣିଆ ଭାରତୀୟ ଦଳ ଇତିମଧ୍ୟରେ ପ୍ୟାରିସ ଯାତ୍ରା କରିଛନ୍ତି।

# ସ୍ୱର୍ଣ୍ଣ ପଦକରେ ରହିଛି ୬ ଗ୍ରାମ୍‌ର ଖାଣ୍ଟି ସୁନା



ପ୍ୟାରିସ, ୨୧।୭ (ଏଜେନ୍ସି): ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସରେ ବିଭିନ୍ନ ଇଭେଣ୍ଟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଆଥଲେଟଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ପ୍ରଦାନ କରାଯାଇଥାଏ। ଏଥର ପ୍ୟାରିସ ଅଲିମ୍ପିକ୍ସର ପଦକଗୁଡ଼ିକୁ ଚାଉମେଟ୍ (ଏଲ୍‌ଭିଏମ୍‌ଏଚ୍ ଗ୍ରୁପ୍) ଡିଜାଇନ୍ କରିଛି। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ସମ୍ପୂର୍ଣ୍ଣ ଭାବେ ସୁନା ମନେହେଉଥିଲେ ମଧ୍ୟ ଏଥିରେ ରୂପାର ଅଂଶ ସର୍ବାଧିକ ରହିଛି। ସ୍ୱର୍ଣ୍ଣ ପଦକରେ ରୂପା ୯୨.୫ ପ୍ରତିଶତ ରହିଛି। ମାତ୍ର ୬ ଗ୍ରାମ୍‌ର ଖାଣ୍ଟି ସୁନାରେ ସ୍ୱର୍ଣ୍ଣପଦକକୁ ପ୍ଲେଟ୍ ଦ୍ୱାରା ଆଚ୍ଛାଦିତ କରାଯାଇଛି। ଯାହାଫଳରେ ସ୍ୱର୍ଣ୍ଣ ପଦକ ସମ୍ପୂର୍ଣ୍ଣ ଭାବେ ସୁନାରେ ତିଆରି ହେବାର ଭ୍ରମ ସୃଷ୍ଟି ହେଉଛି। ସ୍ୱର୍ଣ୍ଣ ପଦକର ବ୍ୟାସ ୮୫ ମିଲିମିଟର ହୋଇଥିବା ବେଳେ ଏହାର ଓଜନ ପାଖାପାଖି ଅଧା କେଜି ଅର୍ଥାତ ୫୫୬ ଗ୍ରାମ ରହିଛି। ସେହିପରି ରୌପ୍ୟ ପଦକ ସମ୍ପୂର୍ଣ୍ଣ ଭାବେ ରୂପାରେ ତିଆରି ହୋଇଛି। ରୌପ୍ୟ ପଦକର ଓଜନ ୫୫୦ ଗ୍ରାମ ରହିଛି। ଅନ୍ୟପଟେ କାଂସ୍ୟ ପଦକର ଓଜର ୪୫୫ ଗ୍ରାମ ରହିଛି। କାଂସ୍ୟ ପଦକରେ ୯୫ ପ୍ରତିଶତ ତମ୍ବା ଓ ୫ ପ୍ରତିଶତ ଜିଙ୍କ୍ ବ୍ୟବହୃତ ହୋଇଛି। ପଦକଗୁଡ଼ିକରେ ଏଫିଲ ଟାୱାରରେ ବ୍ୟବହୃତ ହୋଇଥିବା ପ୍ରକୃତ ଲୁହା ଉପଯୋଗ ହୋଇଛି। ୧୯୧୨ରେ ଷ୍ଟକହୋମରେ ଅନୁଷ୍ଠିତ ଅଲିମ୍ପିକ୍ସ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଖାଣ୍ଟି ସୁନାର ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଉଥିଲା। କିନ୍ତୁ ଏହାପରେ କଥା ଅଲଗା ହୋଇଥିଲା ଓ ଏହାପରଠାରୁ ପଲିସ୍ ହୋଇଥିବା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇ ଆସୁଅଛି।

## ଫାଓ ବାର୍ଷିକ ସାଧାରଣ ପରିଷଦ ବୈଠକ

# ଦୁଇଟି ଜୋନ୍‌ରେ ହେବ ସାହାଣୀ କପ୍




କଟକ, ୨୧।୭ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଓସିଏ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବନିର୍ବାଚିତ ସଦସ୍ୟଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯିବା ସହ ପଦାଧିକାରୀ ଦାୟିତ୍ୱ ଗ୍ରହଣ କରିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର ବୈଠକରେ ସଭାପତିତ୍ୱ କରିଥିଲେ। ଦୁଇଟି ଜୋନ୍‌ରେ ବିଭକ୍ତ କରାଯାଇ ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ସାହାଣୀ କପ୍ ଆୟୋଜନ ହେବ ବୋଲି ଏହି ଅବସରରେ ସ୍ଥିର କରାଯାଇଥିଲା। ସେହିପରି ବରିଷ୍ଠ ମହିଳା ଫୁଟବଲ ଚାମ୍ପିଅନସିପ୍ ପି.ସି. ବେହେରା ଟ୍ରଫି ଆୟୋଜନ ବାବଦରେ ଆଲୋଚନା ହୋଇଥିଲା। ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ରହିଥିବା ସମୀର ଦେ ପ୍ରଥମଥର ନିମନ୍ତେ ଫାଓର ସଭାପତି ପଦରେ ଅବସ୍ଥାପିତ ହୋଇଥିଲେ। ସେହିପରି ସମ୍ପାଦକ ପଦ ବଜାୟ ରଖିଛନ୍ତି ଆଶୀର୍ବାଦ ବେହେରା। ବିଜୟ ଦାସ, ପଦ୍ମଲୋଚନ ଲେଙ୍କା, ଦିଲ୍ଲୀପ କୁମାର ସାହୁ, ରବି ନାରାୟଣ ପଣ୍ଡା, ଅସିତ ବରଣ ପତି, ମହମ୍ମଦ ସହିଦ ଜବାର, ସହଦେବ ରାଉତ ଏବଂ ବୀରେନ୍ଦ୍ର କୁମାର ସାହୁ ଫାଓର ଉପସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅଭିଜିତ ପାଲ, ବିଶ୍ୱରଞ୍ଜନ ଘଡ଼େଇ, ବିଜୟ କୁମାର ଦାସ ଯୁଗ୍ମ ସମ୍ପାଦକ ଏବଂ ଭକ୍ତବଲ୍ଲଭ ଦାସ କୋଷାଧ୍ୟକ୍ଷ ଭାବେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ପୂର୍ବତନ ମହିଳା ଅର୍ନ୍ତଜାତୀୟ ଫୁଟବଲ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା।

# ଖୋର୍ଦ୍ଧା-ଭୁବନେଶ୍ୱର ଓଭର୍‌ଅଲ୍ ଚାମ୍ପିଅନ

ଭୁବନେଶ୍ୱର, ୨୧।୭ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଗତ ୩ ଦିନଧରି ଚାଲିଥିବା ୬୪ତମ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଖୋର୍ଦ୍ଧା-ଭୁବନେଶ୍ୱର ଦଳଗତ ଚାମ୍ପିଅନ ଓ ସମ୍ବଲପୁର ରନର୍ସଅପ୍ ହୋଇଛି। ମହିଳା ବିଭାଗ ଏକକରେ ପ୍ରତ୍ୟାଶା ରାୟ ଓ ସୃଷ୍ଟି ଉପାଧ୍ୟାୟ ଶ୍ରେଷ୍ଠ ସନ୍ତରଣକାରୀ ଘୋଷିତ ହୋଇଛନ୍ତି। ବାଳିକା ଗ୍ରୁପ୍-୧ରେ ମନ୍ମତା ମିଶ୍ର, ଗ୍ରୁପ୍-୨ରେ ଭୁବନେଶ୍ୱରର ଚିନ୍ମୟୀ ବେହେରା ଓ ସମ୍ବଲପୁରର ଶ୍ରୀଜିତା ମହାକୁଡ ଯୁଗ୍ମ ଭାବେ ଚାମ୍ପିଅନ ହୋଇଛନ୍ତି। ସେହିପର ବାଳିକା ଗ୍ରୁପ୍-୩ ପ୍ରତିଯୋଗିତାରେ ସମ୍ବଲପୁରର ମୃଗ୍ୟଙ୍କା ପୃଷ୍ଟି ବାଜି ମାରିଛନ୍ତି। ପୁରୁଷ ବିଭାଗରେ କଟକର ଅଂଶୁମାନ ବଶିଷ୍ଠ ଓ ଭୁବନେଶ୍ୱରର ଯଜତା ଗୁପ୍ତା ଯୁଗ୍ମ ଚାମ୍ପିଅନ ହୋଇଛନ୍ତି। ବାଳକ ଗ୍ରୁପ୍-୧ରେ ଅଂଶୁମାନ ଓ ଯଜତ ଯୁଗ୍ମ ବିଜେତା ବିବେଚିତ ହୋଇଛନ୍ତି। ଗ୍ରୁପ୍-୨ ପ୍ରତିଯୋଗିତାରେ ଭୁବନେଶ୍ୱରର ଅଭିନବ କୁମାର ସିଂ ଓ କିସ୍‌ର ଯଥାର୍ତ ଦେବ ପଣ୍ଡା ଯୁଗ୍ମ ବିଜେତା ଘୋଷିତ ହୋଇଛନ୍ତି। ଗ୍ରୁପ୍-୩ ବାଳକରେ ସମ୍ବଲପୁରର ଶିବାଂଶ ଶତପଥି ଚାମ୍ପିଅନ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସଭାପତି ପ୍ରଦୀପ



କୁମାର ପାଢ଼ୀ ସଭାପତିତ୍ୱ କରିଥିଲେ। ଏଥିରେ ରାଜ୍ୟର ହକି ପ୍ରମୋସନ କାଉନସିଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥି ଓ ଏମ୍‌ସିଏଲ ଓ ସେଲର ପୂର୍ବତନ ନିର୍ଦ୍ଦେଶକ ହିମାଂଶୁ ଶେଖର ପତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

## ■ ଏଫଆଇଭିବି ଲେଭଲ-୨ କୋଚିଂ କୋର୍ସ

# ଥାଇଲାଣ୍ଡ ଗଲେ ଓଡ଼ିଶାର ୩ ପ୍ରଶିକ୍ଷକ

କଟକ, ୨୧।୭ (ସମିସ): ଅନ୍ତର୍ଜାତୀୟ ଭଲିବଲ ମହାସଂଘ (ଏଫଆଇଭିବି) ପକ୍ଷରୁ ଜୁଲାଇ ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଲେଭଲ-୨ କୋଚିଂ କୋର୍ସ ଆୟୋଜନ



କରାଯିବ। ଥାଇଲାଣ୍ଡରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗ ନେବା ନିମନ୍ତେ ଓଡ଼ିଶାର ୩ଜଣ ପ୍ରଶିକ୍ଷକଙ୍କୁ ଏଫଆଇଭିବି ପକ୍ଷରୁ ଡକରା ଆସିଛି। ଏହି ତିନି ଓଡ଼ିଆ ପ୍ରଶିକ୍ଷକ ହେଲେ ରତ୍ନାକର ପାତ୍ର, ଆଶୁତୋଷ ପାତ୍ର ଏବଂ ଦୀପ୍ତି ମଜୁମଦାର। ପୂର୍ବରୁ ଲେଭଲ-୧ ଅନ୍ତର୍ଜାତୀୟ ପ୍ରଶିକ୍ଷକ ଭାବେ ଏମାନେ ମାନ୍ୟତା ହାସଲ କରି ସାରିଛନ୍ତି। ରବିବାର ଉପରୋକ୍ତ ତିନି ଓଡ଼ିଆ ପ୍ରଶିକ୍ଷକ ଥାଇଲାଣ୍ଡ ଯାତ୍ରା କରିଛନ୍ତି।

## ବଶିରଙ୍କ ଯାଦୁକରୀ ବୋଲିଂ

# ପରାଜୟ ଦ୍ୱାରରେ ୱେଷ୍ଟଇଣ୍ଡିଜ

ନଟିଂହାମ, ୨୧।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ୨ୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ପରାଜୟ ଦ୍ୱାରଦେଶରେ ପହଞ୍ଚିଛି। ୩୮୫ ରନର ଲକ୍ଷ୍ୟକୁ ପିଛା କରି ୱେଷ୍ଟଇଣ୍ଡିଜ ରବିବାର ୪ର୍ଥ ଦିବସ ଶେଷ ଖବର ସୁଦ୍ଧା ୮ ୱିକେଟ୍‌ରେ ୧୧୮ ରନ କରିଛି। ଅଧିନାୟକ କ୍ରେଗ୍ ବ୍ରେଥ୍‌ୱେଟ୍ ୪୭ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ବସିର ୩, ୱକ୍ସ ଓ ଆଟ୍‌କିନ୍‌ସନ ୨ଟି ଲେଖାଏଁ ୱିକେଟ୍ ନେଇଛନ୍ତି। ପୂର୍ବରୁ ଘରୋଇ ଇଂଲଣ୍ଡ ୨ୟ ପାଳିରେ ରବିବାର ୪୨୫ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦୁଇ ମଧ୍ୟକ୍ରମ ବ୍ୟାଟର୍ ଜୋ ରୁଟ୍ ୧୨୨ ଓ ହ୍ୟାରୀ ବ୍ରୁକ୍ ୧୦୯ ରନର ଶତକୀୟ ପାଳି ଖେଳିଥିଲେ।

## ଓଡ଼ିଶା କ୍ରିକେଟ ଲିଗ୍-୨୦୨୪

# ଟାଇଟଲ୍ ଜିତିଲା ଓଡ଼ିଶା ଲାୟନ୍ସ



କଟକ, ୨୧।୭ (ସମିସ): ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ (ଓସିଏଲ) ଉଦ୍‌ଯାପିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଆୟୋଜିତ ରୋମାଞ୍ଚକ ଫାଇନାଲ ମୁକାବିଲାରେ ଓଡ଼ିଶା ଲାୟନ୍ସ ୯ ରନରେ ଓଡ଼ିଶା ଟାଇଗର୍ସକୁ ହରାଇ ଚଳିତ ସଂସ୍କରଣର ଚାମ୍ପିଅନ ଟାଇଟଲ ହାସଲ କରିଛି। ବିଜୟୀ ଦଳର ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଟୁର୍ଣ୍ଣାମେଣ୍ଟର ଓ ପ୍ରବୀଣ ଲୁହାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ତରଣୀ ଶ ଶ୍ରେଷ୍ଠ ବୋଲର ଓ ଶ୍ରେୟାଂଶ ଭରଦ୍ୱାଜ ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଛନ୍ତି।

ବାରବାଟୀର ଫ୍ଲଡ୍ ଲାଇଟ୍‌ରେ ଖେଳାଯାଇଥିବା ଏହି ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ଲାୟନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରବୀଣ ଲୁହା ୨୪ ବଲ୍‌ରେ ସର୍ବାଧିକ ୪୩ ଓ ଅନୁରାଗ ଷଡଙ୍ଗୀ ୨୮ ବଲ୍‌ରେ ୪୧ ରନ କରିଥିଲେ। ପ୍ରତିପକ୍ଷ ଦଳର ପେସ୍ ବୋଲର ତାରିଣୀ ଶ ସର୍ବାଧିକ ୪ଟି ଓ ସୁମିତ ଶର୍ମା ୨ଟି ୱିକେଟ ପାଇଥିଲେ। ଜବାବରେ ଓଡ଼ିଶା ଟାଇଗର୍ସ ସମାନ ସଂଖ୍ୟକ ଓଭର ଖେଳି ବିଶ୍ୱଭୂଷଣ ବିହାରୀଙ୍କ ୩୫ ବଲ୍‌ରେ ଦ୍ରୁତ ୫୫ ଓ ଭେଟେରାନ ଟୁକୁନା ସାହୁଙ୍କ ୪୫ ବଲ୍‌ରେ ୪୪ ରନ୍ ସତ୍ତ୍ୱେ ଦଳ ୮ ୱିକେଟରେ ୧୪୬ ରନ୍ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ଓ ପ୍ରଦୀପ ପ୍ରଧାନ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଖେଳ ଶେଷରେ ଓଡ଼ିଶା କ୍ରିକେଟ ସଂଘ ସମ୍ପାଦକ ସଞ୍ଜୟ ବେହେରା, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ, ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ପ୍ରଭାତ ଭୋଳ ଅତିଥି ଭାବେ ଯୋଗଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS